- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-215 ◆SATURDAY ◆31 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୧୫ ◆ଶନିବାର ◆୩୧ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଭାରିପଡ଼ିବେ ଜୁନିୟର ଏନ୍‌ଟିଆର୍

▶ପୃଷ୍ଠା ୧୧ ଦେଖନ୍ତୁ...

## କୁଏତ-ଦିଲ୍ଲୀ ଇଣ୍ଡିଗୋ ବିମାନକୁ ଅପହରଣ ଧମକ

### ଅହମଦାବାଦରେ ଜରୁରୀକାଳୀନ ଅବତରଣ

■ ନୂଆଦିଲ୍ଲୀ, ୩୦।୧ (ଏଜେନ୍ସି): କୁଏତରୁ ଦିଲ୍ଲୀ ଆସୁଥିବା ଇଣ୍ଡିଗୋ ବିମାନକୁ ଶୁକ୍ରବାର ସକାଳେ ଅପହରଣ ଓ ବୋମା ବିସ୍ଫୋରଣ କରି ଉଡ଼ାଇ ଦେବାକୁ ଧମକ ମିଳିଥିଲା। ଏହାପରେ ବିମାନର ଗତିପଥ ପରିବର୍ତ୍ତନ କରାଯାଇ ସକାଳ ୬.୪୦ରେ ଅହମଦାବାଦ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଥିଲା। ଏହି ବିମାନରେ ୧୮୦ ଯାତ୍ରୀ ଥିଲେ। ବିମାନବନ୍ଦର ସୂତ୍ର ଅନୁଯାୟୀ, ସମସ୍ତ ଯାତ୍ରୀ ଓ ସେମାନଙ୍କ ଜିନିଷପତ୍ର ତଥା ଲଗେଜ୍ ଯାଞ୍ଚ୍ କରାଯାଇଥିଲା। ତେବେ କୌଣସି ଯାତ୍ରୀଙ୍କ ନିକଟରୁ କୌଣସି ସନ୍ଦେହଜନକ ସାମଗ୍ରୀ ମିଳି ନଥିଲା। ଏହା ସତ୍ତ୍ୱେ ବିମାନ



ଛାଡ଼ିବାକୁ ଆହୁରି ଦୁଇ ଘଣ୍ଟା ସମୟ ଲାଗିବ ବୋଲି କୁହାଯାଇଛି। ଅହମଦାବାଦ ବିମାନବନ୍ଦର ଥାନା ଇନିସପେକ୍ଟର ଏନ୍‌ଡି ▶ପୃଷ୍ଠା-୭

## ଆକାଶ ଛୁଆଁ ପରେ ପାତାଳକୁ ଖସିଲା ସୁନା, ରୁପା ଦର

■ ନୂଆଦିଲ୍ଲୀ, ୩୦।୧ (ଏଜେନ୍ସି): ପ୍ରତିଦିନ ଦରବୃଦ୍ଧିର ଶିଡ଼ି ଚଢ଼ି ଚାଲିଥିବା ସୁନା, ରୁପା ଶୁକ୍ରବାର ଗ୍ରାହକଙ୍କୁ ଦେଇଛି ବଡ଼ ଆଶ୍ୱସ୍ତି। ଦଶନ୍ଧିରୁ ଅଧିକ ସମୟର ରେକର୍ଡ ଭାଙ୍ଗି ଘରୋଇ ବଜାରରେ ସୁନା ଏବଂ ରୁପା ମୂଲ୍ୟରେ ହୋଇଛି ବଡ଼ ହ୍ରାସ। ମାତ୍ର ଗୋଟିଏ ଦିନରେ ସୁନା ମୂଲ୍ୟରେ ୧୦ ଗ୍ରାମ ପିଛା ୨୬ ହଜାର ଏବଂ ରୁପା ଦର କିଲୋ ପିଛା ୮୦ ହଜାର ଟଙ୍କା ହ୍ରାସ ଘଟିଛି। କ୍ରମାଗତ ଭାବେ ଉପରମୁହାଁ ହୋଇଚାଲିଥିବା ସୁନା ଓ ରୁପା ମୂଲ୍ୟରେ ଏପରି ବୃହତ ହ୍ରାସ ସମସ୍ତଙ୍କୁ ଚକିତ କରିଦେଇଛି। ବିଶ୍ୱର ଅନ୍ୟ ମୁଦ୍ରା ତୁଳନାରେ ଡଲାର ସୁଦୃଢ଼ ହେବା ଏବଂ ସୁନା ଓ ରୁପାର ଅତ୍ୟଧିକ ଉଚ୍ଚ ମୂଲ୍ୟକୁ ଆଖି ଆଗରେ ରଖି ନିବେଶକମାନେ ପ୍ରଫିଟ୍ ବୁକିଂ କରିବା ଯୋଗୁଁ ଉଭୟ ଧାତୁ ମୂଲ୍ୟରେ ଏପରି ହ୍ରାସ ଘଟିଥିବା ଜଣାପଡିଛି।



**ଦିନକରେ ସୁନା ଭରି ୨୬, ରୁପା କେଜି ୮୦ ହଜାର ଟଙ୍କା ହ୍ରାସ**

ଗୁରୁବାର ଦିନକରେ ସୁନା ମୂଲ୍ୟରେ ୧୦ ଗ୍ରାମ ପିଛା ୧୧ ହଜାର ଟଙ୍କା ବୃଦ୍ଧି ଘଟିଥିଲା। ଅନୁରୂପ ଭାବେ ରୁପା ଦର କେଜି ପିଛା ୨୫ ହଜାର ଟଙ୍କା ଉପରକୁ ଯାଇଥିଲା। ଶୁକ୍ରବାର ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ସୁନା ମୂଲ୍ୟରେ ୧୦ ଗ୍ରାମ ପିଛା ୧୯% କିମ୍ବା ୨୬,୦୦୦ ଟଙ୍କା ହ୍ରାସ ଘଟିଥିଲା। ସେହିପରି ରୁପା ମୂଲ୍ୟରେ ମଧ୍ୟ କିଲୋଗ୍ରାମ ପିଛା ସର୍ବାଧିକ ୧୯% କିମ୍ବା ୮୦,୦୦୦ ଟଙ୍କା ହ୍ରାସ ଘଟିଛି। ସୂଚନାନୁଯାୟୀ, ସୁନା ମୂଲ୍ୟରେ ୨୦୧୩ ପରେ ଏହି ହ୍ରାସ ଏକ ବଡ଼ ରେକର୍ଡ। ଅପରପକ୍ଷେ ରୁପା ମୂଲ୍ୟରେ ଦୀର୍ଘ ▶ପୃଷ୍ଠା-୭

# ‘ଗୁଟ୍‌ଖା’ ଛେପ ଢୋକିଲେ ସରକାର

## ପାନ ମସଲାରେ ନିକୋଟିନ୍ ନାହିଁ; ବିକ୍ରି ହୋଇପାରିବ

■ ଭୁବନେଶ୍ୱର, ୩୦।୧ (ସମିସ): ରାଜ୍ୟରେ ଗୁଟ୍‌ଖା ବ୍ୟାନ୍ ପ୍ରସଙ୍ଗରେ ୟୁ-ଟର୍ଣ୍ଣ ମାରିଛନ୍ତି ରାଜ୍ୟ ସରକାର। ପାନ ମସଲାକୁ ଟବାକୋ କିମ୍ବା ନିକୋଟିନ୍ ଭାବେ ଗ୍ରହଣ କରାଯାଇ ପାରିବ ନାହିଁ। ତେଣୁ ରାଜ୍ୟରେ ଏହା ବ୍ୟାନ୍ ହେବନି ବୋଲି ଶୁକ୍ରବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ପ୍ରକାର ସ୍ପଷ୍ଟ କରାଯାଇଛି। ବିଭାଗୀୟ କମିସନର ତଥା ସଚିବ ଅଶ୍ୱଥୀ ଏସ୍‌ଙ୍କ ପକ୍ଷରୁ ଲିଖିତ ଏକ ଚିଠିରେ ଦର୍ଶାଯାଇଛି ଯେ, ଯେଉଁ ପାନ ମସଲାରେ ଟବାକୋ ଓ ନିକୋଟିନ୍ ନ ଥିବ, ସେଗୁଡିକ ବ୍ୟାନ୍ ହେବ ନାହିଁ। ସିଟି ଏବଂ ଜିଏସ୍‌ଟି କମିସନରଙ୍କୁ ଏହି ଚିଠି ଲେଖି ବିଭାଗ ଏହା ସ୍ପଷ୍ଟ କରିଛି। ରାଜ୍ୟରେ ଗୁଟ୍‌ଖା ବ୍ୟାନ୍‌ର ୭ ଦିନ ପରେ ଏଭଳି ସାନି ବିଜ୍ଞପ୍ତି ଜାରି କରି ସ୍ୱାସ୍ଥ୍ୟ ବିଭାଗ ପୁଣି ଥରେ ୟୁ-ଟର୍ଣ୍ଣ ମାରିବା ପରେ ସରକାର ଚାରିଆଡୁ ସମାଲୋଚନାର ଶିକାର ହୋଇଛନ୍ତି। ଏହା ପୂର୍ବରୁ ଏକାଧିକ ଘଟଣାରେ ସରକାର ନିଷ୍ପତ୍ତି ନେଇ ଏଥିରୁ ଓହରି ଯାଇଥିବା ବେଳେ ଏହି ତାଲିକାରେ ଗୁଟ୍‌ଖା ବ୍ୟାନ୍ ନିଷ୍ପତ୍ତି ମଧ୍ୟ ଯୋଡ଼ି ହୋଇଛି ବୋଲି ସାଧାରଣରେ ଆଲୋଚନା ହେଉଛି।

ପ୍ରକାଶଯୋଗ୍ୟ, ଗତ ୨୧ ତାରିଖରେ ଟବାକୋ, ନିକୋଟିନ୍ ବନ୍ଦ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ବିଭାଗ ପକ୍ଷରୁ ଏକ ବିଧିବଦ୍ଧ ବିଜ୍ଞପ୍ତି ମାଧ୍ୟମରେ ଦର୍ଶାଯାଇଥିଲା ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାର ଓଡ଼ିଶାରେ ଗୁଟ୍‌ଖା, ପାନ ମସଲା, ଜର୍ଦ୍ଦା, ଖଇନି ଓ ତମାଖୁ କିମ୍ବା ନିକୋଟିନ୍‌ଯୁକ୍ତ ସମସ୍ତ ପ୍ରକାରର ଖାଦ୍ୟ ପଦାର୍ଥର ଉତ୍ପାଦନ, ପ୍ରସ୍ତୁତି, ପ୍ୟାକେଜିଂ ଉପରେ ପ୍ରତିବନ୍ଧକ ଜାରି କରିଛନ୍ତି। ଏହାସହ ଏହାର ସଞ୍ଚୟ, ପରିବହନ,



ବାଣିଜ୍ୟ ଓ ବିକ୍ରୟ ଉପରେ ମଧ୍ୟ ପ୍ରତିବନ୍ଧକ ଲାଗୁ ହୋଇଛି। ଏହି ନିଷେଧାଜ୍ଞା ଖାଦ୍ୟ ସୁରକ୍ଷା ଓ ମାନକ ଆଇନ–୨୦୦୬ ଏବଂ ଖାଦ୍ୟ ସୁରକ୍ଷା ଓ ମାନକ (ବିକ୍ରୟ ଉପରେ ପ୍ରତିବନ୍ଧ ଓ ନିୟନ୍ତ୍ରଣ) ବିଧି–୨୦୧୧ ର ଧାରା ୨.୩.୪ ଅନୁଯାୟୀ ଜାରି କରାଯାଇଥିଲା। ତମାଖୁ ଓ ନିକୋଟିନ୍‌ଯୁକ୍ତ ପଦାର୍ଥଗୁଡ଼ିକ ମୁଖ, ଗଳା, ଅନ୍ତର୍ନିହିତ ଅଙ୍ଗରେ କ୍ୟାନ୍ସର ସହିତ ଗୁରୁତର ରୋଗ ସୃଷ୍ଟି କରୁଥିବାରୁ ବିଶେଷକରି ଶିଶୁ ଓ ଯୁବପିଢ଼ିଙ୍କ ସ୍ୱାସ୍ଥ୍ୟ ପାଇଁ ଏହା ଅତ୍ୟନ୍ତ ହାନିକାରକ। ତେଣୁ ସାର୍ବଜନୀନ ସ୍ୱାସ୍ଥ୍ୟ ହିତରେ ଏହି ନିଷେଧ ଲାଗୁ କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ କହିଥିଲା। ହେଲେ ଏବେ କେଉଁ ଚାପରେ ବିଭାଗ ଏହି ନିର୍ଦ୍ଦେଶନାମାରେ ପରିବର୍ତ୍ତନ ଆଣି ପୁଣି ଥରେ ଗୁଟ୍‌ଖା କାରବାର ପ୍ରତି କୋହଳ ମନୋଭାବ ଦେଖାଇଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପଟେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ରଙ୍କ କହିବା ଅନୁଯାୟୀ, ସମସ୍ତ ଟବାକୋ ସାମଗ୍ରୀ ବନ୍ଦ କରାଯିବା ନେଇ ଗାଇଡ୍ ଲାଇନ୍ ରହିଛି। ଯେଉଁ ଜିନିଷ ସେବନ ଦ୍ୱାରା ଲୋକଙ୍କର କ୍ଷତି ଘଟୁଛି, ତାହା ଲୋକଙ୍କ ନିକଟକୁ ନ ଯିବା ଦରକାର। ଯେଉଁ ପ୍ରତିବନ୍ଧକ ରହିଥିଲା, ଏବେ ତାହା ବଳବତ୍ତ ରହିଛି ବୋଲି ସେ କହିଛନ୍ତି। ସେହିପରି ଏନ୍‌ସିଡିର ଅତିରିକ୍ତ ନିର୍ଦ୍ଦେଶକ ସୁଶାନ୍ତ କୁମାର ସ୍ୱାଇଁ କହିଛନ୍ତି ଯେ, ରାଜ୍ୟରେ କୋଟପା ଆଇନ୍ ୨୦୦୩ ବଳରେ ଯେମିତି ଗୁଟ୍‌ଖା ଉପରେ ଚଢ଼ଉ କରାଯାଇଥିଲା, ତାହା ଏବେ ବି ବଳବତ୍ତର ରହିଛି। ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯେଉଁ ସ୍ପଷ୍ଟୀକରଣ ଦିଆଯାଇଛି ସେଥିରେ ଉଲ୍ଲେଖ କରାଯାଇଛି ଯେ, ପାନ ମସଲାରେ ▶ପୃଷ୍ଠା-୭

## ଫେବୃଆରୀ ୧୭ରୁ ବିଧାନସଭା ଅଧିବେଶନ

### ୨୦ରେ ଉପସ୍ଥାପନ ହେବ ବଜେଟ

■ ଭୁବନେଶ୍ୱର, ୩୦।୧ (ସମିସ): ଫେବୃଆରୀ ୧୭ରେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ଅଭିଭାଷଣରୁ ଆରମ୍ଭ ହେବ ବିଧାନସଭାର ବଜେଟ୍ ଅଧିବେଶନ। ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ରାଜ୍ୟ ବଜେଟ୍ ଆଗତ କରିବେ। ବଜେଟ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଚାଲିବ ଓ ଏଥିରେ ମୋଟ ୨୮ଟି କାର୍ଯ୍ୟଦିବସ ରହିବ ବୋଲି ଶୁକ୍ରବାର ବିଧାନସଭା ସଚିବାଳୟ ପ୍ରକାଶ କରିଛି ବିଧିବଦ୍ଧ ବିଜ୍ଞପ୍ତି।



**ଦୁଇଟି ପର୍ଯ୍ୟାୟରେ ମୋଟ୍ ୨୮ କାର୍ଯ୍ୟ ଦିବସ**

**ପ୍ରଥମ ଦିନରେ ସମ୍ବୋଧନ କରିବେ ରାଜ୍ୟପାଳ**

ପ୍ରଥମ ପର୍ଯ୍ୟାୟ ଅଧିବେଶନ ଫେବୃୟାରୀ ୧୭ ତାରିଖରୁ ୨୪ ତାରିଖ ଯାଏଁ ଚାଲିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ ତାରିଖରୁ ଏପ୍ରିଲ ୮ ତାରିଖ ଯାଏ ଅନୁଷ୍ଠିତ ହେବ। ଫେବ୍ରୁଆରୀ ୧୮ ଓ ୧୯ ରେ ରାଜ୍ୟପାଳଙ୍କ ପ୍ରସ୍ତାବ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ ହୋଇ ଆଲୋଚନା ହେବ। ଫେବୃଆରୀ ୨୦ ତାରିଖରେ ବଜେଟ ଆଗତ ହେବ ଏବଂ ଏହା ଉପରେ ୨୩ ଓ ୨୪ ତାରିଖ ଦୁଇ ଦିନ ସାଧାରଣ ଆଲୋଚନା ହେବ। ମାର୍ଚ୍ଚ ୧୦ରୁ ୩୦ ତାରିଖ ଯାଏଁ ବିଭିନ୍ନ ବିଭାଗର ଅନୁଦାନ ଉପରେ ଖର୍ଚ୍ଚ ଦାବି ଆଲୋଚନା ହେବ ବୋଲି ସ୍ଥିର ହୋଇଛି। ସେହିପରି ମାର୍ଚ୍ଚ ୩୧ ତାରିଖରେ ଗୃହରେ ବ୍ୟୟମଞ୍ଜୁରି ବିଧେୟକ ଆଗତ ହେବ ବୋଲି ଜଣା ପଡ଼ିଛି।

ଫେବୃଆରୀ ୨୫ରୁ ଓ ୨୮ ଏବଂ ମାର୍ଚ୍ଚ ୧ରୁ ୮ ତାରିଖ ଯାଏଁ ବିଧାନସଭା ଛୁଟି ରହିବ। ମାର୍ଚ୍ଚ ୯ରୁ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହେବ। ସେହିଦିନ ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟିର ରିପୋର୍ଟ ଉପସ୍ଥାପନ ହେବ। ମାର୍ଚ୍ଚ ୧୦ରୁ ବିଭାଗୀୟ ବଜେଟ ଅନୁଦାନ ଉପରେ ଆଲୋଚନା ହୋଇ ପାରିତ ହେବ। ▶ପୃଷ୍ଠା-୭

### ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ

## ସ୍କୁଲରେ ଝିଅମାନଙ୍କୁ ମାଗଣା ସାନିଟାରୀ ପ୍ୟାଡ୍ ବାଧ୍ୟତାମୂଳକ

■ ନୂଆଦିଲ୍ଲୀ, ୩୦।୧ (ଏଜେନ୍ସି): ସୁପ୍ରିମକୋର୍ଟ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଦେଶର ସମସ୍ତ ସରକାରୀ, ବେସରକାରୀ ସ୍କୁଲକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ପ୍ରତ୍ୟେକ ସ୍କୁଲ୍‌ରେ ଛାତ୍ରୀମାନଙ୍କୁ ମାଗଣା ସାନିଟାରୀ ପ୍ୟାଡ଼ ବାଣ୍ଟିବା ବାଧ୍ୟତାମୂଳକ ହେବ। ଏଥିସହ ପୁଅ ଓ ଝିଅଙ୍କ ପାଇଁ ପୃଥକ ଶୌଚାଳୟ ନିର୍ମାଣ କରିବାକୁ ହେବ। ଯେଉଁ ସ୍କୁଲ ଏହି ନିୟମ ପାଳନ କରିବେ ନାହିଁ ସେମାନଙ୍କ ମାନ୍ୟତା ରଦ୍ଦ ହେବ ବୋଲି ଜଷ୍ଟିସ ଜେବି ପାର୍ଦ୍ଦିୱାଲା ଓ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ମାସିକ ଧର୍ମ ସ୍ୱଚ୍ଛତା ଏବେ ମୌଳିକ ଅଧିକାରର ମାନ୍ୟତା ପାଇବ ବୋଲି କୁହାଯାଇପାରେ। ଏହା ବ୍ୟତୀତ କୋର୍ଟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସ୍କୁଲଗୁଡ଼ିକରେ ଦିବ୍ୟାଙ୍ଗ ଅନୁକୂଳ ଶୌଚାଳୟ ନିର୍ମାଣ କରାଯାଉ। ଜୟା ଠାକୁରଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଜନହିତ ଆବେଦନ (ପିଆଇଏଲ୍) ଉପରେ ଶୁଣାଣି କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। କୋର୍ଟ କହିଛନ୍ତି ଯେ, ଯଦି ସ୍କୁଲ୍‌ରେ ଝିଅମାନଙ୍କ ପାଇଁ ଅଲଗା ଶୌଚାଳୟ ନାହିଁ, ତେବେ ଏହା ସମ୍ବିଧାନର ଅନୁଚ୍ଛେଦ ୧୪ (ସମାନତା ଅଧିକାର)ର ଉଲ୍ଲଂଘନ ହେବ। ସେହିପରି ମାସିକ ଧର୍ମ ସମୟରେ ସମ୍ମାନଜନକ ସୁବିଧା ପାଇବା ଅନୁଚ୍ଛେଦ ୨୧ (ଜୀବନ ଓ ଗାରିମା ଅଧିକାର)ର ଅଂଶ ବିଶେଷ। ସାନିଟାରୀ ପ୍ୟାଡ଼ ଅଭାବରୁ ଝିଅମାନେ ପୁଅଙ୍କ ଭଳି ସମାନ ଭାବରେ ପାଠପଢ଼ା ଓ ଅନ୍ୟାନ୍ୟ କାର୍ଯ୍ୟକଳାପରେ ଭାଗ ନେଇପାରିନ୍ତି ନାହିଁ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଆମେ ଆମ ସମାଜର ଦୁର୍ବଳ ବର୍ଗଙ୍କୁ ▶ପୃଷ୍ଠା-୭

**ପୁଅ-ଝିଅଙ୍କ ପାଇଁ ଅଲଗା ଶୌଚାଳୟ**

**ନିୟମ ଉଲ୍ଲଂଘନ କଲେ ସ୍କୁଲର ମାନ୍ୟତା ରଦ୍ଦ ହେବ**

## ସୁନେତ୍ରା ପାୱାର ହେବେ ମହାରାଷ୍ଟ୍ର ଉପ ମୁଖ୍ୟମନ୍ତ୍ରୀ

■ ମୁମ୍ବଇ, ୩୦।୧ (ଏଜେନ୍ସି): ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ନିଧନ ପରେ ତାଙ୍କ ପଦବୀ ଖାଲି ରହିଛି। ଏହି ପଦବୀ ତାଙ୍କ ପତ୍ନୀ ସୁନେତ୍ରା ପାୱାରଙ୍କୁ ଦିଆଯିବ। ସେ ରାଜ୍ୟର ପ୍ରଥମ ମହିଳା ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ଶନିବାର ଦ୍ୱିପହରେ ଏନ୍‌ସିପି ବିଧାୟକ ଦଳ ବୈଠକ ବସିବ। ଏହି ବୈଠକରେ ସୁନେତ୍ରାଙ୍କ ନାମ ଘୋଷଣା କରାଯିବ। ଏହାପରେ ସୁନେତ୍ରା ସନ୍ଧ୍ୟାରେ ଶପଥ ଗ୍ରହଣ କରିବାର କାର୍ଯ୍ୟକ୍ରମ ଆପାତତଃ ସ୍ଥିର ହୋଇଛି।



**ଆଜି ସନ୍ଧ୍ୟାରେ ଶପଥ**

**ମିଳିପାରେ ସ୍ୱାମୀଙ୍କ ବିଭାଗ**

ଶପଥ ଗ୍ରହଣ ପରେ ସୁନେତ୍ରାଙ୍କୁ ସ୍ୱର୍ଗତ ସ୍ୱାମୀ ଅଜିତଙ୍କ ବିଭାଗ (ଅର୍ଥ, ଅବକାରୀ ଏବଂ ଖେଳ) ଦାୟିତ୍ୱ ତାଙ୍କୁ ମିଳିପାରେ। ମହାରାଷ୍ଟ୍ର ମନ୍ତ୍ରୀ ଛଗନ ଭୁଜବଳ ଏହି ସଙ୍କେତ ଦେଇଛନ୍ତି। ସୁନେତ୍ରା ସ୍ୱାମୀଙ୍କ ଉତ୍ତରାଧିକାରୀ ହେବା ଉଚିତ ବୋଲି ସେ କହିଛନ୍ତି। ଏବେ ସୁନେତ୍ରା ରାଜ୍ୟସଭା ସାଂସଦ ଅଛନ୍ତି। ମାତ୍ର ସେ ମହାରାଷ୍ଟ୍ର ବିଧାନସଭା କିମ୍ବା ବିଧାନ ପରିଷଦର ସଦସ୍ୟ ନାହାନ୍ତି। ଶପଥ ଗ୍ରହଣ କରିବା ପରେ ତାଙ୍କୁ ବିଧାନ ପରିଷଦକୁ ନିର୍ବାଚିତ କରାଯାଇପାରେ। ସୁନେତ୍ରାଙ୍କ ନିଯୁକ୍ତିକୁ କେହି ବିରୋଧ କରୁନାହାନ୍ତି ବୋଲି ଦଳର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପ୍ରଫୁଲ ପଟେଲ କହିଛନ୍ତି। ଅନ୍ୟପଟେ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ▶ପୃଷ୍ଠା-୭

## ୧୩ ଲକ୍ଷ ଯାଏଁ ଆୟ ହେବ ଟିକସମୁକ୍ତ

■ ନୂଆଦିଲ୍ଲୀ, ୩୦।୧ (ଏଜେନ୍ସି): କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବୃଆରୀ ପହିଲାରେ ସାଧାରଣ ବଜେଟ୍ ଉପସ୍ଥାପନ କରିବେ। ଅର୍ଥମନ୍ତ୍ରୀ ଭାବେ ସର୍ବାଧିକ ବଜେଟ ଆଗତ କରିବାର ରେକର୍ଡ ରଖିଥିବା ନିର୍ମଳା କ୍ରମାଗତ ଭାବେ ୯ମ ଥର ପାଇଁ ସଂସଦରେ ବଜେଟ ଉପସ୍ଥାପନ କରିବେ। ବଜେଟକୁ ନେଇ ଲୋକଙ୍କର ବହୁତ ଉଚ୍ଚ ଆଶା ରହିଛି। ବିଶେଷକରି ଦେଶର ମଧ୍ୟବିତ୍ତ ବର୍ଗ ଏବଂ ବେତନଭୋଗୀ ଏଥିରୁ ବଡ଼ ଆଶା ରଖିଛନ୍ତି। ଚଳିତଥର କରଦାତା ବଜେଟରେ ଆୟକରରେ ରିଆତି ପାଇପାରନ୍ତି। ଏଥିରେ ୧୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଟିକସମୁକ୍ତ ଘୋଷଣା ହେବାର ସମ୍ଭାବନା ରହିଛି। ଆହୁରିମଧ୍ୟ ଷ୍ଟାଣ୍ଡାର୍ଡ ଡିଡକ୍ସନରେ ମଧ୍ୟ କରଦାତା ଆଶ୍ୱସ୍ତି ପାଇପାରନ୍ତି।

**ବଜେଟ ୨୦୨୬-୨୭**

**ଷ୍ଟାଣ୍ଡାର୍ଡ ଡିଡକ୍ସନ ୨୫ ହଜାର ବଢ଼ିପାରେ**

**ମଧ୍ୟବିତ୍ତ ବର୍ଗଙ୍କ ବଢୁଛି ଆଶା**

ସୂଚନାଯୋଗ୍ୟ ଯେ, ୨୦୨୫ ବଜେଟରେ ଅର୍ଥମନ୍ତ୍ରୀ ବେତନଭୋଗୀ ବର୍ଗ ପାଇଁ ଟିକସମୁକ୍ତ ଆୟ ସୀମାକୁ ୧୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିଲେ। ୨୦୨୪ ବଜେଟରେ ଷ୍ଟାଣ୍ଡାର୍ଡ ଡିଡକ୍ସନକୁ ୫୦,୦୦୦ରୁ ୭୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା, ଯାହା ଦ୍ୱାରା ୧୨.୭୫ ଲକ୍ଷ ▶ପୃଷ୍ଠା-୭






## ଆଇଟି ଚଢ଼ଉ ବେଳେ ନିଜକୁ ଗୁଳି କରିଦେଲେ ବ୍ୟବସାୟୀ



■ ବେଙ୍ଗାଲୁରୁ, ୩୦।୧ (ଏଜେନ୍ସି): ଦକ୍ଷିଣ ଭାରତର ପ୍ରତିଷ୍ଠିତ ବ୍ୟବସାୟୀ ତଥା ‘କନଫିଡେଣ୍ଟ ଗ୍ରୁପ୍’ର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ସିଜେ ରୟ ଆତ୍ମହତ୍ୟା କରିଛନ୍ତି। ୫୭ ବର୍ଷୀୟ ସିଜେ ରୟ କେନ୍ଦ୍ରୀୟ ବେଙ୍ଗାଲୁରୁଠାରେ ଥିବା ତାଙ୍କ କାର୍ଯ୍ୟାଳୟରେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତାଙ୍କ କାର୍ଯ୍ୟାଳୟରେ ଆୟକର ବିଭାଗର ଚଢ଼ଉ ଆରମ୍ଭ ହେବା ପରେ ସେ ଏପରି ପଦକ୍ଷେପ ଗ୍ରହଣ କରିଥିବା ଅଭିଯୋଗ ହୋଇଛି। ଏହି ଖବର ସମ୍ପ୍ରତି ଭାରତୀୟ ଶିଳ୍ପ ଜଗତକୁ ଦୋହଲାଇ ଦେଇଛି। ପୁଲିସ ଅନୁସାରେ ଶ୍ରୀ ରୟଙ୍କୁ ଆନେପାଲ୍ୟାରେ ତାଙ୍କ କାର୍ଯ୍ୟାଳୟ ପରିସରରେ ଗୁଳି ମାଡ଼ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତେବେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ▶ପୃଷ୍ଠା-୭

## ପୁରୁଷଙ୍କ ଅକାଳ ମୃତ୍ୟୁର ୩୨% ହୃଦ୍‌ରୋଗଜନିତ

■ ନୂଆଦିଲ୍ଲୀ, ୩୦।୧ (ଏଜେନ୍ସି): ଦେଶରେ ହୃଦରୋଗ ଏବେ ସବୁଠାରୁ ଘାତକ ରୋଗରେ ପରିଣତ ହୋଇଛି। ମଧୁମେହ ଓ ଅନ୍ୟ ଅଣ ସଂକ୍ରାମକ ରୋଗ ଅପେକ୍ଷା ହୃଦରୋଗରେ ମୃତ୍ୟୁ ସଂଖ୍ୟା ପ୍ରତିବର୍ଷ ବଢ଼ି ଚାଲିଛି, ଏପରିକି ଅକାଳରେ ମୃତ୍ୟୁବରଣ କରୁଥିବା ୩୨.୪% ମୃତ୍ୟୁ କେବଳ ହୃଦରୋଗଜନିତ। ଦିନକ ତଳେ ସଂସଦରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଏପରି ସାଂଘାତିକ ତଥ୍ୟ ପ୍ରକାଶ ପାଇଛି। ଏପରିକି ନାଗରିକମାନଙ୍କ ହୃଦରୋଗଜନିତ ମୃତ୍ୟୁ ଦେଶର ଅର୍ଥନୀତି ଓ ପ୍ରଗତି କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ହୋଇପାରେ ବୋଲି ରିପୋର୍ଟରେ ଆଶଙ୍କା ବ୍ୟକ୍ତ କରାଯାଇଛି। ମେଦ ବହୁଳତା, ମଧୁମେହ ଓ ହୃଦରୋଗ ଭଳି ଅଣ-ସଂକ୍ରାମକ ରୋଗ ଦେଶ ଉପରେ ବଡ ଆର୍ଥିକ ବୋଝ ପାଲଟିଛି ବୋଲି ରିପୋର୍ଟରେ କୁହାଯାଇଛି।



ରିପୋର୍ଟ ଅନୁସାରେ ଦେଶରେ ଘଟୁଥିବା ରୋଗଜନିତ ମୃତ୍ୟୁର ୫୭%ରୁ ଉର୍ଦ୍ଧ୍ୱ ଅଣ ସଂକ୍ରାମକ ରୋଗ ଯୋଗୁଁ ଘଟୁଛି। ଏହା ମଧ୍ୟରୁ ସିଂହଭାଗ ମୃତ୍ୟୁ କେବଳ ହୃଦରୋଗ ଜନିତ। ଏଥିରେ ଉଭୟ ପୁରୁଷ ଓ ମହିଳାମାନେ ଶିକାର ହେଉଛନ୍ତି। ୨୦୦୪-୦୬ ପରଠାରୁ ହୃଦରୋଗରେ ମହିଳାଙ୍କ ତୁଳନାରେ ଅଧିକ ପୁରୁଷ ହୃଦରୋଗରେ ମୃତ୍ୟୁବରଣ କରିଛନ୍ତି। ଏପରିକି ଭାରତରେ ଦ୍ରୁତ ଗତିରେ ବ୍ୟାପି ଚାଲିଥିବା ମଧୁମେହ ଜନିତ ମୃତ୍ୟୁ ସଂଖ୍ୟା ହୃଦରୋଗ ତୁଳନାରେ ମଧ୍ୟ କମ୍। ଏହି ରିପୋର୍ଟ ଅନୁସାରେ ହୃଦରୋଗ ଯୋଗୁଁ ୩୨.୪% ପୁରୁଷ ଏବଂ ୨୯.୧% ମହିଳା ମୃତ୍ୟୁବରଣ କରୁଥିବାବେଳେ ମଧୁମେହ ଯୋଗୁଁ ୩.୧% ପୁରୁଷ ଏବଂ ୪.୧% ମହିଳା ମୃତ୍ୟୁବରଣ କରିଛନ୍ତି। ଶ୍ୱାସକ୍ରିୟା ସଂକ୍ରମଣ ୮.୯% ପୁରୁଷ ଏବଂ ୯.୯% ମହିଳାଙ୍କ ମୃତ୍ୟୁର କାରଣ ହୋଇଛି। କର୍କଟରେ ୬% ପୁରୁଷ ଏବଂ ୬.୯% ମହିଳାଙ୍କ ମୃତ୍ୟୁ ହୋଇଛି। ପାଚନ ସମ୍ବନ୍ଧୀୟ ରୋଗରେ ୬.୭% ପୁରୁଷଙ୍କ ମୃତ୍ୟୁ ହୋଇଥିବା ବେଳେ ୩.୨% ମହିଳାଙ୍କ ମୃତ୍ୟୁ ହୋଇଛି। ▶ପୃଷ୍ଠା-୭

# ରେଳ ମହାପ୍ରବନ୍ଧକଙ୍କୁ ଭେଟିଲା ଉପଭୋକ୍ତା ସଂଘ

**ବଲାଙ୍ଗିର,୩୦।୧(ସମିସ):** ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳବାଇର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କବାଲା ବଲାଙ୍ଗିର ଷ୍ଟେସନ ନୀରିକ୍ଷଣ କରିଛନ୍ତି। ଏହି ଅବସରରେ ବଲାଙ୍ଗିର ଜିଲ୍ଲା ରେଳ ଉପଭାକ୍ତା ସଂଘର ଏକ ପ୍ରତିନିଧି ଦଳ ତାଙ୍କୁ ଭେଟିଛି। ସଂଘର ସଭାପତି ପ୍ରଫେସର ତରୁଣ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ତାଙ୍କୁ ସାକ୍ଷାତ କରିଥିଲା। ବଲାଙ୍ଗିରରୁ ଦିଲ୍ଲୀ ବା ପ୍ରୟାଗରାଜକୁ ଏକ ସିଧାସଳଖ ଟ୍ରେନ୍, ଭୁବନେଶ୍ୱରକୁ ଯାଇ ଫେରି ଆସୁଥିବା ଏକ



ସକାଳୁଆ ଟ୍ରେନ୍ ସହ ବଲାଙ୍ଗିର ଖୋର୍ଦ୍ଧା ରେଳ ଲାଇନ ସମ୍ପୂର୍ଣ୍ଣ ହେବାକୁ ଯାଉଥିବା ସମୟରେ ବଲାଙ୍ଗିରରେ ପିଟ୍ ଲାଇନ ନିହାତି ଜରୁରି ବୋଲି ଦାବି ପ୍ରତିନିଧି ଦଳ ରଖିଥିଲେ। ଏହାର ପ୍ରତି ଉତ୍ତରରେ ଶ୍ରୀ ଫୁଙ୍କବାଲା କହିଥିଲେ ଯେ, ସର୍ଭେ .ଲିଛି। ସରିଲେ ଦେଖାଯିବ। ସିଧାସଳଖ ଟ୍ରେନ ପାଇଁ ପ୍ରସ୍ତାବ ଯାଇଛି ବୋଲି କହିଥିଲେ। ଅନ୍ୟପକ୍ଷେ ଦାବିପତ୍ରରେ ଟିଟିଲାଗଡରୁ ସମ୍ବଲପୁରକୁ ତୃତୀୟ ରେଳ ଲାଇନ, ବଲାଙ୍ଗିରରେ ୪ ଓ ୫ ନମ୍ବର ପ୍ଲାଟଫର୍ମର ନିର୍ମାଣ, ଏଡିଆରଏମ୍ ଅଫିସ ପ୍ରତିଷ୍ଠା, ବଲାଙ୍ଗିର ଆଟଗାଁ ରାସ୍ତା ଓ ଲୋଇସିଂହାକୁ ମିଶାଇ ଏକ ଓଭରବ୍ରିଜର ନିର୍ମାଣ, ସମ୍ବଲପୁର-ପୁରୀ ଇଣ୍ଟରସିଟିକୁ ବଲାଙ୍ଗିର ପର୍ଯ୍ୟନ୍ତ ସଂପ୍ରସାରଣ କରିବା ଆଦି ଦାବି ଅନ୍ତର୍ଭୁକ୍ତ ରହିଛି। ଏହି ପ୍ରତିନିଧି ଦଳରେ ସଂପାଦକ ବିମଳ ଚକ୍ରବର୍ତ୍ତୀ, କାର୍ଯ୍ୟକାରିଣୀ ସଭ୍ୟ ଦିବାକର ହୋତା, ଅଧିଭକ୍ତା ଋତୁରାଜ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# କପିଳାଭଟା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବଙ୍ଗୋମୁଣ୍ଡା,୩୦।୧(ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଳାଭଟା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଭାଲୁମୁଣ୍ଡା ପ୍ରସନ୍ନ ପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନୀ, କପିଳାଭଟା ସରପଞ୍ଚ ତୁଳସେ ଭୋଇ, ସମିତି ସଭ୍ୟ କେଦାର ଭୋଇ, ଆଲୁମନି କମିଟିର ସଭାପତି ପୃଥିରାଜ ବାଗ, ବଲାଙ୍ଗୀର ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର ସଂଗଠନ ସମ୍ପାଦକ ହୁଲେଶ୍ୱର ହଂସ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପରମେଶ୍ୱର ମହାନନ୍ଦ, ବିଶିଷ୍ଟ କଣ୍ଠଶିଳ୍ପୀ ଦୁର୍ଦ୍ଦକ୍ଷ ହଂସ, ପୂର୍ବତନ ସମ୍ପାଦକ ଭୁରିଶ୍ରବା ବିଶି, ପୂର୍ବତନ ସଭାପତି ମଧୁସୂଦନ ସାହୁ, ପରିଚାଳନା କମିଟିର ସଦସ୍ୟ କୁଶଧ୍ୱଜ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ ବାରିକ ଅଧ୍ୟକ୍ଷତା କରିଥିଲେ। ସହକାରୀ ଶିକ୍ଷକ ଶିବରାମ ସ୍ୱାଇଁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ବରୁଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ କିରଣ ପ୍ରଧାନ, ଯୋଗିଚନ୍ଦ୍ର ବିଶି, କିରାଣୀ ବୃନ୍ଦାବନ ବେହେରା, କର୍ମଚାରୀ ନରଫଳ ହଂସ, ତୁଳାରାମ ଛତ୍ରିଆ, ଗଣେଶ ବିଶି, ଧର୍ମେନ୍ଦ୍ର ଦାସ, ଶୁଭାକର ନାଗ, ତରଣୀ ନାଗ, ସନ୍ତୋଷ ହଂସ, ପରମାନନ୍ଦ ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ।

# ସିଏମ୍ ଟ୍ରଫି ପାଇଁ ୩ରୁ ଚୟନ ଶିବିର

**ବଲାଙ୍ଗିର,୩୦।୧(ସମିସ):** ବଲାଙ୍ଗିର ଜିଲ୍ଲା ସିଏମ୍ ଟ୍ରଫି ପାଇଁ ଫେବୃଆରୀ ୩ ତାରିଖ ସକାଳ ୯ଟାରେ ଟାଉନ୍ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଖୋ ଖୋ ଖେଳାଳି ଚୟନ କରାଯିବ। ସେହିଭଳି ଗାନ୍ଧୀ ଷ୍ଟାଡ଼ିୟମ୍‌ରେ ଭଲିବଲ୍ ଖେଳାଳି ଚୟନ କରାଯିବ। ୪ ତାରିଖ ସକାଳେ ଗାନ୍ଧୀ ଷ୍ଟାଡ଼ିୟମରେ କବାଡ଼ି ଖେଳାଳି ଚୟନ କରାଯିବ। ତେବେ ଯେଉଁମାନେ ପୂର୍ବରୁ ପଞ୍ଜିକରଣ କରିଛନ୍ତି ସେମାନେ କେବଳ ଭାଗ ନେଇପାରିବେ। ଖେଳାଳିମାନେ ତାଙ୍କ ଜନ୍ମ ପ୍ରମାଣପତ୍ର, ଆଧାକାଡର୍ ଏବଂ କଲର୍ ପାସ ଫଟୋ ସାଙ୍ଗରେ ଆଣିବାକୁ କୁହାଯାଇଛି।

# ସାମାଜିକ ସଂଗଠନ 'ମୁକ୍ତି'ର ନୂତନ କର୍ମକର୍ତ୍ତା ଚୟନ

**ବଲାଙ୍ଗିର,୩୦।୧(ସମିସ):** ସାମାଜିକ ସଂଗଠନ ମୁକ୍ତିର ଏକ ବୈଠକ ସ୍ଥାନୀୟ ରାମ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ହିମାଂଶୁ ନାୟକ, ଉପ-ସଭାପତି ଭାବେ ସନ୍ତୋଷ ଗୌଡ, ସଂପାଦକ ଭାବେ ବ୍ରଜ କିଶୋର ସେଠି, କୋଷାଧ୍ୟକ୍ଷ ଭାବେ ସମୀର କୁମ୍ଭାରଙ୍କୁ ଦାୟିତ୍ୱ ମିଳିଛି। ମହିଳା ସଂଗଠନରେ ସଭାନେତ୍ରୀ ଭାବେ ଆରତିପ୍ରୀତି ନାଗ, ଉପ-ସଭାନେତ୍ରୀ ଭାବେ ନାଇନା ବେଗମ, ସଂପାଦିକା ଭାବେ ଅର୍ଣ୍ଣପୂର୍ଣ୍ଣା ବଢ଼ିଆଙ୍କୁ ଚୟନ କରାଯାଇଛି। ଯୁବ ସଂଗଠନର ସଭାପତି ଭାବେ ନିତିଶ ପ୍ରଧାନ, ଉପ-ସଭାପତି ଭାବେ ଦିନେଶ ସାହୁ, ସଂପାଦକ ଭାବେ ଅମିୟ ବଗର୍ତ୍ତିଙ୍କୁ ଚୟନ କରାଯାଇଛି। ଛାତ୍ର ସଂଗଠନରେ ସଭାପତି ଭାବେ ଚିନ୍ମୟ ବେହେରା, ଉପ-ସଭାପତି ଭାବେ ସୋହନ ନାଏକ, ସଂପାଦକ ଭାବେ ଶୁଭ୍ର ସୌମେନ୍ଦ୍ର ସ୍ୱାଇଁଙ୍କୁ ଦାୟିତ୍ୱ ମିଳିଛି। ଲୋପନ ମିଶ୍ରଙ୍କୁ ଗଣମାଧ୍ୟମ ସଂଯୋଜକ ଦାୟିତ୍ୱ ମିଳିଛି। ଉପଦେଷ୍ଟା କମିଟିରେ ଆଇନଜୀବୀ ଅମରେନ୍ଦ୍ର ମିଶ୍ର, ଅଶୋକ ନନ୍ଦ, ଓମ୍ ପ୍ରକାଶ କୁମ୍ଭାର, ମନୀଷ ମିଶ୍ର, ସନ୍ତକ ବହିଦାର, ବୁଲୁ ଦାନୀ, ଟଙ୍କଧର ଗଡତ୍ୟା, ସୁରୁଲାଲ ମଟାରି, ଅଜୟ ବାଲି, ଜୁଲୁ ପଟ୍ଟନାୟକ, ଜ୍ୟୋତି ନାଗ, ଶିରିଶ ହୋତା, ଲବ ବାଗ, କିଶୋର ଦଣ୍ଡସେନା, ସାନନ୍ଦ ମିଶ୍ର, ଅସୀତ ମିଶ୍ର, ସଂଜୟ ମିଶ୍ର, ସୁଦାମ ସିଂ, ସୀତାରାମ କୁମ୍ଭାର, ଦିପନ ଯୋଷୀ, ମୀରା ମଣ୍ଡଲ, ସବିତା ଶତପଥୀ, ବବିତା ସାହୁ, କଳ୍ପନା ନାଏକ, ଟିକେଶ୍ୱର ନନ୍ଦ, ସୌମ୍ୟଦିପ ସରାଫ, ଜ୍ୟୋତିଷ ମୁଗ୍ରୀ, ଟିଟୁ ମହାନ୍ତି, ଆନନ୍ତ ବେହେରା, ପବିତ୍ର ବେହେରା, ଅଙ୍କିତ ସାହୁ, ଅଜିତ ମହାନନ୍ଦ, ଶିବ ପ୍ରଧାନ, ଲଳିତ ପଟେଲ ପ୍ରମୁଖ ରହିଛନ୍ତି।

## ବଲାଙ୍ଗିର ଜିଲ୍ଲାପରିଷଦ କାର୍ଯ୍ୟାଳୟ

# ବାହାର ଚକ୍‌ଚକ୍; ଭିତର ସାଂଘାତିକ

**ବଲାଙ୍ଗିର,୩୦।୧(ସମିସ)**

ବଲାଙ୍ଗିର ଜିଲ୍ଲା ପରିଷଦ କାର୍ଯ୍ୟାଳୟ ବାହାର ଚକ୍ ଚକ୍। ଭିତର ଅବସ୍ଥା କିନ୍ତୁ ସଂଘାତିକ। ଯେଉଁ କାର୍ଯ୍ୟାଳୟରୁ ଜିଲ୍ଲାର ଉନ୍ନତିମୂଳକ କାର୍ଯ୍ୟର ଯୋଜନା ଓ ସମୀକ୍ଷା କରାଯାଉଛି ସେହି କାର୍ଯ୍ୟାଳୟର କର୍ମଚାରୀଙ୍କ ମୁଣ୍ଡ ଉପରେ ବିପଦ ଝୁଲୁଛି। କେତେବେଳେ ଛାତ ଅତଡା କାହା ମୁଣ୍ଡରେ ପଡିବ ତାହା ବି କହି ହେବନି। ଏମିତିରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ କାର୍ଯ୍ୟାଳୟର ବାହ୍ୟ ସୌନ୍ଦର୍ଯ୍ୟକରଣ କରାଯାଇଛି; କିନ୍ତୁ ଭିତର ଅବସ୍ଥାର ସ୍ଥାୟୀ ସମାଧାନ କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି।

ବଲାଙ୍ଗିର ଜିଲ୍ଲା ପ୍ରଶାସନରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଅନେକ ଗୁରୁତ୍ୱ ବହନ କରେ। ଏହି କାର୍ଯ୍ୟାଳୟରେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ରହିଛି।





ଏହି କାର୍ଯ୍ୟାଳୟରୁ ଜିଲ୍ଲାର ସମସ୍ତ ବ୍ଲକ, ପଞ୍ଚାୟତର ଉନ୍ନତିର ଯୋଜନା ପ୍ରସ୍ତୁତ ହେଉଥିବା ବେଳେ ତାହାର ସମୀକ୍ଷା ମଧ୍ୟ ହୋଇଥାଏ। ସେହିପରି କର୍ମନିଯୁକ୍ତି ଯୋଜନା ସହ ସୁଭଦ୍ରା ଶକ୍ତି, ଓରମାସ ଭଳି ବିଭିନ୍ନ ବିଭାଗ ମଧ୍ୟ ଏହି କାର୍ଯ୍ୟାଳୟରେ ରହିଛି।

ଏହି କାର୍ଯ୍ୟାଳୟରେ ଥିବା ସମ୍ମିଳନୀ କକ୍ଷରେ ଅନେକ ଜିଲ୍ଲା ଓ ନିର୍ବାଚନମଣ୍ଡଳିସ୍ତରୀୟ ସମୀକ୍ଷା ବୈଠକ ମଧ୍ୟ ଆୟୋଜିତ ହୋଇଥାଏ। ଯେଉଁଥିରେ ମନ୍ତ୍ରୀ, ସାଂସଦ ତଥା ସ୍ଥାନୀୟ ବିଧାୟକ ଓ ଜିଲା ପ୍ରଶାସନର ଅଧିକାରୀ ଉପସ୍ଥିତ ରହିଥାନ୍ତି। ନିକଟରେ ଏହି କାର୍ଯ୍ୟାଳୟର ସୌନ୍ଦର୍ଯ୍ୟକରଣ କରାଯାଇଛି। ଭିତରେ ଅବସ୍ଥା କିନ୍ତୁ ସାଂଘାତିକ। ଛାତ ପୁରୁଣା ହୋଇଯାଇଥିବାରୁ ଅତଡା ଖସିବା ଅବସ୍ଥାରେ ରହିଛି। କାନ୍ଥରେ ଫାଟ ସୃଷ୍ଟି ହୋଇଛି। ବିଦ୍ୟୁତ ତାର, ମିଟର ବିପଦପୂର୍ଣ୍ଣ ଅବସ୍ଥାରେ ରହଛି। ଏହି କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ନଜରରେ ଏହା କେମିତି ପଡୁନାହିଁ ତାହା ସବୁଠାରୁ ବଡ ପ୍ରଶ୍ନ। ତେବେ ଏହି ଫାଟ, ଛାତ ଅତଡାକୁ ଲୁଚାଇବା ପାଇଁ ନିୟମିତ ଭାବେ ତାହାର ମରାମତି ହେଉଛି। ଛାତ ଏବଂ କାନ୍ଥରେ ପୁଟି ମାରିଦେଇ ତାହାକୁ ଲୁଚାଇଦିଆଯାଉଛି। ମୋଟା ଅଙ୍କର ବିଲ୍ ମଧ୍ୟ କରାଯାଉଛି। କିନ୍ତୁ କିଛି ମାସ ପରେ ପୁଣି ଅବସ୍ଥା ଯଥା ପୂର୍ବ ତଥା ପର ହୋଇ ପଡୁଛି।

# ଶୋଇପଡ଼ିଲେ ପୌରନିର୍ବାହୀ ଅଧିକାରୀ

## ୨ ହୋଟେଲ, ଗୋଟିଏ ବିବାହ ମଣ୍ଡପ ସିଲ୍ ହୋଇଥିଲା

**ବଲାଙ୍ଗିର,୩୦।୧(ସମିସ):**

ସ୍ଥାନୀୟ ପୌରପରିଷଦ ପକ୍ଷରୁ ଡିସେମ୍ବରରେ ଏକ ବଡ ଅଭିଯାନ ଆରମ୍ଭ ହୋଇଥିଲା। ସହରରେ ଥିବା ହୋଟେଲ, ମ୍ୟାରେଜ ପ୍ୟାଲେସ୍ ଓ ଅନ୍ୟ ସବୁ ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ବେଆଇନ ଭାବେ ଚାଲୁଥିବା ଅଭିଯୋଗ ପରେ ପୌର ପରିଷଦ ଚଢଉ କରିଥିଲା। ନିର୍ବାହୀ ଅଧିକାରୀ ଚଢଉ କରି ୩ଟି ପ୍ରତିଷ୍ଠାନକୁ ସିଲ୍ କରିଥିଲେ। ଡିସେମ୍ବର ୩୧ ସୁଦ୍ଧା ପ୍ରସ୍ତୁତ ତାଲିକା ଅନୁସାରେ ସବୁ ଜାଗରେ ଚଢଉ କରାଯିବ ବୋଲି କହିଥିଲେ। କିଛି ଦିନ ଚଢଉ ଚାଲିବା ପରେ ହଠାତ ବନ୍ଦ କରିଦିଆଗଲା। ଏହାକୁ ନେଇ ଏବେ ଆଲୋଚନା ଆରମ୍ଭ ହୋଇଛି। କାହିଁକି ଓ କାହା ଇଙ୍ଗିତରେ ଏହି ଚଢଉ ବନ୍ଦ କରିଦିଆଗଲା, ପୌର ନିର୍ବାହୀ ଅଧିକାରୀ ସେହି ସମୟରେ ଦେଇଥିବା ଦମ୍ଭୋକ୍ତି ପାଳନ ନ କରିବା ପଛରେ କିଛି ଚାପ ରହିଲା ନା ଅନ୍ୟ କିଛି କାରଣ ତାହା ପ୍ରଶ୍ନ ସୃଷ୍ଟି କରିଛି। ପୌର ନିର୍ବାହୀ ଅଧିକାରୀଙ୍କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

ଡିସେମ୍ବର ୧୨ ତାରିଖରେ ହଠାତ ବଲାଙ୍ଗିର ପୌର ନିର୍ବାହୀ ଅଧିକାରୀ ସଦଳବଳ ବ୍ରାହ୍ମଣପଡା ବ୍ଲୁ ଲାଗୁନ ମ୍ୟାରେଜ ପ୍ୟାଲେସରେ ପହଞ୍ଚିଥିଲେ। ବେଆଇନ ଭାବେ ସରକାରୀ ଜାଗାରେ ତାହା ତିଆରି ହୋଇଥିବା ଅଭିଯୋଗରେ ଏହି ଚଢଉ ହୋଇଥିବା ସେ କହିଥିଲେ। ଏହା ସହିତ କାଗଜପତ୍ର ଯାଞ୍ଚ କରିଥିଲେ। ତାହା ବେଆଇନ ଭାବେ ଚାଲିଥିବା କହି ସେହିଦିନ ହିଁ ତାକୁ ସିଲ୍ କରିଦେଇଥିଲେ। କେବଳ ବ୍ଲୁ ଲାଗୁନ ନୁହଁ; ସହରରେ ଥିବା ପ୍ରାୟ ୬୦ରୁ ଅଧିକ ପ୍ରତିଷ୍ଠାନର ତାଲିକା ପ୍ରସ୍ତୁତ କରାଯାଇଛି। ଯେଉଁମାନେ ଆଇନ ଉଲଂଘନ କରିଛନ୍ତି ସେମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏହାକୁ ନେଇ ବଲାଙ୍ଗିର ସହରରେ ଥିବା ପ୍ରାୟ ସମସ୍ତ ବଡ ବ୍ୟବସାୟିକ ପ୍ରତିଷ୍ଠାନ ମାଲିକଙ୍କ ମଧ୍ୟରେ ଛନକା ପଶିଥିଲା। ଏହାର କିଛି ଦିନ ପରେ ଦୁର୍ଗାମଣ୍ଡପ ନିକଟ ଭ୍ରମର ହୋଟେଲରେ ଏହି ଚଢଉ କରାଯାଇଥିଲା। ଏହାର ମଧ୍ୟ କାଗଜପତ୍ର ଠିକ ନ ଥିବା କହି ହୋଟେଲକୁ ସିଲ୍ କରିଦିଆଯାଇଥିଲା। ସେହିଦିନ ସୁଦପଡାରେ ଥିବା ହୋଟେଲ ଏସଏ କିଙ୍ଗ ପ୍ଲାଜାରେ ମଧ୍ୟ ଚଢଉ କରି ସିଲ୍ କରାଯାଇଥିଲା। ଏହା ସହିତ କିଛି ବ୍ୟବସାୟିକ ପ୍ରତିଷ୍ଠାନକୁ ନୋଟିସ କରାଯାଇଥିବା ସେ କହିଥିଲେ। ଏହି ଅଭିଯାନ ଡିସେମ୍ବର ୩୧ ତାରିଖ ସୁଦ୍ଧା ଚାଲିବ ବୋଲି ସେ କହିଥିଲେ; କିନ୍ତୁ ଆରମ୍ଭର କିଛି ଦିନ ପରେ ହିଁ ହଠାତ ଚଢଉ ବନ୍ଦ ହୋଇଯାଇଥିଲା। ନା କୌଣସି ବ୍ୟବସାୟିକ ପ୍ରତିଷ୍ଠାନର କାଗଜପତ୍ର ଯାଞ୍ଚ କରାଯାଇଥିଲା ନା ସିଲ୍ କରାଯାଇଥିଲା। ତେବେ ଏଠି ପ୍ରଶ୍ନ ମାତ୍ର ଗୋଟିଏ ସପ୍ତାହ ଭିତରେ କ'ଣ ସମସ୍ତ ବେଆଇନ ବ୍ୟବସାୟିକ ପ୍ରତିଷ୍ଠାନର କାଗଜପତ୍ର ଠିକ ହୋଇଗଲା? ନା ଏହି ତିନୋଟି ପ୍ରତିଷ୍ଠାନକୁ ଛାଡିଦେଲେ ବାକିତକ ସମସ୍ତଙ୍କ କାଗଜପତ୍ର ଠିକ ଥିଲା? ଯଦି ଠିକ ଥିଲା ତେବେ ଏତେ ସଂଖ୍ୟାରେ ପ୍ରତିଷ୍ଠାନକୁ ନେଇ ତାଲିକା କାହିଁକି ପ୍ରସ୍ତୁତ କରାଯାଇଥିଲା?

ତେବେ ବଲାଙ୍ଗିର ସହରରେ ଏମିତି ଅନେକ ବଡ ବଡ ବ୍ୟସାୟିକ ପ୍ରତିଷ୍ଠାନ ରହିଛି ଯେଉଁମାନଙ୍କ ମାଲିକମାନେ ରାଜନୈତିକ ଦୃଷ୍ଟିକୋଣରୁ ପ୍ରଭାବଶାଳି। ତାଲିକାରେ ଥିବା ମାଲିକଙ୍କ ଚାପ ଯୋଗୁଁ ପୌର ନିର୍ବାହୀ ଅଧିକାରୀ ଚୁପ୍ ହୋଇଗଲେ ନା ସେହି ମାଲିକଙ୍କୁ ଚାପ ପକାଇବା ପାଇଁ ନିର୍ବାହୀ ଅଧିକାରୀ ଏହି ଅଭିଯାନ ଆରମ୍ଭ କରିଥିଲେ ତାହା ଆଲୋଚନାର ବିଷୟ ପାଲଟିଛି। ଯଦି ଏହି ଅଭିଯାନରେ ସେହିଭଳି କିଛି ଚାପ ପ୍ରସଙ୍ଗ ନାହିଁ ତେବେ ପୁଣି ଏହି ଅଭିଯାନ ଆରମ୍ଭ ହେବ ନା ଏତିକିରେ ବନ୍ଦ ହୋଇଯିବ ତାହା ଅସ୍ପଷ୍ଟ ହୋଇରହିଛି।

# ବଲାଙ୍ଗିରରେ ମାତିଛନ୍ତି ବାର୍‌ହା ଶିକାରୀ

- ବନ ବିଭାଗ ଚୁପ୍, ସୁଯୋଗ ନେଇ ଅବାଧ ଶିକାର
- କରେଣ୍ଟ, ମାଂସଗୋଳାରେ ହେଉଛି ଶିକାର
- ପ୍ରତିଦିନ ବଳିପଡୁଛନ୍ତି ଶହ ଶହ ବାର୍‌ହା

**ବଲାଙ୍ଗିର,୩୦।୧(ସମିସ):** ବଲାଙ୍ଗିର ଜିଲ୍ଲାରେ ଦିନକୁ ଦିନ ବାର୍‌ହା ଶିକାର ବୃଦ୍ଧି ପାଇବାରେ ଲାଗିଛି। ଘଞ୍ଚ ଜଙ୍ଗଲ ଭିତରେ ରହୁଥିବା ଏହି ବନ୍ୟଜନ୍ତୁ ଏବେ ଶିକାରଙ୍କ ମୁଖ୍ୟ ଟାର୍ଗେଟ ପାଲଟିଛି। ଏହାକୁ କାଟି ମାଂସ ଖାଇବା ପାଇଁ ଶିକାର କରାଯାଉଛି। ଆଶ୍ଚର୍ଯ୍ୟର ବିଷୟ ଜିଲ୍ଲାର ଜଙ୍ଗଲ ନିକଟବର୍ତ୍ତୀ ଗାଁଗୁଡ଼ିକରେ ପ୍ରାୟ ସବୁ ଦିନ ଏହି ଶିକାର ହେଉଛି। ବନ ବିଭାଗ ଜାଣି ଅଜଣା ସାଜିଛି। ଏପରିକି ଆଜି ପର୍ଯ୍ୟନ୍ତ କାଁ ଭାଁ କିଛି ସ୍ଥାନକୁ ଛାଡିଦେଲେ ଗୋଟିଏ ମଧ୍ୟ ବାର୍‌ହା ଶିକାରନେଇ ମାମଲା ରୁଜୁ ହୋଇନାହିଁ।

ବଲାଙ୍ଗିର ଜିଲ୍ଲାରେ ଶହ ଶହ ହେକ୍ଟରର ଘଞ୍ଚ ସଂରକ୍ଷିତ ଜଙ୍ଗଲ ରହିଛି। ଗାଇଖାଇଠାରୁ ଆରମ୍ଭ କରି ଗର୍ଦ୍ଦମାର୍ଦ୍ଦନ, ମହଦାସୁନୀଠାରୁ ଆରମ୍ଭ କରି ବାରପାହାଡ ପର୍ଯ୍ୟନ୍ତ ଜଙ୍ଗଲ ବ୍ୟାପୀ ରହିଛି। ଏହି ଜଙ୍ଗଲ ଭିତରେ ହାତୀ, କଲରାପତରିଆ, ଭାଲୁ, ମୟୂର, ବାର୍‌ହା ଭଳି ଅନେକ ବନ୍ୟଜନ୍ତୁ ରହିଛନ୍ତି। ତେବେ ଏଠାରେ ବାର୍‌ହା ସଂଖ୍ୟା ସବୁଠାରୁ ଅଧିକ। ଜିଲ୍ଲାର ସମସ୍ତ ୧୧ଟି ରେଞ୍ଜରେ ବାର୍‌ହାଙ୍କ ଉପଦ୍ରବ ଲାଗି ରହିଛି। ଜଙ୍ଗଲ କ୍ଷୟ ଯୋଗୁ ଏହି ବାର୍‌ହା ଗାଁ ମୁହାଁ ହେଉଛନ୍ତି। ଶହ ଶହ ଏକର ଚାଷଜମି ନଷ୍ଟ କରୁଛନ୍ତି। ଜିଲ୍ଲାରେ ବର୍ତ୍ତମାନ ବାର୍‌ହା ଶିକାରର ଏକ ବଡ ର୍‌ୟାକେଟ କାମ କରୁଛି। ଜଙ୍ଗଲ ନିକଟବର୍ତ୍ତି ଗାଁରେ ଏହି ବାରହା ଶିକାରୀ ଫାସ ପକାଉଛନ୍ତି। ଏଥିରେ ସ୍ଥାନୀୟ ଲୋକଙ୍କ ସଂପୃକ୍ତି ରହୁଛି। ଫାଶରେ ପଡିଲା ପରେ ବାର୍‌ହା ମାରି ମାଂସ ଉଦ୍ଦେଶ୍ୟରେ କଟାଯାଉଛି। ପରେ ମାଂସ କେଜି ହିସାବରେ ବିକ୍ରି ହେଉଚି। ଏହି ମାଂସର ଚାହିଦା ରହିଛି। ବହୁ ଦୂରରୁ ମଧ୍ୟ ଏହି ମାଂସ କିଣିବା ପାଇଁ ଗ୍ରାହକ ଆସୁଛନ୍ତି। ସେହିପରି ବାର୍‌ହା ଶିକାର ପାଇଁ ଆଉ ଏକ ଫାଶ ତିଆରି କରାଯାଇଥାଏ ଯାହାକି ଅତ୍ୟନ୍ତ ବିଭତ୍ସ। ଶିକାରୀମାନେ ସଢାମାଂସ, ଛେଳି ପାକସ୍ଥଳିକୁ ମିଶାଇ ଏକ ଗୋଳା କରିଥାନ୍ତି। ସେଥିରେ ବିସ୍ଫୋରକ ମିଶାଇ ମାଂସବୋମା ତିଆରି କରନ୍ତି। ଶେଷରେ ଏହାକୁ ଜଙ୍ଗଲରେ ପକାଇ ଦିଅନ୍ତି। ତାକୁ ଖାଇବା କ୍ଷଣି ତାହା ବିସ୍ଫୋରଣ ହୋଇଥାଏ। ସେହି ସ୍ଥାନରେ ହିଁ ବାର୍‌ହା ମରିଯାଏ। ଏହିଭଳି ଅନେକ ଉପାୟରେ ବାର୍‌ହା ଶିକାର ହେଉଛି। ଏନେଇ ବନ ବିଭାଗ ପାଖରେ ସମସ୍ତ ସୂଚନା ଥିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ ହେଉନାହିଁ। ଏପରିକି ଏହି ଶିକାରରେ ବନ ବିଭାଗର ବାବୁମାନେ ସାମିଲ ରହି ମାଂସ ବ୍ୟବସାୟ ଚଳାଉଥିବା ମଧ୍ୟ ଅଭିଯୋଗ ରହିଛି। ଏହି ଶିକାରୀଙ୍କୁ ଧରିବାରେ ବନ ବିଭାଗ ସଂପୂର୍ଣ୍ଣ ବିଫଳ ହୋଇଛି। ବର୍ଷକ ଭିତରେ ବାର୍‌ହା ଶିକାରର କୌଣସି ମାମଲା ରୁଜୁ ହୋଇ ନ ଥିବା ବନ ବିଭାଗର ଆନ୍ତରିକତାକୁ ପଦାରେ ପକାଇଛି। ସବୁ ଦିନ ଏହି ଶିକାର ଚାଲିଥିବା ବେଳେ ଧୀରେ ଧୀରେ ବାର୍‌ହା ସଂଖ୍ୟା କମିବାରେ ଲାଗିଛି। ଏହି ଫାଶରେ ହାତୀ, କଲରାପତରିଆର ମଧ୍ୟ ମୃତ୍ୟୁ ହୋଇଥିବା ନଜିର ରହିଛି।

# ନିଖିଳ ଉତ୍କଳ ଶୁଣ୍ଢି ସମାଜର ସାଧାରଣ ବୈଠକ

**କଣ୍ଟାବାଞ୍ଜି,୩୦।୧(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଓମକାର ମଲ୍‌ଠାରେ ନିଖିଳ ଉତ୍କଳ ବଲାଙ୍ଗୀର ଜିଲ୍ଲା ଶୁଣ୍ଢି ସମାଜର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଙ୍ଗୋମୁଣ୍ଡାର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଉଦ୍ଧବ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ସଭାରେ



ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷା ରଞ୍ଜୁବାଳା ବେହେରା, ପୃଥ୍ୱିରାଜ ବେହେରା, ବରଗଡ଼ ଜିଲ୍ଲା ସଭାପତି ଉଦ୍ଧବ ବେହେରା, ସମ୍ବଲପୁର ଜିଲ୍ଲା ସଭାପତି ଖଡ଼ିରତ୍ନ ବେହେରା, ବଲାଙ୍ଗୀର ଜିଲ୍ଲା କାର୍ଯ୍ୟକାରିଣୀ ସଭାପତି ଟିକେଲାଲ ବେହେରା, ବରିଷ୍ଠ ଆଇନଜୀବୀ ଦ୍ରୋପଦ ନାଏକ, ରାଜ୍ୟ ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ଖପ୍ରାଖୋଲ ବ୍ଲକ ଶୁଣ୍ଢି ସମାଜ ସଭାପତି ଯୁବରାଜ ବେହେରା, ଜିଲ୍ଲା ମହିଳା ସଭାନେତ୍ରୀ ସୁଷମା ବେହେରା, କୁଣ୍ଡାବୁଟୁଲା ସରପଞ୍ଚ ପୂର୍ଣ୍ଣିମା ବେହେରା, ବୌଦ୍ଧ ଜିଲ୍ଲାର କାର୍ତ୍ତିକ ବେହେରା, ବଲାଙ୍ଗୀର ବିମ୍ସ ହସ୍ପିଟାଲ ପ୍ରମୁଖ ଜିବେଶ୍ୱର ବେହେରା, କଣ୍ଟାବାଞ୍ଜି ପ୍ରମୁଖ ଭାଗୀରଥି ବେହେରା, ମୁଣ୍ଡପଦର ସରପଞ୍ଚ ରାଧାମୋହନନ ବେହେରା, ବଙ୍ଗୋମୁଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି କୋଷରାଜ ବେହେରା, ଦ୍ରୋଣସେନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବଲାଙ୍ଗୀର ଜିଲ୍ଲା ଶୁଣ୍ଢି ସମାଜ ସଭାପତି ଭାବେ ଉଦ୍ଧବ ବେହେରା, ସମ୍ପାଦକ ଭାବେ ଟିକେଲାଲ ବେହେରା, କୋଷାଧକ୍ଷ ଭାବେ ଭୋଳାନାଥ ବେହେରା ମନୋନୀତ ହୋଇଥିଲେ।

# ଯୁବକଙ୍କ ମୃତଦେହ ଉଦ୍ଧାର

**ବଙ୍ଗୋମୁଣ୍ଡା,୩୦।୧(ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଭାଲୁମୁଣ୍ଡା ଗାଁ ନିକଟ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଉଛନ୍ତି ବଙ୍ଗୋମୁଣ୍ଡା ଥାନା ତୁରେକେଲା ଗାଁର କେଶରୀ ବାଗ। ସକାଳୁ ପୋଖରୀରେ ଶବ ପଡିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ବଙ୍ଗୋମୁଣ୍ଡା ପୁଲିସକୁ ସୂଚନା ଦିଆଯାଇଥିଲା। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ଘଟଣାସ୍ଥଳରେ ବଙ୍ଗୋମୁଣ୍ଡା ପୁଲିସ ପହଞ୍ଚି ଅଧିକ ତଦନ୍ତ କରୁଛି। ତାଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ସର୍ବ ଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ

# ବରଗଡ ୟୁନାଇଟେଡ୍ କ୍ଲବ୍ ବିଜୟୀ



**ବଲାଙ୍ଗିର,୩୦।୧(ସମିସ):** ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ସର୍ବଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଜାରି ରହିଛି। ଚତୁର୍ଥ ଦିନରେ ବରଗଡ ୟୁନାଇଡେଟ କ୍ଲବ ୪-୦ ଗୋଲରେ ଏସ୍‌ଡି ଇଲେଭନ କୋଲକତାକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି। ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ପୌରାଧକ୍ଷା ଲିକା ସାହୁ, ଉପାଧକ୍ଷା ଗାୟତ୍ରୀ ଭୋଇ, ଆଇନଜୀବୀ ଅଶୋକ ମହାନ୍ତି, ସୁଶୀଳ .ନ୍ଦ, ଲକ୍ଷ୍ମଣ ମେହେର, ନିହାର ରଂଜନ ସ୍ୱାଇଁ, ଉପ-ସଭାପତି ଶମ୍ଭୁ ପ୍ରସାଦ ନାଗ, ସଂପାଦକ ସାଗର ସଂଗମ ଶତପଥୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଟୁର୍ଣ୍ଣାମେଣ୍ଟ କମିଟି କାର୍ଯ୍ୟକାରୀ ସଭାପତି ବିଧୂ ଭୂଷଣ ତ୍ରିପାଠି ସଭାପତିତ୍ୱ କରିଥିଲେ। ଜିତେନ୍ଦ୍ର ପାତ୍ର, ସୁଦର୍ଶନ ସେଠ, ସୁବ୍ରତ ପୁରୋହିତ ଓ ବିକି ବିଶି କାର୍ଯ୍ୟକ୍ରମ ପରି.ଳନା କରିଥିଲେ। ବରଗଡ ଦଳର ରୁଦ୍ର ପ୍ରଧାନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ଟ୍ରଫି ସହ ୨ହଜାର ଟଙ୍କା ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ପୂର୍ବତନ ଖେଳାଳି ଲୋକନାଥ କୁମୁରା ଓ ଶ୍ରୀବତ୍ସବ ମେହେରଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। କ୍ରୀଡା ସଂସଦର ଫୁଟବଲ ସଂପାଦକ ଶରତ ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଜିଲ୍ଲା କ୍ରୀଡା ସଂସଦର କୋଷାଧ୍ୟକ୍ଷ ହେମନ୍ତ ବେହେରା ମଞ୍ଚ ପରି.ଳନା କରିଥିଲେ। ଶନିବାର ରାମଧୁନ କ୍ଲବ୍ ସୁବର୍ଣ୍ଣପୁର ବନାମ ବରଗଡ ୟୁନାଇଟେଡ କ୍ଲବ୍ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳ ହେବ।

# ହରିଶଙ୍କରକୁ ପ୍ଲାଷ୍ଟିକମୁକ୍ତ ପାଇଁ ଆହ୍ୱାନ

**ଖପ୍ରାଖୋଲ,୩୦।୧(ସମିସ):** ପ୍ଲାଷ୍ଟିକମୁକ୍ତ ହରିଶଙ୍କର ପର୍ଯ୍ୟଟନ ସ୍ଥଳ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖପ୍ରାଖୋଲ ବ୍ଲକ୍‌ର ହରିଶଙ୍କର ପର୍ଯ୍ୟଟକ ଆଶ୍ରୟ ସ୍ଥଳଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ବନ ବିଭାଗ ଡାକ ବଙ୍ଗଳାରୁ ବାହାରି ହରିଶଙ୍କର ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲା। ପରେ ଏକ ସଚେତନତା ସଭା ହୋଇଥିଲା। ଏସିଏଫ୍ ସୁମନ ମାଝୀ, ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ବଲାଙ୍ଗିରସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରର ସହାୟକ ବୈଜ୍ଞାନିକ ସ୍ୱାଗତ ଆନନ୍ଦ ପଟେଲ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗ ପ୍ରଧାପକ ଡ. ଦେବେନ୍ଦ୍ର ବିଶ୍ୱାଳ,ପଦ୍ମ କୁମାର ସିଂ ବରିହା, ମହରାପଦର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନବକିଶୋର ନନ୍ଦ, ନାନ୍ଦୁପଲା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଥବୀର ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ହରିଶଙ୍କରକୁ ସ୍ୱଚ୍ଛ ରଖିବା ସହ ପ୍ଲାଷ୍ଟିକମୁକ୍ତ ପର୍ଯ୍ୟଟନ ସ୍ଥଳ କରିବାକୁ ଅତିଥିଗଣ ଆହ୍ୱାନ ଦେଇଥିଲେ। ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ହରିଶଙ୍କର କରିବାକୁ ମିଳିତ ଉଦ୍ୟମ କରିବାକୁ ସମସ୍ତେ କହିଥିଲେ। ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ହରିଶଙ୍କର ବନପାଳ ରଂଜିତ



କୁମ୍ଭାର, ଖପ୍ରାଖୋଲ ବନପାଳ ସୁଧିର ଜେନା, ଧଣ୍ଡାମୁଣ୍ଡା ବନପାଳ ଇନ୍ଦ୍ରମଣି ବେହେରା, ରେଙ୍ଗାଲି ବନପାଳ ବିପିନ ବିହାରୀ ସାହୁ ସମେତ ବନବିଭାଗ କର୍ମଚାରୀ, ଉତ୍କଳ ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗ ଛାତ୍ରୀଛାତ୍ର, ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବନ ସୁରକ୍ଷା ସମିତି ସଦସ୍ୟ, ବଣିକ ସଂଘ ସଦସ୍ୟ ଉପସ୍ଥିତ ଥିଲେ। ଅଭୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡୋଳାମଣି ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରେଞ୍ଜ କାର୍ଯ୍ୟାଳୟରେ ଏସିଏଫ୍‌ଙ୍କୁ ଆଇଆଇସିଙ୍କ ଧମକ ଘଟଣା

# ସଚିବଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଓ ସୁରକ୍ଷା ଦାବି କଲା ଓଡ଼ିଶା ବନ ସେବା ସଂଘ

ରାଜନଗର, ୩୦।୧(ସମିସ)

ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳରୁ ସିଡ୍ୟୁଲ ୱାନ ପ୍ରଜାତିର ବିରଳ ବଜ୍ରକାପ୍ତା କାଡି ଜବତ ହେବା ପରେ ପୁଲିସର ଆଚରଣ ସାରା ରାଜ୍ୟରେ ଚର୍ଚ୍ଚା ସୃଷ୍ଟି କରିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ପୁଲିସ ବନ ବିଭାଗକୁ ସହଯୋଗ କରିବା ବଦଳରେ ଅଭିଯୁକ୍ତ ମନୋବଳ ବଢାଇବା ପାଇଁ ଉଚ୍ଚପଦସ୍ଥ ଅଧିକାରୀ ଏସିଏଫଙ୍କ ଉପରେ ବର୍ଷିବା ଓ ଧମକ ଦେବା ଘଟଣା ସବୁ ମହଲକୁ ଚକିତ କରିଛି। ଏହି ଘଟଣାରେ ସରକାରୀ ବିଧି ବ୍ୟବସ୍ଥାକୁ ପାଳନ ନ କରି ପୁଲିସ ବିଭାଗ ପାଇଁ ଅପବାଦ ଆଣିଥିବା ଆଇଆଇସି ବିରୁଦ୍ଧରେ ଆଜି ଯାଏଁ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ସନ୍ଦେହ ବଢାଇଛି। ଘଟଣାକୁ ନେଇ ନନ୍‌ଗେଜେଟେଡ ଫରେଷ୍ଟ ସର୍ଭିସ ଆସୋସିଏସନ ଲିଖିତ ଭାବେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଡିଏଫଓ ମଧ୍ୟ ପିସିସିଏଫ, କେନ୍ଦ୍ରାପଡା ଏସପି ଓ ପୁଲିସ ଡିଜିଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏବେ ଘଟଣାକୁ ଗମ୍ଭୀର ଭାବେ ନେବା ସହ ଓଡ଼ିଶା ବନ ସେବା ସଂଘ ଆଜି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସଚିବଙ୍କୁ ଭେଟି ଲିଖିତ ଭାବେ ଜଣାଇବା ସହ କାର୍ଯ୍ୟାନୁଷ୍ଠାନ ଓ ସୁରକ୍ଷା ଦାବି କରିଛନ୍ତି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସଚିବଙ୍କୁ ଓଡ଼ିଶା ବନ ସେବା ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଏକ ସମ୍ବେଦନଶୀଳ ବନ୍ୟପ୍ରାଣୀ ଅପରାଧର ଆଇନଗତ ତଦନ୍ତ ସମୟରେ, ସୂଚୀ-୧ ପ୍ରଜାତିର ବଜ୍ରକାପ୍ତା ଅବୈଧ ଭାବେ ରଖିବା ଓ ବାଣିଜ୍ୟ ସହିତ ଜଡିତ ଘଟଣାରେ ତଦନ୍ତ ଓ ଅଭିଯୁକ୍ତଙ୍କୁ ପଚରାଉଚରା ସମୟରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି କୌଣସି ପୂର୍ବ ସୂଚନା ବିନା ବନ କାର୍ଯ୍ୟାଳୟରେ ପ୍ରବେଶ କରି ଆକ୍ରମଣାତ୍ମକ ଓ ଅଣପେଶାଦାର ଆଚରଣ କରିଥିଲେ। ସେ ସାଧାରଣରେ ବନ ଅଧିକାରୀଙ୍କୁ ଚିତ୍କାର କରିଥିଲେ ଓ ଏସିଏଫ, କର୍ମଚାରୀଙ୍କୁ ଫସାଇବା ପାଇଁ ଧମକ ଦେଇଥିଲେ। ଗଣମାଧ୍ୟମ ପ୍ରତିନିଧି ଓ ସାକ୍ଷୀଙ୍କ ଉପସ୍ଥିତିରେ ଏହି ଘଟଣା ଘଟିଥିଲା। ଯାହା ଆଇନଗତ ତଦନ୍ତରେ ବ୍ୟାଘାତ ସୃଷ୍ଟି କରିଥିଲା ଓ ବିଭାଗର ପ୍ରତିଷ୍ଠାକୁ କ୍ଷୁର୍ଣ୍ଣ କରିଥିଲା। ଉକ୍ତ ଘଟଣାର ନିରପେକ୍ଷ ତଦନ୍ତ ସହିତ ଦୁର୍ବ୍ୟବହାରର ଶିକାର ହୋଇଥିବା ରାଜନଗର ଏସିଏଫ ଓ ତାଙ୍କ ଦଳକୁ ଯେକୌଣସି ପ୍ରତିଶୋଧମୂଳକ କିମ୍ବା ପ୍ରେରଣାଦାୟକ କାର୍ଯ୍ୟରୁ ସୁରକ୍ଷା ଦେବା ପାଇଁ ସାଂଗଠନିକ ଓ ଆଇନଗତ ସହାୟତା ପ୍ରଦାନ ସହିତ ସମ୍ପୃକ୍ତ ଆଇଆଇସିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଓଡ଼ିଶା ବନ ସେବା ସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଛି। ସଂଘର ସାଧାରଣ ସମ୍ପାଦକ ଜିତେନ୍ଦ୍ର ବେହେରା ଏନେଇ ସୂଚନା ଦେଇଛନ୍ତି।

## ବେଲତଳରେ ହିନ୍ଦୁ ସମ୍ମିଳନୀ

ପଟ୍ଟାମୁଣ୍ଡାଇ,୩୦।୧(ସମିସ): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ହିନ୍ଦୁ ସମାଜ ଆନୁକୂଲ୍ୟରେ ଭୋଳି ବାବା ବସତି ପକ୍ଷରୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବେଲତଳ ଠାକୁରପାଟଣା ବଡ଼ବଗିଚାଠାରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରବଚକ ତ୍ରିଜୀବ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଂଗଠକ ମନୋଜ ରାଉତ, ଦୀପ୍ତି ଭାଇ, ନବକିଶୋର ପଣ୍ଡା, ବିଜେପି ନେତା ମିଟୁ ମନୋଜ ନାୟକ, ଶଶୀକାନ୍ତ ସ୍ୱାଇଁ, ପଟ୍ଟାମୁଣ୍ଡାଇ ବସତି ସଂଯୋଜକ ଦେବାଶିଷ ପଣ୍ଡା, ସହସଂଯୋଜକ ଅମ୍ବୁଜ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସନାତନ ଧର୍ମର ସୁରକ୍ଷା ପାଇଁ ହିନ୍ଦୁଙ୍କୁ ସଂଗଠିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସୁଜାତା ଦାସ ଧନ୍ୟବାଦ ଦେଇଥିଲେ।

## ୧୬ଟି ଅଙ୍ଗନବାଡିରେ ବାଳିକା ଦିବସ

ପାରାଦୀପ,୩୦।୧(ସମିସ): ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ ସହଯୋଗରେ ଜିଲ୍ଲାର ୧୬ଟି ଅଙ୍ଗନବାଡି କେନ୍ଦ୍ରରେ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ସପ୍ତାହବ୍ୟାପୀ ଚାଲିଥିବା ଏହି ଶିକ୍ଷାଗତ କାର୍ଯ୍ୟକ୍ରମ, ଏଏମ୍/ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର ପ୍ରକଳ୍ପ 'ପଢେଗା ଭାରତ'ର 'ସ୍ମାର୍ଟ ଅଙ୍ଗନୱାଡି' ପଦକ୍ଷେପ ଅଧୀନରେ ଆୟୋଜିତ ହୋଇଥିଲା। ହସଖୁସିର ପରିବେଶ ସୃଷ୍ଟି କରିବା ସହିତ କନ୍ୟା ସନ୍ତାନଙ୍କ କଲ୍ୟାଣ ଏବଂ ଶିକ୍ଷା ପ୍ରତି ଗୁରୁତ୍ୱାରୋପ କରିବା ଏହି ପଦକ୍ଷେପର ପ୍ରମୁଖ ଲକ୍ଷ୍ୟ ଥିଲା। ଏହି ଉତ୍ସବରେ କିଶୋରୀ ବାଳିକା, ମହିଳା ଗୋଷ୍ଠୀ ଏବଂ ସ୍ଥାନୀୟ ଗ୍ରାମର ପିଲାମାନେ ରଙ୍ଗୋଲି, ମେହେନ୍ଦି ଏବଂ ଚିତ୍ରାଙ୍କନ ଭଳି ବିଭିନ୍ନ ପ୍ରତିଯୋଗିତାରେ ନିଜର ପ୍ରତିଭା ଏବଂ ଦକ୍ଷତାର ପ୍ରଦର୍ଶନ କରିଥିଲେ। ଏଥିସହ ଲିଙ୍ଗଗତ ସମାନତା ଓ ଝିଅମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର ବାର୍ତ୍ତା ନେଇ ଏକ ସଚେତନତା ଶୋଭାଯାତ୍ରା ମଧ୍ୟ ଆୟୋଜନ କରାଯାଇଥିଲା। ଏଏମ୍/ଏନ୍‌ଏସ୍ ଇଣ୍ଡିଆର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ବିଭାଗ ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ ଏଥିରେ ଯୋଗଦେଇଥିଲେ।

## ମା' ଧାନଧାୟୀ ଯୁବକ ସଂଘର ସରସ୍ୱତୀ ପୂଜା

ପଟ୍ଟାମୁଣ୍ଡାଇ,୩୦।୧(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଅନ୍ୟତମ ଅଗ୍ରଣୀ ସଂଗଠନ ବାଲିପଡ଼ା ଗ୍ରାମର ମା' ଧାନଧାୟୀ ଯୁବକ ସଂଘ ପକ୍ଷରୁ ନିଆରା ଢଙ୍ଗରେ ପାଳିତ ହେଉଛି ମା' ସରସ୍ୱତୀଙ୍କ ପୂଜା। ଏହା ଆସନ୍ତା ଫେବୃଆରୀ ୯ ତାରିଖରେ ସମାପ୍ତ ହେବ। ୧୮ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ପୂଜା ଉତ୍ସବରେ ଦୈନିକ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ମା' ସରସ୍ୱତୀଙ୍କ



ଏହି ପୂଜା ଉତ୍ସବକୁ ବାଲିପଡ଼ା ଗ୍ରାମର ଗଣପର୍ବ ଭାବେ ପାଳନ କରାଯାଉଥିବାବେଳେ ଏଥିରେ ଗ୍ରାମର ସବୁବର୍ଗର ଲୋକ ସାମିଲ ହେବାର ପରମ୍ପରା ରହିଛି। ରାଜନଗର ବିଧାୟକ ଧ୍ରୁବ ସାହୁ, କାଉନସିଲର ପ୍ରଶାନ୍ତ ବାରିକ, ବିଜେପି ଯୁବ ନେତା ମିଟୁ ମନୋଜ ନାୟକ, ରଞ୍ଜିତ ସାହୁ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବକ ସଂଘର ବରିଷ୍ଠ ସଭ୍ୟ ଅଶୋକ ସାହୁ, ବିଶ୍ୱଜିତ୍ ବିଶ୍ୱାଳ, ବିଶ୍ୱରଞ୍ଜନ ତ୍ରିପାଠୀ, ପବିତ୍ର ସାହୁ, ଶୁଭେନ୍ଦୁ ବିଶ୍ୱାଳ ପ୍ରମୁଖ ଉତ୍ସବ ପରିଚାଳନା କରୁଛନ୍ତି।

## ସଡ଼କ ବନ୍ଧୁ ସୁଶାନ୍ତ ତରାଇ ସମ୍ମାନିତ



ଆଳି,୩୦।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍‌ରେ ହେଉ କିମ୍ବା ବାହାନଗା ରେଳ ଦୁର୍ଘଟଣା ହେଉ, ଆହତଙ୍କୁ ତତ୍କାଳ ସେବା ଯୋଗାଇ ବହୁ ଜୀବନ ବଞ୍ଚାଇଥିବା ଆଳି ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ସଡ଼କ ବନ୍ଧୁ ସୁଶାନ୍ତ ତରାଇଙ୍କୁ ଆଳି ପଞ୍ଚାୟତ ସମିତି ପକ୍ଷରୁ ସମ୍ମାନିତ କରାଯାଇଛି। ପଞ୍ଚାୟତ ସମିତି ପକ୍ଷରୁ ସାଧାରଣତନ୍ତ୍ର ଦିବସ ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସୁଶାନ୍ତଙ୍କୁ ଉପଢୌକନ, ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଦୁର୍ଘଟଣାରେ ଆହତଙ୍କୁ ଉଦ୍ଧାର କରିବା ସହ ପ୍ରାଥମିକ ଚିକିତ୍ସା ଯୋଗାଇ ଦେଇ ବହୁ ଜୀବନ ବଞ୍ଚାଇ ଥିବାରୁ ସୁଶାନ୍ତ ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ, କେନ୍ଦ୍ରାପଡ଼ା ପରିବହନ ବିଭାଗ ସମେତ ଅନେକ ସାମାଜିକ ସଂଗଠନ ପକ୍ଷରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ସମ୍ବର୍ଦ୍ଧନା ଆଗକୁ ସେବା କାର୍ଯ୍ୟ ଜାରି ରଖିବା ପାଇଁ ଅଧିକ ପ୍ରେରଣା ଦେବ ବୋଲି ମତବ୍ୟକ୍ତ କରିଛନ୍ତି।

## ସରସ୍ୱତୀ ଶିଶୁମନ୍ଦିରରେ କନ୍ୟା ଦିବସ

ଆଳ,୩୦।୧(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବୌଦ୍ଧିକ ମଣ୍ଡପରେ ଜାତୀୟ କନ୍ୟା ଦିବସ ପାଳନ କରାଯାଇଛି। ଆଳି କୋର୍ଟର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ଦେବାନ ସତ୍ୟଦର୍ଶୀ ନନ୍ଦ ଯୋଗଦେଇ ଭ୍ରୂଣ ହତ୍ୟାଠାରୁ ଆରମ୍ଭ କରି ବୃଦ୍ଧାବସ୍ଥାରେ ଅବହେଳାର ଶିକାର ହେଉଥିବା ସମସ୍ତ ସମସ୍ୟାର ପ୍ରତିକାର ପାଇଁ ଭାରତୀୟ ନ୍ୟାୟିକ



ବ୍ୟବସ୍ଥାରେ ଥିବା ଆଇନ ବ୍ୟବସ୍ଥା ସହିତ ଛାତ୍ରଛାତ୍ରୀଙ୍କୁ ଶିଶୁ ଅଧିକାର ଓ ସେଥିପାଇଁ ଥିବା ଆଇନଗତ ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଇଥିଲେ। ପ୍ରଧାନଆଚାର୍ଯ୍ୟ ଅମର କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପରିଚାଳନା ପରିଷଦର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁଶାନ୍ତ ଦାଶ ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ନବନିଯୁକ୍ତ ପ୍ରମୋଦ ରାୟ, ପ୍ରଦୀପ୍ତ ରାୟ, ରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା'ଙ୍କ ସହିତ ବିଦ୍ୟୁତ ପରିଷଦ ଓ ପରିଚାଳନା ପରିଷଦର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମା' ଉପୁଳାଇ ବନଦୁର୍ଗାଙ୍କ ମାଘ ସପ୍ତମୀ ପୂଜା



ରାଜକନିକା,୩୦।୧(ସମିସ): ବରାଡ଼ିଆ ପଞ୍ଚାୟତ ଉପୁଳାଇର ଅଧିଷ୍ଠାତ୍ରୀ ଦେବୀ ମା' ଉପୁଳାଇଙ୍କ ମାଘ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ମାଘ ଷଷ୍ଠୀ ଦିନ ବିଲ୍ୱବରଣ, ସପ୍ତମୀରେ ସୂର୍ଯ୍ୟପୂଜା, ଗୋପୂଜା, କଳସ ଶୋଭାଯାତ୍ରା, ଅଷ୍ଟମୀରେ ମହାସ୍ନାନ ସହ ମହାଷ୍ଟମୀରେ ୭ ଶହ ଆହୁତିରେ ଚଣ୍ଡୀ ପାଠ କରାଯାଇଛି। ନବମୀରେ ନବକୁମାରୀ ପୂଜା ସହ ଦଶମୀରେ ଅପରାଜିତା ମା'ଙ୍କ ପୂଜାର୍ଚ୍ଚନା କରାଯାଇଛି। ପାଞ୍ଚଦିନ ବ୍ୟାପୀ ଏହି ମହୋତ୍ସବରେ ସ୍ଥାନୀୟ ୨୨ ଖଣ୍ଡ ମୌଜାର ଅଧିବାସୀ ସାମିଲ ହୋଇଥିଲେ।

## ଜୁଆଣିଆରେ ଭତ୍ତା ବଣ୍ଟନ

ଗୋବିନ୍ଦପୁର,୩୦।୧(ସମିସ): ଆଳି ବ୍ଲକ ଅନ୍ତର୍ଗତ ଜୁଆଣିଆ ପଞ୍ଚାୟତରେ ୫୧ ଜଣ ନୂତନ ହିତାଧିକାରୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସୁବ୍ରତ ନାୟକ ଭତ୍ତା ବଣ୍ଟନ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ମଞ୍ଜୁଲତା ଦାସ, ରାଧାକାନ୍ତ ପରିଡ଼ା, କିଶୋର ଥାଟୋଇ, ପ୍ରଦୀପ ପରିଡା, ଚୈତନ୍ୟ ଧଳ, ବାସୁଦେବ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ମହିଳା କମିଶନ ସଦସ୍ୟାଙ୍କ ଜଗତସିଂହପୁର ଗସ୍ତ

ଜଗତସିଂହପୁର,୩୦।୧(ସମିସ): ମହିଳା ମାନଙ୍କର ଆର୍ଥିକ ବିକାଶ ସହିତ ସାମାଜିକ ନିରାପତ୍ତା ତଥା ଓଡିଶା ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନାର ସଫଳ ରୂପାନ୍ତର ପାଇଁ ରାଜ୍ୟ ମହିଳା ଆୟୋଗ ତରଫରୁ ସମସ୍ତ ଜିଲ୍ଲାକୁ ଏହାର ସଦସ୍ୟା ମାନେ ଗସ୍ତ କରି ବିଭିନ୍ନ ପୁଲିସ୍ ଷ୍ଟେସନ, ଜେଲ୍, ସଖୀ-ୱାନ୍ ଷ୍ଟପ ସେଣ୍ଟର ଓ ଶକ୍ତି ସଦନ ନିରୀକ୍ଷଣ କରି କାର୍ଯ୍ୟକ୍ରମ ସମ୍ବନ୍ଧ ରେ, ସଠିକ୍ ପରାମର୍ଶ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଏହି କ୍ରମରେ ଆଜି ରାଜ୍ୟ ମହିଳା ଆୟୋଗ ସଦସ୍ୟା ପ୍ରତିଭା ଶତପଥି ଏକଦିବସୀୟ ଜଗତସିଂହପୁର ଜିଲ୍ଲା ଗସ୍ତ କରି ସର୍ବ ପ୍ରଥମେ ସଖୀ- ୱାନ ଷ୍ଟପ୍ ସେଣ୍ଟର୍ ଓ ଶକ୍ତି



ସଦନ ପରିଦର୍ଶନ କରିଥିଲେ। ଏହି ସମୟରେ ଉକ୍ତ ଅନୁଷ୍ଠାନ ମାନଙ୍କ କାର୍ଯ୍ୟ ଦକ୍ଷତା ସମୀକ୍ଷା କରିବା ସହିତ ହିଂସା ପୀଡିତା ମହିଳା ମାନଙ୍କୁ ସକାରାକକ ନିୟମ ଅନୁଯାୟୀ ସାହାଯ୍ୟ ସହଯୋଗ ଯୋଗାଇ ଦେବା, ଆଇନ୍ ସହାୟତା, ଡାକ୍ତରୀ ଚିକିତ୍ସା, ସାମୟିକ ରହଣି ବ୍ୟବସ୍ଥା ଇତ୍ୟାଦି ବିଷୟରେ ତର୍ଜମା କରିଥିଲେ। ଶକ୍ତି ସଦନରେ ରହୁଥିବା ଅନ୍ତେବାସିନୀ ମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ସମାଧାନ ଓ ଥଇଥାନ ବ୍ୟବସ୍ଥା ରେ ସନ୍ତୋଷ ପ୍ରକାଶ କରିଥିଲେ। ଏହାପରେ କୁଜଙ୍ଗ ଥାନାର ମହିଳା ଓ ଶିଶୁ ଡେସ୍କ ଏବଂ ସମାଗୋଳ ସ୍ଥିତ ଉପ କାରାଗାର ଯାଇ ମହିଳା ଓ ଶିଶୁ ମାନଙ୍କ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ, ସୁରକ୍ଷା ଅଧିକାରିଣୀ ରମଣୀ ଲାକ୍ରା, ମହିଳା ହବ୍‌ର କର୍ମକର୍ତ୍ତା ଇତ୍ୟାଦି ଉପସ୍ଥିତ ରହି ମହିଳା କମିଶନ ସଦସ୍ୟାଙ୍କୁ ସହଯୋଗ ପ୍ରଦାନ କରିଥିଲେ।

## ହରେକୃଷ୍ଣ ନୋଡାଲ ଉଚ୍ଚବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

ପଟ୍ଟାମୁଣ୍ଡାଇ,୩୦।୧(ସମିସ):ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଡାମରପୁର ପଞ୍ଚାୟତର ହରେକୃଷ୍ଣ ନୋଡାଲ ଉଚ୍ଚବିଦ୍ୟାଳୟର ୧୯୮୬ ବ୍ୟାଚ୍ ପୂର୍ବତନ ଛାତ୍ରଛାତ୍ରୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୦ ବର୍ଷ ପରେ ପୁନଃମିଳନ ହୋଇଥିବା ଛାତ୍ରଛାତ୍ରୀ ବିଦ୍ୟାଳୟ ଜୀବନର ସୁଖଦ ସ୍ମୃତିକୁ ମନେ ପକାଇଥିଲେ। ଏ ଅବସରରେ ପ୍ରାକ୍ତନ ଶିକ୍ଷକ ଦର୍ପନାରାୟଣ ମାହୁନ୍ତ, ନାରାୟଣ ବେହେରା, ପର୍ଶୁରାମ ପରିଡା ଓ ଉମାକାନ୍ତ ନାୟକ ଉପସ୍ଥିତ ରହି ପୂର୍ବତନ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ଓ ମାର୍ଗଦର୍ଶନ ଦେଇଥିଲେ। ଏବର୍ଷ ହେବାକୁ ଥିବା ହୀରକ ଜୟନ୍ତୀର ସଫଳ ରୂପାୟନ ପାଇଁ ପୂର୍ବତନ ଛାତ୍ରଛାତ୍ରୀ ସକ୍ରିୟ ସହଯୋଗ ଆହ୍ୱାନ ଦେଇଥିଲେ। ନୃସିଂହ ତରାଇ, ସରୋଜ ପରିଡ଼ା, ରମେଶ ରାଉଳ, ବସନ୍ତ ସାହୁ, ବାବନ ବେହେରା, ହିମାଂଶୁପଲାଇ, ସନ୍ଧ୍ୟାବତୀ ପରିଡ଼ା, ସରୋଜ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ମାଛଗାଁ ଧାନ ମଣ୍ଡି ଉଦ୍‌ଘାଟିତ



ବାଲିକୁଦା,୩୦।୧(ସମିସ): ବାଲିକୁଦା ବ୍ଲକ ମାଛଗାଁ ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ସମିତିର ସଭାପତି ଶିବଚରଣ ସ୍ୱାଇଁଙ୍କ ସଭାପତିତ୍ୱ ରେ ଆୟୋଜିତ ଉକ୍ତ ଉଦଘାଟନ ଉତ୍ସବରେ ଅତିଥିଭାବେ ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ଯୋଗଦେଇ ମଣ୍ଡି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ସଦସ୍ୟ ସରୋଜ କୁମାର ମହାପାତ୍ର, ସରପଞ୍ଚ ସଞ୍ଜୟ ସ୍ୱାଇଁ, ସମିତି ସଭ୍ୟ ନିରଞ୍ଜନ ଦାସ, ପୂର୍ବତନ ସରପଞ୍ଚ ପର୍ଶୁରାମ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସମ୍ପାଦକ ବିଚିତ୍ରା ନନ୍ଦ ନାୟକ, ନୋଡାଲ ଅଫିସର ବିଜୟ କୁମାର ଜେନା, ଶୁଭେନ୍ଦୁ ଶେଖର ଦାଶ,ସଞ୍ଜୟ ପାଳ, କାର୍ତ୍ତିକ ଚନ୍ଦ୍ର ଜେନା,ସମିତିର ସମସ୍ତ ସଦସ୍ୟ, କ୍ରୟ କମିଟିର ସମସ୍ତ ସଦସ୍ୟଙ୍କ ସହ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ପାରାଦୀପ ରିଫାଇନାରୀରେ ଆପାତକାଳୀନ ମକ୍‌ଡ୍ରିଲ୍

ପାରାଦୀପ,୩୦।୧(ସମିସ): ଆଇଓସିଏଲ୍ ପାରାଦୀପ ରିଫାଇନାରୀ ଦ୍ୱାରା ଲେବଲ୍-୩ ଆପାତକାଳୀନ ଏକ ମକ୍‌ଡ୍ରିଲ୍ ଆୟୋଜିତ ହୋଇଯାଇଛି। ରିଫାଇନାରୀ ବାହ୍ୟ ଅଞ୍ଚଳକୁ ପ୍ରଭାବିତ କରୁଥିବା ଘଟଣା ପାଇଁ ରିଫାଇନାରୀର ଜରୁରୀକାଳୀନ ପ୍ରତିକ୍ରିୟା ଓ ପ୍ରସ୍ତୁତିର ଯାଞ୍ଚ କରିବା ଏବଂ ଏହାର ସହଯୋଗୀମାନଙ୍କ ମିଳିତ ସହଯୋଗରେ ଯେ କୌଣସି ବିପର୍ଯ୍ୟୟ ପରିସ୍ଥିତିର ମୁକାବିଲା କରିବା ପାଇଁ ରିଫାଇନାରୀ ସବୁବେଳେ ପ୍ରସ୍ତୁତ।

ପାରାଦୀପ ରିଫାଇନାରୀର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନା ଅନୁଯାୟୀ ଏହି ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ପାରାଦୀପ ରିଫାଇନାରୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ରିଫାଇନାରୀ ପ୍ରମୁଖ କୌସିକ ବସୁ ପାରାଦୀପ ରିଫାଇନାରୀ ପରିଚାଳକଙ୍କ ଉପସ୍ଥିତିରେ ଏକ ବୈଠକରେ ପୌରୋହିତ୍ୟ କରିଥିଲେ। ଡେପୁଟି କଲେକ୍ଟର ସୌଦା ନୟାଲ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ଥାନୀୟ ଅଧିକାରୀ ପୁସ୍କର ଚନ୍ଦ୍ର ବେହେରା ପ୍ରମୁଖ ଏହି ଡ୍ରିଲ୍ ନିରୀକ୍ଷଣ କରିଥିଲେ। ପାରାଦୀପ ଅଞ୍ଚଳର ବିଭିନ୍ନ ଶିଳ୍ପସଂସ୍ଥାର ଅଧିକାରୀ, ଅଗ୍ନିଶମ ବାହିନୀ ଏହି ଡ୍ରିଲ୍‌ରେ ସାମିଲ ହୋଇଥିଲେ। ରିଫାଇନାରୀ ଉତ୍ତର ପାଶ୍ୱର୍ରେ ଥିବା ଏକ ଷ୍ଟୋରେଜ୍ ଟ୍ୟାଙ୍କରୁ ଇଥିଲିନ୍ ଲିକ୍ ହେବା ପରିସ୍ଥିତି ଅନୁମାନ କରାଯାଇଥିଲା। ଏହାର ନିୟନ୍ତ୍ରଣ ସଫଳାତାର ସହିତ କରାଯାଇଥିଲା।

## ଇଫ୍‌କୋ ପକ୍ଷରୁ ଫୁଲ୍ ସ୍କେଲ୍ ମକ୍‌ଡ୍ରିଲ୍

ପାରାଦୀପ,୩୦।୧(ସମିସ): ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ରାସାୟନିକ, ଜୈବିକ, ରେଡିଓ ଲୋଜିକାଲ ଓ ପାରମାଣବିକ ମକଡ୍ରିଲ୍ ଜିଲ୍ଲା ପ୍ରଶାସନ ସହଯୋଗ ରେ ଆୟୋଜିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ, ଏନଡିଆରଏଫ, ପାରାଦୀପ ବନ୍ଦର, ସ୍ଥାନୀୟ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତରଳ ଆମୋନିଆ ଜାହାଜରୁ ପରିବହନ ସମୟରେ ଆମୋନିଆ ଗଚ୍ଛିତ ଥିବା ଟ୍ୟାଙ୍କ-ଡି ନିକଟରେ ନିର୍ଗତ ହେଉଥିବା ଖବର ଆସିଥିଲା। ଏହାକୁ ତୁରନ୍ତ ଦକ୍ଷତାର ସହିତ ଅନସାଇଟ୍ରେ ଇଫକୋ ପକ୍ଷରୁ ମରାମତି କରାଯାଇ ନିର୍ବାପିତ କରାଯାଇଥିଲା। ଯଦି ଭବିଷ୍ୟତରେ ଏହି ପରି ଆମୋନିଆ ନିର୍ଗତ ହୁଏ ତେବେ ଏହାକୁ କିପରି ତୁରନ୍ତ ଦକ୍ଷତାର ସହିତ ନିର୍ବାପନ କରାଯାଇ ପାରିବ ଏହି ନମୁନା ପ୍ରଦର୍ଶିତ ହୋଇଥିଲା। ଏହି ମକ୍ଡ୍ରିଲ୍ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସୟେଦା ନୟେଲା, ଏଫ ଆଣ୍ଡବିର ସହକାରୀ ନିର୍ଦ୍ଦେଶକ ସି.ଏସ.ବେହେରା, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ଥାନୀୟ ଅଧିକାରୀ ପିସି ବେହେରା, ଏନ୍‌ଡିଆରଏଫ କଟକର ସେକେଣ୍ଡ-ଇନ୍-କମାଣ୍ଡ ଡ. ତୀର୍ଥବାଶୀ ସାହୁ, ଇଫକୋ ୟୁନିଟ୍ ହେଡ୍ ପି.କେ.ମହାପାତ୍ରଙ୍କ ସମେତ ଶିଳ୍ପସଂସ୍ଥାର ପ୍ରତିନିଧି, ଦମକଳ ବାହିନୀ, ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ଇଫକୋର ଫାୟାର ଏଣ୍ଡ ସେଫଟି ବିଭାଗର ଏହି ଦକ୍ଷତାର ଉଚ୍ଚ ପ୍ରଶଂସା କରିଥିଲେ।



## ଦାନପୁର ବିଦ୍ୟାଳୟର କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ



ଡେରାବିଶ, ୩୦।୧(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦାନପୁର ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ୧୦୦ ମି., ୨୦୦ ମି. ଦୌଡ଼, ଅଙ୍କ ଦୌଡ଼, ପୁଚି, ଦଉଡ଼ି ଡିଆଁ, ସଟ୍‌ପୁଟ୍, ଡିସ୍‌କସ୍ ଓ ଜାଭେଲିନ୍ ଥ୍ରୋ, ମ୍ୟୁଜିକ୍ ଚେୟାର ଆଦି ଖେଳ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ପ୍ରଧାନଶିକ୍ଷକ ଜୀବନ କୁମାର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ଉମେଶ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ମୁକୁନ୍ଦପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିଶ୍ୱଜିତ ମୁଦୁଲି, ନରସିଂହପୁର ୟୁପି ସ୍କୁଲ ପ୍ରଧାନଶିକ୍ଷକ ସଂଜୀବ ଦ୍ୱିବେଦୀ, ଦାନପୁର ସମିତିସଭ୍ୟା ପ୍ରିୟତମା ଦାଶ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ବ୍ରଜେଶ୍ୱରୀ ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ବୈଜୟନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହିରନ୍‌ମୟୀ ଷଡ଼ଙ୍ଗୀ ଓ ସଭ୍ୟସଭ୍ୟା ସହଯୋଗ କରିଥିଲେ।

## ଜଗତସିଂହପୁର ସାହିତ୍ୟ ପରିଷଦର ସାଂଗଠନିକ ବୈଠକ

ଜଗତସିଂହପୁର,୩୦।୧(ସମିସ): ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ବଡ଼ବଜାର ସ୍ଥିତ ମା'ତାରାଦେବୀଙ୍କ ମନ୍ଦିର ପରିସରରେ ପରିଷଦର ସାଙ୍ଗଠନିକ ବୈଠକ ସଭାପତି ତଥା ବିଶିଷ୍ଟ କଥାଶିଳ୍ପୀ ଇଂ. ବିଷ୍ଣୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଟ୍ୟକାର କୈଳାସ ମଲ୍ଲିକ ଓ କବି ଅଜୟ କୁମାର ବେହେରା ପ୍ରମୁଖ ଯୋଗ ଦେଇ ସାଙ୍ଗଠନିକ ଆଲୋଚନା କରିଥିଲେ। ଏଥିରେ ବାର୍ଷିକ ଉତ୍ସବର ଆୟବ୍ୟୟର ସମୀକ୍ଷା କରାଯାଇଥିଲା। ପରେ ନାଟ୍ୟକାର ଗଣେଶ ମହାନ୍ତି, କବି ବଂଶୀଧର ବେହେରା, ପରୀକ୍ଷିତ ମହାନ୍ତି, ସନ୍ତୋଷ ଦାସ, ସବ୍ୟସାଚୀ ତ୍ରିପାଠୀ, ଧୀରେନ୍ଦ୍ର ବେହେରା, ସରୋଜ ମହାପାତ୍ର ପ୍ରମୁଖ ବାର୍ଷିକ ଉତ୍ସବ ସଫଳତା ଉପରେ ଆଲୋଚନା କରିଥିଲେ। ତତ୍ପରେ ଆଗାମୀ ବାର୍ଷିକ ଉତ୍ସବର ରୂପରେଖ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ସମ୍ପାଦକ ଉମାକାନ୍ତ ନାୟକ ସ୍ୱାଗତ ଭାଷଣ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିବା ବେଳେ ପରିଷଦର ସଂଗଠନ ସମ୍ପାଦକ ରମେଶ ବହିରା ଧନ୍ୟବାଦ ଅର୍ପଣ କରିଥିଲେ।



## ପାରାଦୀପରେ ୨ରୁ ଆନ୍ତର୍ଜାତିକ ନାଟ୍ୟ ଉତ୍ସବ 'ଭାରତ ରଙ୍ଗ ମହୋତ୍ସବ'

ପାରାଦୀପ,୩୦।୧(ସମିସ)

ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ, ପାରାଦୀପ ବନ୍ଦର ଓ ବନ୍ଦର ନଗରୀର ଅଗ୍ରଣୀ ଅନୁଷ୍ଠାନ କାନ୍‌ମାସର ମିଳିତ ଆନୁକୂଲ୍ୟରେ ଫେବୃଆରୀ ୨ରୁ ୬ ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତିକ ନାଟ୍ୟ ମହୋତ୍ସବ 'ଭାରତ ରଙ୍ଗ ମହୋତ୍ସବ' ପାରାଦୀପ ଜୟଦେବ ସଦନ ଠାରେ ଆୟୋଜିତ ହେବାକୁ ଯାଉଛି। ଏହି ମହୋତ୍ସବ ଭାରତର ୪୩ ଗୋଟି ସହରରେ ଆୟୋଜିତ ହେବ ଏବଂ ସେଥି ମଧ୍ୟରୁ ପାରାଦୀପ ଅନ୍ୟତମ। ଯାହାକି




ପାରାଦୀପବାସୀଙ୍କ ପାଇଁ ଗୌରବର ବିଷୟ ବୋଲି ଆଜି ଅଫିସର୍ କ୍ଲବ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କାନ୍‌ମାସର ବରିଷ୍ଠ ସଦସ୍ୟ ତଥା ବନ୍ଦର ସିଏମଇ ସୁଶିଲ ନାହକ, ସମ୍ପାଦକ ଶ୍ରୀମନ ମିଶ୍ର ପ୍ରକାଶ କରିଛନ୍ତି। ଏହି ଅବସରରେ ରଙ୍ଗ ମହୋତ୍ସବର ପୋଷ୍ଟର ପ୍ରଦର୍ଶିତ ହୋଇଥିଲା। ଆସନ୍ତା ୨ ତାରିଖ ଉଦଘାଟନୀ ସନ୍ଧ୍ୟାରେ ପ୍ରସିଦ୍ଧ କଳାକାର କେ. ଶ୍ରୀନିବାସ ରାଓ, ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଧ, ସିନେ କଳାକାର ସମରେଶ ରାଉତରାୟ, ସ୍ତମ୍ଭକାର ଗୌରହରି ଦାସ, ପାରାଦୀପ ରିଫାଇନରୀ ମୁଖ୍ୟ କୌସିକ ବସୁ ଆନୁଷ୍ଠାନିକ ଭାବେ ମହୋତ୍ସବଟିକୁ ଉଦଘାଟନ କରିବେ। ଏହି ମହୋତ୍ସବରେ ଭୁବନେଶ୍ୱର, କଲିକତା, ମୁମ୍ବାଇ ଓ ଶ୍ରୀଲଙ୍କାର ନାଟ୍ୟ ଅନୁଷ୍ଠାନ ମାନେ ଓଡ଼ିଆ, ଉର୍ଦ୍ଧୁ, ହିନ୍ଦୀ, ବଙ୍ଗଳା ଓ ସିଂହଳି ଭାଷାରେ ନାଟକ ପରିବେଷଣ କରିବେ। ପ୍ରଥମ ଥର ପାଇଁ ଶ୍ରୀଲଙ୍କାର ନାଟ୍ୟ ଅନୁଷ୍ଠାନର କଳାକାର ଆସନ୍ତା ୫ ତାରିଖ ସେମାନଙ୍କର ସିଂହଳି ଭାଷାର ନାଟକ ମଞ୍ଚସ୍ଥ କରିବେ ଯାହାକି ପାରାଦୀପ ପରି ସହର ପାଇଁ ଗୌରବ ଆଣିଦେବ।। ଆଜିର ସାମ୍ବାଦିକ ସମ୍ମିଳନୀରେ କାନ୍‌ମାସର ମିଡ଼ିଆ ସଂଯୋଜକ ନିରୋଜ ପଟ୍ଟନାୟକ ଉପସ୍ଥିତ ଥିଲେ ଓ ଆନ୍ତର୍ଜାତିକ ନାଟ୍ୟ ମହୋତ୍ସବ ରଙ୍ଗ ମହୋତ୍ସବର ଅଧିକ ପ୍ରଚାର ପ୍ରସାର ପାଇଁ ଅନୁରୋଧ କରିଥିଲେ। ପାରାଦୀପ ଅଞ୍ଚଳ ର ସମସ୍ତ ଗଣମାଧ୍ୟମ ଙ୍କୁ ଉଦଘାଟନୀ ସନ୍ଧ୍ୟାରେ ଉପସ୍ଥିତ ରହି ନାଟକକୁ ଉପଭୋଗ କରିବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

### ଗୋପାଳପୁର ଆଞ୍ଚଳିକ ଲୋକ ମହୋତ୍ସବର ୫ମ ସନ୍ଧ୍ୟା

# ବିକାଶର କର୍ଣ୍ଣଧାର ସାଜିବାକୁ ଯୁବବର୍ଗଙ୍କୁ ଆହ୍ୱାନ

ବାହାନଗା, ୩୦।୧(ସମିସ)



ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଗୋପାଳପୁରଠାରେ ଗତ ୨୬ ତାରିଖରେ ଆରମ୍ଭ ହୋଇଥିବା ଗୋପାଳପୁର ଆଞ୍ଚଳିକ ଲୋକ ମହୋତ୍ସବ ଆଜି ୫ମ ଦିବସରେ ପହଞ୍ଚିଛି। ପଞ୍ଚମ ସନ୍ଧ୍ୟାରେ ବିଜୁ ଜନତା ଦଳର ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏଥିରେ ଯୋଗଦେଇଥିଲେ। ଶ୍ରୀ ଦାସଙ୍କୁ ଅଞ୍ଜି ଛକ ନିକଟରୁ ଏକ ବାଇକ୍ ଶୋଭାଯାତ୍ରାରେ ଗୋପାଳପୁର ପଞ୍ଚାୟତ କାର୍ଯ୍ୟାଳୟକୁ ମହୋତ୍ସବ କମିଟି ସଦସ୍ୟଙ୍କ ସହ ଶହ ଶହ ଜନସାଧାରଣ ପାଛୋଟି ଆଣିଥିଲେ। ଗୋପାଳପୁର ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ନିର୍ମାଣ ହୋଇଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ପରେ ଆଜିର ଗୋପାଳପୁର ଆଞ୍ଚଳିକ ଲୋକ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମହୋତ୍ସବ କମିଟିର ଆବାହକ ଅଶ୍ୱିନୀ କୁମାର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ଯୋଗଦେଇ ଗ୍ରାମାଞ୍ଚଳରେ ଗଢ଼ି ଉଠିଥିବା ମହୋତ୍ସବକୁ ପ୍ରଶଂସା କରିଥିଲେ। ବିଜେଡି ସରକାରଙ୍କ ସମୟରେ ଅଞ୍ଚଳରେ ହୋଇଥିବା ବିକାଶକୁ ଦେଖି ଖୁସି ଅନୁଭବ କରିବା ସହ ସ୍ଥାନୀୟ ସୋର ବିଧାୟକଙ୍କ ଲୋକପ୍ରିୟତା ଏବଂ ଲୋକଙ୍କ ଭଲ ପାଇବାକୁ ଦେଖି ଅଞ୍ଚଳବାସୀଙ୍କୁ ପ୍ରଶଂଶା କରିଥିଲେ। ଭାଇଚାରା ସହ ଏହି ମହୋତ୍ସବକୁ ଆଗକୁ ନେବାକୁ ସମସ୍ତଙ୍କ ଉଦ୍ୟମ ରହିବା ଜରୁରୀ। ଅଞ୍ଚଳର ବିକାଶର କର୍ଣ୍ଣଧାର ସାଜିବାକୁ ଯୁବବର୍ଗଙ୍କୁ ଆହ୍ୱାନ ଦେଇଥିଲେ। ଯୁବବର୍ଗ ନିଜ ଅଞ୍ଚଳ ପାଇଁ ବିକାଶର କର୍ଣ୍ଣଧାର ହୁଅନ୍ତୁ ବୋଲି କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରୀ ପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ସୋର ବିଧାୟକ ମାଧବ ଧଡ଼ା, ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ, ୪୫ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟ ଜୟରାମ ଦାଶ(ନେପୁ) ଯୋଗଦେଇ ଗ୍ରାମାଞ୍ଚଳରେ ମହୋତ୍ସବ କରି ଭାଇଚାରା ମାଧ୍ୟମରେ ସମସ୍ତଙ୍କୁ ବାନ୍ଧି ରଖି ଆଗକୁ ବଢ଼ିଲେ ମହୋତ୍ସବ ଏକ ବଡ଼ ମହୋତ୍ସବ ଭାବେ ଗ୍ରାମାଞ୍ଚଳରୁ ଯାଇ ଜିଲ୍ଲା ତଥା ରାଜ୍ୟ ସ୍ତରରେ ଶ୍ରେଷ୍ଠ ମହୋତ୍ସବ ଭାବେ ପରିସ୍ଫୁଟିତ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଗ୍ରାମାଞ୍ଚଳରେ ହେଉଥିବା ଏହି ମହୋତ୍ସବକୁ ଆଗକୁ ନେବାକୁ ନିବେଦନ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ନୀଳାମ୍ବର ମହାଳିକ (ବଟ) ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହୋତ୍ସବ କମିଟିର ସଦସ୍ୟ ସୁକାନ୍ତ ବିନ୍ଧାଣୀ, ସରୋଜ ମିଶ୍ର, ଦିବ୍ୟ ରଞ୍ଜନ ପାଢ଼ୀ, କୃଷ୍ଣମୋହନ ଦାସ, କୌଶର ଖାଁ, ଈଶ୍ୱର ଦଳେଇ, ସୌଭାଗ୍ୟ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଏହି ଆଞ୍ଚଳିକ ମହୋତ୍ସବ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି।

## ରେଳ ଓଭର ବ୍ରିଜ୍ ରାସ୍ତା ପୁନଃନିର୍ମାଣ ଦାବିକଲା ବଣିକ ସଂଘ

**ସୋର, ୩୦।୧(ସମିସ):** ସୋର ପୂର୍ତ୍ତ ବିଭାଗ ଅଧୀନ କୁପାରୀ-ଅନନ୍ତପୁର ରାଜ୍ୟ ରାଜପଥ ସୋର ରେଳ ଓଭରବ୍ରିଜ୍ ଉପରର ରାସ୍ତାର ଅବସ୍ଥା ଅତ୍ୟନ୍ତ ଅସୁକ୍ଷିତ ହୋଇ ପଡ଼ିଥିବାବେଳେ ବିଭିନ୍ନ ସ୍ଥାନରେ ପିଚୁ ଉଠି ଖାଲଖମା ହୋଇଗଲାଣି। ଏଥିସହିତ ରେଳ ବ୍ରିଜ୍ ସ୍ଲାବ୍‌ର ଦୁଇ ପାର୍ଶ୍ୱରେ ରବର ପ୍ୟାଚ୍ ଉପରୁ ପିଚୁ ଉଠିଯାଇ ଅଧିକ ବିପଦ ସୃଷ୍ଟି କରୁଛି। ଏହାକୁ ପୁନଃନିର୍ମାଣ କରାଯାଇ ବ୍ରିଜ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମତଳ କରାଯିବା ପାଇଁ ସୋର ବଣିକ ସଂଘ ତରଫରୁ ଦାବି କରାଯାଇଛି। ଆଜି ପୂର୍ବାହ୍ନରେ ସୋର ବଣିକ ସଂଘର ସଭାପତି ସନ୍ତୋଷ କୁମାର ମହାନ୍ତି ଏବଂ ଅନ୍ୟ କର୍ମକର୍ତ୍ତା ସୋର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ଏସ୍‌ଡିଓ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୧୯ ମସିହାରେ ନିର୍ମିତ ଏହି ବ୍ରିଜ୍‌ର ରେଳ ସ୍ଲାବର ଉଭୟ ପାଶ୍ୱର୍ରେ ଲାଗିଥିବା ରବର ପ୍ୟାଚ୍‌କୁ ଖୋଲା ନରଖି ଏହା ଉପରେ ପିଚୁ ପକାଇ ଦେଇଥିବାରୁ ଏହା ଶୀଘ୍ର ଉଠିଯିବା ଫଳରେ ଖାଲ ହୋଇଯାଇଛି। ଫଳରେ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହା ବ୍ୟତୀତ ବ୍ରିଜ୍ ଉପରର ରାସ୍ତାର ଉଭୟ ପାଶ୍ୱର୍ରେ ପିଚୁ ଉଠିଯାଇ ବଡ଼ ବଡ଼ ଗାତଖାଲ ହୋଇଯିବା ଫଳରେ ଏବେ ଯାତ୍ରୀମାନଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ଅଧିକାଂଶ ସମୟରେ ଛୋଟ ବଡ଼ ଦୁର୍ଘଟଣା ମାନ ଦେଖିବାକୁ ମିଳୁଥିବା ବେଳେ ଏହା ଦିନକୁ ଦିନ ଅଧିକ ଖରାପ ହେବାରେ ଲାଗିଛି। ଏହି ବ୍ରିଜ୍ ଦେଇ ଦୈନିକ ହଜାର ହଜାର ସଂଖ୍ୟାର ଗାଡ଼ି ମଟର ଏବଂ ଭାରିଯାନ ଯାତାୟାତ କରୁଥିବାରୁ ଏହା ଆହୁରି ଖରାପ ହେବା ସହିତ ବିଶେଷ କରି ବାଇକ୍ ଗୁଡ଼ିକ ପାଇଁ ଅଧିକ ବିପଦ ସୃଷ୍ଟି କରୁଛି। ଓଭର ବ୍ରିଜ୍ ନିର୍ମାଣକୁ ୬ବର୍ଷ ବିତି ଯାଇଥିବା ବେଳେ ବିଭାଗ ତରଫରୁ ଏହାର ପ୍ୟାଚ୍ ପକାଇ ମରାମତି କରାଯାଉ ଥିଲେ ସୁଦ୍ଧା ଦିନକୁ ଦିନ ଏହାର ରାସ୍ତା ଆହୁରି ଖରାପ ହୋଇଯାଉଛି। ଯାହା ଫଳରେ ଏହି ବ୍ରିଜ୍ ଆଗାମୀ ଦିନରେ ବିପଦର କାରଣର ପାଲଟି ପାରେ ବୋଲି ବଣିକ ସଂଘ ପ୍ରଶ୍ନ ଉଠାଇଛି। ଏହି ବ୍ରିଜ୍ ରାସ୍ତାକୁ ଉତ୍ତରେଶ୍ୱରଠାରୁ ପୁରୁବାଇ କନ୍ୟାଶ୍ରମ ପର୍ଯ୍ୟନ୍ତ ପୁନଃନିର୍ମାଣ କରାଯିବା ପାଇଁ ଏହି ସଂଘ ଦାବି କରିଛି।

## ଅଭୟାରଣ୍ୟ ଅଞ୍ଚଳରୁ ୩ ଶିକାରୀ ଗିରଫ




**ନୀଳଗିରି, ୩୦।୧(ସମିସ):** ନୀଳଗିରି କୁଲଡିହା ଅଭୟାରଣ୍ୟ ପାଦଦେଶ ଅଞ୍ଚଳରୁ ୨ଜଣ ବଜ୍ରକାପ୍ତା କାତି ବେପାରୀ ଗତ ଜାନୁଆରୀ ୨୨ତାରିଖ ଗୁହିରା ଛକ ନିକଟରେ ଗିରଫକରିଥିବା ବେଳେ ସୁକ୍ରବାର ଆଉ ଜଣେକୁ ଗିରଫ କରିଥିବା କୁଲଡ଼ିହା ରେଞ୍ଜର ସୁବ୍ରତ ବେହେରାଙ୍କ ସୂଚନା। ସେମାନଙ୍କ ନିକଟରୁ ମାତ୍ର ୪ଟି କାତି ସହିତ ୩ଟି ଛୁରୀ ସହ ମୋବାଇଲ ଜବତ କରିଥିବା ଜଣାଯାଇଛି।

## ମହାଶିବରାତ୍ରି ପାଳନ ଲାଗି ପ୍ରସ୍ତୁତି ବୈଠକ



**ଚନ୍ଦନେଶ୍ୱର, ୩୦।୧(ସମିସ):** ଆସନ୍ତା ଫେବୃଆରୀ ୧୫ତାରିଖ ମହାଶିବ ରାତ୍ରି(ଜାଗର)। ଏହି ଅବସରରେ ବାଲେଶ୍ୱର ଜିଲ୍ଲା ଭୋଗରାଇର ବାବା ଭୂଷଣ୍ଡେଶ୍ୱରଙ୍କ ନିକଟରେ ମହାଶିବରାତ୍ରି ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜାଗରରେ ୧ଲକ୍ଷ ଦୀପ ଜଳିବାର ନିଷ୍ପତ୍ତି ହୋଇଛି। ଭୋଗରାଇର କୁମ୍ଭୀରଗଡ଼ି ପଞ୍ଚାୟତ ଅଧୀନ ବଙ୍ଗୋପସାଗର ଓ ସୁବର୍ଣ୍ଣରେଖା ମୁହାଣରେ ଅବସ୍ଥିତ ଆଦ୍ୟ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱର। ପ୍ରତିଦିନ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ଏଠାରେ ପୂଜାର୍ଚ୍ଚନା ଓ ଦର୍ଶନ ପାଇଁ ଭିଡ଼ ଜମାନ୍ତି। ତେବେ ମହା ଶିବରାତ୍ରି, ଶ୍ରାବଣ ପୂର୍ଣ୍ଣିମା ଏବଂ ଚଡ଼କ ମେଳାରେ ଏଠାରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହାକୁ ଲକ୍ଷ୍ୟ କରି ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆ ଯାଇଥାଏ। ଏ ନେଇ ଆୟୋଜିତ ବୈଠକକୁ ଟ୍ରଷ୍ଟ ବୋର୍ଡର ନିର୍ବାହୀ ଅଧିକାରୀ ତଥା ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ ପୌରୋହିତ୍ୟ କରିଥିଲେ। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ମେଳାକୁ ସୁଚାରୁରୂପେ ପାଳନ ଏବଂ ନିର୍ମାଣାଧୀନ ନୂତନ ମନ୍ଦିର ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଅନନ୍ତ ଦାସ ଫାଉଣ୍ଡେସନର କାର୍ଯ୍ୟକାରୀ ସଭାପତି ଇଂ ଅଭିଜିତ ଦାସ, ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କମଳାକାନ୍ତ ଜେନା, ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ବେହେରା, ପୂର୍ବତନ ସରପଞ୍ଚ ରତନ ବାଗ, ସମାଜସେବୀ ନିଶିକାନ୍ତ ସାହୁ, ଭବେନ୍ଦ୍ର ସାହୁ, ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସୁଚିନ୍ତିତ ମତାମତ ରଖିଥିଲେ।

## ଜୀବନ ଜିଇଁବାକୁ ରାହା ଖୋଜୁଛନ୍ତି ଅସହାୟ ଭାଇଭଉଣୀ

**ଜଳେଶ୍ୱର ବ୍ଲକ, ୩୦।୧(ସମିସ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପଞ୍ଚାୟତ ସମିତି ଅଧୀନସ୍ଥ ଶ୍ୟାମନଗର ଗ୍ରାମ ପଞ୍ଚାୟତର ଘଷିପଦା ଗ୍ରାମର ଟେଟେଜ୍ ବେଶ୍ରା ଓ ତାଙ୍କ ଧର୍ମ ପତ୍ନୀ ସୁଲେଖା ବେଶ୍ରା ଦାଦନ ଖଟିବାକୁ ୨ ବର୍ଷ ପୂର୍ବେ ତାମିଲନାଡୁ ଯାଇ ଆଉ ଘରକୁ ଫେରି ନାହାନ୍ତି। ସେମାନଙ୍କୁ କୌଣସି ଯୋଗାଯୋଗ ନଥିବା ହେତୁ ତାଙ୍କର ଦୁଇ ଶିଶୁ ପ୍ରିୟଙ୍କା (୫) ଓ ମନୋଜ ୧୦ ବର୍ଷର କିଛି ଦିନ ପଶ୍ଚିମ ବଙ୍ଗର ମାମୁ ଘରେ ରହି ଆସୁଥିଲେ। ସେଠାରେ ସେମାନେ ଖାଦ୍ୟ ପାନୀୟର ଅଭାବରୁ ରୋଗାଗ୍ରସ୍ତ ହେବାକୁ ବସିଲାଣି। ଯାହାକୁ ଦେଖି ତାଙ୍କର ପଡ଼ୋଶୀ ସମ୍ପର୍କୀୟ ଜେଜେ ବାପା କିନ୍ତୁ ଏହି ଦୁଇ ପିଲାର ଲାଳନପାଳନ କରୁଛନ୍ତି। କିନ୍ତୁ ତାଙ୍କର ମଧ୍ୟ ଆର୍ଥିକ ସାମର୍ଥ୍ୟ ଅଭାବ ହେତୁ ଏହି ଅସହାୟ ଦୁଇ ପିଲାଙ୍କ ପାଠ ପଢ଼ା ଡୋରି ଲାଗିଛି। ଯଦି ଏମାନଙ୍କୁ ସରକାରୀ ସ୍ତରରେ ଏହି ଅସହାୟ ପିଲାଙ୍କୁ ଉଦ୍ଧାର କରି କୌଣସି ସରକାରୀ ଛାତ୍ରାବସ୍ଥାରୁ ରଖାଯାଇ ପାରନ୍ତା ତାହେଲେ ଉଭୟ ଭାଇ ଭଉଣୀ ଦୁଇଜଣ ପାଠ ପଢ଼ି ଦିନେ ସ୍ୱାବଲମ୍ବୀ ହୋଇ ପାରିବେ ବୋଲି ଗ୍ରାମ ପଞ୍ଚାୟତର ସରପଞ୍ଚ ଗିରିଜା ଶଙ୍କର ସାସମଲ କହିଛନ୍ତି। ଏ ନେଇ ଆମେ ଜଳେଶ୍ୱର ସାମାଜିକ ଶିଶୁ ମଙ୍ଗଳ ଅଧିକାରୀ ମିନତି ସିଂଙ୍କୁ ପଚାରିବାରୁ ସେ କହିଥିଲେ କି ଆମେ ତୁରନ୍ତ ଦୁଇ ଅସହାୟ ପିଲାଙ୍କୁ ଉଦ୍ଧାର କରି ସରକାରୀ ନୀୟମ ଅନୁଯାୟୀ ତାଙ୍କର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାର ବନ୍ଦୋବସ୍ତ କରାଇବୁ।

## ପଥର ଖାଦାନରେ ଚଢ଼ଉ; ନିଲାମ ହେଲା ଜବତ ପଥର

**ସୋର, ୩୦।୧(ସମିସ):** ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଖଞ୍ଜାମାହାଲ ପଥର ଖାଦାନରେ ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ପଥର ଜବତ କରିଥିବା ବେଳେ ଅପରାହ୍ନରେ ଏହାକୁ ଅଠର ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ନିଲାମ କରାଯାଇଛି। ସୂଚନା ଅନୁସାରେ ଆଜି ସକାଳେ ଖାଦାନରେ ବେଆଇନ ବ୍ଲାଷ୍ଟିଂ ହୋଇଥିବା ଖବର ପାଇ ସୋର ତହସିଲଦାର ଦୈତାରୀ ମଲ୍ଲିକ ଚଢ଼ାଉ କରିଥିଲେ। ଏହି ସମୟରେ ୬୮ ନମ୍ବର କ୍ୱାରୀ ନିକଟରୁ ୧୦୦୦ କ୍ୟୁବି ମିଟର ପଥର ଏବଂ ୮୮ ନମ୍ବର କ୍ୱାରୀ ନିକଟରୁ ୨୦୦୦ କ୍ୟୁବି ମିଟର ପଥର ଜବତ କରିଥିଲେ। ଅପରାହ୍ନରେ ଅତିରିକ୍ତ ତହସିଲଦାର ସଞ୍ଜୀବ ପାତ୍ର ଏବଂ କନିଷ୍ଠ ଖଣି ଅଧିକାରୀ ସମ୍ବିତ ମଣି କ୍?ାରୀରେ ପହଞ୍ଚି ଜବତ ପଥରକୁ ୧୮ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାରେ ନିଲାମ କରିଥିଲେ।

## ସତୀଶ ପଣ୍ଡାଙ୍କୁ 'ସୁବିଦ୍ୟା ସମ୍ମାନ'



**ଭୋଗରାଇ, ୩୦।୧(ସମିସ):** ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସତୀଶ ଚନ୍ଦ୍ର ପଣ୍ଡାଙ୍କୁ ଶ୍ରୀକ୍ଷେତ୍ର ପୁରୀସ୍ଥିତ କେଶବ-ସୁଭଦ୍ରା ଫାଉଣ୍ଡେସନ ପକ୍ଷରୁ ସୁବିଦ୍ୟା ସମ୍ମାନରେ ସମ୍ମାନିତ କରାଯାଇଛି। 'ପାଶ୍ଚାତ୍ୟ ଦର୍ଶନମ୍ ନବଦ୍ରବ୍ୟବିମର୍ଶଃ, ଆଚାର୍ଯ୍ୟ ଚାଣକ୍ୟ', 'ନ୍ୟାୟ ମାଧୁରୀ କର୍ତ୍ତବ୍ୟ ହି ଭଗବାନ' ଇତ୍ୟାଦି ପୁସ୍ତକର ରଚୟିତା ତଥା ବାଗ୍ମୀ ପ୍ରବକ୍ତା ଡଃ ପଣ୍ଡାଙ୍କୁ ଜଣେ ବିଶିଷ୍ଟ ସାରସ୍ୱତ ସାଧକ ଭାବେ ଏହି ସମ୍ମାନ ପ୍ରଦାନ କରାଯାଇଛି। ମାଘ ସପ୍ତମୀ ଅବସରରେ ଆୟୋଜିତ ବାଗ୍‌ଦେବୀ ମହୋତ୍ସବରେ ଫାଉଣ୍ଡେସନର ଅଧ୍ୟକ୍ଷ ପ୍ରଫେସର କେଶବ ଚନ୍ଦ୍ର ଦାସ ଏବଂ ପ୍ରଫେସର ଅରୁଣ ରଞ୍ଜନ ମିଶ୍ରଙ୍କ ନିକଟରୁ ଡଃ ପଣ୍ଡା ଏହି ସମ୍ମାନ ଗ୍ରହଣ କରିଥିଲେ। ଡଃ ପଣ୍ଡା ଏହା ପୂର୍ବରୁ ଶାସ୍ତ୍ର ଚୂଡ଼ାମଣି, ଗ୍ଲୋବାଲ ଆଇକୋନିକ ଏଜୁକେସନ ଆୱାର୍ଡ ଇତ୍ୟାଦି ସମ୍ମାନ ଓ ସମ୍ବର୍ଦ୍ଧନା ପ୍ରାପ୍ତ କରିଛନ୍ତି। ରସଲପୁର ଗ୍ରାମର ସ୍ୱର୍ଗତ ଡଃ ରୁଦ୍ରନାରାୟଣ ପଣ୍ଡା ଓ ମାତା ସ୍ୱର୍ଗତ ମାଧୁରୀ ପଣ୍ଡାଙ୍କ କନିଷ୍ଠ ପୁତ୍ର ଡଃ ପଣ୍ଡା ଦେବଭାଷା ବିକାଶ ପରିଷଦ ଭୋଗରାଇର ପ୍ରତିଷ୍ଠାତା ସମ୍ପାଦକ, ଅବଦୁଲ ରହିମ ସାହିତ୍ୟ ପରିଷଦ ଭୋଗରାଇ ସଭାପତି, ରୋଟାରୀ କ୍ଲବ ଅଫ୍ ଭୋଗରାଇ ନିଉ ଭିଜନର ସଭାପତି ପଦରେ ରହି ସେବା ମୂଳକ କାର୍ଯ୍ୟରେ ନିୟୋଜିତ ଅଛନ୍ତି।

## କଂଗ୍ରେସ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ



**ନୀଳଗିରି, ୩୦।୧(ସମିସ):** ନୀଳଗିରି କଂଗ୍ରେସ ଭବନ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ କରାଯାଇଛି। ସୂଚନାରୁ ଜଣାଯାଇଛି, ଏଥିନିମନ୍ତେ ଆୟୋଜିତ ସଭାରେ ରାଜ୍ୟ କିଷାନ କଂଗ୍ରେସର ଉପ-ସଭାପତି ଯଶୋଦା ନନ୍ଦନ ସିଂହ ସଭାପତିତ୍ୱ କରିଥିଲେ। ଦିବା ୧୧ ଘଟିକା ସମୟରେ, ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ପରେ ନୀଳଗିରି କେ. ସି. ହାଇସ୍କୁଲ ପରିସର ମଧ୍ୟରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମହାତ୍ମା ଗାନ୍ଧୀଙ୍କର ଅହିଂସା ନୀତି ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ବକ୍ତାମାନେ ଉପସ୍ଥିତ କଂଗ୍ରେସ କର୍ମୀ ଓ ନେତାଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚକ୍ରଧର ଦାସ ବାବୁ, ମଧୁ ସୁଦାନ ପାତ୍ର, ପ୍ରଫୁଲ୍ଲ ମହାନ୍ତି, ସୁରେନ୍ଦ୍ର ଦାସ, ବିଦ୍ୟାଧର ମହାନ୍ତି, ପୀତାମ୍ବର ସିଂ, ଭାଗୀରଥି ବେହେରା ପ୍ରମୁଖ କଂଗ୍ରେସର ନେତୃବୃନ୍ଦ ମହାତ୍ମା ଗାନ୍ଧୀଙ୍କ ଜୀବନବ୍ୟାପୀ ସାଧନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅପରାହ୍ଣ ୩ ଘଟିକା ସମୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କେ.ସି. ହାଇସ୍କୁଲର ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବୃକ୍ଷରୋପଣରେ ସହଯୋଗ କରିଥିଲେ।

## ବାନ୍ଧିରୀ ବନ୍ଧ ପ୍ରକଳ୍ପ କ୍ଷୁଦ୍ରଜଳସେଚନ ବିଭାଗକୁ ହସ୍ତାନ୍ତର ନେଇ ବିଭାଗୀୟ ଅନୁମୋଦନ

**ନୀଳଗିରି, ୩୦।୧(ସମିସ):** ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟାରେ ବାନ୍ଧିରୀବନ୍ଧ ପ୍ରକଳ୍ପଟି କ୍ଷୁଦ୍ରଜଳସେଚନ ବିଭାଗକୁ ହସ୍ତାନ୍ତର ହୋଇଛି। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ତେଲିପାଳ ପଞ୍ଚାୟତରେ ଏହି ବନ୍ଧଟି ପୂର୍ବରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନରେ ଥିଲା। ଯାହାକି ବହୁବର୍ଷ ଆଗରୁ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିଲା। ଏହି ବନ୍ଧ ଓ କେନାଲର ନବୀକରଣ ଓ ପୁନଃନିର୍ମାଣ କାର୍ଯ୍ୟର ଆବଶ୍ୟକତା ଦୃଷ୍ଟିରେ ରଖି ସାଂସଦ ବିଭାଗୀୟ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଥିଲେ। ଏ ନେଇ ରାଜ୍ୟ ଜଳସମ୍ପଦ ବିଭାଗ ଗତ ଜାନୁଆରୀ ୧୨ତାରିଖ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ଚିଠିକରି ସମ୍ପୃକ୍ତ ବନ୍ଧକୁ କ୍ଷୁଦ୍ରଜଳସେଚନ ବିଭାଗକୁ ହସ୍ତାନ୍ତର କରିବାସହିତ ପ୍ରକଳ୍ପର ନବୀକରଣ ଓ ପୁନଃନିର୍ମାଣ କରାଯିବାକୁ ଅନୁମୋଦନ କରିଛନ୍ତି। ଫଳରେ ତିନୋଟି ପଞ୍ଚାୟତର ୧୫ଟି ଗ୍ରାମରେ ଥିବା ପାଖାପାଖି ୨୭୦ ଏକର ଜମିକୁ ଜଳସେଚିତ କରାଯାଇପାରିବ। ଖବର ମିଳିବାପରେ ଉକ୍ତ ଅଞ୍ଚଳର ସମସ୍ତ ଜନସାଧାରଣ ଏବଂ ଚାଷୀଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି। ଏଥିପାଇଁ ଜନସାଧାରଣ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି।

## ଭୋଗରାଇରେ ହିନ୍ଦୁ ସମ୍ମିଳନୀ



**ଭୋଗରାଇ, ୩୦।୧(ସମିସ):** ସନାତନ ଧର୍ମ, ସଂସ୍କୃତି ଓ ସାମାଜିକ ଏକତାର ପ୍ରତୀକ ହିନ୍ଦୁ ସମ୍ମିଳନୀ ଭୋଗରାଇ ପ୍ରଖଣ୍ଡର ଦେହୁର୍ଦ୍ଦା ମଣ୍ଡଳର ଥାନାଛକ ହ୍ୟାଲିପ୍ୟାଡ୍ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ଖଣ୍ଡ ଶାରୀରିକ ପ୍ରମୁଖ ପ୍ରଦୀପ ଗିରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ସଂଘର ପୁରୀ ଜିଲ୍ଲା ସଭାପତି ସନ୍ଥ କୈବଲ୍ୟ ନନ୍ଦ ତୀର୍ଥ, ମୁଖ୍ୟବକ୍ତା ବିଶ୍ୱହିନ୍ଦୁ ପରିଷଦ ପୂର୍ବପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ଶରତ ପ୍ରଧାନ, ସମ୍ମାନିତ ଅତିଥି ଭୋଗରାଇ ଖଣ୍ଡ ସଭାପତି ହରିଶଙ୍କର ଦାସ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରର ସୁରକ୍ଷା ପାଇଁ ସମସ୍ତ ଭେଦଭାବ ଭୁଲି ଏକତ୍ରିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ସଂଘର ଜିଲ୍ଲା କାର୍ଯ୍ୟକାରିଣୀ ସମ୍ପର୍କ ପ୍ରମୁଖ ଅମ୍ବରିଶ ମହାନ୍ତି ହିନ୍ଦୁ ସମାଜରେ ପଞ୍ଚ ପରିବର୍ତ୍ତନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସଂଘର ପୂଜକ ବିଦୁଭୂଷଣ ଦାସଙ୍କ ଦ୍ୱାରା ହୋମଯଜ୍ଞ କରାଯାଇଥିଲା। ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀ ଭାଗ୍ୟଶିଷ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସତସଙ୍ଗ ପ୍ରମୁଖ ଗୌରହରି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଂଯୋଜକ କୌଶିକ ଚାନ୍ଦ, ଅଖଣ୍ଡଭାରତ ହିନ୍ଦୁ ମହାସଭା ଭୋଗରାଇ ଶାଖା ସମ୍ପାଦକ ପ୍ରିୟବ୍ରତ ପ୍ରଧାନ, ବନମାଳୀ ଦାସ, ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅଂଶୁମାନ ମହାନ୍ତି, ନିଶେଷ ଦେବ, ସଞ୍ଜୀବ ସାହୁଙ୍କ ସମେତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଭୋଗରାଇ ଖଣ୍ଡର ରାମହରି ସୁର, କୃପାସିନ୍ଧୁ ଗିରି, ଦୁର୍ଗା ଶଙ୍କର ଦାସ, ତୁଷାରେନ୍ଦୁ ସିଂହ, ସୁଦାମ ପ୍ରଧାନ, ହେନାରାଣୀ ଦାସଙ୍କ ସମେତ ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ। ସେହିଭଳି ପୁଟିନା ମଣ୍ଡଳରେ ମଧ୍ୟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସଂଘର ପ୍ରଖଣ୍ଡ ସଭାପତି ଡଃ ଗିରିଜା ନନ୍ଦନ ଜେନା, ମୁଖ୍ୟ ବକ୍ତା ଶିକ୍ଷାବିତ ହରିହର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ଗ୍ରାମବିକାଶ ସଂଯୋଜକ ଅନୁପମ ପଣ୍ଡା, ସଞ୍ଜୀବ ଗାରୁ ପ୍ରମୁଖ ସହଯୋଗ କରିଥିଲେ।

### ଜଳେଶ୍ୱର ମହୋତ୍ସବ ଉଦ୍‌ଘାଟିତ

## 'ମହୋତ୍ସବ ଅଞ୍ଚଳବାସୀଙ୍କ ସଂପ୍ରୀତି ବଢ଼ାଏ'

ଜଳେଶ୍ୱର, ୩୦।୧(ସମିସ)



ଉତ୍ତର ବାଲେଶ୍ୱରର ସାହିତ୍ୟ, ସଂସ୍କୃତି, ଶାନ୍ତି, ପ୍ରଗତି ଓ ମୈତ୍ରୀର ପ୍ରତୀକ 'ଜଳେଶ୍ୱର ମହୋତ୍ସବ-୨୬' ବଡ଼ବଜାରଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ମହୋତ୍ସବ ଅଞ୍ଚଳର କଥା କହେ ଓ ଅଞ୍ଚଳବାସୀଙ୍କ ସମ୍ପ୍ରୀତି ବଢ଼ାଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ବିଧାୟକ ଅଶ୍ୱିନୀ ପାତ୍ର ଯୋଗଦେଇ ଜଳେଶ୍ୱର ମହୋତ୍ସବ ୨୧ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଏହିଠାରୁ ଜଳେଶ୍ୱର ବିକାଶର ସ୍ୱର ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚନ୍ଦ, ମହୋତ୍ସବ କମିଟିର ପୂର୍ବତନ ସଭାପତି ଦିଲ୍ଲୀପ କୁମାର ଗିରି, ଜିତାଂଶୁ ନନ୍ଦୀ, ଡ. ଅଜିତ୍ ମହାନ୍ତି, ଶିଶିର ହୁଇ, ପୂର୍ବତନ ପୌରପାଳ ପ୍ରବୀର କୁମାର ପ୍ରଧାନ, ଆଇନ୍‌ଜୀବୀ ନିତ୍ୟଗୋପାଳ ଦାସ, କାଉନ୍‌ସିଲର ଗୋପାଳ ସାହୁ, ମଧୁ ଦତ୍ତ, ରୋଟାରିଆନ୍ ଲେଲିନ୍ ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ମହୋତ୍ସବ କମିଟି ସଭାପତି ବରିଷ୍ଠ ନେତା ସମୀର କୁମାର ପାତ୍ର ପୌରୋହିତ୍ୟ କରିଥିବା ବେଳେ କମିଟିର ସମ୍ପାଦକ ସୁଶାନ୍ତ କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମଞ୍ଚ ଆହ୍ୱାନ ଦିଲ୍ଲୀପ ସେଠୀ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଅଭିଜିତ୍ କରଣ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳା ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି। କମିଟି ପକ୍ଷରୁ ସକାଳେ ତାରିଣୀ ମନ୍ଦିରଠାରୁ ଗଣଦୌଡ଼ ଅନୁଷ୍ଠିତ ହୋଇଥିବା ବେଳେ ଅପରାହ୍ଣରେ କାଳୀମନ୍ଦିର ଠାରୁ ବିଭିନ୍ନ ପାରମ୍ପରିକ ନୃତ୍ୟ, ବାଦ୍ୟ ଦ୍ୱାରା ଶୋଭାଯାତ୍ରା ମେଳାପଡ଼ିଆ ପର୍ଯ୍ୟନ୍ତ ଆସିଥିଲା। ପରେ ପରେ ସଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକମାନେ ଝୁମିଥିଲେ। ମଞ୍ଚ ଆରମ୍ଭରେ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା।

● ୧୦୮ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ଦେବ ମହାଯଜ୍ଞ

# ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦେବେ ପୂର୍ଣ୍ଣାହୁତି

ରାୟଗଡ଼ା, ୩୦।୧(ସମିସ): ଶନିବାରଠାରୁ ୩୧ ଜାନୁଆରୀରୁ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ତିନି ଦିନ ବ୍ୟାପି ରାୟଗଡ଼ା ସହରର ଜେ.ଏ.କେ.ପି ପଡିଆ ଠାରେ ୧୦୮ କୁଣ୍ଡୀୟ ବୈଦିକ ବିଶ୍ୱ ଶାନ୍ତି ଦେବ ମହାଯଜ୍ଞ ଆୟୋଜନ କରାଯାଉଛି। ତିନି ଦିନରେ ୩ ହଜାରରୁ ଅଧିକ ଦମ୍ପତି ଯଜ୍ଞରେ ବସିବାର କାର୍ଯ୍ୟକ୍ରମ ରହିଛି। ଅବିଭକ୍ତ କୋରାପୁଟ ସମେତ ଦକ୍ଷିଣ ପଶ୍ଚିମ ଓଡ଼ିଶାର ୮ଟି ଜିଲ୍ଲା ଓ ଆନ୍ଧ୍ର ପ୍ରଦେଶର ଏକାଧିକ ଜିଲ୍ଲାର ଭକ୍ତ ମାନେ ସାମିଲ ହେବେ ବୋଲି ମହାଯଜ୍ଞ ସମନ୍ୱୟ ସମିତିର ଆବାହକ ମିଟସ ଗ୍ରୁପର ଅଧ୍ୟକ୍ଷ ବାଳକୃଷ୍ଣ ପଣ୍ଡା, ଯୋଗୀ ଶ୍ରୀ ଚୈତନ୍ୟ ରାମଜୀ, ବିଜେପି ନେତା ଯାଲା ଭେଙ୍କଟେଶ୍ୱର ରାଓ ସୂଚନା ଦେଇଛନ୍ତି। ଆସନ୍ତା ଫେବୃଆରୀ ୨ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଯୋଗ ଦେଇ ପୂର୍ଣ୍ଣାହୁତି ଦେବାର କାର୍ଯ୍ୟକ୍ରମ ରହିଥିବାରୁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଯଜ୍ଞ ସ୍ଥଳ ସମେତ ରାୟଗଡ଼ା ସହରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶୁକ୍ରବାର ଦିନ ୧୦୦୮ ଜଣ ମହିଳାଙ୍କ ଦ୍ୱାରା ହନୁମାନ ଚାଳିଶା, ଗୀତା ପାଠ, ଲଳିତା ସାହସ୍ରନାମ ପାରାୟଣ ସହ କଳସ ଯାତ୍ରା କାର୍ଯ୍ୟକ୍ରମ ରହିଛି। ହରିହର ଗୁରୁକୁଳ ଓ ମିଟସ ଗ୍ରୁପ ଦ୍ୱାରା ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ସଫଳ ଆୟୋଜନ ପାଇଁ ବିଜେପି ନେତା ତଥା ରାୟଗଡ଼ା ଟ୍ରକ ମାଲିକ ସଂଘ ସଭାପତି ଯାଲା ଭେଙ୍କଟେଶ୍ୱର ରାଓ, ବିଶ୍ୱ ସାଧନା କେନ୍ଦ୍ରର ପ୍ରମୁଖ ବାବା ଯୋଗୀ ଶ୍ରୀଚୈତନ୍ୟ ରାମଜୀ, ଯଜ୍ଞ କମିଟି ସଂଯୋଜକ କାର୍ତ୍ତିକେନ୍ଦ୍ର ସାହୁ, ଶ୍ରୀମତୀ ବିଦ୍ୟୁଲତା ହୁଇକା, ପ୍ରଭାକର ବୋରା, ବିଷ୍ଣୁଜିତ ପଣ୍ଡା, ଶ୍ରୀରାମ ପଣ୍ଡା ଓ ରାଜୁ ସାହୁ ପ୍ରମୁଖ ସହଯୋଗ କରିଆସୁଛନ୍ତି। ପ୍ରତିଦିନ ଅପରାହ୍ନରେ ଡ଼ଃ ଆଚାର୍ଯ୍ୟ ସୁଦର୍ଶନ ଦେବ ମହାରାଜ ଯୋଗଦେଇ ବେଦ, ବେଦାନ୍ତ, ଉପନିଷଦ ସମ୍ପର୍କରେ ପ୍ରବଚନ ଦେବେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଆର୍ଯ୍ୟ ସମାଜ ଯଜ୍ଞ ଫେଡେରେସନ ସଂସ୍ଥାପକ ଓ ସ୍ୱତନ୍ତ୍ର ସାମାଜ, ଗୁରୁକୁଳ ହରିପୁର ନୂଆପଡା ଆଶ୍ରମ ସଂଚାଳକ ଡ. ସୁଦର୍ଶନ ଦେବ ଆଚାର୍ଯ୍ୟ, କଳାହାଣ୍ଡି ସ୍ଥିତ ଆର୍ଯ୍ୟ ସମାଜ ସଂଚାଳକ ବାନପ୍ରସ୍ଥ ପୁରୁଷୋତ୍ତମ ମୁନି ପ୍ରମୁଖ ଯୋଗଦେଇ ପ୍ରବଚନ ଦେବେ। ୧୦୮ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ଦେବ ମହାଯଜ୍ଞ ଡ଼ଃ ସୁଦର୍ଶନ ଦେବ ଆଚାର୍ଯ୍ୟଙ୍କ ବ୍ରହ୍ମତ୍ୱରେ ସମ୍ପନ୍ନ ହେବ ବୋଲି କୁହାଯାଇଛି।

# ନିର୍ମାଣାଧୀନ ପାନୀୟଜଳ ପ୍ରକଳ୍ପ ପରିଦର୍ଶନ କଲେ ବିଧାନସଭା ଷ୍ଟାଣ୍ଡିଂ କମିଟି



ପୋଡ଼ାଗଡ଼,୩୦।୧(ସମିସ): ପାଞ୍ଚ ଜଣିଆ ବିଧାନ ସଭା ଷ୍ଟାଣ୍ଡିଂ କମିଟି କୋରାପୁଟ ଜିଲ୍ଲାର ତିନି ମେଗା ପାନୀୟଜଳ ପ୍ରକଳ୍ପ ପରିଦର୍ଶନ ନିମନ୍ତେ ଗସ୍ତ କରିଥିବା ଜଣାଯାଇଛି। ଆଜି ଏହି ପାଞ୍ଚ ଜଣିଆ ବିଧାନସଭା ଷ୍ଟାଣ୍ଡିଂ କମିଟି ଦଶମନ୍ତପୁର ବ୍ଲକର ଦୁଆରଶୁଣି ପଞ୍ଚାୟତ ଅଧିନସ୍ଥ ଜଟିଆ ଗୁଡ଼ା ଗ୍ରାମରେ ତଥା ମୁରାନ ନଦୀରେ ନିର୍ମାଣାଧୀନ ମେଗା ପାନୀୟଜଳ ପ୍ରକଳ୍ପ ପରିଦର୍ଶନରେ ଯାଇ ଅନୁଧ୍ୟାନ କରିଥିଲେ। ଏହି ପାଞ୍ଚ ଜଣିଆ କମିଟିର ଅଧ୍ୟକ୍ଷ ହେଲେ ସନାତନ ବିଜୁଳି। କମିଟିର ଅନ୍ୟ ସଦସ୍ୟ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ବିଧାୟକ ପଦ୍ମ ଚରଣ ,ବିଧାୟକ ଅରବିନ୍ଦ ମହାପାତ୍ର, ବିଧାୟକ ନୀଳମଣି ବିଶଇ,ବିଧାୟକ ଦେବୀରଞ୍ଜନ ତ୍ରିପାଠି ଉକ୍ତ କମିଟିରେ ଥିଲେ। ଏହି ମେଗା ପାନୀୟଜଳ ପ୍ରକଳ୍ପ ପରିଦର୍ଶନରେ ଥିଲେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ବିଭାଗୀୟ ଅଧିକାରୀ ସହ ସ୍ଥାନୀୟ ଦଳୀୟ କର୍ମକର୍ତ୍ତା ଓ ପଞ୍ଚାୟତର ସମସ୍ତ କର୍ମଚାରୀ ରହିଥିଲେ।

## ବିଧାନସଭା ଷ୍ଟାଣ୍ଡିଂ କମିଟିର ବୈପାରୀଗୁଡ଼ା ଗସ୍ତ

ବୈପାରୀଗୁଡ଼ା, ୩୦।୧(ସମିସ): ବିଧାନସଭା ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କ ବୈପାରୀଗୁଡା ଗସ୍ତ। ଆଜି ସନ୍ଧ୍ୟା ୬ ଟା ସମୟରେ ବୈପାରୀଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହରେ ପଞ୍ଚାୟତରାଜ, ପାନୀୟ ଜଳ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକାରୀଙ୍କୁ ନେଇ ସମୀକ୍ଷା କରାଯାଇଛି । ଏଥିରେ ଷ୍ଟାଣ୍ଡିଙ୍ଗ କମିଟି ଅଦକ୍ଷ ସୋନାତନ ବିଜୁଳିଙ୍କ ନେତୃତ୍ୱରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ବାଙ୍କୀ ବିଧାୟକ ଦେବି ରଞ୍ଜନ ତ୍ରିପାଠୀ, ସୋରଡ଼ା ବିଧାୟକ ନୀଳମଣି ବିଶୋଇ,କରଞ୍ଜିଆ ବିଧାୟକ ପଦ୍ମ ଚରଣ ହରିବ୍ରୁର, କୋରାପୁଟ ବିଧାୟକ ରଘୁରାମ ମାଛ ଉପସ୍ଥିତ ଥିଲେ। ଏହି ସମୀକ୍ଷା ବୈଠକରେ କୋରାପୁଟ ଜିଲ୍ଲାପାଳ ମୋଜାନ ସତ୍ୟବାନ ମହାଜନ, ସିଡିଓ ବେଣୁଧର ଶବର, ପ୍ରାୟ ଜିଲ୍ଲାର ବିଭିନ୍ନ ବ୍ଲକ ବିଡ଼ିଓ ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ବିଶେଷ କାରି ମେଗା ପାନୀୟ ଜଳ ପ୍ରକଳ୍ପ କିପରି ଅତି ଶୀଘ୍ର କାମ ସାରିବ, ଲୋକେ ପାଣି ପାଇବେ ସେ ନେଇ ଅଧିକ ଗୁରୁତ୍ୱ ଦିଆଯାଇଛି ସେହିପରି ପଞ୍ଚାୟତିରାଜ ବିଭାଗର ବିଭିନ୍ନ ଯୋଜନା ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ସୁଚାରୁ ରୂପେ କିପରି କରାଯିବ ସେ ନେଇ ଆଜି କମିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଷ୍ଟାଣ୍ଡିଙ୍ଗ କମିଟି ଅଦକ୍ଷ ସୋନାତନ ବିଜୁଳି ପ୍ରତିକ୍ରିୟା ଦେଇଛନ୍ତି ।



# ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ



ନନ୍ଦପୁର, ୩୦।୧ (ସମିସ): ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଯୋଗଦେଇ କାର୍ଯ୍ୟକ୍ରମ ର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ନନ୍ଦପୁର ସିଦ୍ଧେଦେବୀ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ରବିନାରାୟଣ ଶତପଥୀ, ସମ୍ମାନିତ ଅତିଥି ଭାବେ ନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୂର୍ଗା ପ୍ରସାଦ ଦୋରା, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ମମତାଜ ଗୋମାଙ୍ଗ, ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସନ୍ଦୀପ ପଣ୍ଡା, ସରପଞ୍ଚ ସାଜେନ୍ତି କ୍ରିସାନି, ସମିତି ସଭ୍ୟା ବିନୋଦିନୀ ସମାର୍ଡି ପ୍ରମୁଖ ଯୋଗ ଦେଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜୁଲତା ଗରଡ଼ା ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟ ଉନ୍ନତି ସହ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ହୋଇଥିବା ବିଭିନ୍ନ କୃତିତ୍ୱ ପ୍ରତିଯୋଗିତା ମୂଳକ ପରୀକ୍ଷା ରେ କୃତିତ୍ୱ ଲାଭ ସହ ବିଦ୍ୟାଳୟ ଇତିହାସ ଓ ବର୍ତ୍ତମାନ ସ୍ଥିତି ଉପରେ ଆଲୋକପାତ କରିଥିଲେ। ଏହି ଅବସର ରେ ଅବସର ପ୍ରାପ୍ତ ଦୁଇ ଶିକ୍ଷକ ବେଣୁ ଗୋପାଳ ବେହେରା ଓ ହିନ୍ଦୀ ଫକୀର କୁମାର ବାରିକଙ୍କୁ ମୁଖ୍ୟ ଅତିଥି ଶ୍ରୀ କାଡ଼ାମ ସମ୍ବର୍ଦ୍ଧିତ କରିଥିଲେ। ପରେ ବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥଲା। ଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ ରେ ଆଦିବାସୀ ନେତା ଭଗବାନ ପେଟିଆ, ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସେଠୀ, ଆଦର୍ଶ ବିଦ୍ୟାଳୟ ଅଧକ୍ଷ ନନ୍ଦ ଖରା, ସାମାଜିକ କର୍ମୀ ମୁନା ଦଳପତି, କଂଗ୍ରେସ ବ୍ଲକ୍ ସଭାପତି ମଦନ ହାଡପୁଟିଆ, ବାବୁ ରାଓ ଖରା ଧନନାପତି ସୀସା, କଂଗ୍ରେସ ଜିଲ୍ଲା ଉପ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁ, ବିଧାୟକ ପ୍ରତିନିଧି କାମେଶ କାମୁଡି, ରାମକୃଷ୍ଣ ପଡାଲ, ସଞ୍ଜୀବ ଖରା ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଦୀପ ତ୍ରିପାଠୀ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଯାଞ୍ଚ

ଜୟପୁର,୩୦।୧(ସମିସ): ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଆଜି ଜୟପୁର ସହରର ବିଭିନ୍ନ ହୋଟେଲ ଓ ଓମଫେଡ ପ୍ଲାଣ୍ଟ ଉପରେ ଚଢଉ କରାଯାଇ ଖାଦ୍ୟ ସାମଗ୍ରୀର ଯାଞ୍ଚ କରିଥିଲେ। ଖାଦ୍ୟ ସୁରକ୍ଷା ଅଧିକାରୀ ପଙ୍କଜିନୀ ଡେଉଁରିଆଙ୍କ ନେତୃତ୍ୱରେ ଏକ ଦଳ ରେଲଷ୍ଟେସନ ନିକଟସ୍ଥ ଓମଫେଡ ପ୍ଲାଣ୍ଟରେ ଯାଞ୍ଚ କରିଥିଲେ। ସେହିପରି ତେଲିଗୁଡା ଚାଉମିନ ପ୍ରସ୍ତୁତ କେନ୍ଦ୍ରରେ ବଜାରରେ ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀ ଯାଞ୍ଚ କରିଥିଲ ଏବଂ ଲାଇସେନ୍ସ ନଥିବା ଯୋଗୁଁ ୬୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ମାଲକାନଗିରିରୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର ବାଇପାସ ରୋଡରେ ରହିଥିବା ଟ୍ରେନ ରେଷ୍ଟୁରାଣ୍ଟ ଓ ଅନ୍ୟାନ୍ୟ ରେଷ୍ଟୁରାଣ୍ଟ ଗୁଡିକ ଚଢଉ କରାଯାଇ ଖାଦ୍ୟ ସାମଗ୍ରୀର ଯାଞ୍ଚ କରାଯାଇଥିଲା। ଏହି ଚଢାଉରେ ଅନ୍ୟମାନଙ୍କ ମଧ୍ୟରେ ଖାଦ୍ୟ ସୁରକ୍ଷା କାର୍ଯ୍ୟାଳୟର କର୍ମଚାରୀ ବିନୋଦ ସୁନା, ତ୍ରିଲୋଚନ ବେନିଆଙ୍କ ସମେତ ସଦର ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ଆର୍ଥିକ ସର୍ବେକ୍ଷଣ ଅଭିବୃଦ୍ଧିକୁ ସାଂସଦଙ୍କ ସମାଲୋଚନା



ରାୟଗଡ଼ା,୩୦।୧(ସମିସ): ଆର୍ଥିକ ସର୍ବେକ୍ଷଣ ୨୦୨୫-୨୬ ଅନୁଯାୟୀ,ଭାରତର ଅର୍ଥନୈତିକ ଅଭିବୃଦ୍ଧି ପ୍ରାୟ ୭ଧ ରହିବାର ପୂର୍ବାନୁମାନ କରାଯାଇଛି,ଯାହା ବିଶ୍ୱସ୍ତରୀୟ ଅନିଶ୍ଚିତତା ସତ୍ତ୍ୱେ ଦେଶର ସାମଗ୍ରୀକ ଅର୍ଥନୈତିକ ସ୍ଥିରତାକୁ ପ୍ରଦର୍ଶିତ କରେ। କିନ୍ତୁ ଏହି ମୁଖ୍ୟ ସଂଖ୍ୟା ପଛରେ ଏକ ଚିନ୍ତାଜନକ ବାସ୍ତବତା ରହିଛି, ଏହି ଅଭିବୃଦ୍ଧି ଚାକିରି ସୃଷ୍ଟି, ଆୟ ସୁରକ୍ଷା କିମ୍ବା ଗ୍ରରମୀଣ ଅର୍ଥନୈତିକ ସ୍ଥିରତାରେ ପର୍ଯ୍ୟାପ୍ତ ଭାବରେ ପରିଣତ ହୋଇନାହିଁ ବୋଲି କୋରାପୁଟ ଲୋକସଭା ସାଂସଦ ତଥା ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତରାଜ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ସପ୍ତଗିରି ଶଙ୍କର ଉଲାକା ପ୍ରେସ ବିବୃତି ମାଧ୍ୟମରେ ଗଣମାଧ୍ୟମକୁ ଜଣାଇଛନ୍ତି। ସେ କହିଛନ୍ତି ଯେ, ସର୍ବେକ୍ଷଣ ସ୍ପଷ୍ଟ କରୁଛି ଯେ, ନିଯୁକ୍ତି ସୃଷ୍ଟିରେ ଏ ପର୍ଯ୍ୟନ୍ତ ଏକ ସଂରଚନିକ ଦୁର୍ବଳତା ରହିଛି ଏବଂ ଉତ୍ପାଦନ କ୍ଷେତ୍ର ବର୍ଦ୍ଧିତ କର୍ମଶକ୍ତିକୁ ପର୍ଯ୍ୟାପ୍ତ ଭାବେ ଗ୍ରହଣ କରିବାରେ ବିଫଳ ହୋଇଛି। ଆର୍ଥିକ ଶୃଙ୍ଖଳା ନାମରେ ମନେରଗାକୁ ଦୁର୍ବଳ କରିବା,ମଜୁରୀକୁ ବିଳମ୍ବ କରିବା,ପେନସନକୁ ସଙ୍କୁଚିତ କରିବା ଏବଂ ଗ୍ରାମୀଣ ବିକାଶକୁ ଦୁର୍ବଳ କରିବା ପାଇଁ ଏହାକୁ ଏକ ଯଥାର୍ଥତା ଭାବରେ ବ୍ୟବହାର କରାଯାଉଛି। ଚାଷୀ ,ଶ୍ରମିକ ,ଯୁବକ ଏବଂ ଆଦିବାସୀ ସଂପ୍ରଦାୟକୁ ଅଣଦେଖା କରୁଥିବା ଅଭିବୃଦ୍ଧି ସ୍ଥାୟୀ କିମ୍ବା ନ୍ୟାୟସଙ୍ଗତ ନୁହେଁ। ଚଳିତ ଅର୍ଥନୀତି ଶୀର୍ଷକରୁ ଲୋକ-କେନ୍ଦ୍ରୀକ ବିକାଶ ପର୍ଯ୍ୟନ୍ତ ଭାରତକୁ ଏକ ପାଠ୍ୟକ୍ରମ ସଂଶୋଧନ ପରି ମୂଳଗତ ପରିବର୍ତ୍ତନରଆବଶ୍ୟକବୋଲିସାଂସଦଶ୍ରୀ ଉଲାକା ଉଲ୍ଲେଖ କରିଛନ୍ତି।

# ଭେଜାଗୁଡା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜୟପୁର, ୩୦।୧(ସମିସ): ଜୟପୁର ବ୍ଲକ କାଳିଆ ଗାଁ କ୍ଲଷ୍ଟର ଭେଜାଗୁଡା ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକ ଯୋଗ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ କାଳିଆଗାଁ ଗ୍ରାମ ପଞ୍ଚାୟତର ସରପଞ୍ଚ ତ୍ରିନାଥ ପୂଜାରୀ, ସମିତି ସଭ୍ୟ ମନ ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତୁଳାବତୀ ଖାତି, ସଦସ୍ୟ ଟି ପ୍ରକାଶ ଦୋରା, ଆଞ୍ଚଳିକ ସାଧନ କେନ୍ଦ୍ର କର୍ମୀ ରାମେଶ୍ୱର ପଣ୍ଡା, ଅଭିମନ୍ୟୁ ପ୍ରଧାନ ଏବଂ ଜୟପୁର ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦେବୀ ପ୍ରସାଦ ଦାଶ, ସମ୍ପାଦକ ପ୍ରଦୀପ କୁମାର ମିଶ୍ର, ଉପ ସଭାନେତ୍ରୀ ମମତା ମହାପାତ୍ର, କୋଷାଧକ୍ଷ ପୁରନ୍ଦର ନାୟକ, ସହ ସମ୍ପାଦକ ମନୋରଞ୍ଜନ ପଲାଇଙ୍କ ସମେତ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ରାଜେନ୍ଦ୍ର ପାରିହି, ରଞ୍ଜିତ ମହାନ୍ତି, ମନୋଜ ପଟ୍ଟନାୟକ ଯୋଗ ଦେଇଥିଲେ। ବାର୍ଷିକ କ୍ରୀଡ଼ାରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଶିକ୍ଷକ ମିଥୁନ ନାହାକ, ଦେବସ୍ମିତା ପଣ୍ଡା, ଅର୍ଚ୍ଚନା ମହାନ୍ତି, ଅମ୍ରିତା ପାଢ଼ୀ, ସତ୍ୟବାନ ପ୍ରଧାନ ସହଯୋଗ କରିଥିଲେ।

## ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

କାକିରିଗୁମ୍ମା,୩୦।୧(ସମିସ): ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ କାକିରିଗୁମ୍ମା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ତୁନୂପାର ଗ୍ରାମର ରତନ ଜାନି (୩୫) ବୋଲି ଜଣା ପଡ଼ିଛି। ପୀଡ଼ିତାଙ୍କୁ ପୁଲିସ ସେମିଳିଗୁଡା ଠାରୁ ଉଦ୍ଧାର କରିଥିଲା। ଅଭିଯୁକ୍ତ ବିରୁଦ୍ଧରେ ପୀଡ଼ିତାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା।

## ମେଟାଗୁଡ଼ାରେ ପୁଲିସ ଜନସମ୍ପର୍କ ଶିବିର



ଏମିଭି୭୯, (ସମିସ) ୩୦।୧ : ମାଲକାନଗିରି ଜିଲ୍ଲା ପୁଲିସ ପକ୍ଷରୁ ଏମ୍‌ଭି ୭୯ ଥାନା ଅନ୍ତର୍ଗତ ମେଟାଗୁଡା ଗ୍ରାମରେ ପୁଲିସ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏମ୍‌ଭି୭୯ ଥାନାର ସବ୍‌ଇନ୍ସପେକ୍ଟର ଚନ୍ଦନ ବେହେରା, ଜଗନ୍ନାଥ ସରକା, ତାଣ୍ଡାବାଇ ସରପଞ୍ଚ ସତ୍ୟ ମାଡକାମୀ, ବିଶ୍ୱନାଥ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିର ଅବସରରେ ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତା, ଆଦିବାସୀ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମର ବିଜେତା ମାନଙ୍କୁ ପୁରସ୍କାର ସହିତ ସଙ୍ଗୀତ ଉପକରଣ ପ୍ରଦାନ କରାଯାଇଥିଲା। ଏହା ସହ ଏକ ମାଗଣା ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା।

## ଶତାୟୁ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗୁଣପୁର,୩୦।୧(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ଶତାୟୁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହେମାନନ୍ଦ ବରିହାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଯୋହନ ବଡ ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନୁଷ୍ଠାନର ପୁରାତନ ଛାତ୍ର ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟ ନାରାୟଣ ରଥ ମୁଖ୍ୟ ବକ୍ତା, ଜିଲ୍ଲା ଲୋକପାଳ ଅକ୍ଷୟ କୁମାର ଦାଶ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସସ୍ମିତା ବେହେରା, ପୌର ପରିଷଦର ଅଧ୍ୟକ୍ଷା ମମତା ଗୌଡ, ଭୀମପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶାଙ୍କ ପ୍ରସାଦ ଦାଶ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜିଲ୍ଲାର ସର୍ବ ପୁରାତନ ଏହି ଅନୁଷ୍ଠାନରୁ ବହୁ ଛାତ୍ର ଦେଶ ବିଦେଶ ରେ ଉଚ୍ଚ ସ୍ଥାନ ରେ ରହି କାର୍ଯ୍ୟ କରି ଅନୁଷ୍ଠାନର ମାନ ବଢାଇଛନ୍ତି କ୍ଷ ଏଣୁ ପୂର୍ବ ଗୌରବ କୁ ବଜାୟ ରଖି ଅନୁଷ୍ଠାନର ସୁନାମ ବଜାୟ ରଖିବା ନିମନ୍ତେ ପିଲାଙ୍କୁ ଆହ୍ୱାନ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ଗାୟତ୍ରୀ ମିଶ୍ରଙ୍କ ନିର୍ଦ୍ଦେଶନାରେ 'ଶିକ୍ଷା ସମସ୍ତଙ୍କ ଅଧିକାର' ଶୀର୍ଷକ ନାଟକ ଛାତ୍ର ମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ରାବଣା ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକର୍ତ୍ତାଙ୍କ ସମେତ ଅନ୍ୟ ସ୍କୁଲ ଶିକ୍ଷକ ମାନେ ଯୋଗଦେଇଥିଲେ।

# ଖାତିଗୁଡ଼ା ସରକାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ତେନ୍ତୁଲିଖୁଣ୍ଟି,୩୦।୧(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ବକ୍ତାଭାବରେ ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ କୁଳ ରଞ୍ଜନ ସୁନା, ଏବିଇଓ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ପରଜା ବାରଙ୍ଗପଦର ପଞ୍ଚାୟତ ସରପଞ୍ଚ ବନ୍ଦିତା ନାୟକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ପ୍ରମୋଦା ସାମଲ, ପୂର୍ବତନ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ରମେଶ ଟାକ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ବିରିଗୁଡା ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସଂଜୀବ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ନବୀନ କୁମାର ନାୟକ ବିଦ୍ୟାଳୟ ବାର୍ଷିକ ବିବରଣୀ ପଠନ ସହ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ମିଳିଥିବା କୃତିତ୍ୱ ଉପସ୍ଥାପନ କରିଥିଲେ । ଅତିଥିଙ୍କ ହସ୍ତରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ମମତା ପାଣିଗ୍ରାହୀ, ରୀତା ବେହେରା, ଶିକ୍ଷକ ହରେକୃଷ୍ଣ ଭତ୍ରାଙ୍କ ସମେତ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଶେଷରେ କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ଓ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଗାନ୍ଧୀଜୀଙ୍କ ତିରୋଧାନ ଦିବସ ପାଳିତ

ଜୟପୁର,୩୦।୧(ସମିସ): ଜୟପୁର ପୂଜ୍ୟପୂଜା ସଂସଦ ପକ୍ଷରୁ ଗାନ୍ଧୀ ଶିଶୁ ଉଦ୍ୟାନ ଠାରେ ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳନ ହୋଇ ଥିଲା। ସଂସଦର ଉପସଭାପତି ତପନ କିରଣ ତ୍ରିପାଠୀ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଧୂପ ଦୀପ ପ୍ରଦାନ କରିଥିଲେ। ସଂସଦର ସମ୍ପାଦକ ବୈରାଗୀ ଚରଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୀତବାସ ବିଶ୍ୱାଳ, ବିଭୁଦତ୍ତ ପାଢ଼ୀ, ଡ଼ି ଗୋବିନ୍ଦ ପାତ୍ର, ବାସୁଦେବ, ବିଶେଶ୍ୱର ରାଓ, ଯାଜ୍ଞ୍ୟ ଜେନା, ମୃତ୍ୟୁଞ୍ଜୟ ବେହେରା, ଜି ଶ୍ରୀନିବାସ, ପ୍ରମୋଦ କୁମାର ରାଉଳ ପ୍ରମୁଖ ଯୋଗ ଦେଇ ମହାତ୍ମା ଗାନ୍ଧିଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ସରକାରୀ ଶିଳ୍ପ ତାଲିମ କେନ୍ଦ୍ର କ୍ରୀଡ଼ା ମହୋତ୍ସବ

ଜୟପୁର,୩୦।୧(ସମିସ): ଜୟପୁର ବ୍ଲକ ଆମ୍ବାଗୁଡା ସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଆଞ୍ଚଳିକ ସ୍ତରୀୟ ଖେଳକୁଦ ମହୋତ୍ସବ ଆଜି ଉଦଘାଟନ ହୋଇଛି। ଏଥିରେ ଅବିଭକ୍ତ କୋରାପୁଟ ଜିଲ୍ଲାର ୧୨ଟି ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ୧ହଜାରରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଖେଳାଳି ଭାବେ ଅଂଶ ଗ୍ରହଣ କରିଛନ୍ତି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓମ ପ୍ରକାଶ ମିଶ୍ର, ସମ୍ମାନିତ ଅତିଥି ଲକ୍ଷ୍ମୀପୁର ଲକ୍ଷ୍ମୀପୁର ସରକାରୀ ଶିଳ୍ପକେନ୍ଦ୍ର ର ଅଧ୍ୟକ୍ଷ ମନଗୋବିନ୍ଦ ବାଘ, କୋଟପାଡ ଶିଳ୍ପ ତାଲିମ କେନ୍ଦ୍ର ଅଧିକାରୀ ପ୍ରଦୀପ ବର୍ମନ ଯୋଗ ଦେଇଥିଲେ। ମୁଖ୍ୟତଃ ଏହି ଆଞ୍ଚଳିକ ସ୍ତରୀୟ ଖେଳ ମହୋତ୍ସବକୁ ଆମ୍ବାଗୁଡା ତାଲିମ କେନ୍ଦ୍ରର ଅଧ୍ୟକ୍ଷା ସୌଦାମିନି ସିଓ ପରିଚାଳନା କରିଥିଲେ।

## ଗରିବଙ୍କୁ କମ୍ବଳ ବଣ୍ଟନ

ପଟାଙ୍ଗି, ୩୦।୧(ସମିସ): କୋରାପୁଟରେ ପ୍ରବଳ ଶୀତ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ରହିଛି। ତେଣୁ ସେମିଳିଗୁଡା ଅଞ୍ଚଳର ସମାଜସେବୀ ଏସ ଚିନ୍ନା ରାଓ ଡେକାପାର ଗ୍ରାମକୁ ଗସ୍ତ କରି ସେଠାକାର ବୃଦ୍ଧବୃଦ୍ଧାଙ୍କ ନିକଟରେ ପହଞ୍ଚି ଥଣ୍ଡା ଦାଉରୁ ରକ୍ଷା ପାଇବା ନିମନ୍ତେ କମ୍ବଳ ବଣ୍ଟନ କରିଥିଲେ। ଗ୍ରାମର ମୋଟ ୧୧ ଜଣ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ପ୍ରଦାନ କରିଥିବା ଜଣାପଡିଛି। ତାଙ୍କ ସାଥିରେ ଏସ୍‌ଟିଟି ବାବୁ, ସହଦେବ ଏବଂ ଏମ୍ ଭବାନୀ ଶଙ୍କର ଉପସ୍ଥିତ ରହିଥିଲେ।

# ଲମତାପୁଟ ପଞ୍ଚାୟତ ସମିତି ବୈଠକ

ଲମତାପୁଟ, ୩୦।୧ (ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକରେ ନୂତନ ବର୍ଷର ପ୍ରଥମ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ବୈଠକରେ ୧୫ ପଞ୍ଚାୟତରୁ ୧୨ ଜଣ ସମିତି ସଭ୍ୟ ସଭ୍ୟା ଓ ସାତ ଜଣ ସରପଞ୍ଚ ଓ ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ । ପ୍ରଥମେ ବ୍ଲକର ଜିପିଡ଼ିଓ ଅରୁଣ କୁମାର ସାହୁ ପୂର୍ବ ବୈଠକ ପାଠର ଆଲୋଚନା ଉପରେ ସମ୍ପୂର୍ଣ୍ଣ ବିବରଣୀର ପଠନ କରିଥିଲେ । ଏହାକୁ ନେଇ ପୂର୍ବ ପାଠର କୌଣସି କାର୍ଯ୍ୟ ଉପରେ ବିଶେଷ ଧ୍ୟାନ ନଦେଇ ବିଭାଗୀୟ ଅଧିକାରୀ ମାନେ କୌଣସି କାର୍ଯ୍ୟ କରୁ ନଥିବାରୁ ଦୁଇ ଚାରି ଜଣ ସମିତି ଉକ୍ତ ବିଷୟ ଉପରେ ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ ଛୁ ସମିତି ସଭାପତି ଜଗନ୍ନାଥ ହନ୍ତାଳ ଓ ଟିଂକରପଡା ସମିତି ଉର୍ଦ୍ଧବ ଅଙ୍ଗେଲଙ୍କ ପ୍ରଶ୍ନ ବାଣରେ ଅନେକ ଅଧିକାରୀ ଘାଇଲା ହୋଇଥିଲେ । ଏହି ସମିତି ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସାଂସଦ ପ୍ରତିନିଧି ରାମ ଚନ୍ଦ୍ର ପାଙ୍ଗି, ବ୍ଲକ ଅଧ୍ୟକ୍ଷ ତାପସ କୁମାର ଚାଲାଣ, ଉପାଧ୍ୟକ୍ଷ ତୁଳା ଖରା, ବିଡ଼ିଓ ଜୟନ୍ତ କୁମାର ମେହେର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୁତି ସୁହାଶିନୀ ମଲ୍ଲିକ, ମାଛକୁଣ୍ଡ ଅତିରିକ୍ତ ତହସିଲଦାର ଶ୍ୟାମ ମାଢ଼ି, ଦୁଇ ଜିଲ୍ଲା ପରିଷଦ ପୂର୍ଣ୍ଣ ଚନ୍ଦ୍ର ପାଙ୍ଗି ଓ ଗୀତାରାଣୀ ମୋହଲା ଉପସ୍ଥିତ ରହିଥିଲେ। ବିଶେଷ କରି ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ଯୋଗୁଁ ପାନୀୟ ଜଳ ଓ ଅଧ ପାନ୍ତରାୟ ରହିଥିବା ଅଙ୍ଗନବାଡି କେନ୍ଦ୍ରର ସ୍ଥିତି ଉପରେ ସମୀକ୍ଷା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ତାସହିତ ସାଂସଦ ପ୍ରତିନିଧି ବ୍ଲକର ଯେତେ ସବୁ ସ୍ମାର୍ଟ ମିଟର ଲାଗିଛି ସେସବୁକୁ ବାହାର କରି ନର୍ମାଲ ମିଟର ଲଗେଇବାକୁ ପରାମର୍ଶ ଦେଇଥିଲେ। ସେହିପରି ଏହି ବୈଠକରେ ବନମାଳିପୁଟ ସମିତି ଓ ସରପଞ୍ଚ କୃଷି ବିଭାଗ ଅଧିକାରୀଙ୍କୁ ତୁରନ୍ତ ନିଜ ପଞ୍ଚାୟତର ଦାୟିତ୍ୱରେ ରହିଥିବା କୃଷି ଅଧିକାରୀଙ୍କୁ ହଟେଇ ନୂତନ ଅଧିକାରୀଙ୍କୁ ଦାୟିତ୍ୱ ଦେବାକୁ ପରାମର୍ଶ ଦେବା ସହ ବ୍ଲକ ଶିକ୍ଷାଧିକାରୀ କୌଣସି ସ୍କୁଲର ସଠିକ ତଦାରଖ ନକରିବା ନେଇ ତାଙ୍କ ଉପରେ ବର୍ଷିଥିଲେ ଛୁ ସେହିପରି ଖାଉଟି ବିଭାଗ, ଜଙ୍ଗଲ ବିଭାଗ, ପଶୁ ସମ୍ପଦ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଉପରେ ବି ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ ବିଧାୟକ। ପଶୁ ବିଭାଗ କାର୍ଯ୍ୟାଳୟ ତ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଥିବା ସହ ବର୍ଷା ଦିନରେ ପାଣି ଗଳିବା ବେଳେ କାର୍ଯ୍ୟାଳୟ ଚାରି ପାଶ୍ୱର୍ରେ ପାଚେରି ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ କରିଥିଲେ ମଧ କେହି କର୍ଣ୍ଣପାତ କରୁ ନଥିବା ନେଇ ବିଧାୟକ ଆଗରେ ଅଭିଯୋଗ କରିଥିଲେ ପଶୁ ସମ୍ପଦ ଅଧିକାରୀ ମିହିର କୁମାର । ଏ ନେଇ ତୁରନ୍ତ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେବା ସହ ସମୀକ୍ଷା କରି ତାର ଉପରେ ଗୁରୁତ୍ୱ ଦେବାକୁ କହିଥିଲେ ବିଧାୟକ। ପିସି ଖାଇବାରେ ବ୍ୟସ୍ତ ମାସ ମାସ ଧରି ବିଲ କରୁ ନ ଥିବା ଓ ପାଞ୍ଚ ଲକ୍ଷ ଯାଗାରେ ୩ ଲକ୍ଷ ବିଲ କରୁଥିବା ଓ ବଳକା ଦୁଇ ଲକ୍ଷ ଯାଉଛି କୁଆଡେ ସେ ନେଇ ସହକାରୀ ଯନ୍ତ୍ରୀ ଙ୍କୁ ପ୍ରଶ୍ନ କରିଥିଲେ ସମିତି ସଭାପତି ହନ୍ତାଳ। ଏ ନେଇ ଯେତିକି ପରିମାଣରେ କାମ ହେଇଚି ତା ଉପରେ ହିଁ ଯନ୍ତ୍ରୀ ମାନେ ବିଲ କରିବେ ନେଇ ଉତ୍ତର ଦେଇଥିଲେ ସହକାରୀ ନିର୍ବାହୀ ଯନ୍ତ୍ରୀ ମଲ୍ଲିକ। ସେହିପରି ଆଶା କିରଣ ମେଡିକାଲ ର ମୁଖ୍ୟ ଡ଼. ମାଥିୟୁ ହସ୍ପିଟାଲ ଆରମ୍ଭ ହୋଇ ୩୫ ବର୍ଷ ହେଲାଣି ଆମେ ଲୋକଙ୍କୁ ଉଚିତ ସେବା ଯୋଗାଇ ଆସୁଛୁ ତା ସହିତ ଯେଉଁ ହୃଦ ରୋଗୀ ମାନେ ଆଶା ଛାଡ଼ି ଦେଇ ଘରେ ରହିଛନ୍ତି ସେମାନଙ୍କ ପାଖରେ ଯାଇ ଆମେ ଉଚିତ ସେବା ଯୋଗାଇବା ନେଇ ନୂଆ ପଦକ୍ଷେପ ନେଇଛୁ ଓ ଖୁବ ଶୀଘ୍ର ବିଏସକେୱାଇ କାର୍ଡ ମଧ ଆମ ମେଡିକାଲ ସହିତ ଅନ୍ତର୍ଭୁକ୍ତ ହେବାକୁ ଯାଉଛି ଯାହା ଫଳ ରେ ଏହି ଯୋଜନା ରେ ଅନେକ ରୋଗୀ ସହ ବାହାରୁ ଆସୁଥିବା ରୋଗୀ ମଧ ଉପକୃତ ହୋଇପାରିବେ ବୋଲି ପ୍ରକାଶ କରିଛନ୍ତି । ଏହି ଦଶମ ଓ ବର୍ଷ ର ପ୍ରଥମ ସମିତି ବୈଠକ ରେ ଶିକ୍ଷା ବିଭାଗ, କୃଷି ବିଭାଗ, ବିଦ୍ୟୁତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପାନୀୟ ଜଳ, ସମନ୍ୱିତ ଶିଶୁ ବିକାଶ ବିଭାଗ, ଖାଉଟି ବିଭାଗ, ସାମାଜିକ ମଙ୍ଗଳ ବିଭାଗ, ଜଙ୍ଗଲ ବିଭାଗ, ମତ୍ସ୍ୟ ବିଭାଗ, ଉଦ୍ୟାନ ବିଭାଗ, ସହ ସମସ୍ତ ଅଧିକାରୀ ଉପସ୍ଥିତ ରହିଥିଲେ

# ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ



କୋରାପୁଟ,୩୦।୧(ସମିସ) ମହା)। ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି । କୋରାପୁଟ ଗାନ୍ଧୀ ପାର୍କରେ ସ୍ଥାପିତ ମହ । ।। ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ,ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ,ପୂର୍ବତନ ବିଧାୟକ ନିମାଇଁ ସରକାର,କୋରାପୁଟ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ରାଧାରାଣୀ ସରକାର, କୋରାପୁଟ ଟାଉନ କଂଗ୍ରେସ ସଭାପତି ଜୟନ୍ତ କୋଚିମ,ପୂର୍ବତନ ବିଜେପି ସଭାପତି ବିଜୟ କୁମାର ମିଶ୍ର,ବିଜେପି ନେତା ନରସିଂହ ପଟନାୟକ, ଡି ରାମା ରାଓ, ଶ୍ରୀଧର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଥିଲେ । କୋରାପୁଟ ଗାନ୍ଧୀ ପାର୍କର ଉନ୍ନତିକରଣ କରିବାକୁ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଉପସ୍ଥିତ ଥିବା ଅତିରିକ୍ତ ଜିଲ୍ଲାପାଳ ତଥା ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ତପନ କୁମାର ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଆଜି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକଙ୍କ କାର୍ଯ୍ୟାଳୟରେ କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ପହଞ୍ଚି ଆଲୋଚନା କରିଥିଲେ । ଅତି ଶୀଘ୍ର ସବିଶେଷ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମହାପୁରୁଷ ମାନଙ୍କ ଜୟନ୍ତୀ ଓ ତିରୋଧାନ ଦିବସ ପାଳନ ଉପଲକ୍ଷେ ଜିଲ୍ଲା ସ୍ମାରକୀ କମିଟି ଗଠନ କରାଯାଇଛି । କିନ୍ତୁ ଏହି କମିଟି ଏବେ ସୁପ୍ତ ଭାବରେ ରହିଛି । ନୂତନ ଜିଲ୍ଲା ସ୍ମାରକୀ କମିଟି ଗଠନ କରିବାକୁ ଦାବି ହେଉଛି ।

## ବିଦ୍ୟୁତ୍ ସ୍ପର୍ଶରେ ମହିଳା ମୃତ

ଲକ୍ଷ୍ମୀପୁର,୩୦।୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ବୁର୍ଜା ପଞ୍ଚାୟତର ବଡ଼ ଶଙ୍ଖା ଗ୍ରାମର ସରସ୍ୱତୀ ଟ୍ରେପେକା(୩୫) ବୁଧବାର ଦିନ ନିଜ ମଇଁଷୀ ଖୋଜିବାକୁ ବାହାରି ଥିଲେ। ଲକ୍ଷ୍ମୀପୁର ନୂଆଁ ସାହି ନିକଟରେ ଥିବା ଏକ ବଣ ଠାରେ ବିଦ୍ୟୁତ ତାର ଓହଳି ଥିବାରୁ ସେ ଜାଣି ନ ପାରି ବିଦ୍ୟୁତ୍ ସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ୪ ଦିନ ଧରି ଘର ଲୋକେ ଖୋଜା ଖୋଜି କରି ତାଙ୍କୁ ପାଇ ନଥିଲେ। ପରେ ତାଙ୍କ ମୃତ ଶରୀରକୁ ଦେଖି ସ୍ୱାମୀ ତଇଲ ପ୍ରେପେକା ଲିଖିତ ଅଭିଯୋଗ ଥାନାରେ ଦେଲା ପରେ ପୋଲିସ୍ ଓ ସ୍ଥାନୀୟ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ସବୁ ବିଷୟ ଉପରେ ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ଲୋକେ କ୍ଷତି ପୂରଣ ଦାବି କରି ଶବକୁ ଘଟଣା ସ୍ଥଳ ରୁ ଉଠାଇ ନାହାଁନ୍ତି। ୩୩ କେଭି ବିଦ୍ୟୁତ ତାର ଲାଗି ମରିଥିବା ହେତୁ ବିଦ୍ୟୁତ ବିଭାଗ କ୍ଷତି ପୂରଣ ଦିଅନ୍ତୁ ବୋଲି ଲୋକେ ଜିଦ୍‌ରେ ଅଟଳ ରହିଛନ୍ତି।

**ଦାଣ୍ଡବୋଷରେ ହେବ ପାଇଲଟ ତାଲିମ କେନ୍ଦ୍ର**

# ଉତ୍ତର ଓଡ଼ିଶା ଯୁବପିଢ଼ି ପାଇବେ ପାଇଲଟ ହେବା ସୁଯୋଗ

**ରାଇରଙ୍ଗପୁର, ୩୦।୧(ସମିସ)**

ମୟୂରଭଞ୍ଜ ଜିଲ୍ଲା ସମେତ ଉତ୍ତର ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ବିମାନ ଚାଳନା କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି ହେବାକୁ ଯାଉଛି। ପାଇଲଟ ହେବାର ଦକ୍ଷତା ପ୍ରଦାନ କରିବା ପାଇଁ ରାଇରଙ୍ଗପୁରର ଦାଣ୍ଡବୋଷରେ ପାଇଲଟ ତାଲିମ କେନ୍ଦ୍ର ପ୍ରତିଷ୍ଠା ହେବାକୁ ଯାଉଛି। ଯାହାକୁ ନେଇ ୱିଙ୍ଗ୍ସ ଇଣ୍ଡିଆ ୨୦୨୬ରେ ରାଜ୍ୟ ସରକାରଙ୍କ ସହ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଛି। ଏହା ରାଇରଙ୍ଗପୁରକୁ ନୂତନ ପରିଚୟ ଦେବାକୁ ସକ୍ଷମ ହେବ। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ହାଇଦ୍ରାବାଦର ବେଗମପେଟଠାରେ ୱିଙ୍ଗ୍ସ ଇଣ୍ଡିଆ ୨୦୨୬ ସମ୍ମିଳନୀ ଆୟୋଜିତ ହୋଇଛି। ଉକ୍ତ ସମ୍ମିଳନୀରେ ଅଲ୍କେମିଷ୍ଟ ଏଭିଏସନ୍ କମ୍ପାନୀ ସହ ରାଜ୍ୟ ସରକାର ଏମଓୟୁ ସ୍ୱାକ୍ଷର କରିଛନ୍ତି। ଦକ୍ଷତାମୂଳକ ଉନ୍ନୟନ ରଣନୀତିକୁ ଆହୁରି ସୁଦୃଢ଼ କରିବା ଦିଗରେ ଓଡ଼ିଶା ସରକାର ୱିଙ୍ଗ୍ସ ଇଣ୍ଡିଆ ୨୦୨୬ ଅବସରରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପତ୍ର ସ୍ୱାକ୍ଷର କରିଛନ୍ତି। ଯେଉଁଥିରେ କି ଦାଣ୍ଡବୋଷ ରହିଛି। ଏସିଆର ସର୍ବବୃହତ୍ ସିଭିଲ୍ ଏଭିଏସନ୍ କାର୍ଯ୍ୟକ୍ରମ ୱିଙ୍ଗ୍ସ ଇଣ୍ଡିଆ ୨୦୨୬ ରାଜ୍ୟରେ ବିମାନ ଶିକ୍ଷା ଓ ପ୍ରଶିକ୍ଷଣ ପାଇଁ ପ୍ରାଥମିକ ଢାଞ୍ଚାକୁ ଶକ୍ତିଶାଳୀ କରିବା ଲକ୍ଷ୍ୟ ରହିଛି। ଅଲ୍କେମିଷ୍ଟ ଏଭିଏସନ୍ ସହ ସ୍ୱାକ୍ଷରିତ ଏମଓୟୁ ଅନୁଯାୟୀ ଦାଣ୍ଡବୋଷ ବିମାନବନ୍ଦରରେ ଗୋଟିଏ ଫ୍ଲାଇଙ୍ଗ୍ ଟ୍ରେନିଂ ଅର୍ଗାନାଇଜେସନ୍ (ଏଫଟିଓ) ସ୍ଥାପନ କରାଯିବ। ଉକ୍ତ ପ୍ରସ୍ତାବିତ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରତିବର୍ଷ ପ୍ରାୟ ୫୦ ଜଣ ପାଇଲଟଙ୍କୁ ପ୍ରଶିକ୍ଷଣ ଦେବାକୁ କ୍ଷମତା ରହିବ। ଏହା ମାଧ୍ୟମରେ ମୟୂରଭଞ୍ଜ ସହ ଉତ୍ତର ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ବିମାନ ଚାଳନା କ୍ଷେତ୍ରରେ ଦକ୍ଷତା ଅର୍ଜନର ନୂତନ ସୁଯୋଗ ସୃଷ୍ଟି ହେବ। ସେପଟେ ରାଜ୍ୟରେ ବିମାନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଢାଞ୍ଚା ମଜବୁତ ହେବା ସହ ଓଡ଼ିଶାକୁ ଏଭିଏସନ୍ ଶିକ୍ଷାର ଏକ ଉଦୀୟମାନ କେନ୍ଦ୍ର ଭାବେ ପରିଚିତ କରାଇବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଏହି ପଦକ୍ଷେପ ଦ୍ୱାରା ସ୍ଥାନୀୟ ଅଞ୍ଚଳର ବିକାଶ ହେବା ସହ ଯୁବପିଢ଼ିଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ। ଦାଣ୍ଡବୋଷ ବିମାନ ବନ୍ଦର ପ୍ରାୟ ୧୧୭ ଏକର ଜମିରେ ନିର୍ମିତ ହେବ। ଯେଉଁଥିରେ ରନୱେ, ଏୟାର ଟ୍ରାଫିକ ପରିଚାଳନା କେନ୍ଦ୍ର, ବିମାନ ବନ୍ଦର କାର୍ଯ୍ୟାଳୟ ସମେତ ଅନ୍ୟ କିଛି ରହିବ।




**ୱିଙ୍ଗ୍ସ ଇଣ୍ଡିଆ ୨୦୨୬ରେ ଏମଓୟୁ ସ୍ୱାକ୍ଷରିତ**

## ହେନ୍ଦେବୁରୁରେ ମାଘ ପୂଜା ସମ୍ପନ୍ନ

**ବହଳଦା, ୩୦।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ଗିଡିଘାଟୀ ପଞ୍ଚାୟତ ତାରଣା ନିକଟସ୍ଥ ହେନ୍ଦେବୁରୁ ପାହାଡରେ ମାଘ ବୁରୁବଙ୍ଗା (ପାହାଡ) ପୂଜା ସମ୍ପନ୍ନ ହୋଇଛି। ହେନ୍ଦେବୁରୁ ପାହାଡ଼ ଉପରେ ଥିବା ଜାହେରଥାନ ପୂଜାସ୍ଥଳରେ ଆଦିବାସୀ ସାନ୍ତାଳ ପରମ୍ପରା ଅନୁସାରେ ନାଏକେ ବାବାଙ୍କ ଦ୍ୱାରା ବିଧିବଦ୍ଧ ଭାବେ ପୂଜାପାଠ ସମ୍ପନ୍ନ ହୋଇଛି। ପ୍ରକୃତି ପୂଜକ ଆଦିବାସୀଙ୍କ ଧର୍ମ ବିଶ୍ୱାସ ଅନୁସାରେ ଏହି ପାହାଡ ନାମରେ ନାମିତ ହେନ୍ଦେପାଟ ଦେବତାଙ୍କୁ ଆଦିବାସୀଙ୍କ ଅନ୍ୟାନ୍ୟ ପୂଜାରେ ମଧ୍ୟ ପୂଜାର୍ଚ୍ଚନା କରାଯାଇଥାଏ। ପୂର୍ବରୁ ଧାର୍ଯ୍ୟ କରାଯାଇଥିବା ତିଥି ଅନୁସାରେ ତାରଣା, ହେଁସଡା ଓ ଜଜଗୋଡା ଗ୍ରାମବାସୀ ମିଳି, ନିର୍ଦ୍ଧାରେ ପାହାଡ ଉପରେ ଥିବା ପୂଜାସ୍ଥଳରେ ଏକତ୍ରିତ ହୋଇ ପୂଜାରେ ଅଂଶଗ୍ରହଣ କରିଥିଲେ। ନାଏକେ ବାବା ମରା ହେମ୍ବ୍ରମ ଓ କୁଡାମ ନାଏକେ ସାଓନା ହେମ୍ବ୍ରମ, ଧନୁ ଟୁଡୁ, ରାମଚନ୍ଦ୍ର ହେମ୍ବ୍ରମ, ବିକ୍ରାମ ହେମ୍ବ୍ରମ ତଥା ବୁଢାନ ହେମ୍ବ୍ରମ ଦୁଇଟି ନାଲି କୁକୁଡା ସଣ୍ଢା ଓ ଗୋଟିଏ କଳା କାଲୁଟି କୁକୁଡା ବଳିଦେଇ ପୂଜାପାଠ ସମ୍ପନ୍ନ କରିଥିଲେ। ପରେ ପାହାଡ଼ ତଳେ ମାଝୀ ବାବା, ନାଏକେ ବାବା ଓ ଉପସ୍ଥିତ ଗ୍ରାମବାସୀଙ୍କ ମଧ୍ୟରେ ପୂଜା ଓ ଅନ୍ୟାନ୍ୟ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆସନ୍ତା ବର୍ଷ କିପରି ସୁରୁଖୁରୁରେ ପୂଜା ଅନୁଷ୍ଠିତ ହେବ ଓ ପ୍ରତ୍ୟେକ ପାଞ୍ଚ ବର୍ଷ ବ୍ୟବଧାନରେ ଅନୁଷ୍ଠିତ ହେଉଥିବା ବଡପୂଜାରେ ମେଣ୍ଢା ବଳି ନେଇ ପ୍ରସ୍ତୁତି, ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ହେନ୍ଦେବୁରୁ ପାହାଡକୁ ସୁରକ୍ଷା ପ୍ରଦାନ କରାଯାଉଥିବାବେଳେ ହେନ୍ଦେବୁରୁ ପାହାଡ ପରିସରରେ ଅସାମାଜିକ ବ୍ୟକ୍ତିଙ୍କ ପ୍ରବେଶ ନିଷେଧ କରାଯିବା ସହ ପ୍ରତ୍ୟେକ ଗ୍ରାମରୁ ମନୋନୀତ ସଦସ୍ୟଙ୍କୁ ନେଇ ବନସୁରକ୍ଷା ସମିତି ଗଠନ କରାଯାଇଛି। ପ୍ରତ୍ୟେକ ବର୍ଷ ଏଠାରେ ବୃକ୍ଷରୋପଣ କରାଯିବା ନେଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସହ ତାରଣା ମାଝୀବାବା ବିକ୍ରାମ ହେମ୍ବ୍ରମ, ବାବାତିଲକା ପାଠାଗାର ସଭାପତି ରାମଚନ୍ଦ୍ର ହେମ୍ବ୍ରମ, ଜଜଗୋଡା ପେସା ଗ୍ରାମସଭା ସଭାପତି ତଥା ମାଝୀବାବା ସୁରାଇ ସୋରେନ୍, ଫାଗୁ ହାଁସଦା, ହେଁସଡା ପେସା ଗ୍ରାମ ସଭାପତି ସାଲଖାନ ଟୁଡୁ, ଚାନ୍ଦ୍ରାୟ ହାଁସଦା, ସୁବାସ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**କୁଆମରା, ୩୦।୧(ସମିସ):** ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଖୁଣ୍ଟା ବନଖଣ୍ଡ ବିଭାଗ ଅଧିକାରୀ ଅର୍ପିତା ଦେବାଙ୍ଗନା, ଶିବିରର ଭାରପ୍ରାପ୍ତ ଅଧ୍ୟକ୍ଷା ଡକ୍ଟର ପ୍ରିୟଦର୍ଶିନୀ ଇପ୍‌ସିତା ଦାସ, ପ୍ରଶିକ୍ଷିକା ସରସ୍ୱତୀ ମାରାଣ୍ଡି ଉପସ୍ଥିତ ଥିଲେ। ଛାତ୍ରୀ ଯେକୌଣସି ପରିସ୍ଥିତିରେ ନିଜକୁ କିପରି ନିଜକୁ ରକ୍ଷା କରିପାରିବେ ଓ ପରିସ୍ଥିତିକୁ କିପରି ସାହସିକତାର ସହିତ ସାମନା କରିପାରିବେ, ସେ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଆଇକ୍ୟୁଏସି ସଂଯୋଜକ ତପନ ବାରିକ, ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ବାଣୀବ୍ରତା ପ୍ରଧାନ, ଶିକ୍ଷା ବିଭାଗ ଅଧ୍ୟାପିକା ବବିତା ମହାନ୍ତ, ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକା, କର୍ମଚାରୀ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷା ଡକ୍ଟର ଇପ୍ସିତା ପ୍ରିୟଦର୍ଶିନୀ ଦାସ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଖେଳ ପଡ଼ିଆରୁ ବାଇକ୍ ଚୋରି

**ରାଇରଙ୍ଗପୁର, ୩୦।୧(ସମିସ):** ଅଙ୍ଗାରପଦା ଖେଳ ପଡ଼ିଆ ପରିସରରୁ ବାଇକ ଚୋରି ହୋଇଛି। ଏ ନେଇ କରଞ୍ଜିଆ ଥାନା ଅନ୍ତର୍ଗତ କିଆ ଗ୍ରାମର ମନୋଜ କୁମାର ମହାନ୍ତ ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ପଡ଼ିଆରେ ବାଇକ୍ ପାର୍କିଂ କରି ଖେଳ ଦେଖିବାକୁ ଯାଇଥିଲେ। ଫେରି ଦେଖିଲା ବେଳକୁ ଉକ୍ତ ସ୍ଥାନରେ ବାଇକ୍ ନ ଥିଲା। ବହୁ ଖୋଜାଖୋଜି ପରେ ପାଇ ନ ଥିଲେ। ବାଇକ୍ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି।

## ଡାକ୍ତରୀ ମାଇନା ବେଳେ ଅଭିଯୁକ୍ତର ଚମ୍ପଟ ଉଦ୍ୟମ

**ରାଇରଙ୍ଗପୁର, ୩୦।୧(ସମିସ):** ବହଳଦା ହସ୍ପିଟାଲରେ ପୁଲିସ ଦ୍ୱାରା ଅଭିଯୁକ୍ତର ଡାକ୍ତରୀ ମାଇନା ବେଳେ ଅଭିଯୁକ୍ତ ଚମ୍ପଟ ମାରିବାକୁ ଉଦ୍ୟମ କରିଛି। ବହଳଦା ଥାନା ଅଞ୍ଚଳର ପ୍ରସନ୍ନଜିତ ମହାନ୍ତ(୨୧)ଙ୍କୁ ପୁଲିସ ଡ୍ରିଙ୍କ ଏଣ୍ଡ ଡ୍ରାଇଭ ମାମଲାରେ ଗିରଫ କରିଥିଲା। ତାଙ୍କୁ ପୁଲିସ ହସ୍ପିଟାଲରେ ଯାଞ୍ଚ ନିମନ୍ତେ ନେଇଥିଲା। ସେଠାରେ ସେ ପୁଲିସକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଚମ୍ପଟ ଉଦ୍ୟମ କରିଥିଲା। ପୁଲିସ ପିଛା କରି କାବୁ କରିଥିବା ଜଣାପଡ଼ିଛି।

**ଜାତୀୟ ସର୍ବକନିଷ୍ଠ ଖୋ-ଖୋ ପ୍ରତିଯୋଗିତା**

## ଓଡ଼ିଶା ଦଳରେ ଦୁଇଭାଇ ଲବ ଓ କୁଶ

**ବାରିପଦା, ୩୦।୧(ସମିସ):** ହରିୟାଣାର କୁରୁକ୍ଷେତ୍ରଠାରେ ଅନୁଷ୍ଠିତ ହେବାକୁ ଥିବା ୩୫ତମ ସର୍ବକନିଷ୍ଠ ଜାତୀୟ ଖୋ-ଖୋ ପ୍ରତିଯୋଗିତାରେ ଓଡ଼ିଶା ଦଳରେ ସ୍ଥାନ



ପାଇ ନିଜ ବିଦ୍ୟାଳୟ, ଅଞ୍ଚଳ ଓ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଦୁଇଭାଇ ଲବ ଓ କୁଶ। ଜଗତସିଂହପୁରରେ ଅନୁଷ୍ଠିତ ୧୭ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରଦର୍ଶନ କରି ଦୁହେଁ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। କୁଳିଅଣା ବ୍ଲକ ଅନ୍ତର୍ଗତ ଚାଲୁଣିଆ ଗ୍ରାମ ନିବାସୀ ରାମଚନ୍ଦ୍ର ମୁର୍ମୁ ଓ ରାଇମଣୀ ମୁର୍ମୁଙ୍କ ଦୁଇପୁତ୍ର ଲବ ଓ କୁଶ ଏହି ସଫଳତା ପାଇଛନ୍ତି। ସେମାନେ ମୁର୍ଗାବାଡିସ୍ଥ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ୮ମ ଶ୍ରେଣୀରେ ପଢୁଛନ୍ତି। ଗ୍ରାମବାସୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ଉଭୟଙ୍କୁ ଅଭିନନ୍ଦନ ଜଣାଇବା ସହ ଜାତୀୟ ସ୍ତରରେ ସଫଳତା କାମନା କରିଛନ୍ତି।

## କୈଳାସ ଚନ୍ଦ୍ର ଓ ଶ୍ରୀସତ୍ୟସାଇ ବିଦ୍ୟାଳୟରେ ସହିଦ ଦିବସ



**ବୈଶିଙ୍ଗା, ୩୦।୧(ସମିସ):** ହେମପୁରସ୍ଥ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟ ଓ ଖୁଣ୍ଟାପୁରସ୍ଥ ଶ୍ରୀସତ୍ୟସାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ନେତୃତ୍ୱରେ ସହିଦ ଦିବସ ପାଳିତ ହୋଇଯାଇଛି। ୧୯୪୮ ଆଜିର ଦିବସରେ ରାଷ୍ଟ୍ର ପିତା ମହାତ୍ମା ଗାନ୍ଧୀଙ୍କୁ ନାଥୁରାମ ଗଡ଼ସେ ହତ୍ୟା କରିଥିଲେ। ଏହି ଦିବସକୁ ସମଗ୍ର ଦେଶ ସହିଦ ଦିବସ ରୂପେ ପାଳନ କରୁଛି। ଏ ପରିପ୍ରେକ୍ଷୀରେ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ସମସ୍ତେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଉଭୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀ ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ, ଧର୍ମାନ୍ଧତା ଓ ସାମ୍ପ୍ରଦାୟିକତାର କୁପରିଣାମ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ତୁଷାରକାନ୍ତ ପାତ୍ର, ଜ୍ୟୋସ୍ନାରାଣୀ ଜେନା, ପ୍ରଭାତୀ ପ୍ରଧାନ, ରାଜନନ୍ଦିନୀ ପାତ୍ର, ମୁକୁନ୍ଦ ସେନାପତି, ତୃପ୍ତା ଦାସ, ସ୍ନିଗ୍ଧା ଲେଙ୍କା, ଶୁଭସ୍ମିତା ସାମନ୍ତରାୟ, ସବିତା ବାରିକ, ଶୁଭଲକ୍ଷ୍ମୀ ମାଝୀ, ରାଧୁ ସିଂ ଓ ଜଗନ୍ନାଥ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

## ଶିକ୍ଷକ ଚିତ୍ତରଞ୍ଜନ ପଲତାଙ୍କୁ ସେବା ସମ୍ମାନ



**ବାରିପଦା, ୩୦।୧(ସମିସ):** ଖୁଣ୍ଟାଠାରେ ଅନୁଷ୍ଠିତ ୩ଦିନିଆ ଜିଲ୍ଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବରିଷ୍ଠ ଶିକ୍ଷକ ତଥା ସାଧନ କର୍ମୀ ଚିତ୍ତରଞ୍ଜନ ପଲତାଙ୍କୁ ଅନ୍ୟମାନଙ୍କ ସହିତ ଜାଁ ହେନେରୀ ଡୁନଣ୍ଡ ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ଶିକ୍ଷକତା ସହିତ ସମାଜସେବାକୁ ବ୍ରତ ଭାବେ ଗ୍ରହଣ କରିଥିବା ମୟୂରଭଞ୍ଜ ଜିଲ୍ଲାର ଏହି ଜଣାଶୁଣା ଶିକ୍ଷକଙ୍କୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ମାନପତ୍ର, ସ୍ମୃତି ଫଳକ ଓ ଉପଢୌକନ ପ୍ରଦାନ କରି ସେବା ସମ୍ମାନ ରେ ସମ୍ମାନିତ କରାଯାଇଛି। ଶ୍ରୀ ପଲତା ବାରିପଦା ବ୍ଲକର ଚନ୍ଦନପୁର ଉଚ୍ଚବିଦ୍ୟାଳୟରେ ୧୯୯୬ରୁ କାର୍ଯ୍ୟରତ ଅଛନ୍ତି। ଦୀର୍ଘ ୮ ବର୍ଷ ବିନା ଦରମାରେ ଓ ପରବର୍ତ୍ତୀ ଦୀର୍ଘ ୧୪ ସ୍ୱଳ୍ପ ଦରମା ପାଇ ମଧ୍ୟ ଖୁବ ଶୁକ୍ରବାର ଜିଲ୍ଲା ସଭାପତି ପୂର୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଉଦଳା ବିଧାୟକ ଭାସ୍କର ମଢେଇ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଜାଁ ହେନେରୀ ଡୁନାଣ୍ଡ ସେବା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏଥିପାଇଁ ଜିଲ୍ଲା ଓ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଛି।

## ଖଣ୍ଡଦେଉଳା ବିଦ୍ୟାଳୟର ବାର୍ଷିକୋତ୍ସବ

**ବୈଶିଙ୍ଗା, ୩୦।୧(ସମିସ):** ବେତନଟୀର ଉପାନ୍ତ ଅଞ୍ଚଳ ରୂପେ ପରିଚିତ ବୈଶିଙ୍ଗା ଥାନା ଅଧୀନ ଖଣ୍ଡଦେଉଳା ଗ୍ରାମର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ୬୧ତମ ବାର୍ଷିକ ଉତ୍ସବ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଓଝାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ବେତନଟୀ ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କର, ତିନିଜଣ ପ୍ରାକ୍ତନ ପ୍ରଧାନଶିକ୍ଷକ ଅନାଦି ଚରଣ ସିଂହ, ଲମ୍ବୋଦର ପଣ୍ଡା, ସନାତନ ସିଂ, ସିଆରସିସି ଦେବାଶିଷ ସାହୁ, ବିଦ୍ୟାଳୟର ଦୁଇଜଣ ପୂର୍ବତନ ସମ୍ପାଦକ ପୀତାମ୍ବର ଶତପଥି ଓ ଲକ୍ଷ୍ମୀଧର ବିଷାଣୀଙ୍କ ସମେତ ୨ଜଣ ୱାର୍ଡମେମ୍ବର ରୂପମଣି ପରିଡ଼ା, କଟି ସିଂ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ବିଦ୍ୟାଳୟର ଶ୍ରେଷ୍ଠ ଶିକ୍ଷକ ବୀରେନ୍ଦ୍ର ସିଂ, ଶ୍ରେଷ୍ଠ ଛାତ୍ର କାର୍ତ୍ତିକ ବେହେରା, ଶ୍ରେଷ୍ଠ ଛାତ୍ରୀ ଦୀପ୍ତିମୟୀ ଦାସ, ଶ୍ରେଷ୍ଠ କ୍ରୀଡାବିତ୍ ଭରତ ସିଂ, ଶ୍ରେଷ୍ଠ ନୃତ୍ୟାଙ୍ଗନା ଉଷା ସିଂ, ଗତ ଶିକ୍ଷାବର୍ଷର ଶ୍ରେଷ୍ଠ କୃତୀ ଛାତ୍ର କ୍ଷୀତ୍ରେଶ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭା, ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟସଦସ୍ୟା ସହଯୋଗ କରିଥିଲେ। ପରିଚାଳନା କମିଟି ସଭାପତି ତପନ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ବିକାଶ ମେମୋରିଆଲ କ୍ରୀଡ଼ା ପ୍ରତିଯୋଗିତା

**ମାଣତ୍ରୀ, ୩୦।୧(ସମିସ):** ମାଣତ୍ରୀ ଗ୍ରାମର ବଙ୍ଗଳା ପଡ଼ିଆରେ ବିକାଶ ମେମୋରିଆଲ ଦୁଇଦିନିଆ ପଞ୍ଚାୟତସ୍ତରୀୟ କ୍ରୀଡ଼ା ଆୟୋଜିତ ହୋଇଯାଇଛି। ଏଥିରେ ପଞ୍ଚାୟତର ସମସ୍ତ ସ୍କୁଲର ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିବା ବେଳେ ବିକାଶ ମେମୋରିଆଲର ସଦସ୍ୟ ମାନେ ଏହି କ୍ରୀଡ଼ାକୁ ପରିଚାଳନା କରୁଥିଲେ। ପ୍ରଥମ ଦିବସ ଅର୍ଥାତ ରବିବାର ଦିନ ୨୦ଟି କ୍ରୀଡା ଆୟୋଜନ କରାଯାଇଥିଲା। ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ ୭୭ତମ ସାଧାରଣତନ୍ତ୍ର ଦିବସରେ ସମାଜସେବୀ ଅଶୋକ ମହାପାତ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ପିଲାମାନଙ୍କୁ ମିଷ୍ଟାନ ବଣ୍ଟନ କରାଯାଇଥିଲା। ଦ୍ୱିତୀୟ ଦିବସରେ କ୍ରୀଡା ଆରମ୍ଭ କରାଯାଇଥିଲା। ମଧ୍ୟାହ୍ନ ଭଜନ ପରେ ପରେ ଦ୍ୱିତୀୟ ଦିବସର ଦ୍ୱିତୀୟ ଅଧିବେଶନରେ ଶିକ୍ଷକ ରବୀନ୍ଦ୍ର ପାଣିଗ୍ରାହୀଙ୍କ ଦ୍ୱାରା ବିକାଶ କୁମାର କରଙ୍କ ପ୍ରତିମୂର୍ତ୍ତି ଉଦଘାଟନ କରାଯାଇଥିଲା ଓ ପୁରସ୍କାର ବିତରଣ ସଭା ଆରମ୍ଭ କରାଯାଇଥିଲା। ସଭାରେ ମାଧପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଅବସରପ୍ରାପ୍ତ ଶିକ୍ଷକ ସରୋଜ ବେହେରା, ସମାଜସେବୀ ଜିତେଶ କୁମାର ପତି, ଜଗତ ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିକାଶ ମେମୋରିଆଲର ସମ୍ପାଦକ କିରଣ ଦାସ ମଞ୍ଚ ପରିଚାଳନା କରିଥିଲେ।

## ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**କଳାବାଡିଆ, ୩୦।୧(ସମିସ):** ବାଙ୍ଗିରିପୋଷି ବ୍ଲକ କଳାବାଡିଆସ୍ଥ ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପ୍ରଧାନଆଚାର୍ଯ୍ୟ ହରିଶ୍ଚନ୍ଦ୍ର ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟିକା ସଞ୍ଜଲି ମୁର୍ମୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ତଥା ପୂର୍ବତନ ବିଧାୟକ ପୁରୁଷୋତ୍ତମ ନାଏକ, ବିଶ୍ୱ ହିନ୍ଦୁ ପରିଷଦର ସତସଙ୍ଗ ପ୍ରବକ୍ତା ହରିହର ତ୍ରିପାଠୀ, ପୂର୍ବତନ ସରପଞ୍ଚ ସୁମନ୍ତ ନାଏକ, ମୁଖ୍ୟବକ୍ତା କବି ବିଷ୍ଣୁ ଶତପଥୀ ଯୋଗଦେଇ ଥିଲେ। ବିଭିନ୍ନ ବିଭାଗରେ ସଫଳ ହୋଇଥିବା କୁନି କୁନି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବାବେଳେ ଗୁରୁଜୀ ଦୀପକ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୁହାକାନି ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ



**ବିଶୋଇ, ୩୦।୧(ସମିସ):** ଲୁହାକାନି ସାଂସ୍କୃତିକ କମିଟି ଆନୁକୂଲ୍ୟରେ ବିଶୋଇ ବ୍ଲକ ଅନ୍ତର୍ଗତ ଲୁହାକାନି ଖେଳ ପଡ଼ିଆରେ ଚାଲିଥିବା ୨୨ତମ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ ଉଦଯାପିତ ହୋଇଯାଇଛି। ବାଳକ ଓ ବାଳିକା ବିଭାଗ ଦୌଡ଼, ଲମ୍ଫଡିଆଁ, ଅଙ୍କକଷା ଆଦି ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ମହିଳାଙ୍କ ମ୍ୟୁଜିକ ଚେୟାର ଓ ଶିଶୁଙ୍କ ମଧ୍ୟରେ ଝିଲାପି ଖିଆ ପ୍ରତିଯୋଗିତା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଅପରାହ୍ନରେ ପଡ଼ିଆ ପରିସରରେ ପାରମ୍ପରିକ ବିଭିନ୍ନ ଆଦିବାସୀ ଲୋକନୃତ୍ୟର ଆସର ଜମିଥିଲା।

ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସରପଞ୍ଚ ସଲମା ଟୁଡୁ, ବିଜେପି ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତ, ପଞ୍ଚାୟତ ସମିତି ସଦସ୍ୟ ଦିଲ୍ଲୀପ ଗିରି, ଲୁହାକାନି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ମହାନ୍ତ, ଡ. ହରେକୃଷ୍ଣ ମହତାବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନେଶ୍ୱର ମହାନ୍ତ, ସ୍ଥାନୀୟ ୱାର୍ଡସଭ୍ୟ ଭୁବନ ବେହେରା, ଶିକ୍ଷକ ସତ୍ୟନାଥ ବେହେରା, ଜଗମୋହନ ନାଏକ ଯୋଗଦେଇ କୃତୀ କ୍ରୀଡ଼ାବିତ ଓ ଆଦିବାସୀ ନୃତ୍ୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। କମିଟିର ଅଗସ୍ତି ନନ୍ଦ, ଅନୱାର ହୁସେନ, ଅଭିମନ୍ୟୁ ନନ୍ଦ, ଜଗଦୀଶ ଗିରି, ପ୍ରମୋଦ ବେହେରା, ବାସୁଦେବ ବେହେରା, ମନୋଜ ନନ୍ଦ, ବିଜୟ ବେହେରା, ନିତ୍ୟାନନ୍ଦ ନାଏକ, ଚନ୍ଦନ ନନ୍ଦ, ସହଦେବ ନନ୍ଦ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କୁଳିଅଣା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବଡ଼ସାହି, ୩୦।୧(ସମିସ):** କେନ୍ଦୁଡିହା ପଞ୍ଚାୟତ ଅଧୀନ ବି-କୁଳିଅଣା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବାଣୀଶ୍ରୀ ସିଂହ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଜ୍ଞାନ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଓଷ୍ଟା ବ୍ଲକ ସମ୍ପାଦକ ଡକ୍ଟର ଡମ୍ବରୁଧର ରାଉତ, ସ୍ୱତନ୍ତ୍ର ଅତିଥି ଭାବେ ବ୍ଲକ ଓଷ୍ଟା ସଭାପତି ହରିଶ୍ଚନ୍ଦ୍ର ଦାସ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଓଷ୍ଟା ସହ ସମ୍ପାଦକ ପ୍ରଭାଶ ଚନ୍ଦ୍ର ନାଏକ, ଜିଲ୍ଲା ଓଷ୍ଟା କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ନାଏକ, ଏସ୍ଏମସି ଚେୟାରମ୍ୟାନ ଅହଲ୍ୟା ଜେନା, ପୂର୍ବତନ ପ୍ରଧାନଶିକ୍ଷକ ସନ୍ତୋଷ ମହାନ୍ତି ଓ ବିପିନ ଚନ୍ଦ୍ର ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ଉପଦେଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବାଣୀଶ୍ରୀ ସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୋବିନ୍ଦ ଜେନା ଓ ବିଶ୍ୱଜିତ ସିଂହ ପରିଚାଳନା କରିଥିଲେ। ସୁସ୍ମିତା ଗିରି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ସମୀର ପରିଡ଼ା, ବିଶ୍ୱଜିତ ସିଂ, ଗୋବିନ୍ଦ ଜେନା, ମହେନ୍ଦ୍ର ସିଂ, ବନମାଳୀ ଜେନା, ବନଲତା ଲେଙ୍କା, ଧରିତ୍ରୀ ହେମ୍ବ୍ରମ, ମାନସୀ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଉଦଳା ମେଡିକାଲରେ ଦୁଇ କେବିନ ଉଦ୍‌ଘାଟିତ

**ଉଦଳା, ୩୦।୧(ସମିସ):** ରୋଗୀଙ୍କ ଉଦ୍ଦେଶ୍ୟରେ ମେଡିକାଲ ପରିସରରେ ଦୁଇଟି କେବିନ ନିର୍ମାଣ କରି ତାହାକୁ ଉତ୍ସର୍ଗୀକୃତ କରିଛନ୍ତି ମାନସ ରଞ୍ଜନ ବିଶ୍ୱାଳ। ମାନସ ମା’ ଶାନ୍ତିଲତା ବିଶ୍ୱାଳ ଓ ବାପା ମାଗୁଣି ଚରଣ ବିଶ୍ୱାଳଙ୍କ ସ୍ମୃତିରେ ଆଜି ଦୁଇଟି ଶୀତତାପ ନିୟନ୍ତ୍ରିତ କ୍ୟାବିନ ତିଆରି କରି ତାହାକୁ ଡାକ୍ତରଖାନାକୁ ହସ୍ତାନ୍ତର କରିଛନ୍ତି। ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ଏନଏସି ଅଧ୍ୟକ୍ଷ ପ୍ରମିଳା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଏହି କ୍ୟାବିନକୁ ଉଦଘାଟନ କରିଥିଲେ। ଏଥିସହିତ ମେଡିକାଲରେ ଦୁଇଟି କ୍ୟାବିନ ବଢ଼ିବାରୁ ରୋଗୀଙ୍କ ନିମନ୍ତେ ଆଗାମୀ ଦିନରେ ସହାୟକ ହେବ ବୋଲି କ୍ୟାବିନ ସମର୍ପଣ କରିଥିବା ମାନସ ବିଶ୍ୱାଳ କହିଛନ୍ତି।

# ବିଶ୍ୱବିଦ୍ୟାଳୟ ସାମାଜିକ କାର୍ଯ୍ୟ ବିଭାଗର ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ

**ବାରିପଦା, ୩୦।୧(ସମିସ)**

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସାମାଜିକ କାର୍ଯ୍ୟ ବିଭାଗ ପକ୍ଷରୁ ଆୟୋଜିତ ‘ଡାଇଲଗ, ପଲିସି ଆଣ୍ଡ ଡେଭେଲପମେଣ୍ଟ ଅନ୍ ପାର୍ଟିକୁଲାର୍‌ଲି ଭଲ୍‌ନେରେବଲ ଟ୍ରାଇବାଲ୍ ଗ୍ରୁପ୍‌ସ୍ ଫର୍ ବିକଶିତ ଭାରତ ୨୦୪୭’ ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଛି। ଭାରତ ସରକାରଙ୍କ ପିଏମ୍ ଉଷା କାର୍ଯ୍ୟକ୍ରମ ପ୍ରାୟୋଜିତ କୁଳପତି ପ୍ରଫେସର ପ୍ରମୋଦ ଶତପଥୀଙ୍କ ମାର୍ଗଦର୍ଶନ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରକୁ ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି ଛାତ୍ର ଜୀବନରେ ଶୃଙ୍ଖଳା ଓ ସ୍ୱାବଲମ୍ବିତା ସମ୍ବନ୍ଧରେ ବକ୍ତବ୍ୟ ରଖିବା ସହ ଛାତ୍ର ଜୀବନରେ ଆତ୍ମନିର୍ଭରଶୀଳତା ହିଁ ମଣିଷକୁ କିପରି ଭବିଷ୍ୟତରେ ସହନଶୀଳତା, ସ୍ୱାଧ୍ୟାୟ ଓ ପରୋପକାରିତା ଶିଖାଇଥାଏ ତାହା ନିଜ ଛାତ୍ରଜୀବନର ଉଦାହରଣରୁ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ରବୀନ୍ଦ୍ର ଗରଡ଼ା ଯୋଗଦାନ କରି ନିଜ ବକ୍ତବ୍ୟରେ ସମାଜରେ ହଜିଯାଉଥିବା ଜନଜାତି ସମ୍ପ୍ରଦାୟମାନଙ୍କର ସୁରକ୍ଷା ପାଇଁ ସମୂହ ପ୍ରଚେଷ୍ଟାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଛତିଶଗଡ଼ ରାୟପୁରର କୁଶାଭାଉ ଠାକ୍‌ରେ ସାମ୍ବାଦିକତା ଓ ଗଣମାଧ୍ୟମ ବିଶ୍ୱବିଦ୍ୟାଳୟର ବିଜ୍ଞାପନ ଓ ଲୋକସମ୍ପର୍କ ବିଭାଗ ମୁଖ୍ୟ ଡ. ଆଶୁତୋଷ ମଣ୍ଡବି ଯୋଗଦାନ କରି ଜନଜାତିର ବିକାଶ ପାଇଁ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।




ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ିଶା ବୈଷୟିକ ସମାଜ ସେବକ ସଂଘର ସଭାପତି ଡ. ଗାୟତ୍ରୀ ପଟ୍ଟନାୟକ ଯୋଗଦାନ କରି ଜନଜାତି ବିକାଶ ଦିଗରେ ସମାଜସେବୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ ପି.ଏମ୍ ଉଷା କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ ପ୍ରଫେସର ଇନ୍ଦ୍ରଜିତ ନାଏକ ବିଶ୍ୱବିଦ୍ୟାଳୟରେ ଏଭଳି କାର୍ଯ୍ୟକ୍ରମ ପିଭିଟିଜିଙ୍କ ବିକାଶରେ ସହାୟକ ହେବ ବୋଲି କହିଥିଲେ। ଆବାହକ ବିଭାଗୀୟ ସହକାରୀ ପ୍ରଫେସର ଡ. ଶୁଭେନ୍ଦୁ ଶତପଥୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସମ୍ପାଦିକା ବିଭାଗୀୟ ସହକାରୀ ପ୍ରଫେସର ପାଏଲ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭାଗୀୟ ସହକାରୀ ପ୍ରଫେସର ଡ. ସୁଜୟ କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, କିସ୍ ବିଶ୍ୱବିଦ୍ୟାଳୟ, ବିଜେପି କଲେଜ ଓ ବିଭିନ୍ନ ମହାବିଦ୍ୟାଳୟର ବହୁ ଅଧ୍ୟାପକ, ଛାତ୍ରଛାତ୍ରୀ ଓ ଗବେଷକ ଯୋଗଦାନ କରିଛନ୍ତି।

## ରାଉରକେଲା ବିମାନ ଦୁର୍ଘଟଣା

# କାନାଡ଼ା ଗଲା ଦୁର୍ଘଟଣାଗ୍ରସ୍ତ ବିମାନ ଇଞ୍ଜିନ



**ରାଉରକେଲା, ୩୦।୧(ସମିସ)**

ଭୁବନେଶ୍ୱରରୁ ରାଉରକେଲା ଆସୁଥିବା ଇଣ୍ଡିଆ ୱାନ୍ ଏୟାର ସେସ୍ନା ଗ୍ରାଣ୍ଡ କାରାଭାନ୍ ଏକ୍ସ ବିମାନ ଗତ ୧୦ ତାରିଖରେ ଜଲଦା କଂସରର ଗାଡିଆଟୋଲା ଅଞ୍ଚଳରେ ଦୁର୍ଘଟଣା ଘଟିଥିଲା। ଏହି ଘଟଣାର ୨୦ ଦିନ ପରେ ଶୁକ୍ରବାର କଟା ଯାଇଥିବା ବିମାନର ଇଞ୍ଜିନ ଏକ ସ୍ୱତନ୍ତ୍ର କଣ୍ଟେନରରେ ଭୁବନେଶ୍ୱର ଅଭିମୁଖେ ଯାଇଛି। ଭୁବନେଶ୍ୱର ବିମାନ ବନ୍ଦରରୁ ସ୍ୱତନ୍ତ୍ର ବିମାନ ଯୋଗେ ଏହା ମରାମତି ପାଇଁ ସିଧାସଳଖ କାନାଡା ଯିବ ବୋଲି ଜଣାପଡ଼ିଛି। ଇଞ୍ଜିନ ନିରୀକ୍ଷଣ ପରେ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା ତାହା ଜଣାପଡ଼ିବ ବୋଲି ସୂଚନା ମିଳିଛି। ଅପରପକ୍ଷେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ମହିଳା ଯାତ୍ରୀ ଅନିତା ସାହୁ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଘଟଣା ଦିନ ହଠାତ୍ ଉଡ଼ାଣ ମଝିରେ ବିମାନଟି ଏକ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଥିଲା। ପାଇଲଟ୍ ଏଟିସିକୁ ସୂଚନା ଦେଇ ସତର୍କତାର ସହିତ ଉକ୍ତ ଅଞ୍ଚଳର ଏକ କ୍ଷେତରେ ଜରୁରୀକାଳୀନ ଅବତରଣ କରିବା ସମୟରେ ବିମାନଟି ପାଖରେ ଥିବା ଏକ ଗଛ ଡାଳରେ ପିଟି ହୋଇଥିଲା। ବିମାନର ଡାହାଣ ଅଂଶ ଭାଙ୍ଗି ଯିବାରୁ ବିମାନଟି ପ୍ରାୟ ୧୦୦ ମିଟର ଦୂରରେ ଖସି ପଡ଼ିଥିଲା। ଏଥିରେ ପାଇଲଟ୍ କ୍ୟାପ୍ଟେନ୍ ନବୀନ ଖଡାଙ୍ଗ, କ୍ୟାପ୍ଟେନ୍ ତରୁଣ ଶ୍ରୀବାସ୍ତବ, ଯାତ୍ରୀ ତଥା ଭାଇ ଭଉଣୀ ସୁଶାନ୍ତ କୁମାର ବିଶ୍ୱାଳ, ଅନିତା ସାହୁ, ଦମ୍ପତି ସୁନୀଲ ଅଗ୍ରୱାଲ୍

### ଘରକୁ ଫେରିଲେ ଚିକିତ୍ସାଧୀନ ମହିଳା ଯାତ୍ରୀ

ଓ ସବିତା ଅଗ୍ରୱାଲ୍ ଆହତ ହୋଇଥିଲେ। ଯାତ୍ରୀ ଦମ୍ପତି ସୁନିଲ ଓ ସବିତା ସ୍ୱଇଚ୍ଛାରେ ଏୟାରଲିଫ୍ଟ ହୋଇ ସୁସ୍ଥ ହୋଇ ଫେରିଥିବା ବେଳେ ସ୍ଥାନୀୟ ଘରୋଇ ଡାକ୍ତରଖାନାରେ ଚିକିତ୍ସା ହେଉଥିବା ପାଇଲଟ୍ କ୍ୟାପ୍ଟେନ୍ ନବୀନ ଖଡାଙ୍ଗ, କ୍ୟାପ୍ଟେନ୍ ତରୁଣ ଶ୍ରୀବାସ୍ତବ ମଧ୍ୟ ସୁସ୍ଥ ହୋଇଥିଲେ। ତେବେ ସୁଶାନ୍ତ କୁମାର ବିଶ୍ୱାଳଙ୍କ ମୃତ୍ୟୁ ହୋଇଯାଇଛି। ପୂର୍ବରୁ ଗତ ୨୪ ତାରିଖରେ ୨ଟି ଟ୍ରଲରରେ ଦୁର୍ଘଟଣାଗ୍ରସ୍ତ ବିମାନକୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଥିଲା।

# ବନ୍ଧମୁଣ୍ଡାରେ ୨୧ ଟିକିଆ ହାତୀ ପଲଙ୍କ ଉପଦ୍ରବ

**ରାଉରକେଲା, ୩୦।୧(ସମିସ):** ବନ୍ଧମୁଣ୍ଡା ଅଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଉପସ୍ଥିତି ପୁଣି ଥରେ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। କିଛି ଦିନର ବ୍ୟବଧାନ ପରେ ମଙ୍ଗଳବାର ରାତି ପ୍ରାୟ ୩ଟାରେ ୨୧ଟିକିଆ ଜଙ୍ଗଲୀ ହାତୀ ପଲ ଜାମସେରାର କୋଏଲ ନଦୀ ପାରି ହୋଇ ଜବାଘାଟ ଦେଇ ବନ୍ଧମୁଣ୍ଡା ରେଳ ୟାର୍ଡରେ ପହଞ୍ଚି ଥିଲା। ହାତୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇ କପଟମୁଣ୍ଡା ଓ ବନ୍ଧମୁଣ୍ଡା ପଞ୍ଚାୟତର ଗ୍ରାମବାସୀ ସତର୍କ ହୋଇଗଲେ। ହାତୀମାନେ ରେଳ ୟାର୍ଡରେ ପ୍ରବେଶ କରିବା ପୂର୍ବରୁ ମିଳିତ ଭାବରେ ସେମାନଙ୍କୁ ଅଟକାଇ ଘଉଡ଼ାଇ ଦେଲେ। ରାଉରକେଲା ବନ ବିଭାଗର ଏକ ଦଳ ମଧ୍ୟ ଗ୍ରାମବାସୀଙ୍କ ସହିତ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ। ବନ ବିଭାଗ ଏବଂ ଗ୍ରାମବାସୀଙ୍କ ନିରନ୍ତର ପ୍ରୟାସ ଓ ଶବ୍ଦ ଯୋଗୁଁ ହାତୀ ପଲ ଆଗକୁ ବଢ଼ିପାରି ନଥିଲେ। ଗୁରୁବାର ସକାଳ ପ୍ରାୟ ୬ଟା ସମୟରେ ହାତୀ ପଲ ବିଶ୍ରା ବ୍ଲକର ସନ୍ତୋଷପୁର ପଞ୍ଚାୟତର ଜରାଟୋଲି ପାହାଡ଼ ଜଙ୍ଗଲକୁ ପଳାଇ ଥିଲେ। ଉକ୍ତ ଅଞ୍ଚଳରେ ହାତୀ ଉପସ୍ଥିତି ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ଗାଁ ଲୋକେ ଭୟରେ ରାତିରେ ଶୋଇ ପାରି ନଥିଲେ। ଜଙ୍ଗଲୀ ହାତୀକୁ ନେଇ ଭୟ ଏବଂ ଚିନ୍ତାର ବାତାବରଣ ସୃଷ୍ଟି କରିଛି। ଫସଲ କ୍ଷତି, ସେମାନଙ୍କ ଜୀବନ ଏବଂ ସମ୍ପତ୍ତିର ସୁରକ୍ଷାକୁ ନେଇ ଗ୍ରାମବାସୀ ଚିନ୍ତିତ ଥିବା ଜଣାପଡ଼ିଛି। କୌଣସି ଅପ୍ରୀତିକର ଘଟଣା ଏଡାଇବା ପାଇଁ ବନ ବିଭାଗ ଅଞ୍ଚଳରେ ନଜର ରଖିବାକୁ ଏବଂ ହାତୀମାନଙ୍କୁ ସୁରକ୍ଷିତ ଜଙ୍ଗଲ ଅଞ୍ଚଳକୁ ପଠାଇବାକୁ ବାସିନ୍ଦାମାନେ ଦାବି କରିଛନ୍ତି।

### ଘରଭାଙ୍ଗି ଧାନ ଖାଇଲେ



**ବଣାଇଁ, ୩୦।୧(ସମିସ):** ବଣାଇଁ ବନଖଣ୍ଡ ତାମଡା ରେଞ୍ଜ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଏବେ ଏକ ୧୨ ଟିକିଆ ହାତୀ ପଲଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ହାତୀ ଉପଦ୍ରବରେ ଅତିଷ୍ଠ ହୋଇ ଚିନ୍ତାରେ ପଡ଼ିଛନ୍ତି ତାମଡା ରେଞ୍ଜର ବଡ଼ଗାଁ, ଡୁମେରମୁଣ୍ଡା, ନୁନିଆପାଲି, କଣ୍ଟାପାଲି ପ୍ରମୁଖ ବିଭିନ୍ନ ଗ୍ରାମବାସୀ। ଏହି ହାତୀପଲ ଦିନ ବେଳେ ଘଞ୍ଚ ଜଙ୍ଗଲରେ ରହୁଥିବା ବେଳେ ରାତିହେଲେ ଗାଁ ମୁହାଁ ହେଉଛନ୍ତି। ଯାହାଦ୍ୱାରା ଗ୍ରାମବାସୀଙ୍କ ନିଦ ହଜାଇଦେଇଛି। ଅମଳ ଧାନ ଥିବା ଘର ଭାଙ୍ଗି ଧାନକୁ ଖାଇବା ସହ ଦଳିମକଚି ନଷ୍ଟ କରିଦେଉଥିବା ଅଭିଯୋଗ ହୋଇଛି। ରାତି ହେଲେ ଗାଁ ଗୁଡିକରେ ଭୟର ବାତାବରଣ ଖେଳିଯାଉଛି। ଲୋକେ ଅନିଦ୍ରା ହୋଇ ହାତୀ ଉପଦ୍ରବରୁ ରକ୍ଷା ପାଇବା ପାଇଁ ଅଣ୍ଟା ଭିଡ଼ିଥିଲେ ହେଁ ନିସ୍ତାର ପାଉନାହାନ୍ତି। ବନ କର୍ମଚାରୀ ହାତୀକୁ ଟ୍ରାକ କରି ତାଙ୍କୁ ଘଉଡ଼ାଇବାକୁ ଚେଷ୍ଟା ଜାରି ରଖିଛନ୍ତି। କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ଦିଆଯିବାକୁ ବନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

# ଡକାୟତି ଯୋଜନା ବେଳେ ୫ ଗିରଫ



**ରାଉରକେଲା, ୩୦।୧(ସମିସ):** ଡକାୟତି ଯୋଜନା କରୁଥିବା ବେଳେ ମାଡିବସିଲା ପ୍ଲାଣ୍ଟସାଇଟ୍ ଥାନା ପୁଲିସ। ଏହି ସମୟରେ ୫ ଜଣ କୁଖ୍ୟାତ ଅପରାଧୀଙ୍କୁ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋପବନ୍ଧୁପାଲିର ପ୍ରିନ୍ସ ରାଓ ଓରଫ ପିଞ୍ଚୁ (୨୦), ବି. ସୂର୍ଯ୍ୟା ଓରଫ ଚିନଟୁ ରାଓ (୧୯), ସଚିନ ପ୍ରସାଦ ଓରଫ ପୋଟା (୨୩), ଅମନ୍ ସ (୨୭) ଓ ମଧୁସୂଦନପାଲି ତେଲୁଗୁପାଲିର ନାରାୟଣ ସାହୁ ଓରଫ ଗୋରଖା (୨୫)। ସେମାନଙ୍କ ଠାରୁ ଗୋଟିଏ ଖଣ୍ଡା, ୨ଟି ଭୁଜାଲି ଓ ୨ଟି ରଡ଼ ଜବତ କରାଯାଇଛି। ପ୍ଲାଣ୍ଟସାଇଟ୍ ପୁଲିସର ସୂଚନା ମୁତାବକ, ଗୁରୁବାର ରାତିରେ ରେଲୱେ କଲୋନୀ ସ୍ଥିତ ଛୋଟା ପାର୍କଠାରେ କିଛି ଯୁବକ ଏକାଠି ବସିଥିବା ସୂଚନା ପାଇ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ପାଟ୍ରୋଲିଂ ଦାୟିତ୍ୱରେ ଥିବା ଏସ୍‌ଆଇ ଏନ୍ ଦଲାଇ ନିଜ ଟିମ୍ ସହ ସେଠାରେ ଚଢ଼ଉ କରିଥିଲେ। ପୁଲିସକୁ ଦେଖି ସମସ୍ତେ ଦୌଡି ପଳାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପଚରାଉଚରା ପରେ ଅଭିଯୁକ୍ତମାନେ ସ୍ଥାନୀୟ ଦୋକାନ, ଘର ଓ ପେଟ୍ରୋଲ ପମ୍ପଠାରେ ଡକାୟତି ଯୋଜନା କରୁଥିବା ସ୍ୱୀକାର କରିଥିଲେ। ଗିରଫ ଗୋରଖା ନାଁରେ ପୂର୍ବରୁ ସେକ୍ଟର -୧୫, ଛେଣ୍ଡ, ଉଦିତନଗର ଓ ପ୍ଲାଣ୍ଟସାଇଟ୍ ଥାନାରେ ୧୬ଟି ମାମଲା ରହିଥିବା ବେଳେ ପିଞ୍ଚୁ ନାଁରେ ଜିଆରପି ଓ ପ୍ଲାଣ୍ଟସାଇଟ୍ ଥାନାରେ ୫ଟି, ଚିନଟୁ ନାଁରେ ଜିଆରପି ଓ ପ୍ଲାଣ୍ଟସାଇଟ୍ ଥାନାରେ ୪ଟି, ସଚିନ ନାଁରେ ଜିଆରପି ଓ ପ୍ଲାଣ୍ଟସାଇଟ୍ ଥାନାରେ ୪ଟି ଓ ଅମନ ନାଁରେ ଜିଆରପି ଥାନାରେ ଗୋଟିଏ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

# ଆର୍‌ଏସ୍‌ପିରେ ସ୍ୱତନ୍ତ୍ର ଶିଳ୍ପ ସୁରକ୍ଷା ତାଲିମ



**ରାଉରକେଲା, ୩୦।୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କେନ୍ଦ୍ରୀୟ ଶକ୍ତି ତାଲିମ ପ୍ରତିଷ୍ଠାନ (ସିପିଟିଆଇ) ଠାରେ ଶୁକ୍ରବାର 'ସକ୍ଷମ ବ୍ୟକ୍ତିଙ୍କ ଦ୍ୱାରା ଗୃହିତ ପରୀକ୍ଷଣ ପ୍ରକ୍ରିୟା ଉପରେ ପର୍ଯ୍ୟବେଶିତ ସ୍ୱତନ୍ତ୍ର ଶିଳ୍ପ ସୁରକ୍ଷା' ଉପରେ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଜ୍ୟ ଶ୍ରମ ପ୍ରତିଷ୍ଠାନ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ଫେକ୍ଟୋରୀ ଓ ବୟଲର ବିଭାଗ ଏବଂ ସେଲ ରାଉରକେଲା ଇସ୍ପାତ କାରଖାନାର ମିଳିତ ସହଭାଗିତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶା ସରକାରଙ୍କ ଫ୍ୟାକ୍ଟରିଜ୍ ଏବଂ ବଏଲର୍ସ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆର୍‌ଏସ୍‌ପିର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ଫ୍ୟାକ୍ଟରିଜ୍ ଏବଂ ବଏଲର୍ସ- ସୁରକ୍ଷା ବିଭାଗର ଉପନିର୍ଦ୍ଦେଶକ ଡ. ଏମ୍‌କେ ପ୍ରଧାନ, ଫ୍ୟାକ୍ଟରିଜ୍ ଏବଂ ବଏଲର୍ସ, ରାଉରକେଲା ଡିଭିଜନର ଉପନିର୍ଦ୍ଦେଶକ ବିଭୁ ପ୍ରସାଦ, କାରଖାନା ଏବଂ ବଏଲର୍ସ ବିଭାଗର ସହକାରୀ ନିର୍ଦ୍ଦେଶକ ଅନିଲ କୁମାର ନନ୍ଦ ମଞ୍ଚାସୀନ ଥିଲେ। ଏହି ଅବସରରେ ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର ଓ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାଶ ବେହେରାଙ୍କ ସମେତ କାରଖାନାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ କାରଖାନାର ବିଭିନ୍ନ ୟୁନିଟ୍‌ରୁ ପ୍ରାୟ ୫୦ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ତ୍ରିପାଠୀ ସୁରକ୍ଷିତ ଏବଂ ସ୍ଥାୟୀ ଶିଳ୍ପ ଅଭ୍ୟାସଗୁଡିକୁ ସୁନିଶ୍ଚିତ କରିବାରେ ସକ୍ଷମ ବ୍ୟକ୍ତିଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଦୁର୍ଘଟଣା ରୋକିବା ଏବଂ କାର୍ଯ୍ୟକ୍ଷେତ୍ର ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ବୈଧାନିକ ମାନଦଣ୍ଡ ନିୟମର ସଠିକ ଅନୁପାଳନ, ନିୟମିତ ଯାଞ୍ଚ ଏବଂ ଶିଳ୍ପ ଉପକରଣର ସମୟାନୁବର୍ତ୍ତୀ ପ୍ରମାଣପତ୍ରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପଲାଇ କାରଖାନା ଏବଂ ବଏଲର୍ସ ବିଭାଗକୁ ମିଳିତ ଭାବରେ କାର୍ଯ୍ୟକ୍ରମ ଆୟୋଜନ କରିବା ସହିତ ରାଉରକେଲା ଇସ୍ପାତ କାରଖାନାରେ ଶିଳ୍ପ ସୁରକ୍ଷା ଓ ବୈଧାନିକ ନିୟମ ଅନୁପାଳନକୁ ଆହୁରି ସୁଦୃଢ଼ କରିବାରେ ସେମାନଙ୍କର ନିରନ୍ତର ମାର୍ଗଦର୍ଶନ ଏବଂ ସମର୍ଥନ ପାଇଁ ଧନ୍ୟବାଦ ଜଣାଇ ଥିଲେ। ଡ. ଏମ୍. ପ୍ରଧାନ ଅଂଶଗ୍ରହଣକାରୀମାନଙ୍କୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଏହାର ରୂପରେଖ ବିଷୟରେ ସୂଚନା ଦେବା ସହ ବୈଧାନିକ ପରୀକ୍ଷଣ ଏବଂ ପ୍ରମାଣପତ୍ର ପ୍ରକ୍ରିୟା ଉପରେ ଧ୍ୟାନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ବିଭୁ ପ୍ରସାଦ ନିଜ ବକ୍ତବ୍ୟରେ ସୁରକ୍ଷିତ କାର୍ଯ୍ୟ ପରିସ୍ଥିତି ସୁନିଶ୍ଚିତ କରିବା ପାଇଁ ବୈଧାନିକ ଅନୁପାଳନ ଏବଂ ଶିଳ୍ପ ସଂସ୍ଥାନର ନିୟମିତ ପରୀକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଶ୍ରୀ ବିଭୁ ପ୍ରସାଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅନିଲ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁରକ୍ଷା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରଜ୍ଞା ନାଥ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମର ବୈଷୟିକ ଅଧିବେଶନଗୁଡ଼ିକରେ ପ୍ରେସର ଭେସଲ, କୋଠା ଏବଂ ସଂରଚନା, ଉତ୍ତୋଳକ ଉପକରଣ, ଟ୍ୟାକଲ୍ ସହ ସୀମିତ ସ୍ଥାନଗୁଡ଼ିକର ପରୀକ୍ଷଣ ଏବଂ ପ୍ରମାଣୀକରଣ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକ ଉପରେ ଆଲୋଚନା ହୋଇଥିଲା।



ରାଉରକେଲା ହକର୍ସ ଆସୋସିଏସନ ପକ୍ଷରୁ ନୂଆ ବସ୍‌ଷ୍ଟାଣ୍ଡ ସ୍ଥିତ ୧ ନମ୍ବର ପଏଣ୍ଟରେ ସାଧାରଣତନ୍ତ୍ର ଦିବସ ପାଳିତ

## ମାର୍ଚ୍ଚ ୬ରେ ଉପଖଣ୍ଡସ୍ତରୀୟ ଖଣ୍ଡାଧାର ମହୋତ୍ସବ

**ବଣାଇଁ, ୩୦।୧(ସମିସ):** ପ୍ରତ୍ୟେକ ବର୍ଷଭଳି ଚଳିତ ବର୍ଷ ମଧ୍ୟ ଉପଖଣ୍ଡସ୍ତରୀୟ ଖଣ୍ଡାଧାର ମହୋତ୍ସବ ପାଳିତ ହେବାକୁ ସ୍ଥିରୀକୃତ ହୋଇଛି। ଅବଲୁପ୍ତ କଳା, ସଂସ୍କୃତି ଓ ଲୁକ୍କାୟିତ ପ୍ରତିଭା ଅନ୍ୱେଷଣ ଆଭିମୁଖ୍ୟ ନେଇ ଏହି ମହୋତ୍ସବ ବଣାଇଁ ଆଦିବାସୀ ସାଂସ୍କୃତିକ କଳା ପରିଷଦ ଓ ଉପଖଣ୍ଡ ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ହୋଇ ଦୀର୍ଘ ୧୬ ବର୍ଷରେ ପାଦ ଥାପିଛି। ଚଳିତ ବର୍ଷ ଏହି ମହୋତ୍ସବ ମାର୍ଚ୍ଚ ୬ ତାରିଖଠାରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଚାଲିବ ବୋଲି ବଣାଇଁ ଆଦିବାସୀ ସାଂସ୍କୃତିକ କଳା ପରିଷଦ ପକ୍ଷରୁ ସୂଚାଯାଇଛି। ମହୋତ୍ସବକୁ ଅଧିକ ଆକର୍ଷଣୀୟ ଓ ଲୋକାଭିମୁଖୀ କରିବାକୁ ଆୟୋଜିତ ବୈଠକରେ କମିଟି ସଭାପତି ପ୍ରଦୀପ ତ୍ରିପାଠୀ ସୂଚନା ଦେଇଛନ୍ତି।

## ସୋରଡ଼ାରେ ହିନ୍ଦୁ ସମ୍ମିଳନୀ

**ରାଉରକେଲା, ୩୦।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ବ୍ଲକ ସୋରଡ଼ା ବଙ୍ଗଲେଇ ବାବା ପୀଠ ପ୍ରାଙ୍ଗଣରେ ଗୁରୁବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ସୋରଡ଼ା ମଣ୍ଡଳସ୍ତରୀୟ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନିଜ ରାଷ୍ଟ୍ର ପାଇଁ କାମ କରିବା ଏବଂ ରାଷ୍ଟ୍ରକୁ ବିଶ୍ୱଗୁରୁ ସ୍ଥାନ ମଣ୍ଡିତ କରିବା ଦିଗରେ କାମ କରିବା ନେଇ ସଂକଳ୍ପ ନେବାକୁ ଏଥିରେ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବରେ ବିନୟ ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ବିଭାଗ ସଂଘ ଚାଳକ ଅନାଦୀ ଚରଣ ମାହାନ୍ତ ଯୋଗଦେଇଥିଲେ। ରାମେଶ୍ୱର ମାହାତଙ୍କ ଦ୍ୱାରା ପରିଚାଳିତ ସମ୍ମିଳନୀରେ ବସନ୍ତ ସାହୁ, ମନହୋର ପ୍ରଧାନ, ସଞ୍ଜୟ ତ୍ରିପାଠୀ, ଛୋଟେଲ ସିଂ, ବାବା ସୁଖ ନାଥ ତୁରୀ ଉପସ୍ଥିତ ଥିଲେ। ଉକ୍ତ ସମ୍ମିଳନୀ ପୂର୍ବରୁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ହନୁମାନ ଚାଳିଶା ପାଠ, ହୋମ ଆଦି କରାଯାଇଥିଲା। ସେହିଭଳି ଗତ ୨୫ ତାରିଖରେ ବାଗଡ଼େଗଓ ପଞ୍ଚାୟତର ଜାମବେର୍ଣ୍ଣା ଠାରେ ଆୟୋଜିତ ହିନ୍ଦୁ ସମ୍ମିଳନୀରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ରାଉରକେଲା ବିଭାଗ କାର୍ଯ୍ୟବାହୀ ରତ୍ନାକର ବେହେରା ମୁଖ୍ୟବକ୍ତା, ବିଭାଗ ପ୍ରଚାରକ ସୁବ୍ରତ ସାମନ୍ତରାୟ ଏବଂ ନୂଆଗାଁ ଅଞ୍ଚଳର ବିଭିନ୍ନ ଜାତିର ମୁଖିଆ, ସମାଜସେବୀ, ତିନି ପଞ୍ଚାୟତର ୧୫ଟି ଗ୍ରାମର ପ୍ରାୟ ୧୫୦୦ରୁ ଅଧିକ ଲୋକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମଧ୍ୟ ରାମେଶ୍ୱର ମାହାତ ମଞ୍ଚ ପରିଚାଳନା କରିଥିଲେ। ବ୍ରିଜେସ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁକେଶ ମାହାତ, ଲକ୍ଷଣ ମାହାତ, ପହଲୁ ମାହାତ, ଗକୁଳ ମାହାତ, ରାମନାଥ ମାହାତ, ସାବିତ୍ରୀ ମାହାତ, ରଘୁବର ସିଂ, ସୁଦର୍ଶନ ମହାତ ପ୍ରମୁଖ ସହଯୋଗ କରିଥିଲେ।

## ନାଳରେ ଖସିପଡ଼ିଲା କାର୍

**ରାଉରକେଲା, ୩୦।୧(ସମିସ):** ସ୍ଥାନୀୟ ସେକ୍ଟର -୩ ଥାନା ଅନ୍ତର୍ଗତ ପ୍ରେସ କ୍ଲବରୁ ସେକ୍ଟର -୩ ରାସ୍ତାରେ ନାଳ ଭିତରକୁ ଏକ କାର ଖସିପଡ଼ି ଥିଲା। ମହିଳା ଚାଳକ ଉକ୍ତ ରାସ୍ତା ଦେଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ଥିଲେ। ସ୍ଥାନୀୟ ଲୋକେ କାରକୁ ନାଳରୁ ଉଦ୍ଧାର କରିଥିଲେ। ତେବେ ଏଥିରେ କାହାରି କିଛି କ୍ଷତି ହୋଇନଥିବା ଜଣାପଡ଼ିଛି।

## ଜ୍ଞାନ ମଞ୍ଚ କୁଇଜ୍ ପ୍ରତିଯୋଗିତାର ତୃତୀୟ ସଂସ୍କରଣ




**ରାଉରକେଲା, ୩୦।୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ମାନବ ସମ୍ବଳ (ଜ୍ଞାନାର୍ଜନ ଏବଂ ବିକାଶ) ବିଭାଗ ଦ୍ୱାରା ଗୋପବନ୍ଧୁ ଅଡିଟୋରିୟମ ଠାରେ ଜ୍ଞାନ ମଞ୍ଚ କୁଇଜ୍ ପ୍ରତିଯୋଗିତାର ତୃତୀୟ ସଂସ୍କରଣ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଦ୍ୱିମାସିକ ଜ୍ଞାନ -ଆଦାନ ପ୍ରଦାନ ପଦକ୍ଷେପ 'ଆରଏସପି ଜ୍ଞାନ ମଞ୍ଚ'ର ଏକ ଅଂଶ ଭାବରେ ଆୟୋଜିତ ହୋଇଥିଲା। ଏହି ଅନଲାଇନ୍ କୁଇଜ୍ ପ୍ରତିଯୋଗିତାରେ ଦୁଇଜଣ ସଦସ୍ୟ ବିଶିଷ୍ଟ ମୋଟ ୫୧ଟି ଦଳ ଅଂଶଗ୍ରହଣ କରିଥିଲେ। ବୋକାରୋ ଇସ୍ପାତ କାରଖାନାର ସିନିୟର ମ୍ୟାନେଜର ଶୁଭାନ ବର୍ମା କୁଇଜ୍ ମାଷ୍ଟର ଭାବରେ ପରିଚାଳନା କରିଥିଲେ। ଏଥିରେ ୫୦ଟି ପ୍ରଶ୍ନ ସମ୍ବଳିତ ଏହି ପ୍ରତିଯୋଗିତାଟିରେ ମୋଟ ଦୁଇଟି ରାଉଣ୍ଡରେ ବିଭକ୍ତ ହୋଇଥିଲା। ଏକ ଆକର୍ଷଣୀୟ ଏବଂ ବୌଦ୍ଧିକ ଉତ୍ସାହଜନକ ପ୍ରତିଯୋଗିତା ପରେ କୋକ୍ ଓଭେନ୍ସ ବିଭାଗର ଏଜିଏମ୍ ସମ୍ପଦ ମିଶ୍ର ଏବଂ ଏସ୍‌ଏମ୍‌ଏସ୍-୧ ବିଭାଗର ଏଜିଏମ୍‌ଏସ୍ ଶ୍ରୀନାଥ ଏହି କୁଇଜ୍ ପ୍ରତିଯୋଗିତାରେ ବିଜେତା ହୋଇଥିଲେ। ଏହି ଜ୍ଞାନ ମଞ୍ଚ କୁଇଜର ତୃତୀୟ ସଂସ୍କରଣ 'ବ୍ୟବସାୟିକ କୁଇଜ୍' ଥିଲା। ଏହି କାର୍ଯ୍ୟକ୍ରମକୁ ମାନବ ସମ୍ବଳ(ଜ୍ଞାନାର୍ଜନ ଓ ବିକାଶ) ବିଭାଗର ଡିଜିଏମ୍ କେକେ ଜୟସ୍ୱାଲ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସ୍ୱୀକୃତି ପ୍ରଦାନ ସ୍ୱରୂପ ବିଜେତା ଦଳକୁ ୩୦୦୦ ଟଙ୍କା (ପ୍ରତି ସଦସ୍ୟ ୧୫୦୦ ଟଙ୍କା) ସହିତ ପ୍ରତ୍ୟେକଙ୍କୁ ୨୫୦ ଟଙ୍କା ମୂଲ୍ୟର ପୁସ୍ତକ ମିଳିବ। ସେହିପରି ଉପବିଜେତା ଦଳକୁ ୨୫୦ ଟଙ୍କା ମୂଲ୍ୟର ପୁସ୍ତକ ସହିତ ୨୦୦୦ ଟଙ୍କା (ପ୍ରତି ସଦସ୍ୟ ୧୦୦୦ ଟଙ୍କା) ମିଳିବ। ପରବର୍ତ୍ତୀ ସଂସ୍କରଣରେ ଦଳଗୁଡ଼ିକୁ ଅଂଶୀଦାର ପରିବର୍ତ୍ତନ କରିବାର ସ୍ୱାଧୀନତା ମଧ୍ୟ ରହିଛି, ଯଦିଓ ବିଜେତା ମିଶ୍ରଣଗୁଡ଼ିକୁ ଏକ ଆର୍ଥିକ ବର୍ଷ ମଧ୍ୟରେ କେବଳ ଦୁଇଥର ପୁନରାବୃତ୍ତି କରିବାକୁ ଅନୁମତି ଦିଆଯାଇଛି। କୁଇଜ୍‌ରେ ସଂକ୍ଷିପ୍ତ ତାଲିକା ଫାଇନାଲିଷ୍ଟଙ୍କ ପାଇଁ ଏକ ଅନଲାଇନ୍ ପ୍ରାରମ୍ଭିକ ରାଉଣ୍ଡ, ତା'ପରେ ଏକ ପାୱାର ପଏଣ୍ଟ -ଆଧାରିତ, ଅଡିଓ-ଭିଜୁଆଲ୍ ଏବଂ ଇଣ୍ଟରାକ୍ଟିଭ୍ ଫାଇନାଲ୍ ରାଉଣ୍ଡ ଅନ୍ତର୍ଭୁକ୍ତ ରହିଛି।

## ୫ମ ଆନ୍ତଃ ମହାବିଦ୍ୟାଳୟ ଓଡ଼ିଆ ନାଟକ ପ୍ରତିଯୋଗିତା

# ଦ୍ୱିତୀୟ ସନ୍ଧ୍ୟାରେ ୩ ନାଟକ ମଞ୍ଚସ୍ଥ

**ରାଉରକେଲା, ୩୦।୧(ସମିସ)**

ସ୍ଥାନୀୟ ସିଭିକ ସେଣ୍ଟରଠାରେ ଆୟୋଜିତ ରାଉରକେଲାର ନାଟ୍ୟ ସଂଗଠନ 'ପରିଚୟ' ପକ୍ଷରୁ ୫ମ ଆନ୍ତଃ ମହାବିଦ୍ୟାଳୟ ଓଡ଼ିଆ ନାଟକ ପ୍ରତିଯୋଗିତା - ୨୦୨୬ର ଦ୍ୱିତୀୟ ସଂଧ୍ୟା ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଶୋକ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ନାଟକ ସଂଧ୍ୟାରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ମାନୀୟ ଅତିଥି ଭାବେ ଆର୍‌ଏସ୍‌ପି ସହର ପ୍ରଶାସନ ସିଜିଏମ ଟିଜି କାନେକର, ନାଟ୍ୟକାର ପ୍ରଫେସର ସମର ମୁଦାଲି, ବିଜେଡି ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଏବଂ ଭରତ ଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। ସମ୍ପାଦକ ପଞ୍ଚାନନ ପାତ୍ର ନାଟକ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଆଜିର ଏହି ଦ୍ୱିତୀୟ ନାଟକ ସଂଧ୍ୟାରେ ପ୍ରଥମ ନାଟକ ପଦ୍ମପୁରର ଅଞ୍ଚଳିକ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଟକ 'ମିଟୁର୍ କଥା' ମଞ୍ଚସ୍ଥ ହୋଇଥିଲା। ସେହିପରି ରାଉରକେଲା ଏସ. କେ ଡିଏଭି ପଲିଟେକନିକ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦ୍ୱିତୀୟ ନାଟକ 'ମାଙ୍କଡ ତମସା' ଏବଂ ତୃତୀୟ ନାଟକ 'ଏମିତି ବି ହୁଏ' ରାଉରକେଲା କଲେଜର ଛାତ୍ରଛାତ୍ରୀଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ ପୁରସ୍କାର ବିତରଣ ଉତ୍ସବ ଆୟୋଜନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଉପସଭାପତି ପଞ୍ଚାନନ ମହାପାତ୍ର, ରାହୁଲ ରଜକ, ଗାୟତ୍ରୀ ବିଶୋଇ, ପ୍ରଜ୍ଞାପରୀମିତା ପାଣିଗ୍ରାହୀ, ପୂଜା ସେନାପତି, ବିଜୟ ଦାସ, ବିଶ୍ୱଜିତ୍ ମହାପାତ୍ର, ସରନନ୍ଦ ବରାଳ, ପାୟଲ ନାୟକ, ଦିନେଶ ନନ୍ଦ, ମାନସ ସାହୁ ପ୍ରମୁଖ ନାଟକ ପରିଚାଳନାରେ ସହଯୋଗ କରିଥିଲେ।



## ରାଜ୍ୟସ୍ତରୀୟ କବାଡି ଚୟନ ଶିବିର ୬ରେ

**ରାଉରକେଲା, ୩୦।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ୨୭ତମ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ପାଇଁ ଜିଲ୍ଲା ବରିଷ୍ଠ ପୁରୁଷ ଓ ମହିଳା ଦଳ ଗଠନ ପାଇଁ ଏକ ଚୟନ ଶିବିର ଆସନ୍ତା ୬ ତାରିଖରେ ହୃଷୀକେଶ ରାୟ କଲେଜ୍‌ଠାରେ ଅନୁଷ୍ଠିତ ହେବ। ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ କବାଡି ଖେଳାଳି ଅଂଶ ଗ୍ରହଣ କରି ପାରିବେ। ଇଚ୍ଛୁକ ଖେଳାଳି ନିଜର ମେଟ୍ ଜୋତା ସାଙ୍ଗରେ ନେଇ ଆସିବେ ଓ ନିଜର ଆଧାର କାର୍ଡ, ପାସପୋର୍ଟ ଫଟୋ ନେଇକି ଆସିବେ ବୋଲି ସୂଚାଯାଇଛି। ସବିଶେଷ ବିବରଣୀ ଜିଲ୍ଲା କବାଡି ସମ୍ପାଦକ ପ୍ରଶାନ୍ତ ପଟେଲଙ୍କ ସହିତ ଯୋଗାଯୋଗ କରିବାକୁ ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ ସୂଚନା ଦେଇଛନ୍ତି।

# କଟକ ସିଟି



# କେବେ ସୁଧୁରିବ ସାଇବର ଥାନା?

**କଟକ, ୩୦ ।୧(ସମିସ)**

କମିସନରେଟ୍ ପୁଲିସ ବ୍ୟବସ୍ଥାରେ ସୁଧାର ଆଣିବାକୁ ସରକାର ପ୍ରାଣପ୍ରଣେ ଉଦ୍ୟମ ଚଳାଇଛନ୍ତି। କଟକ ୟୁପିଡିରେ ରହିଥିବା କର୍ମଚାରୀ ଅଭାବ ଓ ଭିତ୍ତିଭୂମିରେ ସୁଧାର ଆଣିବାକୁ ବର୍ଷ ବର୍ଷ ହେବ ଉଦ୍ୟମ ହୋଇଆସୁଛି। ହେଲେ କଟକ ସାଇବର ଥାନାର ସ୍ଥିତିକୁ ଦେଖିଲେ, ପୁଲିସ ବିଭାଗର ପରିଚାଳନା, ଯୋଜନା ଏବଂ କାର୍ଯ୍ୟକାରୀତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାରେ ଯେତେବେଳେ ଭିତ୍ତିଭୂମିରେ ସାମାନ୍ୟ ସୁଧାର ଆସିଥିଲା, ସେତେବେଳେ ଅଫିସର ତଥା କର୍ମଚାରୀ ଅଭାବ ରହିଥିଲା। ଏବେ ଭିତ୍ତିଭୂମିରେ ପରିବର୍ତ୍ତନ ଆସିଥିବା ବେଳେ ଅଫିସର ଓ କର୍ମଚାରୀଙ୍କ ସଂଖ୍ୟା ଆବଶ୍ୟକ ଠାରୁ ଅଧିକ ବୃଦ୍ଧି ପାଇଛି। ଥାନାକୁ ଆସିଥିବା ୩ନୂଆ ଆଇଆଇସିଙ୍କୁ ବସିବାକୁ ଚାମ୍ବର ନାହିଁ କି ଚେୟାର୍ ନାହିଁ। ଚୌକି ନଥିବାରୁ ଅଫିସରମାନେ ବସିବାକୁ ହନ୍ତସନ୍ତ ହେଉଛନ୍ତି। ଯିଏ ଥାନାରେ ଶୀଘ୍ର ପହଞ୍ଚିଲା, କନେଷ୍ଟବଳ ଓ ହୋମଗାର୍ଡଙ୍କ ଲାଗି ଉଦ୍ଦିଷ୍ଟ ବେଞ୍ଚରେ ବସିବାକୁ ପଡୁଛି। ସମସ୍ୟା ଦୀର୍ଘ ୩ମାସ ହେବ ଲାଗି ରହିଥିବା ବେଳେ ଏହାର ସମାଧାନ ହୋଇ ପାରୁନାହିଁ।

ସାଇବର ଥାନା ୨୦୨୧ ଡିସେମ୍ବର ଶେଷ ସପ୍ତାହରେ କାର୍ଯ୍ୟକାରୀ ହୋଇଥିବା ବେଳେ ପୁରୁଣା କାଫଲା ଫାଣ୍ଡିକୁ ମରାମତି କରାଯାଇ ସେଠାରେ ଥାନା କାମ ଆରମ୍ଭ କରାଯାଇଥିଲା। ଏହି ସମୟରେ ଥାନାରେ ଜଣେ ଇନ୍ସପେକ୍ଟର ଓ ୨ ଜଣ ଏସ୍ଆଇଙ୍କୁ ନିଯୁକ୍ତି ମିଳିଥିଲା। ଥାନାରେ ପ୍ରଥମ ୨୦୨୨ରେ ମାତ୍ର ୪୦ ଓ ୨୦୨୩ ମସିହାରେ ୫୧ଟି ମାମଲା ରୁଜୁ ହୋଇଥିଲା। ତେବେ ଏହା ପରଠୁ





**ଗୋଟିଏ ଥାନାରେ ୩ ନୂଆ ଇନ୍ସପେକ୍ଟରଙ୍କୁ ମିଳିଛି ଦାୟିତ୍ୱ**

**ଚୌକି ନ ଥିବାରୁ ଅଫିସର ହନ୍ତସନ୍ତ**

ମାମଲା ବଢ଼ିବାରୁ ଅଧିକ ତଦନ୍ତକାରୀ ଅଫିସରଙ୍କ ଆବଶ୍ୟକତା ଦେଖା ଦେଇଥିଲା। ତେଣୁ ଥାନାରେ ଅଧିକ କର୍ମଚାରୀ ଦେବାକୁ ଉଦ୍ୟମ ହୋଇଥିଲା। ମାତ୍ର ଅଧିକାରୀ ଆସିଲେ ନାହିଁ କିମ୍ବା ଥାନାରେ କାମ ବଢୁଥିଲେ ବି ସେହି ପୁରୁଣା କୋଠାରେ କାମ ଚାଲିଥିଲା। ଗତ ୨୦୨୪ରେ ଥାନାରେ ହଠାତ୍ ମାମଲା ସଂଖ୍ୟା ୧୦୦ ଟପି ଯାଇଥିଲା। ଫଳରେ ଗତ ୨୦୨୫ରେ ଥାନାକୁ ଜଣେ ଏସିପି ଓ ଅନ୍ୟ ଜଣେ ଇନ୍ସପେକ୍ଟରଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏସିପି ଆସି ଥାନା ଦାୟିତ୍ୱ ନେଲା ବେଳେ ଅନ୍ୟ ଜଣେ ଇନ୍ସପେକ୍ଟର ଡ୍ୟୁଟିରେ ଯୋଗ ଦେଇନଥିଲେ। ଫଳରେ ପୁଣି କାମରେ ସମସ୍ୟା ଦେଖାଦେଇଥିଲା। ଏବେ ହଠାତ୍ ଥାନାକୁ ୩ ଜଣ ଇନ୍ସପେକ୍ଟରଙ୍କୁ ନିଯୁକ୍ତି ଦିଆଯାଇଛି। ଇନ୍ସପେକ୍ଟର ବିକ୍ରମ ପଲେଇ, ଇନ୍ସପେକ୍ଟର ଦେବୀପ୍ରସାଦ ସାହୁ ଓ ଇନ୍ସପେକ୍ଟର ସସ୍ମିତା ଖିଲାରଙ୍କୁ ନିଯୁକ୍ତ ମିଳିଛି। ଫଳରେ ପୂର୍ବରୁ ଥିବା ଏସିପି ସତ୍ୟଜିତ ଦାସ ଓ ଇନ୍ସପେକ୍ଟର ରଶ୍ମିତା ଜେନାଙ୍କୁ ମିଶାଇ ଥାନାରେ ଏବେ ୫ ଜଣ ଅଧିକାରୀ। ଏଥିସହିତ ମହିଳା ଏସ୍ଆଇ ଲିଲି ସାହୁ ମଧ୍ୟ ଅଛନ୍ତି। ଥାନାରେ ୧୨ ଜଣ କନ୍‌ଷ୍ଟେବଳ ମଧ୍ୟ କାମ କରୁଛନ୍ତି। ତେଣୁ ଏତେ ସଂଖ୍ୟାରେ ଅଧିକାରୀ ଓ କର୍ମଚାରୀଙ୍କୁ ଥାନାରେ ବସାଇବା ପାଇଁ ଜାଗାର ଅଭାବ ଦେଖାଦେଇଛି। ଅଧିକାରୀଙ୍କ ଚ୍ୟାମ୍ବର କହିଲେ ଥାନାରେ ଗୋଟିଏ ଛୋଟ ରୁମ୍। ଯେଉଁଥିରେ ଏସିପି ବସୁଛନ୍ତି। ବାକି ୨ଟି ଛୋଟ ଛୋଟ ରୁମ୍‌ରେ ଜଣେ ଇନ୍ସପେକ୍ଟର ଓ ଜଣେ ଏସ୍ଆଇ ବସୁଥିଲେ। ଅଭିଯୋଗକାରୀ ଆସିଲେ ସେଠାରେ ତାଙ୍କର ଅଭିଯୋଗ ଶୁଣୁଥିଲେ। ଆବଶ୍ୟକ ହେଲେ ଅଭିଯୁକ୍ତଙ୍କୁ ମଧ୍ୟ ସେଠାରେ ପଚରାଉଚରା କରୁଥିଲେ। ତେବେ ଇନ୍ସପେକ୍ଟରଙ୍କ ରୁମ୍‌ରେ ଜାଗାର ଅଭାବ ପଡ଼ିବାରୁ ସ୍ଥିତି ଏମିତି ହେଲାଯେ ଥାନା ଭିତରୁ ଅନ୍ୟାନ୍ୟ ଜିନିଷ କାଢ଼ି ବାରଣ୍ଡାରେ ରଖାଯାଇଥିଲା। ଏବେ ଅନ୍ୟ ୩ ଇନ୍ସପେକ୍ଟରଙ୍କୁ ନିଯୁକ୍ତି ମିଳିବା ପରେ ଅଧିକାରୀ କେଉଁଠାରେ ବସିବେ ତାହାକୁ ନେଇ ଥାନାରେ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଥାନାରେ ଏବେ ଲୋକ ଛିଡ଼ା ହେବାକୁ ଜାଗା ନାହିଁ। ୧୨ ଜଣ କନ୍‌ଷ୍ଟେବଳ ଓ କିଛି ଅଭିଯୋଗକାରୀ ବସିଲେ ଥାନାର ପ୍ରବେଶ ଘରେ ଯାତାୟତ କରିବା ମୁସ୍କିଲ୍ ହୋଇ ପଡୁଛି। ବର୍ତ୍ତମାନ ସାଇବର ଅପରାଧ ବଢୁଛି। କେସ୍ ବଢ଼ିବା ଅନୁସାରେ ଥାନାର ଆବଶ୍ୟକ ଭିତ୍ତିଭୂମି ରହିବା କଥା; ହେଲେ ଗତ ୪ ବର୍ଷ ହେବ ଏଥିରେ ସୁଧାର ଅଣାଯାଇ ପାରିନାହିଁ। ଏଭଳି ପରିସ୍ଥିତିରେ ବହୁବିଧ ସମସ୍ୟା ଘେରରେ ଗତି କରୁଥିବା ସାଇବର ଥାନାରେ ସୁଧାର ଆଣିବାକୁ ଦାବି ହେଉଛି।

## କରତକଳରେ ଭିଜିଲାନ୍ସ ଚଢ଼ଉ

**୧୩ ଲକ୍ଷରୁ ଅଧିକ ଟଙ୍କାର ଶାଗୁଆନ କାଠ ଓ ଯନ୍ତ୍ରାଂଶ ଜବତ**



**କଟକ, ୩୦ ।୧(ସମିସ):** ଓଡ଼ିଶା ବନ ବିଭାଗ ଭିଜିଲାନ୍ସ ପକ୍ଷରୁ କଟକ ଜିଲ୍ଲା ନିଆଳି ଥାନା ଅନ୍ତର୍ଗତ ଅଥଙ୍ଗା ଗ୍ରାମରେ ଏକ ବେଆଇନ କରତ କଳ ଉପରେ ଚଢ଼ଉ କରାଯାଇଛି। ଏହି ମିଳିତ ଚଢ଼ଉରେ ବିପୁଳ ପରିମାଣର ମୂଲ୍ୟବାନ ଶାଗୁଆନ କାଠ ସମେତ କରତ କଳର ବିଭିନ୍ନ ଯନ୍ତ୍ରାଂଶ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୧୩ ଲକ୍ଷ ଟଙ୍କାରୁ ଅଧିକ ହେବ। ବିଭିନ୍ନ ଯନ୍ତ୍ରାଂଶ ସହ ୮.୫୧ ଘନଫୁଟର ମୂଲ୍ୟବାନ କାଠ ଜବତ କରାଯାଇଛି। ଏହାବ୍ୟତୀତ ଅଥଙ୍ଗା ପ୍ରାଥମିକ ବିଦ୍ୟାଳୟ ନିକଟରେ ବେଆଇନ ଭାବେ ଗଚ୍ଛିତ ରଖାଯାଇଥିବା ପ୍ରାୟ ୫୦.୬୪ ଘନଫୁଟ ପରିମାଣର ଗୋଲ ଶାଗୁଆନ କାଠ ମଧ୍ୟ ଠାବ କରାଯାଇ ଜବତ କରାଯାଇଛି। ଜବତ ସମସ୍ତ ଯନ୍ତ୍ରାଂଶ ଏବଂ କାଠର ମୂଲ୍ୟ ପ୍ରାୟ ୧୩ ଲକ୍ଷ ୭ ହଜାର ୮୬୬ ଟଙ୍କା ବୋଲି ଆକଳନ କରାଯାଇଛି। ଏହି କରତ କଳଟି କୌଣସି ବୈଧ ଲାଇସେନ୍ସ ବିନା ଚାଲୁଥିଲା। ଯାହା ଓଡ଼ିଶା ସ ମିଲ ଏବଂ ସପିଟ୍ (ନିୟନ୍ତ୍ରଣ) ଅଧିନିୟମ-୧୯୯୧ ଧାରା-୪ର ସ୍ପଷ୍ଟ ଉଲ୍ଲଙ୍ଘନ ଅଟେ। ଭୁବନେଶ୍ୱର ସିଟି ଫରେଷ୍ଟ ଡିଭିଜନ ଅଧୀନରେ ଥିବା ଫୁଲନଖରା ରେଞ୍ଜରେ ଦୁଇଟି ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ସର୍ବଧର୍ମ ପ୍ରାର୍ଥନା ସଭା



**କଟକ, ୩୦।୧(ସମିସ):** ନେତାଜୀ ଜୟନ୍ତୀରୁ ସହିଦ ଦିବସ ପର୍ଯ୍ୟନ୍ତ ଇଣ୍ଟରନ୍ୟାସନାଲ କ୍ଲବ ପକ୍ଷରୁ ମଙ୍ଗଳାବାଗ ମେଡିକାଲ ରୋଡରେ 'ଜଣେ ସନ୍ଥ ଜଣେ ଯୋଦ୍ଧା' ଫଟୋଚିତ୍ର ପ୍ରଦର୍ଶନୀ ଏବଂ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ୭୮ତମ ସହିଦ ଦିବସ ଅବସରରେ ବିଶାଳ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି। କ୍ଲବର ଆବାହକ ସୁଭାଷ ଦାସଙ୍କ ଅଧ୍ୟକ୍ଷତାରେ ଏହି ପ୍ରାର୍ଥନା ସଭାରେ କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟର ସନ୍ଧ୍ୟାରାଣୀ ମଲ୍ଲିକ, କବିତାରାଣୀ ପରିଡ଼ା, ଅହଲ୍ୟା ନାଥ, ଅନ୍ନପୂର୍ଣ୍ଣା ମିଶ୍ର, କୃଷ୍ଣରାଣୀ ବୋଷ, ଭାରତୀ ଘୋଷ, ମନୋରମା ସ୍ୱାଇଁ, ଜୟନ୍ତୀ ବିଶ୍ୱାଳ, ସତ୍ୟଭାମା ସାହୁ, ଗାୟତ୍ରୀ ଦାସ, ପ୍ରଫେସର ସ୍ୱପ୍ନା ମହାପାତ୍ର ପ୍ରମୁଖ ପ୍ରାର୍ଥନା ଆବୃତ୍ତି କରିଥିଲେ। ଏହି ସଭାର ସଞ୍ଚାଳନ କରିଥିଲେ ଡା. ବିଶ୍ୱଜିତ, ହରିହର ସେନ, ମିହିର ପ୍ରତାପ ଦାସ, ଅନ୍ତର୍ଯ୍ୟାମୀ ବରାଳ, ନିକୁଞ୍ଜ ଭୂତିଆ ପ୍ରମୁଖ। ସଭାରେ ଗ୍ରୀନ ନୋବେଲ ବିଜେତା ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ, ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ତଥା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ବିଶିଷ୍ଟ କୃଷକ ନେତା ଲିଙ୍ଗରାଜ ପ୍ରମୁଖ ସାମିଲ ହୋଇଥଲେ।

## ୨ ନିଶା ବେପାରୀ ଗିରଫ: ଗଞ୍ଜେଇ ଭର୍ତ୍ତି କାର୍ ଜବତ

**କଟକ, ୩୦ ।୧(ସମିସ):** କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଦୁଇ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ନୟାଗଡ଼ ଜିଲ୍ଲା ଗଣିଆ ଥାନାଞ୍ଚଳର ଦ୍ୱିତୀକୃଷ୍ଣ ବେହେରା(୩୫) ଓ ଦଶପଲ୍ଲା ଅଞ୍ଚଳର ସଞ୍ଜୟ ନାୟକ(୩୩)। ଏମାନଙ୍କ ପାଖରୁ ୬୬ କିଲୋ ଓଜନର ଗଞ୍ଜେଇ ଜବତ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ଏକ କାରରେ ନିଶାଦ୍ରବ୍ୟ ଚାଲାଣ କରୁଥିଲେ। ଅବକାରୀ ଟିମ ସଦର ଥାନା ଅନ୍ତର୍ଗତ ବାଲିକୁଦା ଛକରେ ଜଗି ରହିଥିଲା। ଗାଡିକୁ ଅଟକାଇ ତଲାସି ନେବାରୁ ୩ଟି ବସ୍ତାରେ ମୋଟ ୬୬ କିଲୋ ଓଜନର ଗଞ୍ଜେଇ ମିଳିଥିଲା। ଯାହାର ମୂଲ୍ୟ ପ୍ରାୟ ୧୧ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ନିଶାଦ୍ରବ୍ୟ ଓ ଚାଲାଣରେ ବ୍ୟବହୃତ ଦାମୀ କାର ଜବତ କରିଛି। ଅଭିଯୁକ୍ତଦ୍ୱୟ କନ୍ଧମାଳ ଜିଲ୍ଲାରୁ ଗଞ୍ଜେଇ ଆଣି କଟକ, ବାଲେଶ୍ୱର ଆଦି ଜିଲ୍ଲାକୁ ଚାଲାଣ କରୁଥିବା ତଦନ୍ତରୁ ଜଣାପଡ଼ିଛି। କୋର୍ଟ ଚାଲାଣ ପରେ ଦୁଇ ଜଣଙ୍କୁ ଜେଲ ପଠାଇ ଦିଆଯାଇଛି।

## ନବମ ଦିନରେ ଶୈଳବାଳା ଛାତ୍ରୀଙ୍କ ଆନ୍ଦୋଳନ



**କଟକ, ୩୦।୧(ସମିସ):** ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଚାଲିଥିବା ଶୈଳବାଳା ଛାତ୍ରୀ ଆନ୍ଦୋଳନ ନବମ ଦିନରେ ପହଞ୍ଚିଛି। ଆନ୍ଦୋଳନରେ କଲେଜକୁ ଆସି ସମର୍ଥନ ଜଣାଇଥିଲେ ସହରର ଅନେକ ବୁଦ୍ଧିଜୀବୀ ଓ କଲେଜର ପ୍ରାକ୍ତନ ଅଧ୍ୟକ୍ଷା। ମଧୁସ୍ମୃତି ସୁରକ୍ଷା ମଞ୍ଚର ସଭାପତି ଡ. ନଟବର ଶତପଥୀ, ସମ୍ପାଦକ ସନ୍ତୋଷ ମହାରଣା, ବିଶିଷ୍ଟ ଶିକ୍ଷାବିତ୍ ଡ. ସତ୍ୟକାମ ମିଶ୍ର, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଅଭିନେତା ସତ୍ୟବ୍ରତ ତ୍ରିପାଠୀ, ମନୋଜ ପତି, କଟକ ହେରିଟେଜ ୱାର୍କସର ଆବାହକ ଡ. ଦୀପକ ସାମନ୍ତରାୟ, କଲେଜ ଆଲୁମିନି ସଭାନେତ୍ରୀ ପ୍ରଫେସର ଗୋପା ଦାସ, ପୂର୍ବତନ ଅଧ୍ୟକ୍ଷା ଡ. ଗାୟତ୍ରୀ ବିଶ୍ୱାଳ, ପୁରାତନ ଛାତ୍ରୀ ବିଜୟିନୀ ମିଶ୍ର, ରମା ବୋଷ, ମିନାକ୍ଷୀ ମିଶ୍ର, ପ୍ରମୁଖ ଆଜି ଛାତ୍ରୀ ଆନ୍ଦୋଳନରେ ଯୋଗ

**ସମର୍ଥନ ଜଣାଇଲେ ବୁଦ୍ଧିଜୀବୀ ଓ ପ୍ରାକ୍ତନ ଅଧ୍ୟକ୍ଷା**

ଦେଇ ନିଜର ନୈତିକ ସମର୍ଥନ ଜଣାଇଥିଲେ। ସେହିପରି ଆଜି ଛାତ୍ରୀମାନଙ୍କ ପକ୍ଷରୁ ବ୍ୟାନର୍‌ରେ ଏକ ଦସ୍ତଖତ ଅଭିଯାନର ଆରମ୍ଭ କରାଯାଇଥିଲା। ଏଥିସହ ଛାତ୍ରୀମାନେ ଆଜି ପ୍ରଥମଥର ପାଇଁ କଲେଜ କ୍ୟାମ୍ପସ୍‌ରେ ମାର୍ଚ୍ଚ କରିବା ସହ ବିଭିନ୍ନ ହଷ୍ଟେଲ୍‌ରେ ଥିବା ଅନ୍ତେବାସୀଙ୍କୁ ଏଥିରେ ଯୋଗ ଦେବାକୁ ଆହ୍ୱାନ ଦେଇଥିଲେ। ଆଗକୁ ସହରରେ ଏ ନେଇ ବିଭିନ୍ନ ସଂଗଠନ ପକ୍ଷରୁ ମିଳିତ ଆନ୍ଦୋଳନ କରାଯିବାକୁ ବୁଦ୍ଧିଜୀବୀ ସଂଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଛାତ୍ରୀ ମୌସୁମୀ ମହାନ୍ତ, ବିଜୟିନୀ ନାଟିଆ, ସୁଚିତ୍ରା ସେଠୀ, ପ୍ରଭାତୀ ସେଠୀ, ମନୀଷା ବେହେରା, ଲିପା ସାହୁ, ଶୁଭଲକ୍ଷ୍ମୀ ମଲ୍ଲିକ, ରିଶିକା ଦାସ, ଭାଗ୍ୟଶ୍ରୀ ସାହୁ, ମୃମୁଲ ଜେନା, ଶ୍ୱେତପର୍ଣ୍ଣା ଜେନା, ସୁଜାତା ମୁର୍ମୁ, ସବାନା ଖାତୁନ୍, ଈଷା ପ୍ରିୟଦର୍ଶିନୀ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ୮ ଲକ୍ଷର ବ୍ରାଉନ୍‌ସୁଗର ଜବତ; ବେପାରୀ ଗିରଫ

**କଟକ, ୩୦ ।୧(ସମିସ):** ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଜଣେ ପେସାଦାର ନିଶା ବେପାରୀକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ରାଣୀହାଟ ଶଗଡ଼ିଆ ସାହିର ସନ୍ତୋଷ ସାହୁ(୪୩)। ତା' ପାଖରୁ ୮୩ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି। ଅଭିଯୁକ୍ତ ସନ୍ତୋଷ ଦୀର୍ଘ ଦିନ ଧରି ବାଲେଶ୍ୱର ଅଞ୍ଚଳରୁ ନିଶାଦ୍ରବ୍ୟ ଆଣି କଟକ ସହରରେ କାରବାର କରୁଥିଲା। ଏହି ସୂଚନା ପାଇବା ପରଠୁ ଅବକାରୀ ଟିମ ତାର ଗତିବିଧି ଉପରେ ନଜର ରଖିଥିଲା। ଶୁକ୍ରବାର ସେ ନିଶାଦ୍ରବ୍ୟ ଯୋଗାଣ ଉଦ୍ଦେଶ୍ୟରେ ସତୀଚୌରା ଇମାମପଡ଼ା ବସ୍ତିକୁ ଆସିଥିଲା। ଏହି ସୂଚନା ପାଇ ଅବକାରୀ ଟିମ ତାକୁ ସେହିଠାରେ ମାଡିବସିଥିଲା। ତା' ପାଖରୁ ଜବତ ହୋଇଥିବା ୮୩ ଗ୍ରାମ ବ୍ରାଉନସୁଗରର ମୂଲ୍ୟ ପ୍ରାୟ ୮ ଲକ୍ଷ ୩୦ ହଜାର ଟଙ୍କା ହେବ। କୋର୍ଟ ଚାଲାଣ ପରେ ତାକୁ ଜେଲ ପଠାଇ ଦିଆଯାଇଛି।

## ବିଭିନ୍ନ ସ୍ଥାନରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ

### କଟକ ଜିଲ୍ଲା ସର୍ବୋଦୟ ମଣ୍ଡଳ



**କଟକ, ୩୦।୧(ସମିସ):** ଉତ୍କଳ ସର୍ବୋଦୟ ମଣ୍ଡଳ, କଟକ ଜିଲ୍ଲା ସର୍ବୋଦୟ ମଣ୍ଡଳ ପକ୍ଷରୁ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ପୁରୀଘାଟସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ କଟକ ଜିଲ୍ଲା ସର୍ବୋଦୟ ମଣ୍ଡଳର ସଭାପତି ଡାକ୍ତର ରବିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି, ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଉତ୍କଳ ସର୍ବୋଦୟ ମଣ୍ଡଳର ସମ୍ପାଦକ, ରମାକାନ୍ତ ମଣ୍ଡଳ ଯୋଗ ଦେଇଥିଲେ। ଓଡ଼ିଶା ଗାନ୍ଧୀ ବିଚାର ପରିଷଦ ସଭାପତି ସର୍ବୋଦୟର ଲୋକସେବକ ଭକ୍ତ ବତ୍ସଳ ମହାନ୍ତିଙ୍କ ଦ୍ୱାରା ପ୍ରସାରିତ 'ରାଷ୍ଟ୍ରପିତା' ମାସିକ ପତ୍ରିକାକୁ ଲୋକାର୍ପିତ କରାଯାଇଥିଲା। ପ୍ରାର୍ଥନା ସଭାରେ ଉର୍ବଶୀ ନାୟକ, ବିନୟ ସାହୁ, ବବିତା ବେହେରା, କବିତା ପରିଡ଼ା, କ୍ରିଷ୍ଣାରାଣୀ ଘୋଷ, ଟିକିଲି ପଣ୍ଡା, ରେଣୁକା ସାହୁ, ସ୍ନେହାଂଶୁ ଜେନା, ଇନ୍ଦୁମତୀ ସାହୁ, ମାଳତୀ ପାତ୍ର ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲା ବେଳେ ସର୍ବୋଦୟ ଲୋକସେବକ ସ୍ନେହାଂଶୁ ଜେନା ଧନ୍ୟବାଦ

### କଟକ ଜିଲ୍ଲା ବିଜେଡି



ମହାତ୍ମା ଗାନ୍ଧୀଙ୍କ ପୁଣ୍ୟତିଥି ତଥା ସହିଦ ଦିବସ ଅବସରରେ କଟକ ଜିଲ୍ଲା ବିଜୁ ଜନତା ଦଳ ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଦୋଳମୁଣ୍ଡାଇସ୍ଥିତ ଜିଲ୍ଲା ବିଜେଡି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମଧୁସୂଦନ ସାହୁ, ଡ. ରଞ୍ଜନ ବିଶ୍ୱାଳ, ମହମ୍ମଦ ସକିଲ, ପ୍ରଫୁଲ୍ଲ ବେହେରା, ପ୍ରକାଶ ସିଂହ, ଆର୍ତ୍ତ ରଞ୍ଜନ ବିଶ୍ୱାଳ, ଇଂ ସୁବ୍ରତ ଘଡେଇ, ତାପସ ମହାନ୍ତି, ସୟଦ ଏକରାମ ହୁସେନ, ଅନିତା ବେହେରା, ପୂର୍ଣ୍ଣିମା ସିଂ, ଏ ଶ୍ରୀଦେବୀ, ପୁଷ୍ପିତା ମହାନ୍ତି, ରିତାଞ୍ଜଳି ବେହେରା, ତନ୍ମୟା ରାୟ, ବନଲତା ପ୍ରଧାନ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ଦାଦାବଟି ଆଦାୟ ଓ ଘରୁ ବନ୍ଧୁକ-ଗୁଳିଗୋଳା ଜବତ ଘଟଣା**

## ହାଇକୋର୍ଟରେ ଧଳସାମନ୍ତ ଭ୍ରାତାଙ୍କ ଜାମିନ ଆବେଦନ ଖାରଜ

**କଟକ, ୩୦ ।୧(ସମିସ):** ମର୍କତ ନଗର ଥାନାରେ ରୁଜୁ ହୋଇଥିବା ଏକ ଚାନ୍ଦା ଆଦାୟ ଓ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ମାମଲାରେ କୁଖ୍ୟାତ ଗ୍ୟାଙ୍ଗଷ୍ଟର ଧଳସାମନ୍ତ ଭ୍ରାତା ହାଇକୋର୍ଟରୁ ନିରାଶ ହୋଇଛନ୍ତି। ସୁଶାନ୍ତ କୁମାର ଧଳସାମନ୍ତ ଏବଂ ସୁଶୀଲ କୁମାର ଧଳସାମନ୍ତଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଖାରଜ କରିଦେଇଛନ୍ତି। କେବଳ ଦୀର୍ଘ ଦିନ ଜେଲରେ ରହିବା ଜାମିନ ପାଇଁ ଏକମାତ୍ର ଆଧାର ହୋଇପାରିବ ନାହିଁ ବୋଲି ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ରହିଛି। ସେହିଭଳି ସମାଜ ଉପରେ ଏଭଳି ଅପରାଧୀଙ୍କ ପ୍ରଭାବ ଏବଂ ସେମାନଙ୍କ ଅପରାଧିକ ଇତିହାସକୁ ଦୃଷ୍ଟିରେ ରଖି ହାଇକୋର୍ଟ ଜାମିନ ପ୍ରଦାନ କରିବାକୁ ମନା କରିଦେଇଛନ୍ତି। କଟକ ମର୍କତ ନଗର ଥାନାରେ ୨୦୨୦ରେ ଅଭିଯୁକ୍ତ ଧଳସାମନ୍ତ ଭ୍ରାତାଙ୍କ ବିରୋଧରେ ଆଇପିସି ଧାରା ୩୮୬, ୩୮୭, ୧୨୦-ବି ଏବଂ ଅସ୍ତ୍ରଶସ୍ତ୍ର ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା। ସେମାନଙ୍କ ଘରୁ ବେଆଇନ ବନ୍ଧୁକ ଓ ଗୁଳିଗୋଳା ଜବତ କରାଯିବା ସହ ଦାଦା ବଟି ମାଗିବା ଅଭିଯୋଗ ରହିଛି। ଶୁଣାଣି ସମୟରେ ଅଭିଯୁକ୍ତଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ ସେମାନେ ପ୍ରାୟ ୧୦ ବର୍ଷ ହେବ ଜେଲରେ ଅଛନ୍ତି, ତେଣୁ ସେମାନଙ୍କୁ ଜାମିନ ମିଳିବା ଉଚିତ। ଅନ୍ୟପଟେ ସୁଶାନ୍ତ ଧଳସାମନ୍ତଙ୍କୁ ପୂର୍ବରୁ ଦୁଇଟି ମାମଲାରେ ସାତ ବର୍ଷ ଏବଂ ପାଞ୍ଚ ବର୍ଷର ଜେଲ୍ ଦଣ୍ଡାଦେଶ ହୋଇଥିବା ବେଳେ ସୁଶୀଲ ଧଳସାମନ୍ତ ମଧ୍ୟ ଏକ ଅପରାଧିକ ମାମଲାରେ ସାତ ବର୍ଷର ଜେଲ୍ ଦଣ୍ଡ ଭୋଗୁଥିବା ସରକାରୀ ଓକିଲ ଦର୍ଶାଇଥିଲେ।

# ଅଧାରୁ ବନ୍ଦ ହେଲା ସିଏମ୍‌ସି କାଉନ୍‌ସିଲ୍ ବୈଠକ

**କଟକ, ୩୦ ।୧(ସମିସ)**

ବିଜୁଭବନସ୍ଥିତ ବିଶ୍ୱନାଥ ପଣ୍ଡିତ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା ୩୮ତମ ପରିଷଦ ବୈଠକ ଚାଲି ପାରିଲା ନାହିଁ। ପରିସ୍ଥିତି ଏଭଳି ହେଲା ଅଧାରରୁ କାଉନସିଲ୍ ବୈଠକ ବନ୍ଦ ହୋଇଗଲା। ଏହି ବୈଠକରେ ସହରୀକରଣ ଯୋଜନାକୁ ତ୍ୱରାନ୍ୱିତ କରିବା, ୨୦୨୬- ୨୭ ବର୍ଷ ଆର୍ଥିକ ବଜେଟ୍ ପ୍ରସ୍ତୁତି, ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା, ମେୟରଙ୍କ ଅନୁମତିକ୍ରମେ ବିଭିନ୍ନ ବିଧେୟ ପାରିତ କରିବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ଏକ ଘଣ୍ଟା ବୈଠକ ଚାଲିବା ପରେ ମେୟରଙ୍କ ପ୍ରତି ଜନ ପ୍ରତିନିଧିଙ୍କ ଖରାପ ବ୍ୟବହାର ଯୋଗୁଁ ବୈଠକକୁ ଅଧାରୁ ବନ୍ଦ କରିବାକୁ ପଡ଼ିଥିଲା। ମେୟର, କମିସନର, ଡେପୁଟି ମେୟର ଓ ବରିଷ୍ଠ ଅଧିକାରୀମାନେ ଅସୁରକ୍ଷିତ ମଣି ବୈଠକ ଅଧାରୁ ଉଠି ପଳାଇଥିଲେ। ଗତ ୨ମାସ ତଳେ ମଧ୍ୟ ହୋଇଥିବା କାଉନ୍‌ସିଲ ବୈଠକରେ କାଚ ସାମଗ୍ରୀ ଭଙ୍ଗାରୁଜା କରାଯିବାରୁ ବୈଠକ ଅଧାରୁ ବନ୍ଦ କରାଯାଇଥିଲା।

ମୁଖ୍ୟମନ୍ତ୍ରୀ ସହରୀକରଣ ଯୋଜନାରେ ଐତିହାସିକ କଟକ ସହରକୁ ସାମିଲ କରାଯାଇଛି। ଏହି ଯୋଜନାରେ ପ୍ରାରମ୍ଭିକ ପର୍ଯ୍ୟାୟରେ ସହରର ବିକାଶ ନିମନ୍ତେ ୬୬ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ଏହା ଦ୍ୱିତୀୟ ପର୍ଯ୍ୟାୟରେ ୨୫୦ କୋଟି ଏବଂ ତୃତୀୟ ପର୍ଯ୍ୟାୟରେ ୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବା ନିମନ୍ତେ ଯୋଜନା ରହିଥିବା ବୈଠକରେ ଆଲୋଚନା କରାଯାଇଥିଲା। ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ସମସ୍ତ ୱାର୍ଡ଼ରେ ୬୬ କୋଟି ଟଙ୍କାରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ଅଲୋଚନା ହୋଇଥିଲା। ଏପରିକି ଡିସେମ୍ବର ମାସରୁ ଏହି ଯୋଜନା ହୋଇଥିବା ବେଳେ ମାର୍ଚ୍ଚ ସୁଦ୍ଧା ସମସ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ କରି ଏନ୍‌ଓସି ପ୍ରଦାନ ଲାଗି ଧାର୍ଯ୍ୟ କରାଯାଇଥିଲା। ଫଳରେ ମାର୍ଚ୍ଚ ପରେ ଆଉ ୨୫୦ କୋଟିର କାର୍ଯ୍ୟକୁ ମଞ୍ଜୁରୀ ମିଳିବାର ଲକ୍ଷ୍ୟ ରଖାଯାଇଥିଲା। ହେଲେ ଫେବୃଆରୀ ମାସ ହେବାକୁ ବସିଥିବା ବେଳେ ଏପର୍ଯ୍ୟନ୍ତ କୌଣସି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଯାହା ଫଳରେ ମାର୍ଚ୍ଚ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ପ୍ରକଳ୍ପ କାର୍ଯ୍ୟ ସରିବା ନେଇ ସନ୍ଦେହ ଦେଖାଦେଇଛି। ଏପରିକି ବିଭାଗ ମଧ୍ୟରେ ସମନ୍ୱୟ ରହୁ ନଥିବାରୁ ପ୍ରଥମ ପର୍ଯ୍ୟାୟ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ନେଇ ଆଶଙ୍କା ଦେଖିଦେଇଛି। ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସହରୀକରଣ ଯୋଜନାରେ କଟକ ସହରରେ ୮୬୪ଟି ପ୍ରକଳ୍ପ ଲାଗି ଆବେଦନ ହୋଇଛି। ତନ୍ମଧ୍ୟରୁ ୩୧୮ ପ୍ରକଳ୍ପର ଟେଣ୍ଡର ହୋଇଥିବା ବେଳେ ମାତ୍ର ୧୮ଟି ପ୍ରକଳ୍ପକୁ କାର୍ଯ୍ୟାଦେଶ ମିଳିଥିବା ସିଟି ଇଞ୍ଜିନିୟର ଏହି ବୈଠକରେ ସୂଚନା ଦେଇଥିଲେ। ତେବେ ବିଭାଗୀୟ



- **ହୋହଲ୍ଲାରେ କମ୍ପିଲା ସଭାଗୃହ**
- **ସଭା ଛାଡ଼ି ପଳାଇଲେ ମେୟର ଓ କମିସନର**
- **ସିଏମ୍‌ସି ପରିସରଭୁକ୍ତ ହେବ ସିଡିଏ ଅଧିକୃତ ଅଞ୍ଚଳ**

ସମନ୍ୱୟ ଅଭାବରୁ କ୍ଲିୟରାନ୍ସ ମିଳିପାରୁ ନଥିବା ବହୁ କର୍ପୋରେଟର ଅଭିଯୋଗ ଉଠାଇଥିଲେ। ସିଙ୍ଗିଲ୍ ବେଞ୍ଚରେ ଅନୁମତି ପତ୍ର ପ୍ରଦାନ କରାଯିବା ସହ ୫ ଲକ୍ଷ ଟଙ୍କା ମଧ୍ୟରେ ଥିବା ପ୍ରକଳ୍ପର କାମ ଯଥାଶୀଘ୍ର ଆରମ୍ଭ କରାଯିବାକୁ ବୈଠକରେ ଆଲୋଚନା ହୋଇଥିଲା।

ସହରରେ ଏବେ ବିଭିନ୍ନ ରାସ୍ତାଘାଟ ଓ ଘର ସମ୍ମୁଖରେ ପାର୍କିଂ ଚିନ୍ତା ବଢ଼ାଇଛି। ଏହାକୁ ଦୃଷ୍ଟିରେ ରଖି ସିଏମ୍‌ସି ପକ୍ଷରୁ ପଦକ୍ଷେପ ନେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ରାସ୍ତା ଉପରେ ବେଆଇନ୍ ପାର୍କିଂ କଲେ ଗାଡ଼ି ଉଠାଇ ନେବ ସିଏମ୍‌ସି। ବାଇକରୁ ୫୦୦, କାରରୁ ୧୦୦୦ ଓ ଭାରୀଯାନରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ପର୍ଯ୍ୟନ୍ତ ଜରିମାନା କରାଯିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏଥିଲାଗି ସିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍‌ରେ ୧୨ ଜଣ ଅବସରପ୍ରାପ୍ତ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ। ଏବେ ସହରୀକରଣ ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦିଆଯାଉଛି। କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ତ୍ରିଶୂଳିଆ, ଆଠଗଡ଼ ଅଞ୍ଚଳରେ ଥିବା ବହୁ ରାଜସ୍ୱ ଗ୍ରାମକୁ ନିଜ ଅଧୀନକୁ ନେଇଛନ୍ତି। ମାତ୍ର ଏପର୍ଯ୍ୟନ୍ତ ସିଏମ୍‌ସି ଏହାକୁ ନିଜ ଅଧୀନକୁ ନେଇନାହିଁ। ତ୍ରିଶୂଳିଆ ଓ ଆଠଗଡ଼ରେ ଥିବା ସିଡିଏ ଅଧିକୃତ ଅଞ୍ଚଳକୁ ସିଏମ୍‌ସି ମଧ୍ୟ ନିଜ ଅଧୀନକୁ ନେବା ଲାଗି ରାଜ୍ୟ ସରକାରଙ୍କ ନିକଟରେ ଲିଖିତ ଜଣାଇଛି। ଯଥାଶୀଘ୍ର ଅନୁମତି ମିଳିବା ପରେ ଏହି ଅଞ୍ଚଳଗୁଡ଼ିକରେ ସିଏମ୍‌ସିର ବିକାଶ ମୂଳକ କାର୍ଯ୍ୟ କରାଯାଇପାରିବ ବୋଲି ଆଲୋଚନା ହୋଇଥିଲା।

## ଡେଙ୍ଗୁଛି ପାଣିକୋଇଲି ଟ୍ରମା କେୟାର ବିବାଦ

# ପିପିପି ମୋଡ୍‌ରେ ନୁହେଁ; ସରକାରୀ ପାଇଁ ପଦଯାତ୍ରା

**ଯାଜପୁର, ୩୦ା୧(ସମିସ)**

ଯାଜପୁର ଜିଲ୍ଲା ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ରେ ବଢୁଥିବା ଦୁର୍ଘଟଣା ଓ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟାକୁ ରୋକିବା ଲକ୍ଷ୍ୟରେ ପାଣିକୋଇଲିରେ ପୂର୍ବ ସରକାର ସମୟରେ ନିର୍ମାଣ ହୋଇଥିଲା ଅତ୍ୟାଧୁନିକ ଟ୍ରମା କେୟାର। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏହି ଟ୍ରମା କେୟାର ସେଣ୍ଟର ଖାଲି ଭୁତକୋଠିରେ ପରିଣତ ହେଲାଣି। ପାଖାପାଖି ୨ ବର୍ଷ ହେବ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରୁନି ଏହି ଟ୍ରମାକେୟାର ସେଣ୍ଟର। ଏହି ଟ୍ରମା କେୟାର ଚାଲିବା ପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଇବାକୁ ଏବର ସରକାର ବିଫଳ ହେବା ପରେ ଏବେ ଉକ୍ତ ଅତ୍ୟାଧୁନିକ ଟ୍ରମା କେୟାର ସେଣ୍ଟରକୁ ଘରୋଇ ସଂସ୍ଥାକୁ ଦେବାକୁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି।




ସରକାର ଉକ୍ତ ଟ୍ରମା କେୟାର ସେଣ୍ଟର ଚଳାଇବାରେ ବିଫଳ ହେବା ପରେ ଏହାକୁ ପିପିପି ମୋଡ୍‌ରେ କରିବା ପାଇଁ ଏବେ ସରକାର ପ୍ରସ୍ତୁତି ଚଳାଇଛନ୍ତି। ଯାହାକୁ ନେଇ ସମଗ୍ର ଅଞ୍ଚଳରେ ଅସନ୍ତୋଷର ଦାନା ବାନ୍ଧିଛି। କାରଣ ପାଣିକୋଇଲି ଅଞ୍ଚଳଟି ବଙ୍ଗ, ବିହାର ଓ ଓଡ଼ିଶାର ଏକ ସଂଗମସ୍ଥଳ। ଏହି ଅଞ୍ଚଳ ଦେଇ ଦୁଇଟି ଜାତୀୟ ରାଜପଥ ଯାଇଥିବା ବେଳେ ପ୍ରତିଦିନ ଅନେକ ଦୁର୍ଘଟଣା ଘଟି ଅନେକ ମୃତାହତ ହେଉଛନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଟ୍ରମା କେୟାର ସେଣ୍ଟରକୁ ନ ଖୋଲି ଘରୋଇ ସଂସ୍ଥାକୁ ଦେବାକୁ ମନବଳାଇବା ଘଟଣାକୁ ତିବ୍ର ନିନ୍ଦା କରାଯାଇଛି। ଆଜିର ଏହାର ପ୍ରତିବାଦରେ ଯାଜପୁର ଯୁଥ୍ ଫୋରମ ପକ୍ଷରୁ ଏକ ପଦଯାତ୍ରା କରାଯାଇଛି। ଏଥିରେ ବହୁ ଯୁବକ, ଛାତ୍ର ଓ ସ୍ଥାନୀୟ ବୁଦ୍ଧିଜୀବୀ ସାମିଲ ହୋଇ ପଦଯାତ୍ରା ପାଣିକୋଇଲି ଠାରୁ ଆରମ୍ଭ କରି ଯାଜପୁର ଜିଲ୍ଲାପାଳ ଅଫିସ ପର୍ଯ୍ୟନ୍ତ ଯାଇଥିଲା। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇ ଏହାକୁ ଏକ ଉପଖଣ୍ଡ ଚିକିତ୍ସାଳୟ (ଏସଡିଏଚ୍) ଘୋଷଣା କରିବା ପାଇଁ ଦାବୀ କରାଯାଇଛି। ଯାଜପୁର ଯୁଥ୍ ଫୋରମର ସଭାପତି ରାକେଶ କୁମାର ସାହୁଙ୍କ ନେତୃତ୍ୱରେ ଶତାଧିକ ଯୁବ ଛାତ୍ର ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ଦିଆଯିବା ପାଇଁ ଏହି ପଦଯାତ୍ରା ଆହ୍ୱାନ କରାଯାଇଥିଲା। ଆଗାମୀ ଦିନରେ ନିଷ୍ପତ୍ତିର ପୁନଃ ବିଚାର ନକଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନ କରାଯିବ ବୋଲି ଯୁଥ ଫୋରମ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଦାନଗଦି, ୩୦ା୧(ସମିସ):** ଦାନଗଦି ପିଏମ ବୁଦ୍ଧରାଜ ବିଦ୍ୟାପୀଠ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀ କରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ବ୍ଲକମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ବ୍ଲକ ପୂର୍ବତନ ଉପାଧ୍ୟକ ସୁଧାଂଶୁ ଶେଖର ଭଞ୍ଜ, ଜିଲ୍ଲା ସାମାଜିକ ସୁରକ୍ଷା



ଆଦିକାରିଣୀ ଏବିଡିଓ ଦିବ୍ୟକାନ୍ତି ମିଶ୍ର ଏବଂ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ବିଭାଗର ଡାକ୍ତରମାନେ ଏଥିରେ ଯୋଗ ଦେଇଥିଲେ। ଏହି ଶିବିରରେ ମୋଟ ୨୪୧ ଜଣ ପଞ୍ଜିକୃତ କରିଥିଲେ। ନିୟୋଜିତ ଅଭିଜ୍ଞ ଡାକ୍ତର ମାନେ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରିବା ପରେ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିବାପାଇଁ ବ୍ୟବସ୍ଥା କରିଥିଲେ।

## ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ

**ଧର୍ମଶାଳା, ୩୦ା୧(ସମିସ):** ଧର୍ମଶାଳା ବ୍ଲକ ଭାଲୁଖାଇ ଗ୍ରାମ ସ୍ଥିତ ମହାତ୍ମା ଗାନ୍ଧୀ ଫାଉଣ୍ଡେସନ ପକ୍ଷରୁ ଜାତିର ଜନକ ମୋହନ ଦାସ କରମଚାନ୍ଦ ଗାନ୍ଧୀଙ୍କ ୭୯ତମ ମହାପ୍ରୟାଣ ଦିବସ ଅନୁଷ୍ଠିତ ହୋଇଛି। ଫାଉଣ୍ଡେସନ ସଭାପତି ଅଖିଳ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ କାହ୍ନୁଚରଣ ଦାଶ, କୃଷକ ନେତା ବସନ୍ତ କୁମାର ପରିଡ଼ା, ଶିକ୍ଷାବିତ ବିଜୟ କୁମାର ଦେବତା, ଯୁବ ସଂଗଠକ ନାରାୟଣ ମଲ୍ଲିକ, ଧରଣୀଧର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କର୍ମକର୍ତ୍ତା ପ୍ରସନ୍ନ କୁମାର ପାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ କରିଥିଲେ। ସଦସ୍ୟ ବାଦଲ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଗ୍ରାମୀଣ ଗ୍ୟାସ୍ ବିତରଣ କେନ୍ଦ୍ର ଉଦ୍‌ଘାଟିତ

**କୟାଁଗୋଲା, ୩୦ା୧(ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ମଲ୍ଲିପୁର ଛକଠାରେ ଶ୍ରୀକ୍ଷେତ୍ର ଭାରତ ଗ୍ରାମୀଣ ଗ୍ୟାସ ବିତରଣ କେନ୍ଦ୍ର ଉଦ୍‌ଘାଟନ ହୋଇଯାଇଛି। ଦଶରଥପୁର ବ୍ଲକ ବିଡିଓ ଆକାଶ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ କେନ୍ଦ୍ରଟିକୁ ଉଦଘାଟନ କରିଥିଲେ। ଏଥିରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରାସ ବିହାରୀ ଜେନା, ୬ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଉତ୍କଳ ସାମ୍ବାଦିକ ସଙ୍ଘ ସଭାପତି ଜୟପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଗ୍ୟାସ ବିତରଣ କେନ୍ଦ୍ର ଖୋଲିବା ପରେ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ, କେନ୍ଦ୍ରାପଡ଼ା ଜିଲ୍ଲାର ରାଜ ନିକା ବ୍ଲକ, ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକର ୨୦ଟି ପଞ୍ଚାୟତର ପ୍ରାୟ ୧୦ହଜାର ଲୋକ ଉପକୃତ ହୋଇପାରିବେ ବୋଲି ବିତରକ ସୁବ୍ରତ କୁମାର ପଣ୍ଡା କହିଛନ୍ତି।

## ଧର୍ମପ୍ରାଣାଙ୍କ ପରଲୋକ

**ବଡଚଣା, ୩୦ା୧(ସମିସ):** ବଡ଼ବାଲିକୁଦା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜନକ ଗ୍ରାମର ବିଶିଷ୍ଟ ସମାଜସେବୀ ହରେକୃଷ୍ଣ ଜେନାଙ୍କ ଧର୍ମପତ୍ନୀ ଚମ୍ପକଲତା ଜେନା (୭୫)ଙ୍କର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ବ୍ୟକ୍ତ କରିବା ସହିତ ଜନକସ୍ଥିତ ବାସଭବନକୁ ଆସି ତାଙ୍କ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡପୁଅ ଦେବେନ୍ଦ୍ର ମୁଖାଗ୍ନି ଦେଇଥିଲେ।

## ଦିବ୍ୟଜ୍ୟୋତି ଆଶ୍ରମର ବାର୍ଷିକ ଉତ୍ସବ

**କୋରେଇ, ୩୦ା୧(ସମିସ):** କୋରେଇ ବ୍ଲକ ଜହ୍ନକଣାରେ ଥିବା ଦିବ୍ୟଜ୍ୟୋତି ଆଶ୍ରମରେ ୧୧ତମ ବାର୍ଷିକ ଉତ୍ସବ ଓ ଗାୟକ ମହାରଥି ତଥା ଶିକ୍ଷାବିତ ସ୍ୱର୍ଗତ ହରିବଲ୍ଲଭ ଦାଶଙ୍କ ଦ୍ୱାରା ରଚିତ ବିଘ୍ନେଶ ବିଳାସ କାବ୍ୟ ଶୁଭ ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଯାଜପୁରର ବିଶିଷ୍ଟ ଶିକ୍ଷାବିତ ପଣ୍ଡିତ ଭୁପତି ଭୂଷଣ ମିଶ୍ର, ବିଶିଷ୍ଟ ପାଲାଗାୟକ ଅଜୟ କୁମାର ଦାଶ, ବରିଷ୍ଠ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ବିରଞ୍ଚି ନାରାୟଣ ମହାପାତ୍ର, ଆଇନଜୀବୀ ସୁଧାଂଶୁ ଦାଶ, ପଣ୍ଡିତ ପ୍ରମୋଦ କୁମାର ଦାଶ, ଶିଶୁ ବିଶେଷଜ୍ଞ ଡାକ୍ତର ଅରୂପାନନ୍ଦ ନାୟକ, ଆଶ୍ରମ ପ୍ରତିଷ୍ଠାତା କୃଷ୍ଣ ବ୍ରହ୍ମ, ଗୋକୁଳା ନନ୍ଦ ରାଉତ, ଗାୟକ ରଞ୍ଜନ ଦାଶ, ପ୍ରମୁଖ ଯୋଗ ଦେଇ ପୁସ୍ତକ ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ସେବକ ସେବିକା ମାନଙ୍କ ସହ ଶୁକଦେବ ଜେନା, ମାଧବାନନ୍ଦ ନନ୍ଦ ଓ ଅଜୁ ବାବୁ ପରିଚାଳନା କରିଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକର୍ମ ସହ ପାଲା ପରିବେଷଣ କରିଥିଲେ ରଘୁନାଥ ପାଢ଼ୀ। ଚଳିତ ବର୍ଷ ଡାକ୍ତର ବିରଞ୍ଚି ନାରାୟଣ ମହାପାତ୍ର, ଡାକ୍ତର ଅରୂପାନନ୍ଦ ନାୟକ ଓ ସାମ୍ବାଦିକ ସୁରେଶ କରଙ୍କୁ ଦିବ୍ୟଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ସାଗର ଜିଲ୍ଲା କଂଗ୍ରେସ ମୁଖପାତ୍ର

**ଯାଜପୁର, ୩୦ା୧(ସମିସ):** ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଜେନାଙ୍କ ପ୍ରେସ୍ କମିଟିର ତାଲିକା ପ୍ରକାଶ କରିଛନ୍ତି। ଏହି କମିଟିରେ ବହୁ ଅଭିଜ୍ଞ କଂଗ୍ରେସ ନେତୃବର୍ଗଙ୍କୁ ସାମିଲ କରାଯାଇଥିବା ବେଳେ ସାଗର ପରିଡ଼ାଙ୍କୁ ଜିଲ୍ଲା କଂଗ୍ରେସର ମୁଖ୍ୟ ମୁଖପାତ୍ର ଭାବେ ପ୍ରଦେଶ କଂଗ୍ରେସ କମିଟିର ଅନୁମୋଦନ କ୍ରମେ ଜିଲ୍ଲା ସଭାପତି ଦାୟିତ୍ୱ ଦେଇଛନ୍ତି। ତାଙ୍କର ନୂତନ ନିଯୁକ୍ତି ନେଇ କଂଗ୍ରେସ ଦଳରେ ଉତ୍ସାହ ଦେଖିବାକୁ ମିଳିଛି।



## କରଦା ହରିହାଟ ମହୋତ୍ସବରେ ବଢୁଛନ୍ତି ଦର୍ଶକ

**ପାଣିକୋଇଲି, ୩୦ା୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ଗଣପର୍ବ ହରିହାଟ ମେଳା ଶତାୟୁ ତଥା ସର୍ବପୁରାତନ ମେଳା ମାଘସପ୍ତମୀରେ ଶୁଭାରମ୍ଭ ହୋଇଥିବା ବେଳେ ଗୁରୁବାର ମହୋତ୍ସବର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉକ୍ତ ମହୋତ୍ସବକୁ ମୁଖ୍ୟଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦର ପୂର୍ବତନ ଯାଜପୁର ଜିଲ୍ଲା ସଭାପତି ପ୍ରସନ୍ନ ସାମଲ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟିର ସଭାପତି ପ୍ରମୋଦ ମହାପାତ୍ରଙ୍କ ସଭାପତିତ୍ୱରେ ଯୁବ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ବିଜେପି ଯାଜପୁର ଜିଲ୍ଲା ଉପସଭାପତି, ଅଯୋଧ୍ୟା ଜେନା, ରାଜ୍ୟ ପରିଷଦ ସଭ୍ୟ ପ୍ରକାଶ ଧଳ, ସାଂସଦ ପ୍ରତିନିଧି ପ୍ରମୋଦ କୁମାର ସାହୁ, ସମାଜସେବୀ ସୂର୍ଯ୍ୟମଣି ପଣ୍ଡା ଓ ଶେଖ ଜହର ଅଲ୍ଲୀ, କରଦା ପଞ୍ଚାୟତ ବିଜେପି ସଭାପତି କାର୍ତ୍ତିକ ଚନ୍ଦ୍ର ସାହୁ, ମେଳା କିମଟିର ନାରାୟଣ ନାୟକ ଓ ରତ୍ନାକର ଖଣ୍ଡାଇ ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବ କମିଟି ପକ୍ଷରୁ ସମ୍ପାଦକ ବିଶ୍ୱନାଥ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ମଣ୍ଡଳ ସଭାପତି ଭାସ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଡିଜିଟାଲ ପେଣ୍ଡାଲରେ ମହୋତ୍ସବ ଆୟୋଜନ କରାଯାଇଥିବା ଉକ୍ତ ସଭା ପରେ ସୁଦୂର ଝାଡ଼ଖଣ୍ଡର ଆର୍‌ଭିଡି କ୍ରିୟୁ ଡ୍ୟାନ୍ସ ଗ୍ରୁପ ଓ ରାଜ୍ୟ ସଂସ୍କୃତି ପରିଷଦ ଦ୍ୱାରା ପ୍ରଦାନ କରାଯାଇଥିବା ନିଳାଦ୍ରୀ କଳାପରିଷଦ ପୁରୀର ଗୋଟିପୁଅ ନୃତ୍ୟ, ଗୋଲଡେନ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। କୁମାର ମଣ୍ଟୁ ଓ ଉଷାକୁମାରୀଙ୍କ ଉପସ୍ଥାପନା ଦର୍ଶକଙ୍କୁ ବିଭୋର କରିଥିଲା। ଦର୍ଶକ ମାନଙ୍କୁ ନୃତ୍ୟ ସଙ୍ଗୀତରେ ଝୁମାଇଥିଲେ। ସେହିପରି ମେଳାରେ ଆଜି ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା।

## ସୁକିନ୍ଦା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ



**ଦାନଗଦି, ୩୦ା୧(ସମିସ):** ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଦ୍ୱିତୀୟ ଉନ୍ନୟନ କମିଟି ବୈଠକ ଦାନଗଦି ବ୍ଲକ ପରିସରରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ମନ୍ତ୍ରୀ, ପ୍ରଦୀପ ବଳ ସାମନ୍ତ ଅଧକ୍ଷତା କରିଥିଲେ। ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଡିପିଏମୟୁ ଉପ ନିର୍ଦ୍ଦେଶିକା ସୁଶ୍ରୀ ଅର୍ଚ୍ଚିତା ଦାସ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମନ୍ତ୍ରୀ ପ୍ରମୁଖ ଜରୁରୀ ପ୍ରସଙ୍ଗଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଗ୍ରୀଷ୍ମ ଜଳ ସଙ୍କଟର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ପାନୀୟ ଜଳ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଜଳ ଯୋଗାଣ ଓ ପରିମଳ ଅଧିକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ ମଣ୍ଡଳୀରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିର ସ୍ଥିତି ସମୀକ୍ଷା କରି ମନ୍ତ୍ରୀ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପଡ଼ି ରହିଥିବା କାର୍ଯ୍ୟଗୁଡ଼ିକର ସମାପ୍ତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ରେଙ୍ଗାଲି ଜଳସେଚନ ପ୍ରକଳ୍ପ ଅଧୀନରେ ଜମି ସମ୍ବନ୍ଧୀୟ ସମସ୍ୟାର ସମାଧାନ ଏବଂ ଏଲଆଇ ଓ ଏମଆଇ ପଏଣ୍ଟଗୁଡ଼ିକର କାର୍ଯ୍ୟକ୍ଷମତା ସମେତ ଜଳସେଚନ ସମ୍ଭାବନା ବୃଦ୍ଧି ପାଇଁ ପଦକ୍ଷେପଗୁଡ଼ିକର ସମୀକ୍ଷା ମଧ କରିଥିଲେ। ସେ ସ୍ଥାନୀୟ ଯୁବକମାନଙ୍କ ପାଇଁ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବା ପାଇଁ ଡିଏମ୍‌ଏଫ୍ ପାଣ୍ଠି ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଞ୍ଚଳରେ ବୃଦ୍ଧି ପାଉଥିବା ପ୍ରଦୂଷଣ ସ୍ତରକୁ ଲକ୍ଷ୍ୟ କରି ମନ୍ତ୍ରୀ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱିତ ପ୍ରୟାସ କରିବାକୁ ଆହ୍ୱାନ କରିଥିଲେ। ସେହିପରି ଦାନଗଦି ଓ ସୁକିନ୍ଦାର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସମସ୍ତ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ରାସ୍ତା ଓ କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମୀଣ ଜଳ ଯୋଗାଣ ଏବଂ ଧାନ ମଣ୍ଡି କ୍ରୟ ସମେତ ପ୍ରମୁଖ ବିଭାଗର କାର୍ଯ୍ୟଗୁଡ଼ିକର ସମୀକ୍ଷା କରାଯାଇଥିଲା।

### ନକଲି ପ୍ରମାଣପତ୍ରରେ ଚାକିରି

## କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ମଙ୍ଗଳପୁର, ୩୦ା୧(ସମିସ):** ଅନେକ ସମୟରେ ଶିକ୍ଷା ବିଭାଗରେ ନକଲି ସାଠିଫିକେଟ ଦେଇ ଚାକିରି କରିବା ଘଟଣା ସାମ୍ନାକୁ ଆସିଥାଏ। ଏପରି ଅଭିଯୋଗ ଆସିବା ପରେ ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଥାଏ। ମାତ୍ର ଶିକ୍ଷା ବିଭାଗରେ ଆଉ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବିରୋଧରେ ନକଲି ପ୍ରମାଣପତ୍ର ଦେଇ ଚାକିରି କରିଥିବା ନେଇ ଜନ ସାଧାରଣରେ ଅଭିଯୋଗ ହେବା ପରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଉକ୍ତ ଘଟଣାର ତଦନ୍ତ କରିବା ପରିବର୍ତ୍ତେ ତଦନ୍ତ ଆଳରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସମୟ ଗଡ଼ାଯାଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏପରି ଏକ ଘଟଣା ଏବେ ସମଗ୍ର ଯାଜପୁର ଜିଲ୍ଲାରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଜନସାଧାରଣଙ୍କ ଅଭିଯୋଗ ଅନୁଯାଇ ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ଚାକିରି କରିଥିବା ସରୋଜ କୁମାର ଯେନା ଚାକିରି କରିବା ସମୟରେ ନକଲି ସାର୍ଟିଫିକେଟ ଦେଇ ଚାକିରି କରିଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ପ୍ରକୃତ ପକ୍ଷେ ଶିକ୍ଷା ବିଭାଗ ପକ୍ଷରୁ ଉକ୍ତ ଘଟଣାର ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ବସ୍ତୁ ସାଜିଛି। ତେବେ ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଉକ୍ତ ଘଟଣାକୁ ଚପାଇ ଦେବା ପାଇଁ ଜୋରଦାର ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ଶିକ୍ଷା ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ପାଣିକୋଇଲି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ପାଣିକୋଇଲି, ୩୦ା୧(ସମିସ):** ପାଣିକୋଇଲିସ୍ଥିତ ପିଏମ୍‌ଶ୍ରୀ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା ପୁରସ୍କାର ବିତରଣ ଉତ୍ସବକୁ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ନାୟକଙ୍କ ସଭାପିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ପ୍ରତାପ ଚନ୍ଦ୍ର ପହି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷିକା ଇତିଶ୍ରୀ ସୁଚରିତା ଲେଙ୍କା ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ମଲ୍ଲିକ, ପାଣିକୋଇଲି ସମିତିସଭ୍ୟା ସୁଜାତା ଘଡ଼େଇ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କେଶବ ଚନ୍ଦ୍ର ସେଠୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରେମେଶ ଚନ୍ଦ୍ର ମହାକୁଡ, ପଞ୍ଚଶଖା ଶିକ୍ଷାସେତୁ ସଂଗଠନର ସଭାପତି ସୁଧାଂଶୁ ଶେଖର ଘଡାଇ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ମାତରମ୍ ଓ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷେଣ କରାଯାଇଥିଲା। ପ୍ରଫୁଲ୍ଲ ଚନ୍ଦ୍ର ବେହେରା, କାହ୍ନୁଚରଣ ନାୟକଙ୍କ ସମେତ ସମସ୍ତ ଶକ୍ଷକ/ଶିକ୍ଷିକା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଓଡ଼ିଶା ବ୍ରିଗେଡ୍ ସ୍କୁଲର ଦଶମ ବାର୍ଷିକ ଉତ୍ସବ

**ଧର୍ମଶାଳା, ୩୦ା୧(ସମିସ):** ଧର୍ମଶାଳା ବ୍ଲକ ଚହଟା ପଞ୍ଚାୟତ ଅନ୍ତର୍ଗତ ସିଂହାରସାହିସ୍ଥିତ ଓଡ଼ିଶା ବ୍ରିଗେଡ଼ ସ୍କୁଲର ଦଶମ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ଲକ୍ଷ୍ମୀକାନ୍ତ ଚ୍ୟାଉପଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ମନୋରଞ୍ଜନ ମହାନ୍ତି, ସମ୍ମାନିତୟ ଅତିଥି ଭାବେ ପୁରୁଷୋତ୍ତମ ବିଶ୍ୱାଳ, ତପନ କୁମାର ମିଶ୍ର, ଡ. ରାଜକିଶୋର ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମାଜସେବୀ ମିନତୀ ସାହୁ, କବି ଡ. ପ୍ରଶାନ୍ତ ସ୍ୱାଇଁ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବେଣୁଧର ନାୟକଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବାର୍ଷିକ କ୍ରୀଡରେ କୃତିତ୍ୱ ହାସଲ କରିଥିବା ଛାତ୍ରଛତ୍ରୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପ୍ରବୋଧ କୁମାର ପାତ୍ର ପରିଚାଳନା କରିଥିଲେ। ରୋଜାଲିନ ସାହାଣୀ ମନ୍ତ୍ରପାଠ କରିଥିବା ବେଳେ ସ୍କୁଲର ପ୍ରଧାନ ଶିକ୍ଷକ ରତ୍ନାକର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲ କମିଟିର ଉପସଭାପତି ସୋମନାଥ ସାହୁ, ଗୋପୀନାଥ ଦଳେଇ, ସ୍କୁଲର ପ୍ରତିଷ୍ଠାତା ଇତିଶ୍ରୀ ବେହେରା, ଶିକ୍ଷୟିତ୍ରୀ ମମତା ବେହେରା, ପୂର୍ଣ୍ଣିମା ଦଳେଇ, ଦୀପାଳି ଦାସ, ଶୁଭଶ୍ରୀ ନାୟକ, ସୁଭଦ୍ରା ପଣ୍ଡା, ବିଜୟାଲକ୍ଷ୍ମୀ ପାଢ଼ୀ, ନଫିସା ବେଗମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଅର୍ପିତା ଦଳେଇ ଧନ୍ୟବାଦ ଦେଇଥିଲେ।

## ଜଗନ୍ନାଥ କଳାବିକାଶ କେନ୍ଦ୍ରର ବାର୍ଷିକ ଉତ୍ସବ



**ଯାଜପୁର, ୩୦ା୧(ସମିସ):** ମାନସାପୋଲ ସ୍ଥିତ ଶ୍ରୀଜଗନ୍ନାଥ କଳାବିକାଶ କେନ୍ଦ୍ର ପରିସରରେ ରାଜ୍ୟସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ନାଭିଗୟା ଏବଂ ୨୮ ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ତିନି ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଭୁଲେଖ ବନ୍ଦୋବସ୍ତର ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଲ୍ଲିକ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶିକ୍ଷାବିତ ଦାମୋଦର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସୁନାମଧନ୍ୟ ଗୀତିକାର ଡ. ପ୍ରସନ୍ନ ସାମଲ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନୃତ୍ୟଶିଳ୍ପୀ ତଥା କୋରିଓଗ୍ରାଫର ବିଜନ କୁମାର ପଲ୍ଲାଇ, ଅନୁଷ୍ଠାନର ସଭାପତି ତଥା ନାଭିଗୟା କମିଟିର ଅଧକ୍ଷ ବରିଷ୍ଠ ଶିକ୍ଷାବିତ ନାଟ୍ୟକାର ରାଧାରମଣ ଦାସ, ସମ୍ପାଦକ ତପନ କୁମାର ସାହୁ, ଯୁଗ୍ମ ସମ୍ପାଦକ ଡ. ସୁନୀଲ କୁମାର ପୃଷ୍ଟି ଯୋଗ ଦେଇଥିଲେ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଏହି ତ୍ରିଦିବସୀୟ ପ୍ରତିଯୋଗିତାକୁ ଭିଜିଲାନ୍ସ ଡିଏସପି ସୁଲୋଚନା ନାୟକ ଏବଂ ବରିଷ୍ଠ ଶିକ୍ଷାବିତ ମୋହନ ଚରଣ ଦାସ ଯୋଗ ଦେଇ ଉଦଘାଟନ କରିଥିଲେ।

## ମଣ୍ଡି ଅବ୍ୟବସ୍ଥା; ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ହୋ ହାଲ୍ଲା

# 'ମିଲରଙ୍କ ଦୟାରେ ଚାଲୁଛି ସରକାର'

**ଯାଜପୁର, ୩୦ା୧(ସମିସ)**

ଯାଜପୁର ଜିଲ୍ଲାରେ ଚାଷୀଙ୍କ ଠାରୁ ଧାନ ସଂଗ୍ରହରେ ଚରମ ବିଶୃଙ୍ଖଳା ଦେଖିବାକୁ ମିଳିଛି। ସରକାରଙ୍କ ନିର୍ଦ୍ଦେଶକୁ 'ଫୁ' କରି ଉଡ଼ାଇ ଦେଉଛନ୍ତି ମିଲର। ଖୋଦ ଶାସକ ଦଳର ବିଧାୟକ ମାନେ ମଧ ଏଭଳି ଅଭିଯୋଗ କରିବା ଘଟଣା ସମସ୍ତଙ୍କୁ ତାଜୁବ କରିଛି। ସରକାର କ୍ଷମତାକୁ ଆସିବା ପୂର୍ବରୁ ଧାନ ସଂଗ୍ରହରେ କୌଣସି କଟ୍‌ନୀ ଛଟନ୍ କରାଯିବ ନାହିଁ ବୋଲି ପ୍ରଚାର କରିଥିଲେ। କିନ୍ତୁ ଏବେ ଧାନ ସଂଗ୍ରହ ବେଳେ ଚାଷୀଙ୍କ ଠାରୁ କ୍ୱିଣ୍ଟାଲ ପିଛା ୭ରୁ ୧୦ କେଜି କଟାଯାଉଥିବା ଅଭିଯୋଗ ହୋଇଛି। ଖୋଦ ଶାସକ ଦଳର ବିଧାୟକ ମାନେ ଆଜି ଯାଜପୁର ସର୍କିଟ ହାଉସ ଠାରୁ ଆୟୋଜିତ ଏକ ସମୀକ୍ଷା ବୈଠକରେ ଏଭଳି ଅଭିଯୋଗ କରିଥିବା ଜଣାପଡ଼ିଛି।



ରାଜ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ଜିଲ୍ଲାର ଅଧିକାଂଶ ବିଧାୟକ ପ୍ରାୟ ସମାନ ପ୍ରକାର ଅଭିଯୋଗ କରିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି ବର୍ତ୍ତମାନ ମିଲରଙ୍କ ଦୟାରେ ସରକାର ଚାଲିଛି ବୋଲି ଅଭିଯୋଗ କରିଥିଲେ। ଅଧିକାଂଶ ମଣ୍ଡିକୁ ମିଲର ଗାଡି ପଠାଉନାହାଁନ୍ତି। ଫଳରେ ଅନେକ ଚାଷୀଙ୍କ ଟୋକନ ଲାପ୍ସ ହେବାକୁ ବସିଲାଣି ବୋଲି ଅଭିଯୋଗ କରିଥିଲେ। ଏହି ସମୀକ୍ଷା ବୈଠକରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ଯାଜପୁର ବିଧାୟିକା ସୁଜାତା ସାହୁ, କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗ ଦେଇ ଧାନ ସଂଗ୍ରହ ଉପରେ ସମୀକ୍ଷା କରିଥିଲେ। ଯୋଗାଣ ମନ୍ତ୍ରୀ ଜିଲ୍ଲାରେ ଦେଖାଦେଇଥିବା ମଣ୍ଡି ସମସ୍ୟାକୁ ସ୍ୱୀକାର କରିବା ସହିତ ଆଗାମୀ ଦିନରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏ ପର୍ଯ୍ୟନ୍ତ ଜିଲ୍ଲରେ ୨ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ସରିଛି ଏବଂ ଯେଉଁ ମିଲର ମାନେ କଟନି ଛଟନି କରୁଛନ୍ତି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଏଥିପାଇଁ ଆବଶ୍ୟକ ପଡ଼ିଲେ ରାଜ୍ୟର ଟିମ୍ ବିଭିନ୍ନ ଧାନ ମଣ୍ଡି ଗସ୍ତ କରିବେ ବୋଲି କହିଥିଲେ।

## ବାଲି ମାଫିଆ ସକ୍ରିୟ; ସଞ୍ଜହେଲେ ଘାଟରୁ ଉଠୁଛି ଶହଶହ ଟ୍ରିପ୍

ଡୁରୁମୁଙ୍ଗା, ୩୦ା୧(ସମିସ): କିଛି ଦିନର ବ୍ୟବଧାନ ପରେ କେନ୍ଦୁଝର ଜିଲ୍ଲାରେ ପୁଣି ବାଲି ଚୋରା ଚାଲାଣ ଚରମ ସୀମାରେ ପହଞ୍ଚିଲାଣି। ବିଭାଗୀୟ ଅଧିକାରୀଙ୍କ ସଲାସୁତୁରାରେ ଏଭଳି ବାଲି ଚୋରା ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। ଚମ୍ପୁଆ ଡୁରୁମୁଙ୍ଗା କେଟି ରୋଡ ଦେଇ ରାତି ହେଲେ ଶହ ଶହ ହାଇୱାରେ ବାଲି ଚୋରା ଚାଲାଣ ହେଉଛି। କାଞ୍ଜିଆଶୁଳାରୁ ଉଖୁଣ୍ଡା ଓ ବାଉଁଶୁଳି ରାସ୍ତା ଦେଇ ୪୯ ନମ୍ବର ଜାତୀୟ ରାଜପଥ ଏମାନଙ୍କ ଚରାଭୂଇଁ ପାଲଟିଛି। ମୟୁରଭଞ୍ଜ ଜିଲ୍ଲା ବିଭିନ୍ନ ଅଞ୍ଚଳକୁ ଚୋରା ଚାଲାଣ କରାଯାଉଛି। ବାରିଆ ଥାନା ଓ ଡୁରୁମୁଙ୍ଗା ଥାନାଞ୍ଚଳ ଦେଇ ଦୈନିକ ରାତିରେ ହଜାର ହଜାର ଟ୍ରିପ ବାଲି ଚୋରା ଚାଲାଣ ହେଉଥିବା ବେଳେ ବାରିଆ କାଞ୍ଜିଆଶୁଳାଠାରୁ ଭାୟା ଉଖୁଣ୍ଡା ଦେଇ ବାଉଁଶୁଳି ଏବଂ କାଞ୍ଜିଆଶୁଳାଠାରୁ ଭାୟା ଭଣ୍ଡା ଜ୍ୟୋତିପୁର, ଡୁରୁମୁଙ୍ଗା ଥାନା ଅଞ୍ଚଳ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ଏହି ବାଲିକୁ ଚୋରାଚାଲାଣ କରାଯାଇଛି। ରାତିରେ ହାଇୱାଗୁଡିକ ଦ୍ରୁତ ଗତିରେ ଯାଉଥିବାରୁ ରାସ୍ତାକଡ଼ରେ ଥିବା ଘରଗୁଡିକରେ ଲୋକେ ଶୋଇ ପାରୁ ନଥିବା ଅଭିଯୋଗ ହୋଇଛି। ଖାଲି ସେତିକି ନୁହଁ ହାଇୱାରେ କ୍ଷମତାଠାରୁ ଅଧିକ ବାଲି ଲୋଡ କରି ହାଇବା ଗୁଡିକରେ ବାଲିଗୁଡିକୁ ଚୋରା ଚାଲାଣ କରାଯାଉଛି। ବିଭାଗୀୟ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ମାଫିଆମାନେ ରାତି ହେଲେ ହାଇୱା ସାହାଯ୍ୟରେ ବାଲି ଚାଲାଣ କରିବାରେ ସକ୍ଷମ ହେଉଛନ୍ତି। ସଞ୍ଜ ହେଲା ମାତ୍ରକେ ବିଭିନ୍ନ ନଈ-ନାଳ ଘାଟରୁ ଏହି ହାଇୱାଗୁଡ଼ିକରୁ ଶହ ଶହ ଟ୍ରିପ୍ ଯୋଗେ ବାଲି ଚୋରି ହେଉଛି। ଖଣି ବିଭାଗ ବନ ବିଭାଗ ଓ ପୁଲିସ କେବଳ ଟ୍ରାକ୍ଟର ଗାଡିଗୁଡିକୁ ଧରୁଥିବା ଅଭିଯୋଗ ଆଣିଛନ୍ତି ବୁଦ୍ଧିଜୀବୀ। ଜିଲ୍ଲା ପ୍ରଶାସନ ବାଲି ଚୋରାଚାଲାଣକୁ ଗୁରୁତର ସହ ନେଇ ବାଲି ଚାଲାଣ ଉପରେ ଅଙ୍କୁଶ ଲଗାଇବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ଯବାନଙ୍କ ଗାଡ଼ିକୁ ଧକ୍କାଦେଲା ଟ୍ରକ୍; ୨୦ ଆହତ



ଚମ୍ପୁଆ/ ନାରଦପୁର, ୩୦ା୧(ସମିସ): ଚମ୍ପୁଆ ଥାନା ରିମୁଳି ରାଜାମୁଣ୍ଡା ଜାତୀୟ ରାଜପଥର ନାରଦପୁର-ତଡୁଆବାହାଳ ନିକଟରେ ଓଆଇଏସ୍ଏଫ୍ ଯବାନଙ୍କୁ ନେଇ କେନ୍ଦୁଝର ଯାଉଥିବା ଗାଡ଼ି ଆଜି ଦୁର୍ଘଟଣାଗ୍ରସ୍ତ ହୋଇଛି। ଉକ୍ତ ଗାଡ଼ିରେ ଥିବା ୨୮ ଜଣ ଯବାନଙ୍କ ମଧ୍ୟରୁ ପ୍ରାୟ ୨୦ ଜଣ ଯବାନ ଆହତ ହୋଇଥିବା ଜଣାଯାଇଛି। ୧୦ ଜଣ ଗୁରୁତର ଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଓଏମସି ଗୁଆଲି ଅଞ୍ଚଳରୁ ଓଡି-୧୩ଏନ୍-୦୦୫୪ ଷୋହଳପୁଅମା ନାମକ ଏକ ଷ୍ଟାର ବସରେ ଯବାନମାନେ ଘଟଗାଁସ୍ଥିତ ଆନୁଆଲ କୋର୍ସ ଫାଇରିଙ୍ଗ ପରୀକ୍ଷା କେନ୍ଦ୍ରକୁ ଯାଉଥିଲେ। ନାରଦପୁର ନିକଟରେ ଏକ ଟ୍ରକ ତାଙ୍କୁ ପଛ ଆଡୁ ଧକା ଦେଇଥିଲା। ଫଳରେ ଉକ୍ତ ଗାଡିଟି ଭାରସାମ୍ୟ ହରାଇ ଆଗରେ ଯାଉଥିବା ଏକ ଟ୍ରକ (ଜେଏଚ୍-୧୦ସିପି-୨୭୩୦) ସହ ବାଡେଇ ହେବାରୁ ଗାଡ଼ି ଭିତରେ ଥିବା ଯବାନମାନେ ଆହତ ହୋଇଥିଲେ। ଚମ୍ପୁଆ ଥାନାଧିକାରୀ ସ୍ୱରୂପରଂଜନ ନାଏକ ସଦଳବଳେ ସେମାନଙ୍କୁ ଉଦ୍ଧାର କରିବା ସହିତ ବାସୁଦେବପୁର ଓ ଚମ୍ପୁଆ ଚିକିତ୍ସାଳୟକୁ ପଠାଇଥିଲେ। ତୁରନ୍ତ କ୍ରେନ ଯୋଗେ ଦୁର୍ଘଟଣାଗ୍ରସ୍ତ ଗାଡିକୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତରିତ କରାଯାଇଥିଲା। ଦୁର୍ଘଟଣା ଘଟିବା ପରେ ସେଠାରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ପୁଲିସର ବୁଝାସୁଝା ପରେ ଉତ୍ତେଜନା ହ୍ରାସ ପାଇଥିଲା। ଏ ନେଇ ଚମ୍ପୁଆ ପୁଲିସ କେସ୍ ନମ୍ବର ୩୫/୨୬ ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଚଳନ୍ତା ଟ୍ରାକ୍ଟରରୁ ବାହାରିଗଲା ଆଗ ଚକ


● ୨ ଗୁରୁତର

ଡୁରୁମୁଙ୍ଗା, ୩୦ା୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ପାଟଣା-କେନ୍ଦେଇପଶି ରାସ୍ତାର ବାଦୁଡି ଘେରା ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଦ୍ୱୟଙ୍କୁ ଉଦ୍ଧାର କରି ପ୍ରଥମେ ପାଟଣା ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ହେଲେ ଟାଙ୍ଗରପଡା ଗ୍ରାମର ଯଦୁମଣି ନାଏକ ଏବଂ ସତ୍ୟମ ନାଏକ। ଯଦୁମଣି ଟ୍ରାକ୍ଟର ଚଳାଇ ଯାଉଥିବା ସମୟରେ କୌଣସି କାରଣବଶତଃ ଟ୍ରାକ୍ଟରର ଆଗ ଚକ ଖୋଲି ଯାଇଥିବାରୁ ଟ୍ରାକ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

## ସ୍କୁଟିକୁ ପଛପଟୁ ଧକ୍କାଦେଲା ଟ୍ରକ୍; ଶିକ୍ଷୟିତ୍ରୀ ମୃତ

ଯୋଡ଼ା, ୩୦ା୧(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ମାଇନିଙ୍ଗ ଅଫିସ ଛକ ୫୨୦ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ଘଟି ଜଣେ ଶିଶୁ ମନ୍ଦିର ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ହୋଇଛି। ରାଜପଥର ଉକ୍ତ ଛକ ନିକଟରେ ଶୁକ୍ରବାର ସନ୍ଧ୍ୟା ୫ଟା ସମୟରେ ଏକ ହାଇୱା ଟ୍ରକ ସ୍କୁଟିକୁ ପଛ ପଟୁ ଧକ୍କା ଦେବା ଫଳରେ ଜଣେ ମହିଳାଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି। ମୃତ ମହିଳା ଜଣଙ୍କ ଯୋଡ଼ା ବନେଇକଳାର ସୁନିତା ଲୋହାର (୪୨)। ସେ ଭଦ୍ରକ୍ଷସାହି ଶିଶୁମନ୍ଦିରରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରନ୍ତି। ଶୁକ୍ରବାର ସ୍କୁଲ କାର୍ଯ୍ୟ ସାରି ସ୍କୁଟିରେ (ଓଡି୦୯ଜେ୯୮୦୦) ଘରକୁ ଫେରୁଥିବା ସମୟରେ ଟ୍ରକ (ଓଡି୧୪ଏଜି୮୩୫୫) ଦୁର୍ଘଟଣାର ଶିକାର ହୋଇଥିଲା। ଘଟଣାସ୍ଥଳରେ



ପୁଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଟାଟା ମେଡିକାଲକୁ ପଠାଇଛି। ତେବେ ୫୨୦ ରାଜପଥର ପୁନଃନିର୍ମାଣ ସମୟରେ ଅତ୍ୟନ୍ତ ବିପଦପୂର୍ଣ୍ଣ ଥିବା କଳାପାହାଡ଼ ଛକ, ମାଇନିଙ୍ଗ ଛକ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଫ୍ଲାଇଓଭର ଦାବି କରି ଆସୁଥିଲେ ସୁଦ୍ଧା ସେତେବେଳେ କେହି କର୍ଣପାତ କରି ନଥିଲେ। ଯୋଡ଼ା ସହର ଦେଇ ଲମ୍ବିଥିବା ଜାତୀୟ ରାଜପଥର କଳା ପାହାଡ଼ ଛକ ଓ ମାଇନିଂ ଛକ ସର୍ବଦା ବିପଦପୂର୍ଣ୍ଣ ରହିଛି। ପୂର୍ବରୁ ମଧ୍ୟ ଅନେକ ଛୋଟ ଛୋଟ ଦୁର୍ଘଟଣା ମାନ ଉକ୍ତ ସ୍ଥାନରେ ଘଟିଥିବା ବେଳେ ପ୍ରଶାସନ ପକ୍ଷରୁ ଏଥିରୁ ସୁରକ୍ଷା ପାଇଁ କେବଳ ଖୋଲା ଡ୍ରମ ରଖି କାର୍ଯ୍ୟ ସାରିଦେବାକୁ ସ୍ଥାନୀୟ ଲୋକ ନିନ୍ଦା କରିଛନ୍ତି।

## ଶ୍ରୀଅନ୍ନ ଅଭିଯାନ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



ଚମ୍ପୁଆ,୩୦ା୧(ସମିସ): ଆର୍ଥିକ ବର୍ଷ ୨୦୨୫-୨୬ ଖରିଫ ଋତୁ ନିମନ୍ତେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କେନ୍ଦୁଝର ସୌଜନ୍ୟରୁ ମାଣ୍ଡିଆ ମଣ୍ଡି ଉଦଘାଟିତ ହୋଇଯାଇଛି। ଚମ୍ପୁଆ କୃଷକ ଉତ୍ପାଦକ ସଂଗଠନ ପକ୍ଷରୁ ଚମ୍ପୁଆ ବ୍ଲକର ଚନ୍ଦ୍ରଶେଖରପୁର ପଞ୍ଚାୟତ କାଂଜିଆଶୁଳାଠାରେ ଏହା ଉଦଘାଟନ ହୋଇଥିବା ବେଳେ ଜିଲ୍ଲା କୃଷି ଅଧିକାରୀ ଚମ୍ପୁଆ ସତ୍ୟବାର ସୋରେନ ଏହାକୁ ଉଦଘାଟନ କରିଥିଲେ। ବ୍ଲକ କୃଷି ଅଧିକାରୀ ସାରଦା ହାଁସଦା, ସହକାରୀ କୃଷି ଅଧିକାରୀ ରମାମଣି ସାହୁ, ନାରାୟଣ ପାଣିଗ୍ରାହୀ, ସମିରରଂଜନ ଦାସ, ଦେବୀଲାଲ ଭୂୟାଁ, ଶୁଭଦର୍ଶନ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିନରେ ୨୨ ଜଣ ଚାଷୀଙ୍କଠାରୁ ୫୦ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଛି।

## ଆନନ୍ଦପୁର ଆଇଟିଆଇରେ ଆଞ୍ଚଳିକ ଫେଷ୍ଟ



ଆନନ୍ଦପୁର, ୩୦ା୧(ସମିସ): ଆନନ୍ଦପୁର ସରକାରୀ ଆଇଟିଆଇରେ ଆଞ୍ଚଳିକ ଫେଷ୍ଟ ୨୦୨୫-୨୬ ଆରମ୍ଭ ହୋଇଛି। ସବ୍‌କଲେକ୍ଟର ନୀଳମାଧବ ସୁନା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଅଧକ୍ଷ ଇଞ୍ଜିନିୟର ବଳରାମ ସେଠୀ ଏକ ପ୍ରେରଣାଦାୟକ ଭାଷଣ ଦେଇ ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲେ। ନୋଡାଲା ଅଧିକାରୀ ପ୍ରଦୀପ ସାହୁ, ସହକାରୀ ନୋଡାଲ ଅଧିକାରୀ ପ୍ରକାଶ ରାଉତ, କ୍ରୀଡ଼ା ପ୍ରଭାରୀ ଓ ସହକାରୀ ତାଲିମ ଅଧିକାରୀ ସତ୍ୟରଞ୍ଜନ ମହାନ୍ତ ଏବଂ ତାଲିମ ଅଧିକାରୀ ମାନସ ରଞ୍ଜନ ଧଳା ଉପସ୍ଥିତ ଥିଲେ। ଏହି ଫେଷ୍ଟରେ ଟ୍ରାକ୍, ଫିଲ୍ଡ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ୪୯ଟି କାର୍ଯ୍ୟକ୍ରମ ରହିଛି। ଏହା ୩୧ ତାରିଖ ଶନିବାର ଉଦ୍‌ଯାପିତ ହେବ। ଆନନ୍ଦପୁର ସମେତ ବଡବିଲ, ଯାଜପୁ. ବାଂଶପାଳ ଆଇଟିଆଇ ଅଂଶଗ୍ରହଣ କରୁଛନ୍ତି।

## ସିଏମ୍ କପ୍ ଫୁଟ୍‌ବଲ ପାଇଁ ଖେଳାଳି ଚୟନ

କେନ୍ଦୁଝର, ୩୦ା୧(ସମିସ): ଆସନ୍ତା ଫେବୃଆରୀ ୨ ତାରିଖ ସୋମବାର ୧୦ଟାରେ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ୧୫ ବର୍ଷରୁ କମ ସିଏମ କପ ଫୁଟବଲ ଟୁର୍ନାମେଣ୍ଟ ପାଇଁ ଖେଳାଳିଙ୍କ ଆବେଦନ ଗ୍ରହଣ କରାଯାଉଛି। ୨୦୧୨ରୁ ୨୦୧୫ ମଧ୍ୟରେ ଜନ୍ମଗ୍ରହଣ କରିଥିବା ସମସ୍ତ ପୁଅ ଓ ଝିଅମାନେ, ଯେଉଁମାନେ ଅନଲାଇନ ରେଜିଷ୍ଟ୍ରସନ କରିଛନ୍ତି କିମ୍ବା କରିନାହାନ୍ତ. ସେମାନେ ଆସି ଟିମ ସିଲେକ୍ସନ ପାଇଁ ଓ ଜର୍ସି ବୁଟ ସାଇଜ ମାପ ଦେବା ପାଇଁ ଉପସ୍ଥିତ ରହିବାକୁ ଜିଲ୍ଲା କ୍ରୀଡ଼ା ସଂସ୍ଥା, କେନ୍ଦୁଝର ପକ୍ଷରୁ ଅନୁରୋଧ କରାଯାଇଛି। ସିଏମ କପ ଫୁଟବଲ ଟୁର୍ନାମେଣ୍ଟଟି ଫେବୃଆରୀ ମାସ ୧୭ ତାରିଖରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ସବିଶେଷ ଜାଣିବା ପାଇଁ ଜିଲ୍ଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ଫୋନ (୭୯୭୮୪୦୮୩୩), ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା (ଫୋନ ୯୧୧୪୫୬୧୩୫୬) ଓ ବୀରେନ୍ଦ୍ର ମହାନ୍ତ, ସିଲେକ୍ଟର (ଫୋନ ୭୦୦୮୬୨୮୦୩୨)ଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

### ଯୁବ ଭୋଟର ପଞ୍ଜୀକରଣ

## ସମ୍ବର୍ଦ୍ଧିତ ହେଲେ ଚମ୍ପୁଆ ଉପଜିଲ୍ଲାପାଳ

ଚମ୍ପୁଆ,୩୦ା୧(ସମିସ): ଚମ୍ପୁଆ ନିର୍ବାଚନମଣ୍ଡଳୀ-୨୫ରେ ଯୁବ ଭୋଟରଙ୍କୁ ସାମିଲ ନେଇ ସଫଳତା ମିଳିଥିବା ବେଳେ ରାଜ୍ୟସ୍ତରୀୟ ୧୬ତମ ଜାତୀୟ ମତଦାନ ଦିବସରେ ଚମ୍ପୁଆ ଉପଜିଲ୍ଲାପଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଉମାକାନ୍ତ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଚମ୍ପୁଆ ନିର୍ବାଚନମଣ୍ଡଳୀରେ ୨୦୨୫ ବର୍ଷର ୧୮ରୁ ୧୯ ବର୍ଷ ମଧ୍ୟରେ ୧ ହଜାର ୭୦ ଜଣ ଯୁବ ଭୋଟରଙ୍କୁ ପଞ୍ଜୀକରଣ କରାଯାଇଥିବା ଜଣାଯାଇଛି। ଚମ୍ପୁଆ ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୪୨ ହଜାର ୨ ଶହ ୮୫ ଭୋଟର ରହିଥିବା ବେଳେ ସେଥିମଧ୍ୟରୁ ୧୧ ଲକ୍ଷ ୯ ହଜାର ୪ ଶହ ୭ ଜଣ ମହିଳା ଭୋଟର ଓ ୧ ଲକ୍ଷ ୨୨ ହଜାର ୮ ଶହ ୭୦ ଜଣ ପୁରୁଷ ଭୋଟର ଏବଂ ୮ ଜଣ ଅନ୍ୟାନ୍ୟ ରହିଥିବା ବେଳେ ୧୦୦ ବର୍ଷରୁ ଅଧିକ ୪ ଜଣ ଭୋଟର, ୮୦ ରୁ ୮୯ ବର୍ଷ ମଧ୍ୟରେ ୧ ହଜାର ୯ ଶହ ୩୦ ଭୋଟର ଓ ୯୦ ରୁ ୯୯ ବର୍ଷ ମଧ୍ୟରେ ୨ ଶହ ୮୮ ଜଣ ଭୋଟର ରହିଥିବା ଜଣାଯାଇଛି। ଯୁବ ଭୋଟର ମାନଙ୍କୁ ସଚେତନ କରିବା ଏବଂ ଦେଶର ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଭୋଟଦାନରେ ଅଧିକରୁ ଅଧିକ ସାମିଲ କରିବା ଲକ୍ଷ୍ୟ ନେଇ ସମସ୍ତ କଲେଜଗୁଡିକରେ ପୂର୍ବରୁ କ୍ୟାମ୍ପ କରାଯାଇ ଯୁବ ଭୋଟର ମାନଙ୍କୁ ସଚେତନ କରାଯାଇଥିଲା। ଏନେଇ ଲୋକସଭା ଭବନରେ ଆୟୋଜିତ




ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ ଗୋପାଳନ୍ ଓ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ ମିଶ୍ର ଏହି ସଫଳତା ପାଇଁ ଶ୍ରୀ ପରିଡ଼ାଙ୍କୁ ସମ୍ବର୍ଦ୍ଧନା ସହ ପୁରସ୍କୃତ କରିଥିଲେ।

## ସିଦ୍ଧମଠରେ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ

କେନ୍ଦୁଝର, ୩୦ା୧(ସମିସ): ୧୯୭୦ରୁ ଆରମ୍ଭ ହୋଇଥିବା ଚେତନାପୁରୁଷ ଶ୍ରୀବୈରାଗୀଙ୍କର ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞର ପୂର୍ଣ୍ଣାହୁତି ଭକ୍ତଙ୍କର ଉପସ୍ଥିତିରେ ଗତକାଲି ସିଦ୍ଧମଠର ସିଦ୍ଧକାଳୀ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଚାରିଦିନ ଧରି ଚାଲିଥିବା ଏହି ବାର୍ଷିକ ମହାଯଜ୍ଞର ଅଧିବାସ, ନୂତନ ବସ୍ତ୍ର ପରିଧାନ କରି ମହିଳାଙ୍କ କଳସ ଯାତ୍ରା, ସିଦ୍ଧ ଜଗନ୍ନାଥଙ୍କ ପାଖରେ ଭାଗବତ ପାରାୟଣ, ସିଦ୍ଧକାଳୀ ନିକଟରେ ଚଣ୍ଡୀପାଠ, ଚୌବଟା ସିଦ୍ଧମହାଦେବଙ୍କ ରୁଦ୍ରାଭିଷେକ, ସିଦ୍ଧହନୁମାନଙ୍କ ପାଖରେ ଚାଳିଶା ପାଠ କରାଯାଇଥିଲା। ପ୍ରତିବର୍ଷ ପରି ବ୍ରତୋପନୟନ, ଅନ୍ନପ୍ରାସନ, କର୍ଣ୍ଣଭେଦ, ବିଦ୍ୟାରମ୍ଭ ଓ ବିବାହ ପ୍ରଭୃତି ମାଙ୍ଗଳିକ କାର୍ଯ୍ୟକ୍ରମ ବିନାଖର୍ଚ୍ଚରେ ବୈଦିକ ରୀତି ଅନୁଯାୟୀ ସମ୍ପନ୍ନ କରାଯାଇଛି। ଶକ୍ତିଶ୍ରୀ ରାମଚନ୍ଦ୍ର ପାଣିଗ୍ରାହୀ, ପ୍ରଦୀପ କୁମାର ବାରିକ, ଶ୍ରୀନିବାସ ବ୍ରହ୍ମ, ବିପୀନ ଜେନା, ଡ଼ଃ ଚନ୍ଦ୍ରଶେଖର ଦାଶ, ମୁରଲୀ, ପପୁ, ରାଜୁ ପ୍ରମୁଖଙ୍କ ସହଯୋଗ ଓ ପଣ୍ଡିତ ଦେବେନ୍ଦ୍ର ତ୍ରିପାଠୀ ଶର୍ମାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମହାଯଜ୍ଞରେ ଘୃତଯଜ୍ଞ, ଅନ୍ନଯଜ୍ଞ, ନାମଯଜ୍ଞ ଓ ଜ୍ଞାନଯଜ୍ଞରେ ସହସ୍ରାଧିକ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ।

## ସାଂସଦ, ବିଧାୟକ ବିରୋଧରେ ଅସନ୍ତୋଷ ଝାଡ଼ିଲେ କାର୍ଯ୍ୟକର୍ତ୍ତା

ଡୁରୁମୁଙ୍ଗା, ୩୦ା୧(ସମିସ): ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଟଣା ବ୍ଲକ ଅଁଳାଡିହା ରାମ ମନ୍ଦିର ନିକଟରେ ଗୁରୁବାର ପୂର୍ବତନ ବିଧାୟକ ପ୍ରାର୍ଥୀ ଲାଲମୋହନ ନାଏକଙ୍କ ସଭାପତିତ୍ୱ ରେ ବିଜେପିର ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ ନେଇ ସୁଶାସନ ଦିବସ ପାଳନ ସହ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ସାଙ୍ଗଠନିକ ଆଲୋଚନା କରାଯାଇଥିଲା। ରାଜ୍ୟରେ ବିଜେପି ସରକାର ଆସିବା ପରେ ପୂର୍ବରୁ ଦଳ ପ୍ରତି ଉତ୍ସର୍ଗୀକୃତ କାର୍ଯ୍ୟକର୍ତ୍ତାଙ୍କୁ ଅବହେଳା କରାଯାଉଥିବା ଆଲୋଚନା କରାଯାଇଥିଲା। କେନ୍ଦୁଝର ସାଂସଦ ଅନନ୍ତ ନାଏକ ଏବଂ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଅନ୍ୟ ଦଳର କାର୍ଯ୍ୟକର୍ତ୍ତାଙ୍କୁ ଗୁରୁତ୍ୱ ଦିଆଯାଉଥିବା ନେଇ ଆଲୋଚନା କରାଯାଇଥିଲା। ଏ ସଂକ୍ରାନ୍ତ ଏକ ଦାବିପତ୍ର ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତଙ୍କୁ ଦିଆଯିବା ନେଇ ଉକ୍ତ ବୈଠକରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତା ଦୁର୍ଗାଚରଣ ନାଏକ, ମୋଚିରାମ ସାହୁ, ଖିରାଲାଲ ମହାନ୍ତ, ଚିନ୍ତାମଣି ମହାନ୍ତ ଲକ୍ଷ୍ମୀଧର ପତି, ଗୌରାଙ୍ଗ ଗାରଡିଆ, ମିତ୍ରଭାନୁ ନାଏକ, ମିତ୍ରଭାନୁ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ନାଏକ ସୁବାସ ମହାନ୍ତ, ଯଦୁମଣି ପାତ୍ର କମଳାକାନ୍ତ ଚୌଧୁରୀଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



## ଜିଲ୍ଲାସ୍ତରୀୟ ଜୁନିଅର ରେଡ୍‌କ୍ରସ ଶିବିର ଉଦ୍‌ଘାଟିତ

କେନ୍ଦୁଝର,୩୦ା୧(ସମିସ): ରାଇସୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ୩୫ତମ ଜିଲ୍ଲାସ୍ତରୀୟ ଜୁନିଅର ରେଡକ୍ରସ ଶିବିର ଉଦଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ କେନ୍ଦୁଝର ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମଦରଧର ମହାଲିକ, ସମ୍ମାନିତ ଅତିଥି ଭାବେ ଉପ ମୁଖ୍ୟ ବନ ସଂରକ୍ଷକ, କେନ୍ଦୁଝର ସୁଦୀପ୍ତ ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ରୁଦ୍ରନାରାୟଣ ସାମଲ, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା, ସଦର ଗୋଷ୍ଠୀ ଶିକ୍ଷାଧିକାରୀ ଓଁକାର ଅନ୍ୱେଷ, ହରିଚନ୍ଦନପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚିନ୍ମୟ କୁମାର ରାଉତ, ସଦର ସହ ଗୋଷ୍ଠୀ ଶିକ୍ଷାଧିକାରୀ ମାନସ ରଞ୍ଜନ ମିଶ୍ର, କପିଳ ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୪୫୦ ଜଣ ଜୁନିଅର ରେଡକ୍ରସ ଏହି କ୍ୟାମ୍ପରେ ଯୋଗ ଦେଇଛନ୍ତି। ଜୁନିଅର ରେଡକ୍ରସଅଫିସର ପ୍ରଶାନ୍ତକୁମାର ପରିଡ଼ା ବିଭିନ୍ନ ପ୍ରତିଯୋଗିତାର ସଫଳ ଆୟୋଜନ କରାଇଥିଲେ। ଜୁନିଅର ରେଡକ୍ରସ କାଉନସେଲର ତଥା ସରକାରୀ ଉଚ୍ଚ ବିଦ୍ୟାଳୟ ରାଇସୁଆଁର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କ୍ୟାମ୍ପ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ନିର୍ମଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ପଶ୍ଚିମବଙ୍ଗ ନିର୍ବାଚନରେ ପ୍ରଚାର କରିବେ ଯଜ୍ଞ

ଆନନ୍ଦପୁର, ୩୦ା୧ (ସମିସ): ଚଳିତବର୍ଷ ଏପ୍ରିଲ ମାସ ସୁଦ୍ଧା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରୀୟ ବିଜେପି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଓଡିଶାରୁ ଏକ ନେତୃମଣ୍ଡଳୀ ଏଥିପାଇଁ ଆଜି କଲିକତା ଗସ୍ତ କରୁଥିବା ସୂଚନା ମିଳିଛି। ରାଜ୍ୟ ଉପସଭାପତି ବିଷ୍ଣୁ ଦାଶଙ୍କ ତତ୍ତ୍ୱାବଧାନରେ ରାଜ୍ୟ ବିଜେପିର ଏହି ଟିମ୍ ଗସ୍ତ କରିଥିବା ଜଣାପଡିଛି। ଏହି ପ୍ରଚାର ଟିମରେ କେନ୍ଦୁଝର ଜିଲ୍ଲାର ଯୁବନେତା ତଥା ରାଜ୍ୟ ସଂଯୋଜକ ଯଜ୍ଞପ୍ରସାଦ ସାହୁ ମଧ୍ୟ ରହିଥିବା ସୂଚନା ମିଳିଛି। ସେ ମଧ୍ୟ ଗୁରୁବାର ରାତିରେ କଲିକତା ଗସ୍ତ କରିଛନ୍ତି। ରାଜ୍ୟ ବିଜେପି ପକ୍ଷରୁ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ସାଂସଦ ଓ ବିଧାୟକ ଏହି ଗସ୍ତରେ ଥିବା ଜଣାପଡିଛି। ପଶ୍ଚିମବଙ୍ଗ ରାଜ୍ୟର ଓଡ଼ିଆ ଭାଷାଭାଷୀ ଅଞ୍ଚଳ ତଥା ଓଡ଼ିଆ ବହୁଳ ଅଞ୍ଚଳରେ ଏହି ନେତାମାନେ ପ୍ରଚାର କାର୍ଯ୍ୟରେ ଲାଗିବା ବୋଲି ଖବର ମିଳିଛି। ଏଥିପାଇଁ ଆସନ୍ତାକାଲି କଲିକତାସ୍ଥିତ ଜାତୀୟ ଗ୍ରନ୍ଥାଗାରରେ ଏକ ବୈଠକ ହେବ। କେନ୍ଦ୍ରୀୟ ନେତୃତ୍ୱଙ୍କ ସମେତ ପଶ୍ଚିମବଙ୍ଗର ନେତୃମଣ୍ଡଳୀ ବିସ୍ତୃତ ଆଲୋଚନା କରିବେ। ପରେ ନେତାମାନେ ବିଭିନ୍ନ ଓଡ଼ିଆ ଅଞ୍ଚଳ ଗସ୍ତ କରି ଦଳର ପ୍ରଚାରକୁ ଆଗକୁ ନେବେ ବୋଲି ଜଣାପଡିଛି। କେନ୍ଦୁଝର ସାଂସଦ ଅନନ୍ତ ନାୟକ, ପୂର୍ବତନ ଜିଲ୍ଲା ସଭାପତି ମୁରଲୀ ମନୋହର ଶର୍ମା, ରାଧାକାନ୍ତ ମହାନ୍ତ ଓ ସବୁଜ ମହାନ୍ତ ପ୍ରମୁଖ ଗସ୍ତ କରୁଥିବା ଜଣାପଡିଛି।



# ଜିଲ୍ଲାସ୍ତରୀୟ ଇକୋ ପ୍ରଦର୍ଶନୀ ଉଦ୍‌ଯାପିତ

କେନ୍ଦୁଝର, ୩୦ା୧(ସମିସ): ରାଇସୁଆଁସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟରେ ପରିବେଶ ଅନୁକୂଳ ଜୀବନଶୈଳୀ ଉପରେ ଜିଲ୍ଲାସ୍ତରୀୟ ଇକୋ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟନାରାୟଣ ମହାନ୍ତ, ରୁଦ୍ରନାରାୟଣ ସାମଲ, ସଦର ଗୋଷ୍ଠୀ ଶିକ୍ଷାଧିକାରୀ ଓଁକାରଅନ୍ୱେଷ, ହରିଚନ୍ଦନପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚିନ୍ମୟ ରାଉତ, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା, ସଦର ସହଗୋଷ୍ଠୀଧିକାରୀ ମାନସ ରଞ୍ଜନ ମିଶ୍ର, ଆୟୋଜକ ସ୍କୁଲର ପ୍ରଧାନଶିକ୍ଷକ ନିର୍ମଳ କୁମାର ସାହୁ ଯୋଗ ଦେଇଥିଲେ। ୧୩ଟି ବ୍ଲକରୁ ମୋଟ ୫୨ଟି ଇକୋ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପଦ୍ମପୁର ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରସନ୍ନ ପ୍ରଧାନ, ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ସନତ ଦାସ, ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ କୃଷ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ବିଚାରକ ରହିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ କେନ୍ଦୁଝର ପୂର୍ଣ୍ଣଚନ୍ଦ୍ର ବରିହା ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଉପ ମୁଖ୍ୟ ବନ ସଂରକ୍ଷକ ସୁଦୀପ୍ତ ପଣ୍ଡା, ସମ୍ମାନିତ ଅତିଥି ଅତିରିକ୍ତ




ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସତ୍ୟନାରାୟଣ ମହାନ୍ତ, ରୁଦ୍ରନାରାୟଣ ସାମଲ, ସଦର ଗୋଷ୍ଠୀ ଶିକ୍ଷାଧିକାରୀ ଓଁକାର ଅନ୍ୱେଷ, ହରିଚନ୍ଦନପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚିନ୍ମୟ ରାଉତ, ଝୁମ୍ପୁରା ବ୍ଲକ ଶିକ୍ଷାଧିକାରୀ ଭଗବାନ ମିଶ୍ର, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା, ସଦର ସହ ଗୋଷ୍ଠୀ ଶିକ୍ଷାଧିକାରୀ ମାନସ ରଞ୍ଜନ ମିଶ୍ର, ତରଣୀସେନ ମୁଣ୍ଡା, କପିଳଚନ୍ଦ୍ର ଦାସ ଯୋଗ ଦେଇଥିଲେ। କେଶଦୁରାପାଳ ଜନମଙ୍ଗଳ ସରକାରୀ ଉଚ୍ଚବିଦ୍ୟାଳୟର ସାଇନାରାୟଣ ମହାରଣା ପ୍ରଥମ, ମହଦେଇଯୋଡା ଏଲ୍ଏନ୍ ସରକାରୀ ଉଚ୍ଚବିଦ୍ୟାଳୟର ସୁଶ୍ରୀ ଆଲିସା ଦାସ ଦ୍ୱିତୀୟ ଏବଂ ଡେଣୁଆଁ ଝାଲମଣି ଉଚ୍ଚବିଦ୍ୟାଳୟର ପ୍ରଜ୍ଞାରାଣୀ ସାହୁ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ଇକୋ ପ୍ରଦର୍ଶନୀକୁ ମନୋନୀତ ହୋଇଛନ୍ତି। ଗୋବିନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଜୟ ମିଶ୍ର ଜିଲ୍ଲା ସଂଯୋଜକ କାର୍ଯ୍ୟ ସମ୍ପାଦନ କରି ସମ୍ବର୍ଦ୍ଧିତ ହୋଇଥିଲେ। ରାଇସୁଆଁ ଉଚ୍ଚ ବିଦ୍ୟାଳୟ ତଥା ଜିଲ୍ଲାର ଅନ୍ୟ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଗାଇସିଲେଟ ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା

ଗାଇସିଲେଟ, ୩୦।୧(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟରେ ସଡ଼କ ଦୁର୍ଘଟଣା କମେଇବା ଓ ସାଧାରଣ ଲୋକଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ପୁଲିସ ପକ୍ଷରୁ ଆଜି ଏକ ସଡ଼କ ସୁରକ୍ଷା ଜୀବନ ରକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ବଜାରଖଣ୍ଡ ଓ ମୁଖ୍ୟ ସଡ଼କ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁଲିସ କର୍ମଚାରୀମାନେ ଦୁଇଚକିଆ ଓ ଚାରିଚକିଆ ଚାଳକଙ୍କୁ ସଡ଼କ ନିୟମ ବିଷୟରେ ସଚେତନ କରାଇଥିଲେ। ହେଲମେଟ ଓ ସିଟବେଲ୍ଟ ବ୍ୟବହାର, ମଦ୍ୟପାନ କରି ଗାଡ଼ି ଚଳାନା କରିବା, ଗତିସୀମା ମାନିବା, ମୋବାଇଲ ବ୍ୟବହାର କରି ଗାଡ଼ି ଚଳାଇବାରୁ ବିରତ ରହିବା ପରି ବିଷୟରେ ଚାଳକମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଥାନାଧିକାରୀ ଏମ.ମିଞ୍ଜ ସଡ଼କ ସୁରକ୍ଷା କେବଳ ପୁଲିସର ଦାୟିତ୍ୱ ନୁହେଁ, ସାଧାରଣ ଲୋକଙ୍କ ସହଯୋଗ ହେଲେ ହିଁ ଦୁର୍ଘଟଣା ରୋକାଯାଇ ପାରିବ ବୋଲି କହିବା ସହିତ ହେଲମେଟ ପିନ୍ଧିଥିବା ଲୋକମାନଙ୍କୁ ଗୋଲାପ ଫୁଲ ଓ ଚକଲେଟ ଦେଇ ଉତ୍ସାହିତ କରିଥିଲେ।

## ଅଞ୍ଚଳ ମହାବିଦ୍ୟାଳୟ 'ସାଇନ୍ସ ସୋସାଇଟି'ର ବାର୍ଷିକ ଉତ୍ସବ

ପଦ୍ମପୁର, ୩୦।୧ (ସମିସ): ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ବିଜ୍ଞାନ ସୋସାଇଟିର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭା ପ୍ରାରମ୍ଭରେ ସାଇନ୍ସ ସୋସାଇଟିର ଉପସଭାପତି ପ୍ରାଧ୍ୟାପିକା ତାପିନୀ ପଣ୍ଡା ସ୍ୱାଗତଭାଷଣ ପ୍ରଦାନ କରିବା ସହ ପରିଷଦର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସଞ୍ଜୟ ନାୟକ ଯୋଗଦେଇ କର୍କଟ ଭଳି ମାରାତ୍ମକ ରୋଗ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ସମ୍ମାନିତ ଅତିଥି ଭାବେ ମେଡିକାଲ ଅଫିସର ଡା. ଖ୍ୟାତି ସମ୍ବଦା ମହାପାତ୍ର ଯୋଗଦେଇ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସାମ୍ପ୍ରତିକ ସମୟରେ ବୃଦ୍ଧି ପାଉଥିବା ମାନସିକ ଚାପ, ଉଦ୍‌ବେଗ ଓ ଭୟ ଭଳି ସମସ୍ୟା ଉପରେ ସେ ଆଲୋଚନା କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରାଧ୍ୟାପକ ତାରାପ୍ରସାଦ ଶତପଥୀ, ପ୍ରମୋଦ କୁମାର ତ୍ରିପାଠୀ, ପ୍ରମୋଦ କୁମାର ପାଣିଗ୍ରାହୀ, ଝୁନୁ ପରିଡ଼ା, କଳ୍ପନା ପାତ୍ରୀ ଓ ଡ. ତୁଷାରକାନ୍ତ ସାହୁଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅଧ୍ୟାପିକା ନିକିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

● ଷ୍ଟାର୍ କ୍ରିକେଟ କପ୍ ଉଦ୍‌ଯାପିତ

## ଲୁହୁରାକୋଟ ଚାମ୍ପିଅନ

ପଦ୍ମପୁର, ୩୦।୧(ସମିସ): ପଦ୍ମପୁର ଉପଖଣ୍ଡର ଲଖମରା ଗ୍ରାମସ୍ଥିତ ହାଇସ୍କୁଲ ପଡ଼ିଆଠାରେ ପାଞ୍ଚ ଦିନଧରି ଚାଲିଥିବା ଷ୍ଟାର କ୍ରିକେଟ କପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଲଖମରା ଓ ଲୁହୁରାକୋଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଲଖମରା ଦଳ ଟସ୍ ଜିତି ବ୍ୟାଟିଂ କରି ୧୦ ଓଭରରେ ୭୦ରନର ଟାର୍ଗେଟ ଦେଇଥିଲା। ଲୁହୁରାକୋଟ ଦଳ ୯ ଓଭରରେ ଟାର୍ଗେଟ ସମ୍ପୂର୍ଣ୍ଣ କରି ବିଜୟୀ ହୋଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ପରେଶ, ବେଷ୍ଟ ବୋଲର ରାହୁଲ, ବେଷ୍ଟ ବ୍ୟାଟ୍ସ ମ୍ୟାନ ଓ ପ୍ଲେୟାର ଅଫ ଦି ସିରିଜ ଭାବେ ସମୀର ପୁରସ୍କୃତ ହୋଇଥିଲେ। ସମୁଦାୟ ୨୦ଟି ଦଳ ଏଥିରେ ଭାଗନେଇଥିଲେ। ସଞ୍ଜୟ, ରୁପେଶ, ପ୍ରଶାନ୍ତ, ରାଜେଶ ଅମ୍ପାୟାରିଂ କରିଥିବାବେଳେ ଉଦ୍‌ଘୋଷକ ଭାବେ ଦେବେନ୍ଦ୍ର, ସମୀର, ବେଦାନନ୍ଦ ପୁଷ୍ଟି ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଘାଟନୀ ଦିବସରେ ଲଖମରା ସରପଞ୍ଚ ସୁବାସ ଝଗରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଉଦ୍‌ଯାପନୀ ଅବସରରେ ମୁଖ୍ୟ ଅତିଥି ଭାବେ ମଧୁସୂଦନ ସାଗ, ସମ୍ମାନିତ ଅତିଥି ଭାବେ ସର୍ବଶ୍ରୀ ଭାରତ ଡନସନା, ରମାକାନ୍ତ ମିଶ୍ର, ତୋଲାମଣୀ ସାହୁ, ପ୍ରମୋଦ ସାହୁ, ଲଖମରା ପାକ୍ସ ସମ୍ପାଦକ ଅମୂଲ୍ୟ ବେହେରା, ଆର୍ମି ମ୍ୟାନ ଲେ. ସି ଓ ସୌଭାଗ୍ୟ ରଣା ପ୍ରମୁଖ ଯୋଗଦେଇ ଥିଲେ। ବନମାଳୀ ରାଉତିଆ ସଭା ମଞ୍ଚ ପରିଚାଳନା କରିଥିଲେ।

## ବରପାଲି ମହାବିଦ୍ୟାଳୟରେ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ




ବରପାଲି, ୩୦।୧(ସମିସ): ବରପାଲି ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ଅଧ୍ୟକ୍ଷ ଜୟନ୍ତୀ ଦାଶଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ଧୀରୋଜ କୁମାର ତ୍ରିପାଠୀ ଓ ଶୈକ୍ଷିକ ପ୍ରଭାରୀ ଅଧ୍ୟାପକ ଅଲେଖ କୁମାର ମହାନନ୍ଦ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଆମ କଲେଜ, ଆମ ଗୌରବର ସଂଯୋଜକ ଅଧ୍ୟାପକ ଉତ୍ତରକୁମାର ଗଡ଼ତିଆ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ସ୍ୱପ୍ନିକା ପଣ୍ଡା, ସ୍ୱାତୀ ପ୍ରଧାନ, ଭବାନୀ ବାଗ, ଦେବ୍ୟାନୀ ବିଶ୍ୱାଳ, ଆରୁଷି କର୍ମୀ ପ୍ରମୁଖ ଶିବିର ସମ୍ପର୍କରେ ନିଜ ନିଜ ଅନୁଭୂତି ବ୍ୟକ୍ତ କରିଥିଲେ। ମାନସୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମିଲର୍ସ ଉଠାଉ ନାହାନ୍ତି ଧାନ

# ମଣ୍ଡିରେ ପଡ଼ିଛି ୧୬ ଲକ୍ଷ ୩ ହଜାର ପ୍ୟାକେଟ୍

ପଦ୍ମପୁର/ଦହିତା, ୩୦।୧(ସମିସ)



ପଦ୍ମପୁର ଉପଖଣ୍ଡରେ ମଣ୍ଡି ଖୋଲିବାର ୨ ମାସ ବିତିଯାଇଛି। ମାତ୍ର ସମସ୍ତ ଚାଷୀଙ୍କ ପାଖରେ ଟୋକନ ପହଞ୍ଚି ପାରିନାହିଁ। ଯେଉଁ ବି ଚାଷୀଙ୍କ ପାଖକୁ ଟୋକନ ପହଞ୍ଚି ଛି ସେମାନେ ମଣ୍ଡିରେ ଧାନ ପକାଇଛନ୍ତି। ମାତ୍ର ଉପଖଣ୍ଡ ଯୋଗାଣ ଅଧିକାରୀ ସନ୍ତୋଷ କୁମାର ପଧାନଙ୍କ କହିବା ଅନୁଯାୟୀ ପର୍ଯ୍ୟାପ୍ତ ଟ୍ୟାଗ୍ ମଧ୍ୟ ମିଲରସ୍‌ଙ୍କୁ ଧାନ ଉଠାଇବା ପାଇଁ ଦିଆଯାଇଛି। ମାତ୍ର ମିଲର୍ସ ଧାନ ଉଠାଉ ନାହାନ୍ତି। ସେଥିପାଇଁ ଚାଷୀମାନଙ୍କ ଧାନ ଖୋଲା ଆକାଶରେ ପଡ଼ିରହିଛି। ମିଲର୍ସ ମନମୁତାବକ କଟ୍‌ନି କରି ଧାନ ଉଠାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଯୋଗାଣ ବିଭାଗ ମଧ୍ୟ ହାତ ଟେକି ଦେଇଥିବା ଚାଷୀ ଅଭିଯୋଗ କରିଛନ୍ତି। ମାତ୍ର ଜିଲ୍ଲା ପ୍ରଶାସନ ଠାରୁ ଯୋଗାଣ ମନ୍ତ୍ରୀ ପର୍ଯ୍ୟନ୍ତ ଧାନ କିଣାବିକା ଠିକ୍ ଠାକ୍ ଚାଲିଥିବା କହୁଥିବା ବେଳେ ବାସ୍ତବରେ କିନ୍ତୁ ଏବେ ବି ଚାଷୀ ଧାନ ବିକ୍ରି କରିପାରୁ ନାହିଁ। ଗୋଟିଏ ପଟେ କଟ୍‌ନୀ ଛଟନୀ ପାଇଁ ଚାଷୀ ଅସନ୍ତୁଷ୍ଟ ରହୁଥିବା ବେଳେ ଅନେକ ଚାଷୀ ସେମାନଙ୍କ ଟୋକନ ତାରିଖ କେବେ ଆସିବ ଓ ସେମାନେ ମଣ୍ଡିକୁ କେବେ ଧାନ ନେବେ ସେହି ଅପେକ୍ଷାରେ ଶୀତ କାକରରେ ନିଜର ଅମଳ ଧାନକୁ ଧରି ଜଗି ବସିଛନ୍ତି। ଅଧିକାଂଶ ଚାଷୀଙ୍କ ଟୋକନ ତାରିଖ ଅତିକ୍ରମ କରିଥିବାବେଳେ ସେମାନେ ପୁଣି ନିର୍ଦ୍ଧାରିତ ୧୫ ଦିନ ବୃଦ୍ଧି କରିଛନ୍ତି ମାତ୍ର ଏ ପର୍ଯ୍ୟନ୍ତ କିଛି ଚାଷୀଙ୍କ ଟୋକନ ଲାପ୍ସ ହୋଇଥିବା ଅଭିଯୋଗ ଆସିଛି। ସେହିପରି କେଉଁ ମଣ୍ଡିରେ କେତେ କୁଇଣ୍ଟାଲ ଧାନ କିଣାଯିବ ତାହା ଯୋଗାଣ ବିଭାଗ ସ୍ଥିର କରୁଛି। ଗୋଟିଏ ମଣ୍ଡିକୁ ଦିନକୁ ମାତ୍ର ୧୫୦ ରୁ ୨୦୦ କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଦିଆ ହେଉଛି ଯାହାକି ଧାନ ବିକ୍ରିକୁ ମନ୍ଥର କରି ଦେବା ସହିତ କଟ୍‌ନୀ ଛଟ୍‌ନୀକୁ ପ୍ରୋତ୍ସାହନ କରୁଛି। ପଦ୍ମପୁର ବ୍ଲକ ଉପାନ୍ତ ମଣ୍ଡି ଦହିତା, ଦହିଗାଁ, ବୁଡେନ, ଜମଲା, କନସିଂହା ସମେତ ଉପଖଣ୍ଡର ପାଇକମାଲ, ଝାରବନ୍ଧ, ଗାଇସିଲେଟ ଅଞ୍ଚଳର ୯୨ଟି ମଣ୍ଡିରେ ଅଚଳାବସ୍ଥା ଦେଖାଯିବା ସହିତ ଧାନ ବିକ୍ରି ହେଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଶୁକ୍ରବାର ଶୁଦ୍ଧା ପଦ୍ମପୁର ଉପଖଣ୍ଡ ୯୨ ମଣ୍ଡିରେ ୧୬ ଲକ୍ଷ ୩ ହଜାର ୧୮୦ ପ୍ୟାକେଟ ଧାନ ପଡ଼ି ରହିଥିବା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ରବି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ସର୍ବାଧିକ ପାଇକମାଲ ବ୍ଲକ ଝିଟିକି ମଣ୍ଡିରେ ୬୦ହଜାର ପେକେଟ, ପାଇକମାଲରେ ୫୨୦୦୦ ପ୍ୟାକେଟ ଧାରୋଲରେ ୩୭୦୦୦, ଝାରବନ୍ଧ ବ୍ଲକ ଅମଠି, ଭଏସାଦର୍ହା, ଲୌଡିଦର୍ହଆ ରେ ସମେତ ଅନେକ ଉପାନ୍ତ ମଣ୍ଡିରେ ୩୦ହଜାର ପ୍ୟାକେଟ ଉପରେ ଧାନ ପଡ଼ି ରହିଛି। ଚଳିତବର୍ଷ ସବୁଠାରୁ ବଡ଼ ବ୍ୟତୀକ୍ରମ ହେଲା ଟୋକନ ସମସ୍ୟା ଓ କଟନି ସମସ୍ୟା। ଆଜି ପର୍ଯ୍ୟନ୍ତ ମଧ୍ୟ ଚାଷୀଙ୍କ ଟୋକନ ଆସି ନାହିଁ। ଯେଉଁ ଚାଷୀ ମାନଙ୍କ ମଧ୍ୟ ଟୋକନ ଆସିଛି ଧାର୍ଯ୍ୟ ଜମି ପରିମାଣରୁ ବହୁତ କମ ଆସିଛି। ଅପରପକ୍ଷରେ ମିଲର୍ସଙ୍କୁ ପ୍ରଶାସନ କିମ୍ବା ସରକାର ତାଗିଦ କରିପାରୁ ନାହାନ୍ତି, ତେଣୁ ଚାଷୀ ସେମାନଙ୍କ ଅମଳ ଧାନ ବାଧ ହୋଇ ଦଲାଲ ହାତରେ ଟେକି ଦେଉଛନ୍ତି।

## ବିକାଶ ନର୍ସିଂ କଲେଜରେ ସ୍ୱାଗତ ସମାରୋହ



ବରଗଡ଼, ୩୦।୧(ସମିସ): ବରଗଡ଼ ବିକାଶ ନର୍ସିଂ କଲେଜରେ ସ୍ୱାଗତ ସମାରୋହ ଆୟୋଜିତ ହୋଇଯାଇଛି। କଲେଜର ବିଏସ୍‌ସି ନର୍ସିଂ, ଜିଏନ୍‌ଏମ୍ ଏଏନ୍‌ଏମ୍, ଡିଏମ୍‌ଏଲ୍‌ଟି, ଡିଏମ୍‌ଆର୍‌ଟିର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ପାଇଁ ସିନିୟର ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିକାଶ ହାୟରଏଜୁକେସ୍ନାଲ ଇନ୍‌ଷ୍ଟିଚ୍ୟୁସନ୍ସର ପାର୍ବତୀଗିରିସ୍ଥିତ କନ୍‌ଭେନ୍‌ସନ୍ ହଲ୍‌ଠାରେ ଉକ୍ତ ସମାରୋହର ଆୟୋଜନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନୂତନ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସକାଶେ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ୍ ଡି. ନାଗେଶ୍ୱର ରାଓ, ମୁଖ୍ୟ ପ୍ରଶାସନିକ ଅଧିକାରୀ ଇଂ ଅଜୟ କୁମାର ମହାପାତ୍ର, ଆଇନଗତ ପରାମର୍ଶଦାତା ପି.କେ ଦାଶ, ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ସି. ଏଚ୍. ରବି କୁମାର, ଡ. ହିମାଂଶୁ ଶେଖର ମିଶ୍ର, ମମତା ମଲ୍ଲିକ ଏବଂ ଭିନ୍ନ ଭିନ୍ନ ବିଭାଗର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଉପସ୍ଥିତ ଥିଲେ। ଦିପାଞ୍ଜଳି ପଟେଲଙ୍କ ତତ୍ତ୍ୱାବଧାନରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ସହଯୋଗ କରିଥିଲେ।

## ସିମେଣ୍ଟ ନଗର ପିଏମ୍‌ଶ୍ରୀ ହାଇସ୍କୁଲର ବାର୍ଷିକ ଉତ୍ସବ




ବରଗଡ଼, ୩୦।୧(ସମିସ): ସିମେଣ୍ଟ ନଗର ପି ଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବ ଜୀବନ କରଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ବିକାଶ ବାଘେଲ ସଂଯୋଜନା କରିଥିଲେ। ଏବିଇଓ ଦିଲ୍ଲୀପ କୁମାର ମେହେର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ବରଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରମାକାନ୍ତ ମେହେର, ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ ପ୍ରମୁଖ ଉପସ୍ଥିତ ରହିଥିଲେ। ପରିଚାଳନାରେ ଡଲି ବାରିକ, ଘନଶ୍ୟାମ ମୟୂର ଚୁଲିଆ, ସଦାନନ୍ଦ ସେଟ୍, ଗୋପୀ କାନ୍ତ ମେହେର, ସୀମା ପ୍ରଧାନ, ସୁନନ୍ଦା ମହାପାତ୍ର, ରୀମା ଭୋଇ, ଶୁଭଶ୍ରୀ କୁମ୍ଭାର, ଜ୍ଞାନସାହୁ, ପ୍ରଶାନ୍ତ ବାଦୀ, କୃଷ୍ଣଚନ୍ଦ୍ର ପାଣ୍ଡେ, ସୁଜାତା ମହାପାତ୍ର, ସବିତା ଦୋରା, ସୁଜାତା ଦୀପ, ଜାହ୍ନବୀ କାଲୋ, ରଞ୍ଜିତା ସାହୁ, ମଧୁସ୍ମିତା ବିଶ୍ୱାଳ, ଜିତେନ୍ଦ୍ର ପ୍ରଧାନ, ସୁଧାଂଶୁ ଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବନ୍ଦିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ବୈଦିକ ପାଠଚକ୍ରରେ ଅଞ୍ଚଳ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଯୋଗଦାନ

ପଦ୍ମପୁର, ୩୦।୧(ସମିସ): ସ୍ଥାନୀୟ ନୂଆଁପାଲିସ୍ଥିତ ଗୁରୁକୁଳ ନବପ୍ରଭାତ ବୈଦିକ ବିଦ୍ୟାପୀଠରେ ଅନୁଷ୍ଠିତ ବସୁ ଜୟନ୍ତୀ ସମାରୋହ ଓ ବୈଦିକ ଶୋଧ ସଙ୍ଗୋଷ୍ଠୀରେ ଅନୁଷ୍ଠିତ ପାଠଚକ୍ରରେ ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ପ୍ରତ୍ୟକ୍ଷ ପରାମର୍ଶ ଓ ପ୍ରେରଣା କ୍ରମେ ବହୁ ସଂଖ୍ୟକ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଦିକ ଜ୍ଞାନ ଓ ପରମ୍ପରା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଅଧ୍ୟକ୍ଷଙ୍କ ଏହି ସୁଚିନ୍ତିତ ପରାମର୍ଶକୁ ସମସ୍ତେ ସ୍ୱାଗତ କରିଛନ୍ତି। ଅଧ୍ୟାପକ ଡ. ତୁଷାରକାନ୍ତ ସାହୁ, ଅଧ୍ୟାପିକା ରୀନା ଧର୍ମବିନାୟକ ଓ ଅଧ୍ୟାପକ ନିର୍ମଳ କୁମ୍ଭାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୂଚାରୁରୂପେ ପରିଚାଳିତ ହୋଇଥିଲା। ବୈଦିକ ଯଜ୍ଞର ସ୍ୱରୂପ ଓ ଏହାର ବିଧି ବିଷୟବସ୍ତୁ ଉପରେ ଆୟୋଜିତ ଏହି ପାଠଚକ୍ରରେ ଛାତ୍ରଛାତ୍ରୀମାନେ ବୈଦିକ ବିଜ୍ଞାନର ଗୂଢ଼ତତ୍ତ୍ୱ ସମ୍ପର୍କରେ ଅନେକ ନୂତନ ତଥ୍ୟ ଶିଖିବାକୁ ପାଇଥିଲେ।



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଭଟଲି, ୩୦।୧(ସମିସ): ଭଟଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୪ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପୁଜାହାରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସିନ୍ଧୁନନ୍ଦିନୀ ଆଚାର୍ଯ୍ୟ ଯୋଗଦେଇ ଥିଲେ। ପଶ୍ଚିମ ସମ୍ବାଗ ସମ୍ପାଦକ ସମ୍ବଲପୁରର ତ୍ରିବିକ୍ରମ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରମେଶ ବାରିକ, ବିଶିଷ୍ଟ ଶିଳ୍ପପତି ଗୋବର୍ଦ୍ଧନ ବିମିୱାଲ, ଲିଙ୍ଗରାଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପରିଚୟ ପ୍ରଦାନ ଓ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ଶିକ୍ଷକ ଲିଙ୍ଗରାଜ ସାହୁ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଅସହାୟଙ୍କ ୧୦୦ ଆବାସ ତିଆରି କରିବେ ପିଇଓ



ଗାଇସିଲେଟ, ୩।୧(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝୀ ନିଜର ନିଆରା ଅନ୍ଦାଜ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଆସୁଛନ୍ତି। ବିଶେଷକରି ଅସହାୟ, ବୃଦ୍ଧ, ବିଧବା, ଦିବ୍ୟାଙ୍ଗ ଓ ଗରିବ ପରିବାରମାନଙ୍କ ପାଇଁ ସରକାରୀ ଯୋଜନାର ସଠିକ୍ ଲାଭ ପହଞ୍ଚାଇବାରେ ବିଡିଓଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ। ସେ ବିଭିନ୍ନ ସମୟରେ ଲୋକଙ୍କ ପାଖକୁ ଯାଇ ଲୋକଙ୍କ ସମସ୍ୟା ବୁଝନ୍ତି। ତେବେ ବିଭିନ୍ନ ଗ୍ରାମରେ ବୁଲୁଥିବା ସମୟରେ ତାଙ୍କ ନଜରକୁ ଆସିଥିଲା ଆବାସ ଯୋଜନା ପାଇଥିବା ହିତାଧିକାରୀମାନେ ଘର ତିଆରି କରି ପାରୁନାହାନ୍ତି। କାରଣ ସେମାନଙ୍କ ମଧ୍ୟରୁ ଅନେକ ଲୋକ ଶଯ୍ୟାଶାୟୀ, ଦୁର୍ବଳ, ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ, ପକ୍ଷାଘାତ ଶ୍ରେଣୀର ହିତାଧିକାରୀ। ତେଣୁ ନିଜ ଗୃହ କାର୍ଯ୍ୟ ନିଜେ ସମ୍ପାଦନ କରିପାରୁ ନାହାନ୍ତି। ଏ ସବୁକୁ ଆଖି ଆଗରେ ରଖି ବିଡିଓ ବ୍ଲକର ୧୯ଟି ପଞ୍ଚାୟତର ପ୍ରାୟ ୧୦୦ ଜଣ ଅସହାୟ ହିତାଧିକାରୀଙ୍କ ଗୃହ ନିର୍ମାଣ କରିବା ପାଇଁ ସମସ୍ତ ପିଇଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଡିଓଙ୍କ ଏଭଳି ମହତ୍ କାର୍ଯ୍ୟ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନତାଙ୍କ ମତାନୁସାରେ, ବିଡିଓ କେବଳ ଏକ କାର୍ଯ୍ୟାଳୟରେ ସୀମିତ ପ୍ରଶାସକ ନୁହନ୍ତି, ସେ ପ୍ରକୃତରେ ଗରିବ ଅସହାୟ ଲୋକଙ୍କ ସାଥୀ।

## ସନରାଇଜ୍ କପ୍; ଫାଇନାଲରେ ବରଗଡ଼

ପଦ୍ମପୁର, ୩୦।୧(ସମିସ): ପଦ୍ମପୁର ନିକଟସ୍ଥ ଜମଲା ହାଇସ୍କୁଲ ପଡ଼ିଆଠାରେ ଜମଲା କ୍ରୀଡ଼ା କମିଟି ଦ୍ୱାରା ଆୟୋଜିତ ୨୫ତମ ସନରାଇଜ୍ କପ୍ ସୁବ୍ରତ ସ୍ମାରକି କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନ ଖେଳର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବରଗଡ଼ ଓ ମେଲଛାମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ମେଲଛାମୁଣ୍ଡା ଦଳ ବୋଲିଂ କରିଥିଲା। ବରଗଡ଼ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୨୩୦ ରନ୍ ସଂଗ୍ରହ କରି ୨୩୧ ରନ୍ ର ବିଜୟ ଲକ୍ଷ୍ୟ ଦେଇଥିଲା। ଜବାବରେ ମେଲଛାମୁଣ୍ଡା ଦଳ ୧୪୯ ରନରେ ଅଲ୍ ଆଉଟ୍ ହୋଇଥିଲା। ସନ୍ଧ୍ୟାରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସୈନିକ ଲୋକନାଥ ବିଶାଲ ଯୋଗଦେଇ ବରଗଡ଼ ଦଳର ରୋହନ୍‌କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପ୍ରଦାନ କରିଥିଲେ। ଅନନ୍ତ ଓ ସନମ୍ ଅମ୍ପାୟାରିଂ ଏବଂ ରିଙ୍କୁ, ପ୍ରଦୀପ, ଗୁଲ, ଖିତିଶ୍ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ। ଆନନ୍ଦ ଓ ଲକ୍ଷ୍ମୀ ଧାରା ବିବରଣୀ ପ୍ରଦାନ କରିଥିଲେ।




## ଝାରବନ୍ଧ ଓ ଜଗଦଲପୁର ପୁଲିସର ଟ୍ରାଫିକ ସଚେତନତା

# ନିୟମ ମାନୁଥିବା ଚାଳକଙ୍କୁ ଗୋଲାପ

ଝାରବନ୍ଧ, ୩୦।୧ (ସମିସ)

ସଡ଼କ ଦୁର୍ଘଟଣା କମାଇବା ଏବଂ ଯାତାୟାତ ନିୟମ ପ୍ରତି ସାଧାରଣ ଲୋକଙ୍କୁ ସଚେତନ କରିବା ଲକ୍ଷ୍ୟରେ ବରଗଡ଼ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶ କ୍ରମେ ଝାରବନ୍ଧ ଓ ଜଗଦଲପୁର ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଟ୍ରାଫିକ ସଚେତନା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଝାରବନ୍ଧ ଥାନା ଅଧିକାରୀ ଶୁକ୍ରା ମାଡ଼ୀଙ୍କ ତତ୍ତ୍ୱାବଧାନରେ ଝାରବନ୍ଧ ମୁଖ୍ୟ ଛକ ଏବଂ ଡଭା ଅଞ୍ଚଳରେ କାର୍ଯ୍ୟକ୍ରମ ହୋଇଥିଲା। ଏଏସ୍‌ଆଇ କୌଶିକ ସାହୁଙ୍କ ସହ ପୁଲିସ ସକ୍ରିୟ ଭାବେ ଭାଗ ନେଇଥିଲେ। ସେହିପରି ଜଗଦଲପୁର ଥାନା ଅଧିକାରୀ ଅଭିମନ୍ୟୁ ଦୁର୍ଗାଙ୍କ ନେତୃତ୍ୱରେ ଗୌଡ଼ମାଳ ଉଚ୍ଚ ବିଦ୍ୟାଳୟ ଓ ଜଗଦଲପୁର ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନେଇ ଧଉରାଭଟା ଛକରେ ଟ୍ରାଫିକ ସଚେତନତା ଅଭିଯାନ ଚାଲିଥିଲା।




ଏହି କାର୍ଯ୍ୟକ୍ରମରେ ଏଏସଆଇ. ଦେବାର୍ଚନ କୁମୁରା, ହାବିଲଦାର ବିଜୟ କୁମ୍ଭାରଙ୍କ ସହିତ ପୁଲିସ ଟିମ୍ ସାମିଲ ଥିଲେ। ଟ୍ରାଫିକ ନିୟମକୁ ମାନିଥିବା ଏବଂ ହେଲମେଟ, ସିଟବେଲ୍ଟ ପିନ୍ଧି ଯାତାୟାତ କରୁଥିବା ଚାଳକମାନଙ୍କୁ ପୁଲିସ ପକ୍ଷରୁ ଧନ୍ୟବାଦ ଜଣାଇବା ସହ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା।

## ମାଣ୍ଡୋସିଲ ପିଏମ୍‌ଶ୍ରୀ ହାଇସ୍କୁଲରେ ଗଣିତ ପ୍ରଦର୍ଶନୀ ମେଳା




ପାଇକମାଲ, ୩୦।୧(ସମିସ): ପାଇକମାଲ ବ୍ଲକ ମାଣ୍ଡୋସିଲ ପିଏମଶ୍ରୀ ହାଇସ୍କୁଲରେ ଗୁରୁବାର ପ୍ରଧାନ ଶିକ୍ଷୟିତ୍ରୀ ପୋର୍ଟା ମିନତୀ ଟେଟେଙ୍କ ସଭାପତିତ୍ୱ ଗଣିତ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବରେ ବରତୁଣ୍ଡା ହାଇସ୍କୁଲର ପ୍ରଧାନଶିକ୍ଷକ ସୁଶୀଲ କୁମାର ତ୍ରିପାଠୀ, ଛିନ୍ଦେଇକେଲା ହାଇସ୍କୁଲ ପ୍ରଧାନ ଶିକ୍ଷକ କାହ୍ନୁଚରଣ ମେହେର ଓ ଜାମସେଠ ହାଇସ୍କୁଲ ପ୍ରଧାନଶିକ୍ଷକ ଗୋପାଳପ୍ରସାଦ ବେହେରା ଯୋଗଦେଇ ଥିଲେ। ଅତିଥି ପରିଚୟ ନରହରି ସିଂ ଦେଇଥିଲେ। ପୋର୍ଟା ମୀନତି ଟେଟେ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ଛାତ୍ରଛାତ୍ରୀମାନେ ଗଣିତ ଓ ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପଗୁଡିକ ପ୍ରଦର୍ଶିତ କରିଥିଲେ। ଏଥିରେ ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ କ୍ରିଷ୍ଣା ବାଗ, ପଦ୍ମଲୋଚନ ମାଝୀ, ଶଙ୍କରଲାଲ ମହାନନ୍ଦ, ଅଭିଜିତ ରାଏ, ବିକ୍ରମ ସିଂ, ଅର୍ଜୁନ ଜେନା, କଲ୍ୟାଣୀ ଦନ୍ତା, ସଙ୍ଘମିତ୍ରା ବେହେରା ସଲୋନୀ ପ୍ରିୟଦର୍ଶିନୀ ସେଠ, ନରେଶ ଧାକଡ୍, ଚିତ୍ତରଞ୍ଜନ ସାହା, ଅରୁଣ କୁମାର ପାତ୍ର, ଶ୍ରୀନିବାସ ରାଓ, ସଦାନନ୍ଦ ଭୋଇ, ସବିତା ସାହୁ, ନିଳମଣୀ ପୁଟା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କଂଗ୍ରେସ ପକ୍ଷରୁ ଜାତିର ପିତାଙ୍କୁ ଶ୍ରଦ୍ଧାଞ୍ଜଳି

**ରାଜନଗର, ୩୦।୧(ସମିସ):** ରାଜନଗର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଜାତିର ପିତା, ଅହିଂସା ଓ ସତ୍ୟର ପଥ ପ୍ରଦର୍ଶକ ମହାତ୍ମା ଗାନ୍ଧୀଙ୍କ ପୁଣ୍ୟତିଥିରେ ରାଜନଗର ବ୍ଲକ ପରିସରରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ରାଉତଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଯୋଗଦେଇ ସାମ୍ପ୍ରଦାୟିକ ସଦ୍‌ଭାବ ଓ ସର୍ବୋଦୟ ଭାବକୁ ପାଥେୟ କରି ନ୍ୟାୟ, ଶାନ୍ତି ଓ ମାନବିକତା ଆଧାରରେ ସମାଜର ପ୍ରତ୍ୟେକ ବ୍ୟକ୍ତିର ସ୍ୱରକୁ ଶାଣିତ କରିବାକୁ ସଂକଳ୍ପ ନେଇଥିଲେ। ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦାମୋଦର ବିଶ୍ୱାଳ, ଜିଲ୍ଲା ସମ୍ପାଦକ ନାଗେଶ୍ୱର ସାହୁ, ଯୁବ ନେତା ସୁଶୀଲ ପ୍ରଧାନ, ଦଳିତ ନେତା ବାବନ ଜେନା ପ୍ରମୁଖ ଯୋଗ ଦେଇଥିଲେ।



## କନିକା ବନାଞ୍ଚଳ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ସଚେତନତା

**ରାଜନଗର, ୩୦।୧(ସମିସ):** ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନର ଜୈବ ବିବିଧତାକୁ ପଲିଥିନ ପ୍ରଭାବିତ କରୁଛି। ଭିତରକନିକା ଭିତରେ ଓ ବାହାରେ ପ୍ରବାହିତ ନଦୀ, ନାଳ ଓ ସମୁଦ୍ରରେ ପ୍ଲାଷ୍ଟିକ ଓ ପଲିଥିନ ଭାସୁଛି। ଭିତରକନିକାର ଜୈବ ବିବିଧତାକୁ ଏହି ପଲିଥିନ ବିଗାଡିବା ସହିତ ଜୀବଜନ୍ତୁଙ୍କ ଜୀବନ ବି ନେଉଛି। ଏ ନେଇ ଆଜି କନିକା (ବନ୍ୟଜୀବ) ବନାଞ୍ଚଳ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଭିତରକନିକା ସଚେତନତା ନିମନ୍ତେ ଏକ ବିଶାଳ ବାଇକ୍ ରାଲି ସହିତ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଭିତରକନିକା ଜାତୀୟ ଉଦ୍ୟାନଠାରୁ ଆରମ୍ଭ ହୋଇ ଖୋଲା ବୋଟିଂ ପଏଣ୍ଟ ପର୍ଯ୍ୟନ୍ତ ଚାଲିଥିଲା। ଏହି କାଯ୍ୟକ୍ରମ କନିକା ବନାଞ୍ଚଳର ସହକାରୀ ବନ ସଂରକ୍ଷକ ମାନସ ଦାସ ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ। ବାଙ୍କୁଆଳ, ଡାଙ୍ଗମାଳ, ଖମାରସାହି, ନାଗା ନାରାୟଣ ବିଦ୍ୟାଳୟ କ୍ୟାମ୍ପସ, ନଳିତାପାଟିଆ ଛକ, ନଳିତାପାଟିଆ ଘାଟ, ଖୋଲା ବୋଟିଂ ପଏଣ୍ଟରେ ପଡିଥିବା ପ୍ଲାଷ୍ଟିକ ଆବର୍ଜନାକୁ ସଫେଇ କରଯାଇଥିଲା। ଶତାଧିକ ଯୁବକ ଓ ବନ କର୍ମଚାରୀ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



## ବେଣୀପୁର ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ପଞ୍ଚୁପାଣ୍ଡବ, ୩୦।୧(ସମିସ):** ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବେଣୀପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ସାମାଜିକ କର୍ମୀ ଡ. ଅଜୟ ରାଉତ, ମୁଖ୍ୟବକ୍ତା ଭାବେ ରାମଚଣ୍ଡୀ ଶିକ୍ଷା ନିକେତନର ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ମଲିକ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ମୋହନ ସାହୁ, ସିଆରସିସି ତ୍ରିଲୋଚନ ମଲ୍ଲିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୈଷ୍ଣବ କୁଣ୍ଡୁ ଓ ବେଣୀପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଶଶୀକାନ୍ତ ସାହୁ ଯୋଗଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ଚାମ୍ପିଅନ ହୋଇଥିବା ଛାତ୍ରୀ ଶ୍ରଦ୍ଧା ପ୍ରିୟଦର୍ଶିନୀ ଓଝା ଓ ଶୃଙ୍ଖଳିତ ଛାତ୍ର ଭାବେ ସାଇସୃତି ସାମଲଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ବେହୁରା, ପରିଚାଳନା କମିଟି ସଭାପତି ପ୍ରଦୀପ ସାମଲ, ଶିକ୍ଷକ ଉତ୍ତମ ମଲ୍ଲିକ, ରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ପ୍ରଦୀପ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ।

**● ଜାତୀୟ ରାଜପଥରୁ ଲୁହା ବ୍ୟାରିକେଡ୍ ଚୋରି**

## ୪ ରାଜପଥ ଲୁଟେରା ଗିରଫ

**ଡେରାବିଶ, ୩୦।୧(ସମିସ):** ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ସମ୍ପ୍ରସାରଣ କାମ ଚାଲିଛି। ଏହି କାମରେ ଠିକା ସଂସ୍ଥା ପକ୍ଷରୁ ବିଭିନ୍ନ ସ୍ଥାନରେ ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ରାସ୍ତା କଡ଼ରେ ନୂଆ କରି ଲୁହା ବ୍ୟାରିକେଡ଼ ପୋତା ଚାଲିଛି। ଦିନ ଦ୍ୱିପ୍ରହରରେ ଲୁଟେରା ରାସ୍ତା କଡ଼ ବାଡ଼ ଉପାଡ଼ିନେ ନେଉଛନ୍ତି। ଏ ସମ୍ପର୍କରେ ଠିକା ସଂସ୍ଥା ପକ୍ଷରୁ ୨୮ ତାରିଖରେ ଅଁଳାବାଙ୍କ ନିକଟରୁ ନୂଆ ବ୍ୟାରିକେଡକୁ ଲୁଟେରା ଲୁଟି ନେଇଥିବା ନେଇ ଡେରାବିଶ ଥାନାରେ ଅଭିଯୋଗ କରାଯାଇଥିଲା। ଲୁଟେରାମାନେ ଏହି ବ୍ୟାରିକେଡ୍‌କୁ ଠାକୁରହାଟର ଏକ କବାଡ଼ି ଦୋକାନରେ ବିକ୍ରି କରିଥିଲେ। ଅଭିଯୋଗ ପାଇବା ପରେ ଡେରାବିଶ ଥାନାରେ ମାମଲା ରୁଜୁ କର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଚୋରି ହୋଇଥିବା ଲୁହା ବ୍ୟାରିକେଡ୍‌କୁ ଜବତ କରିଛି। ଜାତୀୟ ରାଜପଥରେ ପୁଲିସ ପାଟ୍ରୋଲିଂକୁ ବୃଦ୍ଧି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମା' ବୁଢ଼ୀ ଜାଗୁଳାଈଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ଡେରାବିଶ, ୩୦।୧(ସମିସ):** ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ପନାପଡ଼ା ଗ୍ରାମସ୍ଥ ମା' ବୁଢ଼ୀ ଜାଗୁଳାଈଙ୍କ ପୀଠରେ ୨୭ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଗତକାଲି ଯଜ୍ଞର ଅଙ୍କୁରାରୋପଣ ହୋଇଥିବାବେଳେ ଆଜି ପ୍ରତ୍ୟୁଷରେ କଳସଯାତ୍ରା ଅନୁଷ୍ଠିତ ହୋଇଛି। ପଥରପଡ଼ାସ୍ଥ ବାନାମ୍ବର ମହାପୁରୁଷଙ୍କ ପୀଠରେ ଥିବା ପୁଷ୍କରିଣୀରୁ ପୂଜାର୍ଚ୍ଚନା ପୂର୍ବକ ପବିତ୍ର ପାଣି ସଂଗ୍ରହ କରାଯାଇ ଶୋଭାଯାତ୍ରାରେ ଯଜ୍ଞସ୍ଥଳକୁ ଅଣାଯାଇଥିଲା। ପରେ ଯଜ୍ଞକୁଣ୍ଡରେ ଅଗ୍ନିସ୍ଥାପନ କରାଯାଇ ଯଜ୍ଞକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ଯଜ୍ଞ କର୍ଯ୍ୟକୁ ପନାପଡ଼ା ଓ ଓରଗଳା ଗ୍ରାମବାସୀ ପରିଚାଳନା କରୁଛନ୍ତି।



**ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପନୀ ଉତ୍ସବ**

# 'ସଚେତନତା ହିଁ ଦୁର୍ଘଟଣା ରୋକିବାର ମୂଳ ମନ୍ତ୍ର'

**କେନ୍ଦ୍ରାପଡ଼ା, ୩୦।୧(ସମିସ):**

ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇଥିବା ଜାତୀୟ ସଡ଼କ ସୁରକ୍ଷା ମାସ ଶୁକ୍ରବାର ଉଦଯାପିତ ହୋଇଛି। ମାସେ ବ୍ୟାପି ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟି ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତା ଶିବିର, ଆଖି ପରୀକ୍ଷା ଶିବିର, ରକ୍ତଦାନ ଶିବିର, କର୍ମଶାଳା, ଲୋକନୃତ୍ୟ କାର୍ଯ୍ୟକ୍ରମ ସହିତ ବିଭିନ୍ନ ସ୍କୁଲ ଓ କଲେଜରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

ଆଜି ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ନିୟମ ପାଳନ ମାଧ୍ୟମରେ ଅମୂଲ୍ୟ ଜୀବନ ରକ୍ଷା ସମ୍ଭବ ବୋଲି କହିଥିଲେ। ସେ ସମସ୍ତ ନାଗରିକଙ୍କୁ ଦାୟିତ୍ୱପୂର୍ଣ୍ଣ ସଡ଼କ ଆଚରଣ ଅବଲମ୍ବନ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ପ୍ରଭାତ ବିଶ୍ୱାଳ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର, ଆନ୍ତର୍ଜାତିକ ସାଇକଲ ଆରୋହୀ ସନ୍ତୋଷ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସଡ଼କ ଦୁର୍ଘଟଣାରେ ଆହତଙ୍କ ଜୀବନ ରକ୍ଷା ଓ ସଡ଼କ ସୁରକ୍ଷା ସଚେତନତା ପ୍ରଚାରରେ ଅନୁକରଣୀୟ ଓ ନିସ୍ୱାର୍ଥପର ସେବା ପାଇଁ ଛଅ ଜଣଙ୍କୁ "ଗୁଡ୍ ସାମାରିଟାନ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଡ଼କ ସୁରକ୍ଷା ଉପରେ ଆଧାରିତ ଏକ ନୁକ୍କଡ଼ ନାଟକ ପ୍ରଦର୍ଶନ କରାଯାଇ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା। ମାସେ ବ୍ୟାପି ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସକାଳେ ତିନିମୁହାଣି ରାମମନ୍ଦିରଠାରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ଏକ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମୋଟର ଯାନ ନିରୀକ୍ଷକ କାଜଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



**● ୩ ହଜାର ଟଙ୍କା ଭତ୍ତା ପ୍ରଦାନ ଦାବି**

## ହିତାଧିକାରୀଙ୍କ ପ୍ରତିବାଦ ସମାବେଶ



**ମାର୍ଶାଘାଇ, ୩୦।୧(ସମିସ):** ମାର୍ଶାଘାଇ ବ୍ଲକ୍ ପଡ଼ିଆରେ ଶୁକ୍ରବାର ଶହ ଶହ ବୃଦ୍ଧବୃଦ୍ଧା, ବିଧବା, ଦିବ୍ୟାଙ୍ଗ ଭତ୍ତା ହିତାଧିକାରୀ ଏକତ୍ରିତ ହୋଇ ଭତ୍ତା ରାଶି ବୃଦ୍ଧି କରି ୩ ହଜାର ଟଙ୍କା ସରକାର ତୁରନ୍ତ ପ୍ରଦାନ କରିବାକୁ ଦାବି କରି ପ୍ରତିବାଦ ସମାବେଶରେ ସାମିଲ ହୋଇଥିଲେ। ବିଦ୍ୟାଧର ମଲ୍ଲିକ, ରାଜେନ୍ଦ୍ର ରାଉତ, ଦେବବ୍ରତ ଲେଙ୍କାଙ୍କ ନେତୃତ୍ୱରେ ୫ ଶହରୁ ଅଧିକ ହିତାଧିକାରୀ ସାମିଲ ହୋଇଥିଲେ। ସରକାରୀ କର୍ମଚାରୀଙ୍କ ସମେତ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି କରାଯାଉଥିବାବେଳେ ଅସହାୟ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଓ ବିଧବାଙ୍କ କ୍ଷେତ୍ରରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରି ଏହି ଅସହାୟଙ୍କୁ ଭତ୍ତା ଟଙ୍କା ୩ ହଜାର ଲେଖାଏଁ ପ୍ରଦାନ କରିବାକୁ ଏକ ଦାବିପତ୍ର ବିଡିଓଙ୍କ ଜରିଆରେ ସରକାରଙ୍କୁ ପ୍ରଦାନ କରିଥିଲେ। ବିଡିଓ ପଞ୍ଚାନନ ମଲିକ ଅନୁପସ୍ଥିତ ଥିବାରୁ ହେଡ୍‌କ୍ଲର୍କ ରାଜେନ୍ଦ୍ର ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ଦେବବ୍ରତ ଲେଙ୍କା, ବାନାମ୍ବର ନାୟକ, ପ୍ରଫୁଲ୍ଲ ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ୱାରେଣ୍ଟି ଗିରଫ

**ରାଜନଗର, ୩୦।୧(ସମିସ):** ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ପୁଲିସ ଜଣେ ୱାରେଣ୍ଟିକୁ ଗିରଫ କରି କୋର୍ଟ ଚାଲାଣ କରିଛି। କେରୁଆଁପାଳ ପଞ୍ଚାୟତ ସାରାଜେନ୍ଦ୍ରପୁର ଗ୍ରାମର ଶଶାଙ୍କ ଡାକୁଆ ୨୦୧୮ରେ ସମ୍ପର୍କୀୟ ଶାଳୀକୁ ଦୁଷ୍କର୍ମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ସେବେଠୁ ଶଶାଙ୍କ ପୁଲିସ ଆଖିରେ ଧୂଳି ଦେଇ ଫେରାର ହୋଇଯାଇଥିଲା। ଶୁକ୍ରବାର ପୁଲିସ ଶଶାଙ୍କୁ ଗିରଫ କରି ରାଜନଗର ଜେଏମଏଫସିଙ୍କ କୋର୍ଟରେ ହାଜର କରିଥିବା ନେଇ ଆଇଆଇସି ସନ୍ଧ୍ୟାରାଣୀ ଜେନା ସୂଚନା ଦେଇଛନ୍ତି।

**● ଆଦର୍ଶ ଥାନା ପୁଲିସକୁ ସଫଳତା**

## ବଡ଼ଧରଣ ଡକାୟତି ଉଦ୍ୟମ ପଣ୍ଡ, ୫ ଗିରଫ

**ପଟ୍ଟାମୁଣ୍ଡାଇ, ୩୦।୧(ସମିସ):** ଏକ ବଡ଼ଧରଣର ଡକାୟତି ଉଦ୍ୟମକୁ ପଣ୍ଡ କରିବାରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ସଫଳ ହୋଇଛି। ଗତ ବୁଧବାର ରାତିରେ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଏମଏନ ହାଇସ୍କୁଲ ପଡ଼ିଆରେ କେତେକ ଡକାୟତ ବସି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଡକାୟତି ଯୋଜନା କରୁଥିବା ଖବର ପାଇଥିଲେ। ଖବର ପାଇବା କ୍ଷଣି ଘଟଣାସ୍ଥଳକୁ ଯିବାକୁ ପ୍ୟାଟ୍ରୋଲିଂ ଭ୍ୟାନ୍‌କୁ ନିର୍ଦ୍ଦେଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଏସଆଇ ସୁମନ୍ତ ସେଠୀଙ୍କ ନେତୃତ୍ୱରେ ପ୍ୟାଟ୍ରୋଲିଂ ଟିମ ଘଟଣାସ୍ଥଳରେ ଚଢ଼ଉ କରି ୪ ଜଣ ଡକାୟତଙ୍କୁ ଗିରଫ କରିବାରେ ସଫଳ ହୋଇଥିବାବେଳେ ଗୋବିନ୍ଦ ମଲିକ ଘଟଣା ସ୍ଥଳରୁ ଖସି ପଳାଇ ଥିଲା। ଏହି ଚଢ଼ଉରେ ପୋଖରୀଆପଡାର ପ୍ରଭାତ ବେହେରା, ବିକାଶ ମଲିକ, ପବନ ମଲିକ, ଭୋଳାନାଥ ବେହେରାଙ୍କୁ ଗିରଫ କରି ଥାନାକୁ ଆଣାଯାଇଥିଲା। ସେମାନଙ୍କ ନିକଟରୁ ଭୁଜାଲି, ଲୁହା ରଡ଼, ଛୁରୀ, ମୋବାଇଲ, ଖେଳନା ବନ୍ଧୁକ, ଲୁହା ପାଇପ ଜବତ କରାଯାଇଥିବା ସୂଚନା ମିଳିଛି। ପରଦିନ ଗୋବିନ୍ଦ ମଲିକକୁ ପୋଲିସ ଗିରଫ କରିବାରେ ସଫଳ ହୋଇଥିଲା। ସମସ୍ତ ୫ ଜଣ ଡକାୟତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

## ଶିକ୍ଷାବିତ୍ ସୁରେଶ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା



**ପଟ୍ଟାମୁଣ୍ଡାଇ, ୩୦।୧(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ତଥା କାଠିଆପଡା ହାଇସ୍କୁଲର ପ୍ରାକ୍ତନ ଆଦର୍ଶ ଶିକ୍ଷକ ସୁରେଶ ଚନ୍ଦ୍ର ସାହୁଙ୍କ ଏକାଦଶାହରେ ତନୁପୁରଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସରୋଜ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ କିଶୋର ତରାଇ ଓ ଅଂଶୁମାନ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଡା ଲେଙ୍କା, ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ପୂର୍ବତନ ପ୍ରଶାସକ ବ୍ରଜବନ୍ଧୁ ଧଳ, ରେଳବାଇ ଅଧିକାରୀ ଅଜୟ ପାତ୍ର, କାଉନସିଲର ପ୍ରଶାନ୍ତ ବାରିକ, ଆଡଭୋକେଟ ସୌମ୍ୟରଞ୍ଜନ ଧଳ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ମୃତିଚାରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସୁବ୍ରତ ସାହୁ ଧନ୍ୟବାଦ ଦେଇଥିବାବେଳେ ଅଭୟ ସାହୁ, ଅଜୟ ସାହୁ ସହଯୋଗ କରିଥିଲେ।

## ସହିଦ ଦିବସରେ ରଘୁ ନାୟକଙ୍କୁ ଭୁଲିଗଲା ପ୍ରଶାସନ

**ରାଜକନିକା, ୩୦।୧(ସମିସ):** ସାରା ରାଜ୍ୟରେ ସହିଦ ଦିବସ ପାଳନ କରାଯାଇଛି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ବଳିଦାନକୁ ପୂରିଲା ୭୮ ବର୍ଷ। ରାଜକନିକା ବ୍ଲକ୍‌ର ଜାଗୁଳାଇପଡ଼ାରେ ଥିବା ଗାନ୍ଧୀ ଓ ଗାନ୍ଧୀ ହତ୍ୟାକାରୀକୁ କାବୁ କରି ଦେଶ ଆଗରେ ହତ୍ୟାକାରୀକୁ ଚିହ୍ନଟ କରିଥିବା ରଘୁ ନାୟକଙ୍କ ବୀରତ୍ୱକୁ ଆଜି କନିକାବାସୀ ମନେ ପକାଇଛନ୍ତି। ମାତ୍ର ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଏଭଳି ଜଣେ ବୀରଙ୍କୁ ସମ୍ପୂର୍ଣ୍ଣ ଭାବେ ଭୁଲିଯାଇଛି। ପ୍ରତିବର୍ଷ ଆଜିର ଦିନରେ ଗାନ୍ଧୀ-ରଘୁଙ୍କୁ ମନେ ପକାଇବାକୁ ପ୍ରୟାସ କରାଗଲେ ମଧ୍ୟ ଉଭୟ ଜିଲ୍ଲା କିମ୍ବା ବ୍ଲକ ପ୍ରଶାସନ ଇଚ୍ଛାକୃତ ଭାବେ ଏହାକୁ ଅଣଦେଖା କରିବା ଏକ ଅଭ୍ୟାସରେ ପରିଣତ ହୋଇଛି ବୋଲି ଜାଗୁଳାଇପଡା ଗ୍ରାମର ସଚେତନ ନାଗରିକ ଅଭିଯୋଗ କରିଛନ୍ତି। ତେବେ ରାଜକନିକା ବ୍ଲକ ଜାଗୁଳାଇପଡା ଗାଁ ମୁଣ୍ଡରେ ଥିବା ଯାଏମାଳବ ବିଦ୍ୟାଳୟ ସମ୍ମୁଖରେ ଥିବା ଗାନ୍ଧୀ ଓ ରଘୁଙ୍କ ପ୍ରତିମୂର୍ତ୍ତିରେ ଆଜି ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକଙ୍କ ସହ ଏହି ଗ୍ରାମର ସଚେତନ ବ୍ୟକ୍ତି ଉତ୍ସବାନନ୍ଦ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଛନ୍ତି। ରଘୁ ନାୟକଙ୍କ ବୀରତ୍ୱ ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବ ହୋଇ ରହିବା ସହ ରଘୁଙ୍କ ଜୀବନ କାହାଣୀ ଆଗାମୀ ପିଢ଼ି ପାଇଁ ପ୍ରେରଣା ଯୋଗାଇବ ବୋଲି ସେମାନେ ମତବ୍ୟକ୍ତ କରି ଆଗାମୀ ପିଢୀକୁ ଦେଶପ୍ରେମର ଆହ୍ୱାନ ଦେଇଛନ୍ତି।



## ଶ୍ରୀବଳଦେବଜୀଉ ସେବା ସଂଗଠନର ସହାୟତା

**ମାର୍ଶାଘାଇ, ୩୦।୧(ସମିସ):** ପାରଦୀପ-ଚଣ୍ଡିଖୋଲ ୫୩ନଂ ଜାତୀୟ ରାଜପଥର ମଙ୍ଗଳା ଛକରେ ସୋମବାର ଦିନ ୧୪ଚକିଆ ଟ୍ରକ ଦୀପକଙ୍କ ବାଇକ୍ ପଛଟୁ ଧକ୍କା ଦେଇଥିଲା। ଫଳରେ ଟ୍ରକ୍ ତାଙ୍କ ୨ ଗୋଡ଼ ଉପରେ ମାଡିଯାଇଥିଲା। ନାରାୟଣପୁରର ଦୀପକ ମଲ୍ଲିକ ଦୁଇଟି ଗୋଡ଼ ହରାଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଗରିବ ଅସହାୟ ଦୀପକ ମଜୁରୀ ଲାଗିଲେ ପରିବାର ଚଳେ। ଦୀପକଙ୍କୁ ଚକିତ୍ସା ସହାୟତା ପାଇଁ କେନ୍ଦ୍ରାପଡ଼ା ଶ୍ରୀବଳଦେବଜୀଉ ସେବା ଓ ସାମାଜିକ ନ୍ୟାୟ ସଂଗଠନ ପକ୍ଷରୁ ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସଞ୍ଜୟ ଲେଙ୍କା ଚିକିତ୍ସା ପାଇଁ ୫ ହଜାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଆବଶ୍ୟକ ପଡିଲେ ଅଧିକ ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ସମାଜସେବୀ ଦୁର୍ଯ୍ୟୋଧନ ପ୍ରଧାନଙ୍କ ଶ୍ରାଦ୍ଧବାର୍ଷିକୀ



**ପଟ୍ଟାମୁଣ୍ଡାଇ, ୩୦।୧(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଶିଷ୍ଟ ସମାଜସେବୀ ନୂଆଦିଲ୍ଲୀ ହାଉସଖାସ ଜଗନ୍ନାଥ ମନ୍ଦିରର ଅନ୍ୟତମ ପ୍ରତିଷ୍ଠାତା ଦୁର୍ଯ୍ୟୋଧନ ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ରାଧାରମଣ ମଠରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ତଥା ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜଙ୍କ ପୌରୋହିତ୍ୟ କରିଥିଲେ। ବାବାଜୀ ପ୍ରଭୁଦତ୍ତ ଦାସ, ଅଜୟ ଦାସ, ପ୍ରେମାନନ୍ଦ ଦାସ, ନବୀନ ଦାସ, ପଟ୍ଟାମୁଣ୍ଡାଇ ପୌର ପରିଷଦ ପୂର୍ବତନ ପୌରାଧ୍ୟକ୍ଷ ରବୀନ୍ଦ୍ର ମହାନ୍ତି, ଓକିଲ ସଂଘ ପୂର୍ବତନ ସଭାପତି ଆଡଭୋକେଟ ତପନ ମିଶ୍ର, ବିଜେପି ନେତା ମିଟୁ ମନୋଜ ନାୟକ, ପଟ୍ଟାମୁଣ୍ଡାଇ ବିଶ୍ୱ ହିନ୍ଦୁ ପରିଷଦ ସଭାପତି ଦେବାଶିଷ ପଣ୍ଡା, ସରସ୍ୱତୀ ଶିଶୁମନ୍ଦିର ପ୍ରଧାନଆଚାର୍ଯ୍ୟ ପ୍ରଭୁଦତ୍ତ ଦାଶ, ସମ୍ପାଦକ ଅମ୍ବୁଜ ନାୟକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସମାଜସେବୀ ରବୀନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## କଂଗ୍ରେସ ପକ୍ଷରୁ ଗାନ୍ଧୀଙ୍କ ତିରୋଧାନ ଦିବସ




**ପଟ୍ଟାମୁଣ୍ଡାଇ, ୩୦।୧(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ କରାଯାଇଛି। ପ୍ରଥମେ ବ୍ଲକ ଓ ନଗର କଂଗ୍ରେସ କମିଟି କର୍ମକର୍ତ୍ତା ଗାନ୍ଧୀଙ୍କ ଫଟୋଚିତ୍ର ଧରି ରାମଧୁନ୍ ଗାନ ସହ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରି ମଙ୍ଗଳା ମଣ୍ଡପରେ ପହଞ୍ଚିଥିଲେ। ମଣ୍ଡପରେ ଗାନ୍ଧିଜୀଙ୍କ ଦର୍ଶନ ଉପରେ ଏକ ଆଲୋଚନ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କଂଗ୍ରେସ ଉପସଭାପତି ସତ୍ୟପ୍ରିୟ ସାମଲ, ଜିଲ୍ଲା କଂଗ୍ରେସ ପ୍ରାକ୍ତନ ସଂଯୋଜକ ପ୍ରଫୁଲ୍ଲ ଦାସ, ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ପ୍ରକାଶ ମହାନ୍ତି, ନଗର କଂଗ୍ରେସ ସଭାପତି ତପନ ପାତ୍ର, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସର୍ବେଶ୍ୱର ସେଠୀ, ସମ୍ପାଦକ ଅଶ୍ୱିନୀ ପାତ୍ର, ସୌଭାଗ୍ୟ ରାଉତ, ରବିନାରାୟଣ ମିଶ ପ୍ରମୁଖଙ୍କ ସହ ବହୁ କଂଗ୍ରେସ ନେତା, କର୍ମକର୍ତ୍ତା ଓ ଗାନ୍ଧୀପ୍ରେମୀ ଯୋଗ ଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ଡେରାବିଶ, ୩୦।୧(ସମିସ):** କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଷୋଡ଼ଷତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାଙ୍ଗାଳୀ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା ଯୋଗଦେଇ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରାପଡ଼ା ସଙ୍କୁଳ ପ୍ରମୁଖ ବଳରାମ କର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ପାଦକ ମନୋଜ ମହଲା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରଧାନଆଚାର୍ଯ୍ୟା ଚକ୍ରଧର ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଶ୍ରୀ ପରିଡ଼ା ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀ ଭାବେ ସପ୍ତମ ଶ୍ରେଣୀର ସୁଶ୍ରୀ ତୃପ୍ତିରେଖା ସାହୁଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ବସନ୍ତ ମହଲା ଅତିଥି ଭାବେ ଯୋଗ ଦେଇଥିଲେ। ଆଚାର୍ଯ୍ୟା ରଚନା ବେହେରା ଓ ମଧୁସ୍ମିତା ସେଠୀ ମଞ୍ଚ ପରିଚାଳନା କରିଥିବାବେଳେ ଆଚାର୍ଯ୍ୟ ସୁଶ୍ରିତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା 'ପିତା ସ୍ୱର୍ଗ ପିତାଧର୍ମ' ନାଟକ ପରିବେଷିତ ହୋଇଥିଲା। ନକୁଳ ଚରଣ ମାଟି, ଦେବବ୍ରତ ଆଚାର୍ଯ୍ୟ, ସଞ୍ଜୟ ପାତ୍ର, କୃଷ୍ଣଚନ୍ଦ୍ର ବେହେରା, ମରୁତ ସ୍ୱାଇଁ, ପରିଚାଳନା ପରିଷଦ ସଭ୍ୟ ରୁବି ବେହେରା ଓ ସୁବାସିନୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଉତ୍ସବ

**ରାଜନଗର, ୩୦।୧(ସମିସ):** ରାଜନଗର ବ୍ଲକ ବେଲପାଳସ୍ଥ ମହାକାଳୀ ହାଇସ୍କୁଲର ୧୯୯୯ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁର୍ଯ୍ୟୋଧନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅବସରପ୍ରାପ୍ତ ଶିକ୍ଷକ କ୍ଷେତ୍ରବାସୀ ସ୍ୱାଇଁ, ଗୌରାଙ୍ଗ ସ୍ୱାଇଁ, ଅଧିକାରୀ ସ୍ୱାଇଁ, ହୃଦାନନ୍ଦ ମିଶ୍ର, ନଳିନୀକାନ୍ତ ରାଉତରାୟ, ଗଜେନ୍ଦ୍ର ରାଉତରାୟ, ଗଣେଶ୍ୱର ଦାସ, ଏମ୍ଇ ସ୍କୁଲ ଶିକ୍ଷକ ହଳଧର ଯତି, ଶରତ ଦାସ, ସୁଧାକର ପଣ୍ଡା, ବାଇଧର ସ୍ୱାଇଁ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଅନାଦି ବଳ, ଶ୍ରୀଧର ବିଶ୍ୱାଳ, ସହାୟକ କର୍ମଚାରୀ ବାବୁରାମ ମହାନ୍ତି, ଫକୀର ସ୍ୱାଇଁ ଓ ଶିବରାମ ଖୁଲାରଙ୍କୁ ପୂଜା କରିବା ପରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରଲୋକଗତ ଶିକ୍ଷକ ବନମାଳି ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଦାସ, ଶରତ ରାଉତ, ରମେଶ ରାଉତ, ଛାତ୍ର ପଞ୍ଚାନନ ପ୍ରଧାନ, ଖଗେଶ୍ୱର ଧଳଙ୍କ ଶୋକସଭା କରାଯାଇଥିଲା। ପ୍ରାକ୍ତନ ଛାତ୍ର ଅର୍ଜୁନ ପ୍ରଧାନ, ପ୍ରଶାନ୍ତ ଦାସ, ସ୍ମୃତିରେଖା ସ୍ୱାଇଁ, ଶଶୀକଳା ସାହୁ, ଦୁଃଶାସନ ମହାନ୍ତି, ମଣିଚରଣ ସାହୁ, ପୀତାମ୍ବର ସେଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




# ବରାଡ଼ିଆ ନୋଡାଲ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ

**ରାଜକନିକା, ୩୦।୧(ସମିସ):**

ସ୍ଥାନୀୟ ବରାଡ଼ିଆ ନୋଡାଲ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ପତାକା ଉତ୍ତୋଳନ କରି ଉତ୍ସବକୁ ଉଦଘାଟନ ହୋଇଥିଲା। ସ୍ୱତନ୍ତ୍ର ଅତିଥି ଭାବେ ଉପଜିଲ୍ଲାପାଳ ଅରୁଣ ନାୟକ, ମୁଖ୍ୟବକ୍ତା ଭାବେ ଫକୀମୋହନ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡଃ. କୁମରବର ଦାସ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ରମୋହନ ବାରିକ, ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଆଳି ନିର୍ବାଚନମଣ୍ଡଳୀ ନେତା କୃଷ୍ଣଚନ୍ଦ୍ର ପଣ୍ଡା, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀର ସଫଳତା କାମନା କରିଛନ୍ତି।

ପୁରାତନ ଛାତ୍ର ସୁରେଶ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣ ଜୟନ୍ତୀ କମିଟି ସମ୍ପାଦକ ପୁରାତନ ଛାତ୍ର ଡଃ ଅଜୟ କୁଣ୍ଡ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରଧାନଶିକ୍ଷକ ଅମୀୟ ଦାସ ସ୍ୱାଗତ ଭାଷଣ ରଖିଥିଲେ। ପୁରାତନ ଛାତ୍ର ଉପସଭାପତି ମଙ୍ଗୁଳି ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ରବିନାରାୟଣ ନାୟକ ଓ ଜଗନ୍ନାଥ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ ସ୍ମୃତି କମିଟିର ମୁଖପତ୍ର "ପ୍ରଜ୍ଞା"କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ପରିଚାଳନା କମିଟି ସଭାପତି ତ୍ରିଲୋଚନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପୁରାତନ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା।



# ଆଜିଠୁ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘମେଳା

ଗଁଦିଆ,୩୦ ।୧(ସମିସ):



ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘମେଳା ଶନିବାର ପ୍ରାତ ସମୟରୁ ଆରମ୍ଭ ହେବାକୁ ଯାଉଛି । ସନ୍ଧ୍ୟା ୫ଟା ୧୫ରେ ଗାଦି ମନ୍ଦିରର ଚାରିଦ୍ୱାରରେ ଝାଡ଼ଦୀପ ପ୍ରଜ୍ୱଳନ କାରାଯିବ । ଜଗତ ଭକତର ମଙ୍ଗଳ ପାଇଁ ମହିମା ସନ୍ନ୍ୟାସୀମାନେ ଝାଡ଼ଦୀପ ପ୍ରଜ୍ୱଳନ କରିବେ । ମହିମା ଗାଦିରେ ଯୋରନ୍ଦା ମେଳା ପାଇଁ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ବିହାର, ଛତିଶଗଡ଼, ପଶ୍ଚିମବଙ୍ଗ ଆଦି ଅଞ୍ଚଳରୁ ହଜାର ହଜାର ସଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇସାରିଲାଣି । ମାନସିକ କରିଥିବା ଶିଶୁମାନଙ୍କ କେଶ ମୁଣ୍ଡନ କରି ଅଭିଭାବକମାନେ ମେଳା ଭ୍ରମଣ ଆରମ୍ଭ କରିଦେଲେଣି । ରାତି ସୁଦ୍ଧା ଆହୁରି ଭକ୍ତ ଓ ସାଧୁସନ୍ଥଙ୍କ ସମାଗମ ହେବା ସମ୍ଭାବନା ରହିଛି ।

ଶନିବାର ଭୋର୍ ସାଢ଼େ ୩ଟାରେ ଗାଦି ମନ୍ଦିର, ଶୂନ୍ୟ ମନ୍ଦିର, ଧୂନୀ ମନ୍ଦିର ସମେତ ଅନ୍ୟାନ୍ୟ ଉପାସନା ପୀଠରେ ନୀତି ଆରମ୍ଭ ହେବ । ବ୍ରାହ୍ମ ମୁହୂର୍ତ୍ତରେ ମନ୍ଦିର ଚାରିଦ୍ୱାର ଖୋଲାଯାଇ ରୁପାଗରାରେ ପାଣି ମନ୍ଦିର ଚତୁଃପାଶ୍ୱର୍ରେ ସିଞ୍ଚନ କାରାଯିବ । ଅଗୁର, କର୍ପୂର ଓ ଚନ୍ଦନ ପାଣି ସିଞ୍ଚନ ପରେ ଛେରାପହଁରା କାରାଯିବ । ତ୍ରିସନ୍ଧ୍ୟା ପୂଜା ପରେ ୫ଟା ୧୫ରେ ଝାଡ଼ଦୀପ ପ୍ରଜ୍ୱଳିତ ହେବ । ଏଥିପାଇଁ ମହିମା ଗାଦି ନୀତି ମନ୍ଦିରରୁ ଝାଡ଼ଦୀପକୁ ସୁସଜ୍ଜିତ କରାଯାଇ ରଖାଯାଇଛି । ତ୍ୟାଗୀ ବୈରାଗୀଙ୍କୁ କୌପନୀ ବାନା ପ୍ରଦାନ କରାଯାଇଛି । ସକାଳ ୫ଟା ସୁଦ୍ଧା ପ୍ରଭୁଙ୍କ ଅବକାଶ ସ୍ତୁତି ପ୍ରାର୍ଥନା, ଭିକ୍ଷାଭଜନ ଆଦି ପାଠ ପରେ ଶୂନ୍ୟପ୍ରଭୁଙ୍କ ନିକଟରେ ଅମୁଣିଆ ପ୍ରସାଦ ଅର୍ପଣ କରାଯାଇ ବାଳକ, ବାଳିକା ତଥା ସର୍ବସାଧାରଣଙ୍କୁ ମହାପ୍ରସାଦ ବିତରଣ କରାଯିବ । ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ପ୍ରତେକ ମନ୍ଦିରର ନୀତିସେବକ ସନ୍ନ୍ୟାସୀ ନିଜ କାର୍ଯ୍ୟ ସମ୍ପାଦନ କରିବା ସହ ଜଗତ ଭକତର ମଙ୍ଗଳ କାମନା କରିବେ । ମେଳା ପଡ଼ିଆରେ ଅସ୍ଥାୟୀ ଦୋକାନଗୁଡ଼ିକ ପସରା ମେଲାଇଛନ୍ତି । ଅନୁକୂଳ ପାଗ ଯୋଗୁଁ ବିଭିନ୍ନ ପ୍ରାନ୍ତରୁ ମହିମା ସନ୍ନ୍ୟାସୀ, ଭକ୍ତଙ୍କ ସୁଅ ଛୁଟିବାରେ ଲାଗିଛି । ଶୁକ୍ରବାର ଅପରାହ୍ନରେ ଏସ୍‌ପି ଅଭିନବ ସୋନାକର, ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ଗଁଦିଆ ବିଡିଓ ପବିତ୍ର ବେହେରା, ତହସିଲଦାର ସତ୍ୟଜିତ ମହାପାତ୍ର, ଗଁଦିଆ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇ, ଯୋରନ୍ଦା ଫାଣ୍ଡି ଅଧିକାରୀ ମାଗୁଣି ଗଡ଼ନାୟକ ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ମନୋରଞ୍ଜନ ପାଇଁ ରାତିରେ ବିଭିନ୍ନ ଅପେରା ନାଟକ ପରିବେଷଣ କରିବା ବ୍ୟବସ୍ଥା ହୋଇଛି । ଏଥିସହ ବିଭିନ୍ନ ରକମର ଦୋଳି, ମିନାବଜାର, ଭଳିକି ଭଳି ଖାଦ୍ୟ ସାମଗ୍ରୀ ଷ୍ଟଲ ଖୋଲାଯାଇଛି । ଆଞ୍ଚଳିକ ଶିଳ୍ପକାଳର ହସ୍ତଶିଳ୍ପ ପ୍ରଦର୍ଶନୀ ଶ୍ରଦ୍ଧାଳୁଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି କୁହାଯାଉଛି । ଫେବୃଆରୀ ୧ରେ ମୁଖ୍ୟମନ୍ତ୍ରୀ ଆସୁଥିବାରୁ ସୁରକ୍ଷା ବ୍ୟବସ୍ଥା ତଦାରଖ କରିବାକୁ ଜିଲ୍ଲା ପ୍ରଶାସନ ଅଧିକାରୀମାନେ ବାରମ୍ବାର ପରିଦର୍ଶନରେ ଆସୁଛନ୍ତି ।

## ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ପ୍ରଶିକ୍ଷଣ ଶିବିର




ଢେଙ୍କାନାଳ,୩୦ ।୧(ସମିସ): ସ୍ଥାନୀୟ ଜିଲ୍ଲା ପରିଷଦ କନଫରେନ୍ସ ହଲରେ ଆଇନ ସେବା ସଂସ୍ଥା କ୍ଲାପ ପକ୍ଷରୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସହଯୋଗରେ ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ପାଇଁ ଭାରତରେ ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ତିନି ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ-୨୦୨୩ ସମ୍ପର୍କରେ ବ୍ୟାପକ ସଚେତନତାର ଆବଶ୍ୟକ ନିମନ୍ତେ ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ପାଇଁ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ୫୫ ଜଣ ପାରାଲିଗାଲ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ । ଜିଲ୍ଲା ଜଜ୍ ପ୍ରଣବ କୁମାର ରାଉତରାୟ ଏବଂ ଜିଲ୍ଲା ଆଇନସେବା ପ୍ରାଧିକରଣ ସମ୍ପାଦକ ଶୁଭଙ୍କର ମିଶ୍ର ପ୍ରଶିକ୍ଷଣକୁ ଉଦ୍‌ଘାଟନ କରିଥିଲେ । ନୂତନ ଫୌଜଦାରୀ ଆଇନ ସହ ସମ୍ବିଧାନରେ ନାଗରିକଙ୍କ ଅଧିକାର, କର୍ତ୍ତବ୍ୟ ବିଷୟରେ ଆଲୋଚନା ଅତିଥିମାନେ ଆଲୋଚନା କରିଥିଲେ । କ୍ଲାପର କ୍ରିମିନାଲ ଜଷ୍ଟିସ ପ୍ରୋଜେକ୍ଟର କୋଅର୍ଡିନେଟର ବିଜୟଶ୍ରୀ ବାରିକ ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବିବରଣୀ ଦେବା ସହିତ ଶିବିର ପରିଚାଳନା କରିଥିଲେ । ଶିବିରରେ ପବ୍ଲିକ ପ୍ରୋସିକ୍ୟୁସନର ଉପନିର୍ଦ୍ଦେଶକ ଗଣେଶ ବେହେରା, ଡ. ସଦାନନ୍ଦ ଦାସ ଓ ଚନ୍ଦ୍ରଦେବ ପୁରୋହିତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

## ଧାନକ୍ରୟକୁ କେନ୍ଦ୍ରକରି ଗୁଳିମାଡ଼ ଅଭିଯୋଗ

ଭୁବନ,୩୦ ।୧(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ବାରୁଁଆ ପଞ୍ଚାୟତ ଟିଣ କଲୋନୀ ଗ୍ରାମରେ ଧାନକ୍ରୟକୁ କେନ୍ଦ୍ରକରି ଗୁଳିମାଡ଼ ହୋଇଥିବା ଅଭିଯୋଗ ହୋଇଛି । ଟିଣ କଲୋନୀ ଗ୍ରାମର ନଣ୍ଡା ଦେହୁରୀ ସେହି ଗ୍ରାମର ପଞ୍ଚାନନ ରାଉତଙ୍କଠାରୁ ଧାନ ଦେବାକୁ କହି ୩୦୦୦ ଟଙ୍କା ଅଗ୍ରୀମ ନେଇଥିଲେ । ବାରମ୍ବାର ମାଗିବା ପରେ ଧାନ କିମ୍ବା ଟଙ୍କା ନ ଫେରାଇବାରୁ ଗୁରୁବାର ସନ୍ଧ୍ୟାରେ ନଣ୍ଡା ଏବଂ ପଞ୍ଚାନନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ନଣ୍ଡା ପଞ୍ଚାନନଙ୍କ ଉପରକୁ ଗୁଳି ଚଳାଇଥିଲେ । ଗୁଳି ପଞ୍ଚାନନଙ୍କ ଡାହାଣ ପଟ ଆଖିରେ ବାଜି ଆଖି ନଷ୍ଟ ହୋଇଛି । ପରିବାର ଲୋକେ ଲୋକେ ତାଙ୍କୁ ଉଦ୍ଧାର କରି ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରର ସ୍ଥାନାନ୍ତର କରାଯାଇଛି । ଏନେଇ ପଞ୍ଚାନନଙ୍କ ଭାଉଜ କବିତା ରାଉତ ଭୁବନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି । ତେବେ ପ୍ରାଥମିକ ତଦନ୍ତ ପରେ ପଞ୍ଚାନନ ରାଉତଙ୍କୁ ଗୁଳିମାଡ଼ ହୋଇଥିବା ପରି କିଛି ଲକ୍ଷଣ ନାହିଁ ବୋଲି ଡାକ୍ତର କହିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

● ନାବାଳିକାକୁ ଦୁଷ୍କର୍ମ ମାମଲା

## ଦୋଷୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ

ଢେଙ୍କାନାଳ,୩୦ ।୧(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଥାନା ଅଞ୍ଚଳର ନଅ ବର୍ଷର ନାବାଳିକାକୁ ଦୁଷ୍କର୍ମ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି । ଢେଙ୍କାନାଳ ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ପୋକସୋ କୋର୍ଟ ବିଚାରପତି ସୁଶୀଲ କୁମାର ସାହୁ ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି । ଏଥିସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ କାଠପାଳ ଗ୍ରାମର ଅର୍ଜନ ବାଙ୍କିରାଙ୍କ ପୁଅ ବିରଞ୍ଚି ବାଙ୍କିରା ।

ମାମଲାର ବିବରଣୀ ଅନୁଯାୟୀ, ୨୦୨୪ ଅକ୍ଟୋବର ୨୨ ଅପରାହ୍ନରେ ନାବଳିକା ଜଣକ କାଠପାଳରେ ଥିବା ଏକ ଦୋକାନରୁ ସଉଦା କିଣି ଘରକୁ ଫେରୁଥିବା ବେଳେ ବିରଞ୍ଚି ତାଙ୍କୁ ଘରେ ଛାଡ଼ିଦେବାକୁ କହି ବାଇକ୍‌ରେ ବସାଇ ଆଣି ବାଟରେ ଦୁଷ୍କର୍ମ କରିଥିଲା । ନାବାଳିକା ଚିତ୍କାର କରିବାରୁ ବିରଞ୍ଚି ତାଙ୍କୁ ମାଡ଼ ମାରିଥିଲା । ଏ କଥା କାହା ଆଗରେ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା । ନାବାଳିକା ଘରକୁ ଫେରି ତା'ର ଜେଜେମା'ଙ୍କୁ ସବୁକଥା କହିଥିଲେ । ଜେଜେମା' ଥାନାରେ ଅଭିଯୋଗ କରିବା ପରେ ଆଇଆଇସି କଳ୍ପନା ବେହେରା ତୁରନ୍ତ ମାମଲା ରୁଜୁକରି ବିରଞ୍ଚିକୁ ଗିରଫ କୋର୍ଟ ଚାଲାଣ କରିଥିଲେ । ଶୁକ୍ରବାର ଏହି ମାମଲାର ରାୟ ପ୍ରକାଶ ପାଇଛି । ୨୨ ଜଣଙ୍କ ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ଅନ୍ୟାନ୍ୟ ଦସ୍ତାବିଜକୁ ଆଧାର କରି ବିଚାରପତି ସୁଶୀଲ କୁମାର ସାହୁ ବିରଞ୍ଚିକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ୟାଡର ଅଡିସନାଲ ପିପି ତଥା ପୋକସୋ ପିପି ଦାୟିତ୍ୱରେ ଥିବା ସ୍ମିତା ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ ।

ପଥର ଖଣିରେ ବିସ୍ଫୋରଣ ପରେ ଚେତା ପଶିଲା

## ଲିଜ୍‌ଧାରୀଙ୍କୁ ସୁରକ୍ଷିତ ଖଣି ଖନନ ସମ୍ପର୍କିତ ସଚେତନତା

ଢେଙ୍କାନାଳ,୩୦ ।୧(ସମିସ): ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ଅନ୍ତର୍ଗତ ଏକ ଖଣିରେ ବିସ୍ଫୋରଣ ଘଟି ଶ୍ରମିକ ମୃତ୍ୟୁ ପରେ ଖଣି ବିଭାଗର ଚେତା ପଶିଛି । ସୁରକ୍ଷିତ ଖଣି ଖନନ ଓ କାର୍ଯ୍ୟ ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଖଣି ବିଭାଗ ତରଫରୁ ଖଣି ମାଲିକମାନଙ୍କୁ ଖଣି ତାଲିମ ପ୍ରଦାନ କରାଯାଇଛି ।

ଢେଙ୍କାନାଳ ସହର ଉପକଣ୍ଠ ମହିଷାପାଟସ୍ଥିତ ଭୂତତ୍ତ୍ୱ ବିଭାଗ ସଭାଗୃହରେ ଜିଲ୍ଲାରେ ଥିବା ବିଭିନ୍ନ ଖଣି ମାଲିକ, କର୍ମଚାରୀଙ୍କୁ ଖଣି ଖନନ ସମ୍ପର୍କିତ ସୁରକ୍ଷା ଉପରେ ସଚେତନ କରାଯାଇଛି । କାର୍ଯ୍ୟକ୍ରମରେ ଓଡ଼ାପଡ଼ା, ହିନ୍ଦୋଳ ଓ ନିହଲପ୍ରସାଦର ଖଣି ଲିଜଧାରୀମାନେ ଯୋଗଦେଇଥିଲେ । ଭୁବନେଶ୍ୱରସ୍ଥିତ ଖଣି ବିଭାଗର ସୁରକ୍ଷା ନିର୍ଦ୍ଦେଶକ ଏକେ ମିଶ୍ର ଯୋଗଦେଇ ଖଣିରେ ସୁରକ୍ଷିତ ଭାବରେ କିପରି କାର୍ଯ୍ୟ କରାଯାଇପାରିବ ସେ ସମ୍ପର୍କରେ ସଚେତନ କରିଥିଲେ । ପ୍ରତ୍ୟେକ ଖଣିରେ ଖଣି ମ୍ୟାନେଜର ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସେହିପରି ଶୂନ ଦୁର୍ଘଟଣା ଉପରେ ଗୁରୁତ୍ୱ ଦେଇଥିଲେ । ଶ୍ରମିକମାନେ ହେଲମେଟ ସହିତ ସୁରକ୍ଷା ସରଞ୍ଜାମ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି । ଓଦା ଡ୍ରିଲ କରିବାକୁ ତୁହାଯାଇଛି । ସେହିପରି ଖଣି ସୁରକ୍ଷା ବିଭାଗର ଉପନିର୍ଦ୍ଦେଶକ ବି ହରିପ୍ରସାଦ, ଭୁବନେଶ୍ୱର ଖଣି ବିଭାଗ ଉପନିର୍ଦ୍ଦେଶକ ଧର୍ମେନ୍ଦ୍ର ଶର୍ମା, ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ସେଠୀ, ତାଳଚେର ଖଣି ବିଭାଗ ଉପନିର୍ଦ୍ଦେଶକ ଶୁଭେନ୍ଦୁ ସାମଲଙ୍କ ସହ ଖଣିବିଭାଗର ଡାଇରେକ୍ଟର ଜେନେରାଲ ମଧୁସୂଦନ ସାମଲ ଯୋଗଦେଇ ଖଣିରେ ଖଣି ମ୍ୟାନେଜର ନିଯୁକ୍ତି ଉପରେ ଗୁରୁତ୍ୱ ଦେଇଥିଲେ । ଖଣିରେ ମ୍ୟାନେଜର ରହିଲେ ତାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ହେବ ବୋଲି କହିଥିଲେ । ନୀତିନିୟମ ପାଳନ କଲେ ଖଣିରେ ଦୁର୍ଘଟଣା ଘଟିବ ନାହିଁ ବୋଲି କହିବା ସହ ମାନପାୱାର ନ ଥାଇ କାମ କଲେ ଦୁର୍ଘଟଣା ଘଟିବ ବୋଲି କହିଥିଲେ ।

## ଟିଏସ୍‌ଏଫ୍ ଦ୍ୱାରା ମୋବାଇଲ କର୍କଟ ସ୍କ୍ରିନିଂ କାର୍ଯ୍ୟକ୍ରମ

ଢେଙ୍କାନାଳ,୩୦ ।୧(ସମିସ): ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ୍), ଜାମସେଦପୁର କର୍କଟ ସୋସାଇଟି (ଜେସିଏସ) ସହ ଟାଟାଷ୍ଟିଲର ନିଜସ୍ୱ ହସ୍ପିଟାଲ, ମେହେରବାଇ ଟାଟା ମେମୋରିଆଲ ହସ୍ପିଟାଲ ଏମ୍‌ଟିଏମଏଚ ମାଧ୍ୟମରେ ସ୍ଥାନୀୟ ଗ୍ରାମାବାସୀଙ୍କ ପାଇଁ ପ୍ରାଥମିକ କର୍କଟ ଚିହ୍ନଟ ଏବଂ ଚିକିତ୍ସା ପାଇଁ ସୁବିଧା ଉନ୍ନତ କରିବା ଲକ୍ଷ୍ୟରେ ସାଧାରଣତନ୍ତ୍ର ଦିବସ ଅବସରରେ ମୋବାଇଲ କର୍କଟ ସ୍କ୍ରିନିଂ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର ଏହି ମୋବାଇଲ କର୍କଟ ସ୍କ୍ରିନିଂ ୟୁନିଟକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏମଟିଏଚ୍‌ର ଅଙ୍କୋଲୋଜି ଟିମର ମେଡିକାଲ ଅଫିସର ଡାକ୍ତର ପ୍ରାଚୀ ସିଂ ସ୍କ୍ରିନିଂ ପଦ୍ଧତି ପ୍ରଦର୍ଶନ କରିଥିଲେ । ଡାକ୍ତର ରଞ୍ଜନ କୁମାର ସାମଲ, ବିନାୟକ ପାଣିଗ୍ରାହୀ, ଟାଟା ଷ୍ଟିଲ ଫାଉଣ୍ଡେସନର ପ୍ରତିନିଧି ଏବଂ ଏମଟିଏମଏଚ୍ ମୋବାଇଲ କର୍କଟ ସ୍କ୍ରିନିଂ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ । ୨୦୨୬ ଜାନୁଆରୀରୁ ୨୦୨୮ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି କର୍କଟ ଚିକିତ୍ସାରେ ଥିବା ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନକୁ ପୂରଣ କରିବା । ଏହା ଲୋକଙ୍କ ମଧ୍ୟରେ ସଚେତନତା ଏବଂ ସ୍କ୍ରିନିଂଠାରୁ ଆରମ୍ଭ କରି ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ସୁବିଧା ସହ ସଂଯୋଗ ପର୍ଯ୍ୟନ୍ତ ବ୍ୟାପକ ସେବା ଯୋଗାଇବ । ଏହି କାର୍ଯ୍ୟକ୍ରମ ମୁଖ, ସ୍ତନ ଏବଂ ଗର୍ଭାଶୟ କର୍କଟ ଉପରେ ଧ୍ୟାନ ଦେବ, ଯାହା ପ୍ରାଥମିକ ଚିହ୍ନଟ ଏବଂ ସମୟୋଚିତ ହସ୍ତକ୍ଷେପକୁ ସକ୍ଷମ କରିବାକୁ ମଧ୍ୟ ଏହା ରଖିଛି । ମୋବାଇଲ କର୍କଟ ସ୍କ୍ରିନିଂ ୟୁନିଟ ମାସିକ ସ୍କ୍ରିନିଂ ଶିବିର ସହିତ ସଚେତନତା ଅଧିବେଶନ କରିବ, ଯାହା କର୍କଟ ପ୍ରତିରୋଧ, ପ୍ରାଥମିକ ସତର୍କତା ଚିହ୍ନ ଏବଂ ନିୟମିତ ସ୍କ୍ରିନିଂର ଗୁରୁତ୍ୱ ଉପରେ ସଚେତନତା ସୁନିଶ୍ଚିତ କରିବା ପାଇଁ ଏହି କାର୍ଯ୍ୟକ୍ରମ କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରେ । ଏମଟିଏମଏଚ୍ ତାଲିମପ୍ରାପ୍ତ ମାଷ୍ଟର ଟ୍ରେନରମାନେ ଆଶାକର୍ମୀ ଏବଂ ଆଗଧାଡ଼ିର ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ତାଲିମ ଦେଇ ଗ୍ରାମୀଣ ସ୍କ୍ରିନିଂ ଏବଂ ରେଫରାଲ୍ ବ୍ୟବସ୍ଥାକୁ ମଜବୁତ କରିବେ । ଅଧିକ ଯତ୍ନ ଆବଶ୍ୟକ କରୁଥିବା ରୋଗୀଙ୍କୁ ଏମଟିଏମଏଚ୍‌କୁ ରେଫର କରାଯିବ ଏବଂ ଚିକିତ୍ସା ପଥ ଏବଂ ସରକାରୀ ସ୍ୱାସ୍ଥ୍ୟ ଯୋଜନାର ସୁବିଧା ହାସଲ କରିବାରେ ସହାୟତା କରାଯିବ ।




## ଜିଲ୍ଲାସ୍ତରୀୟ ସ୍କାଉଟ ଗାଇଡ୍ କର୍ମଶାଳା ଉଦଯାପିତ



ଖଜୁରିଆକଟା,୩୦ ।୧(ସମିସ): ହିନ୍ଦୋଳ ଉପଖଣ୍ଡରେ ୩୮ତମ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ ଗାଇଡ୍ କର୍ମଶାଳା ଉଦଯାପିତ ହୋଇଛି । ହିନ୍ଦୋଳ ଉପଖଣ୍ଡ ପାରିକୁଳ ଉଚ୍ଚ ବିଦ୍ୟାଳୟରେ ତିନିଦିନ ଧରି ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା । ହିନ୍ଦୋଳ ବିଇଓ ହରିହର ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏଡିଇଓ ସୌମ୍ୟାଶ୍ରୀ ପଣ୍ଡା ଯୋଗଦେଇ ସ୍କାଉଟ ଗାଇଡର ଭୂମିକାକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଏବିଇଓ ପ୍ରକାଶ କୁମାର ପ୍ରଧାନ, ଜିଲ୍ଲା ସ୍କାଉଟ କମିଶନର ଇତିଶ କୁମାର ବରାଳ, ବ୍ଲକ ନୋଡାଲ ଅଧିକାରୀ ରସୋଳ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନାଦି ଚରଣ ନାଏକ, ପଞ୍ଚସଖା ଶିକ୍ଷାସେତୁ ସଭାପତି ଅଶ୍ୱିନୀ କୁମାର ମିଶ୍ର, ଜିଲ୍ଲା ଟ୍ରେନିଂ କମିଶନର ନରେଶ ଚନ୍ଦ୍ର ମହାରଣା ଉପସ୍ଥିତ ଥିଲେ । ଜିରାଳ ଉଚ୍ଚ ବିଦ୍ୟାଳୟ ଶାରୀରିକ ଶିକ୍ଷା ଶିକ୍ଷକ ବିପିନ ବିହାରୀ ସାହୁ ମଞ୍ଚ ପରିଚାଳନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ସ୍କାଉଟ ଗାଇଡମାନଙ୍କୁ ପୁରସ୍କୃତ କରାଯାଇଥିଲା । ପାରିକୁଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପବିତ୍ର ମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାମ୍ବାଦିକ ସଙ୍ଘ ତରଫରୁ ସହିଦ ଦିବସ ପାଳିତ



କାମାକ୍ଷାନଗର,୩୦ ।୧(ସମିସ): କାମାକ୍ଷାନଗର ସାମ୍ବାଦିକ ସଙ୍ଘ ତରଫରୁ ସ୍ଥାନୀୟ ନବଜ୍ୟୋତି କ୍ଲବ ପରିସରରେ ସହିଦ ଦିବସ ପାଳିତ ହୋଇଛି । ସଙ୍ଘ ସଭାପତି ହିମାଂଶୁ ଶେଖର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଇଓ ସରୋଜ କୁମାର ସାହୁ, କାମାକ୍ଷନଗର ଏନଏସି ଉପନଗରପାଳ ଶକୁନ୍ତଳା ସେଠୀ, କାମାକ୍ଷାନଗର ମହାବିଦ୍ୟାଳୟ ଉଦ୍ଭିଦବିଜ୍ଞାନ ବିଭାଗ ମୁଖ୍ୟ ସୁଭାଷିନୀ ସାଥୁଆ ମହାପାତ୍ର, ଓଡ଼ିଆ ଅଧ୍ୟାପକ ଜୟକୃଷ୍ଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଓ ସ୍ୱପ୍ନର ଭାରତ ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । କାମାକ୍ଷାନଗର ଏନଏସି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇଥିଲା । ରାମେଶ୍ୱର ଉଚ୍ଚ ବିଦ୍ୟାଳୟର ସୀମା ପାତ୍ର ପ୍ରଥମ, ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ଆକୃତି ବ୍ରହ୍ମା ଦ୍ୱିତୀୟ, ସାରଙ୍ଗଧର ଉଚ୍ଚ ବିଦ୍ୟାଳୟର ଯାଜ୍ଞସେନୀ ପଣ୍ଡା ତୃତୀୟ, ବାଳିକା ଉଚ୍ଚ ବିଦ୍ୟାଳୟର ସୁହେନା ବେଗମ ଚତୁର୍ଥ ଓ ଜେଏମପି ମଡେଲ ସ୍କୁଲର ଶୁଭଲକ୍ଷ୍ମୀ ସାହୁ ପଞ୍ଚମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସାମ୍ବାଦିକ ସଙ୍ଘ ସମ୍ପାଦକ ହୃଦୟ ବଲ୍ଲଭ ମିଶ୍ର ସଭା ପରିଚାଳନା କରିଥିଲେ । ଜେଏମପି ମଡେଲ ସ୍କୁଲର ଶିକ୍ଷକ ଦେବାଶିଷ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସାମ୍ବାଦିକ ସଙ୍ଘ ଯୁଗ୍ମ ସମ୍ପାଦକ ବିନୋଦ ବିହାରୀ ସେଠୀ, ସଦସ୍ୟ ଅର୍ସାଦ ଅହମଦ, ରାକେଶ ଦେହୁରୀ, ସଦାଶିବ ସେଠୀ, ମନୋଜ କୁମାର ସାହୁ, ଜ୍ୟୋତିର୍ମୟୀ ମିଶ୍ର, ବିଦ୍ୟାଧର ବରାଳ, ଶ୍ରୁତିପଦ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

## ୧ରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

ପରଜଙ୍ଗ,୩୦।୧(ସମିସ): ସ୍ଥାନୀୟ ପରଜଙ୍ଗ ମିନି ଷ୍ଟାଡିୟମରେ ପରଜଙ୍ଗ ରେଡ ନାଇଟ ପରିବାର ପକ୍ଷରୁ ଏକ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚାଲୁ ରହିଛି । ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଦଳ ଅଂଶଗ୍ରହଣ କରିଥିବା ବେଳ ଆସନ୍ତା ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଫାଇନାଲକୁ ଆହୁରି ରୋମାଞ୍ଚକର କରିବା ପାଇଁ ଉକ୍ତ ଦିନ ମ୍ୟାଚ ପୂର୍ବରୁ ପରଜଙ୍ଗ କାର୍ଯ୍ୟରତ ସାମ୍ବାଦିକ ସଙ୍ଘ ଓ ଆୟୋଜକ ରେଡ ନାଇଟ ପରିବାର ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳାଯିବା କାର୍ଯ୍ୟକ୍ରମ ରହିଛି ।

## ଦଶୀପୁର ଗ୍ରାମରେ ହରିହାଟ ନାମଯଜ୍ଞ



କଙ୍କଡ଼ାହାଡ଼,୩୦।୧(ସମିସ): କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ଦଶୀପୁର ଗ୍ରାମରେ ହରିହାଟ ନାମ ଯଜ୍ଞ ମହା ସମାରୋହରେ ଅନୁଷ୍ଠିତ ହୋଇଛି । ଅଞ୍ଚଳ ତଥା ଗ୍ରାମର ମଙ୍ଗଳ କାମନା କରି ଶ୍ରୀ ଚୈତନ୍ୟ ମାହାପ୍ରଭୁଙ୍କୁ ଗ୍ରାମ ପରିକ୍ରମା କରି କରାଯାଇଥିଲା । ୧୫ଟି ସଂକୀର୍ତ୍ତନ ମଣ୍ଡଳୀ ଦ୍ୱରା ନାମ ସଙ୍କୀର୍ତ୍ତନରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ହରେକୃଷ୍ଣ ହେରେରାମ ନାମରେ ଗାଁ ପରିବେଶ ପ୍ରକମ୍ପିତ ହୋଇଥିଲା । ଗ୍ରାମର ପୁରୁଷ ଓ ମହିଳାମାନେ କଳସ ଯାତ୍ରା କରି ଗାଁ ପୁଷ୍କରିଣୀରୁ ପାଣି ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ଦିଲୀପ କୁମାର ଦେହୁରୀ, ପ୍ରତିମା ଦେହୁରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲା ବେଳେ ପଣ୍ଡିତ ଲିଟୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ । ଅଞ୍ଚଳର ମାନଗଣ୍ୟ ବ୍ୟକ୍ତି, ଧାର୍ମିକ ବ୍ୟକ୍ତି ଓ ସାଧୁସନ୍ଥଙ୍କ ସାମାଗମ ହୋଇଥିଲା । ଗ୍ରାମବାସୀଙ୍କ ତରଫରୁ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମରେ ଦଶୀପୁର ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

## ଏସିଆ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଲେ ଅମୀୟ




ଢେଙ୍କାନାଳ,୩୦ ।୧(ସମିସ): ଓଡ଼ିଶାର ଖ୍ୟାତିସମ୍ପନ୍ନ ଅନ୍ତର୍ଜାତୀୟ କ୍ରୀଡ଼ା ଘୋଷକ ଡ. ଅମୀୟ ଚାନ୍ଦ ଏସିଆ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛନ୍ତି । ପୂର୍ବତନ ଜାତୀୟ ଆଥଲେଟ୍ ଅମୀୟ ବହୁବର୍ଷ ଧରି ଜିଲ୍ଲା, ରାଜ୍ୟ, ଦେଶ ଓ ବିଦେଶରେ ଘୋଷକ ଭାବେ କାର୍ଯ୍ୟକରି ବହୁ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନ ପାଇଛନ୍ତି । ଅନ୍ତର୍ଜାତୀୟ କ୍ରିକେଟରେ କଟକଠାରେ ଅନୁଷ୍ଠିତ ଦୁଇଟି ବିଶ୍ୱକପ୍ ପୁରୁଷ ଓ ମହିଳା ମ୍ୟାଚ୍ ସହ ଭାରତ-ନ୍ୟୁଜିଲାଣ୍ଡ ଟେଷ୍ଟ, ଏକଦିବସୀୟ, ଟି-୨୦, ଆଇପିଏଲ, ଓପିଏଲ୍ ମ୍ୟାଚରେ ଭାଷ୍ୟକାର ଭାବେ କାର୍ଯ୍ୟ କରିବା ସହ ଆଥଲେଟିକ୍ସରେ ଏସିଆନ୍ ଜୁନିଅର ଆଥଲେଟିକ୍, ଏସିଆନ୍ ଆଥଲେଟିକ୍ସ, ଆଫ୍ରୋ ଏସିଆନ ଗେମ୍ସ ଆଥଲେଟିକ୍ସ, ରାଜ୍ୟ ଗୋଷ୍ଠୀ କ୍ରୀଡ଼ା, ଅନ୍ତର୍ଜାତୀୟ ମାଷ୍ଟର ଆଥଲେଟିକରେ ସଫଳ ଭାବେ କାର୍ଯ୍ୟ କରିଛନ୍ତି । ଅନ୍ୟ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ମଧ୍ୟ କାମ କରି ସୁନାମ ଅର୍ଜନ କରିଛନ୍ତି । ଗତ ମେ ମାସରେ ସେ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଶଂସିତ ହୋଇ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ସଶକ୍ତୀକରଣ ବିଭାଗ ତରଫରୁ ଏଜିଂ ଉଇଥ ଡିଗ୍ନିଟି ପ୍ରଶଂସାପତ୍ର ପାଇଛନ୍ତି ।

# ଢେଙ୍କାନାଳରୁ ଲଣ୍ଡନକୁ ରପ୍ତାନି ହେଲା ସତେଜ ଷ୍ଟ୍ରବେରୀ

ଢେଙ୍କାନାଳ,୩୦ ।୧(ସମିସ):

ଢେଙ୍କାନାଳ ଜିଲ୍ଲାରୁ ୫୨ କିଲୋଗ୍ରାମ ସତେଜ ଷ୍ଟ୍ରବେରୀ ଲଣ୍ଡନକୁ ରପ୍ତାନି କରାଯାଇଛି । ଜିଲ୍ଲାରେ ଉତ୍ପାଦିତ ସତେଜ ଷ୍ଟ୍ରବେରୀ ଏବେ ବିଶ୍ୱ ବଜାରରେ ନିଜ ପରିଚୟ

**ପ୍ରଥମଥର ବିଶ୍ୱ ବଜାରରେ ପରିଚୟ ସୃଷ୍ଟି**

ସୃଷ୍ଟି କରିବାରେ ସଫଳ ହୋଇଛି । ପ୍ରଥମଥର ସପ୍ତଶଯ୍ୟା ଏଗ୍ରୋ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ କୃଷକ ଉତ୍ପାଦକ ସଙ୍ଗଠନ ଦ୍ୱାରା ଜିଲ୍ଲାସ୍ତରୀୟ ପୁଷ୍ପ ପ୍ରଦର୍ଶନୀରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପତାକା ଦେଖାଇ ଏହି ରପ୍ତାନିର ଶୁଭାରମ୍ଭ କରିଛନ୍ତି । ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଦେବପ୍ରସାଦ ରାଉତରାୟ, କୃଷି ସହକାରୀ ଯନ୍ତ୍ରୀ ଆଶୁତୋଷ ବେହେର, ସପ୍ତଶଯ୍ୟା ଏଗ୍ରୋ ପ୍ରଡ୍ୟୁସର କମ୍ପାନୀ ଲିମିଟେଡର ନିର୍ଦ୍ଦେଶକ ସୁଦୀପ୍ତ ରଞ୍ଜନ ବିଶ୍ୱାଳ ଏବଂ ପାଲାଡିୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ପ୍ରଥମଥର ଆମ ରାଜ୍ୟର ଷ୍ଟ୍ରବେରୀ ସୁଦୂର ଲଣ୍ଡନକୁ ରପ୍ତାନି ହେବା ଓଡ଼ିଶାର କୃଷି ଇତିହାସରେ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଏହି ପଦକ୍ଷେପ ଗ୍ରାମୀଣ ଉଦ୍ୟୋଗଗୁଡ଼ିକୁ ସୁଦୃଢ଼ କରିବା ସହ ବିଶ୍ୱ ବଜାରରେ ଓଡ଼ିଶାକୁ ଏକ ସଫଳ ରପ୍ତାନିକାରୀ ରାଜ୍ୟ ଭାବେ ପ୍ରତିଷ୍ଠିତ କରିବାରେ ସହାୟକ ହେବ ।



# ପ୍ରକଳ୍ପ ନାଁରେ ରାସ୍ତାକଡ଼ ସରକାରୀ ଜମି ହସ୍ତାନ୍ତର ନ କରିବାକୁ ଦାବି

**ସମ୍ବଲପୁର, ୩୦।୧ (ସମିସ)**



ସୋଲାର ପାୱାର ପ୍ରୋଜେକ୍ଟ ନାମରେ ରାସ୍ତାକଡ଼ରେ ଥିବା ବିସ୍ତୀର୍ଣ୍ଣ ସରକାରୀ ଜମିକୁ ହସ୍ତାନ୍ତର ନ କରିବାକୁ ଦାବି କରିଛି ଚିପିଲିମା ନାଗରିକ କମିଟି। ସେମାନଙ୍କ ଦାବିପତ୍ର ଅନୁଯାୟୀ, ଓଡ଼ିଶା ଜଳ ବିଦ୍ୟୁତ ନିଗମ (ଓଏଚପିସି)ର ଏକ ପ୍ରମୁଖ ଅଂଶଧାରୀ କମ୍ପାନୀ ଜେଡକଲକୁ ସୌର ବିଦ୍ୟୁତ ପ୍ରକଳ୍ପ ସ୍ଥାପନ ନିମନ୍ତେ ଚିପିଲିମା ଚାରପାଲି ମଧ୍ୟଭାଗ ମୁଖ୍ୟ ରାସ୍ତାକଡ଼ରେ ଥିବା ଜମିକୁ ହସ୍ତାନ୍ତରଣ କରାଯିବା ପାଇଁ ଉଦ୍ୟମ ହେଉଛି ଏବଂ ଉକ୍ତ ଜମିରେ ଥିବା ଶହଶହ ବିରାଟ ବୃକ୍ଷଗୁଡ଼ିକୁ କାଟି ଦିଆଯାଇଛି। ଅଞ୍ଚଳବାସୀ ଏହି ସୋଲାର ପ୍ରକଳ୍ପକୁ ବିରୋଧ କରୁନାହାନ୍ତି ବରଂ ସ୍ୱାଗତ କରୁଛନ୍ତି। ଏହି ସୌର ପ୍ରକଳ୍ପ ପାଇଁ ଯେକୌଣସି ପତିତ ଅବ୍ୟବହୃତ ପାହାଡିଆ ଜମିକୁ ହସ୍ତାନ୍ତର କରାଗଲେ ଚିପିଲିମା ଅଞ୍ଚଳବାସୀଙ୍କ କୌଣସି ଅସୁବିଧା ନାହିଁ। ବୁର୍ଲାଠାରୁ ଚିପିଲିମା ଶକ୍ତି କେନ୍ଦ୍ରକୁ ଆସିଥିବା ପାୱାର ଚେନେଲର ସ୍ଥାନେ ସ୍ଥାନେ ବିସ୍ତୀର୍ଣ୍ଣ ଜଳଭଣ୍ଡାର ରହିଛି। ଯେଉଁଠାରେ ହୀରାକୁଦ ଭଳି ଭାସମାନ ସୌର ପ୍ରକଳ୍ପ ସ୍ଥାପନ କରାଯାଇ ପାରିବ। ଭବିଷ୍ୟତରେ ଏହି ଅଞ୍ଚଳରେ ଏମ୍ସ ଭଳି ଅତ୍ୟାଧୁନିକ ହସ୍ପିଟାଲ, ସରକାରଙ୍କ ପ୍ରସ୍ତାବିତ କୃଷି ବିଶ୍ୱ ବିଦ୍ୟାଳୟ, ଗ୍ରେଟର ସମ୍ବଲପୁର, ତଥା ସମ୍ବଲପୁର ସହର ସହିତ ସିଧାସଳଖ ଯୋଗାଯୋଗ ପାଇଁ ନୂତନ ସେତୁ ନିର୍ମାଣ, ରାଜ୍ୟ ସରକରଙ୍କ ତରଫରୁ ପ୍ରସିଦ୍ଧ ଦେବୀ ପୀଠ ମାଁ ଘଣ୍ଟେଶ୍ୱରୀ ଉନ୍ନୟନ ପ୍ରକଳ୍ପ ସହିତ ବିଭିନ୍ନ ଲୋକାଭିମୁଖୀ ଯୋଜନା ପାଇଁ ଅନେକ ଜମିର ଆବଶ୍ୟକତା ପଡ଼ିବ। ଚିପିଲିମା ଅଞ୍ଚଳରେ ଥିବା ଏହିସବୁ ଜମିକୁ ସୌର ବିଦ୍ୟୁତ ପ୍ରକଳ୍ପ ପାଇଁ ଓଏଚପିସିକୁ ପ୍ରଦାନ କରାଗଲେ ଭବିଷ୍ୟତରେ ସରକାରଙ୍କ ଏହି ସବୁ ନୂତନ ଯୋଜନା ପାଇଁ ଆବଶ୍ୟକ ପଡୁଥିବା ପର୍ଯ୍ୟାପ୍ତ ଜମିର ଅଭାବ ଦେଖାଯିବ ବୋଲି ଉଲ୍ଲେଖ କରାଯାଇଛି। ଏଣୁ ଅଞ୍ଚଳବାସୀ ସୌର ବିଦ୍ୟୁତ ପ୍ରକଳ୍ପକୁ ମୁଖ୍ୟ ରାସ୍ତାକଡ଼ରେ ଥିବା ଜମି କିମ୍ବା ବାସୋପଯୋଗୀ ଜମି ଦିଆନଯିବାକୁ ଜିଲ୍ଲାପାଳଙ୍କଠାରେ ଦାବି ଜଣାଇଛନ୍ତି।

# ରାତିଅଧରେ ଭୟଙ୍କର ଦୁର୍ଘଟଣା

**ସମ୍ବଲପୁର, ୩୦।୧ (ସମିସ):** ସମ୍ବଲପୁର ଅଇଁଠାପାଲି ବଜାର ଛକ ପାତ୍ର ଇଲେକ୍ଟ୍ରୋନିକ୍ସ ପାଖରେ ଗୁରୁବାର ବିଳମ୍ବିତ ରାତିରେ ଭୟଙ୍କର ଦୁର୍ଘଟଣା ଘଟିଛି। ଏକ କାର୍ ଦ୍ରୁତ ଗତିରେ ଆସି ଦୈନିକ ବଜାର ଛକର ରାସ୍ତାକଡ଼ରେ

**କାର୍ ଇଞ୍ଜିନ ଛିଟିକି ରାସ୍ତା ଅପରପାର୍ଶ୍ୱରେ ପଡ଼ିଲା**

**ଏକାଧିକ ସ୍କୁଟି ଓ ବାଇକ୍ ଚୁରମାର**



ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ପାଖରେ ଛିଡ଼ାଥିବା ଏକାଧିକ ସ୍କୁଟି ଓ ବାଇକ୍‌କୁ ଧକ୍କା ଦେଇଥିଲା। ମାତ୍ର ଚାଳକ ଜଣକ ଆଶ୍ଚର୍ଯ୍ୟଜନକ ଭାବେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏତେ ଭୟଙ୍କର ଥିଲା ଦୁର୍ଘଟଣା ଯେ, କାର୍ ନଂ-ଓଡି୧୫ଇ-୫୩୫୪ର ଇଞ୍ଜିନ ଛିଟିକିଯାଇ ରାସ୍ତା ଅପରପାର୍ଶ୍ୱରେ ପଡ଼ିଥିବା ଦେଖାଯାଇଛି। କାର୍ ଚାଳକଙ୍କ ପରିଚୟ ମିଳିପାରିନାହିଁ। ଗତ ରାତିରେ ସମ୍ବଲପୁରପଟୁ ଅଇଁଠାପାଲି ଛକ ପଟକୁ ଦ୍ରୁତଗତିରେ କାର୍ ରେସିଂ କରିଯାଉଥିବା ବେଳେ ଭାରସାମ୍ୟ ହରାଇ କଡ଼ରେ ଥିବା ବିଦ୍ୟୁତ୍‌ଖୁଣ୍ଟକୁ ଧକ୍କାଦେବାରୁ ଏଭଳି ଘଟଣା ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅଇଁଠାପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବାସହ ତଦନ୍ତ ଆରମ୍ଭ କରିଛି। ଅଇଁଠାପାଲି ଥାନାରେ ୨୮୧ ବିଏନ୍‌ଏସ୍‌ରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପ୍ରଦ୍ୟୁମ୍ନ ସ୍ୱାଇଁ ସୂଚନା ଦେଇଛନ୍ତି। ବହୁସମୟରେ ମୁଖ୍ୟତଃ ଯୁବପିଢ଼ି ସହର ମଧ୍ୟରେ ଦ୍ରୁତଗତିରେ ବାଇକ୍ ଓ କାର୍ ଚାଳନା କରୁଛନ୍ତି। ପୁଲିସ ପ୍ରଶାସନ ଏସବୁ ଉପରେ ଅଙ୍କୁଶ ଲଗାଇବାକୁ ସଚେତନ ମହଲରେ ଦାବି ହେଉଛି।

# ଜେଏସ୍‌ଡବ୍ଲ୍ୟୁରେ ସଡ଼କ ସୁରକ୍ଷା ମାସ




**ସମ୍ବଲପୁର, ୩୦।୧ (ସମିସ):** ଜେଏସଡବ୍ଲ୍ୟୁ ବିପିଏସଏଲରେ ଜାନୁଆରୀ ୧ ରୁ ୩୧ ତାରିଖ ପର୍ଯ୍ୟନ୍ତ ୩୭ତମ ସଡ଼କ ସୁରକ୍ଷା ମାସ ପାଳିତ ହୋଇଛି। ଏହି ମାସବ୍ୟାପୀ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କମ୍ପାନୀର ପରିବହନ ବିଭାଗ, ସଡ଼କ ପରିବହନ ବିଭାଗ ଏବଂ ଆଇ ମନ୍ତ୍ରା ମିଳିତ ଭାବରେ, ଶୁକ୍ରବାରରେ ପ୍ଲାଣ୍ଟ ପରିସର ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ପ୍ରାୟ ୧୧୦ରୁ ଅଧିକ ଡ୍ରାଇଭର ପରୀକ୍ଷା କରିଥିଲେ। ଡାକ୍ତର ଆଲୋକ ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଆରଟିଓ ମନୋରଞ୍ଜନ ପ୍ରଧାନ ନିରାପଦ ଡ୍ରାଇଭିଂ, ସଡ଼କ ସୁରକ୍ଷା ସଚେତନତା ବିଷୟରେ ପ୍ରାୟ ୩୦୦ ଜଣ ଡ୍ରାଇଭରଙ୍କୁ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ବଲପୁର ଜୋନ୍‌ର ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ, କମ୍ପାନୀ ଉପାଧ୍ୟକ୍ଷ (ପ୍ରଶାସନ) ମନୋଜ କୁମାର ସିଂହ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅଶୋକ ବିଶ୍ୱାଲ, ମୁଖ୍ୟ (ଅଗ୍ନି ଏବଂ ସୁରକ୍ଷା), କମ୍ପାନୀ ଟ୍ରାନ୍ସପୋର୍ଟ ହେଡ କୁଳଦୀପ ଭରଦ୍ୱାଜ, ଅତିରିକ୍ତ ଆରଟିଓ(ପ୍ରବର୍ତ୍ତନ) କାହ୍ନୁଚରଣ ବାନ୍ରା, ସତୀଶ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ହୀରାକୁଦ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ



**ସମ୍ବଲପୁର, ୩୦।୧(ସମିସ):** ହୀରାକୁଦସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ସପ୍ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଗୁରୁବାର କର୍ତ୍ତା ଭାବେ ଶିବ ମିଶ୍ର ଓ ଶୁକ୍ରବାର ପ୍ରଦୀପ ପଣ୍ଡା କାର୍ଯ୍ୟ ତୁଲାଇଥିଲେ। ପ୍ରତିଷ୍ଠା ଦିବସରେ ନାଗାବାବା ସହ ମୁଖ୍ୟ ପୂଜକ ପ୍ରଭାତ ମିଶ୍ର ଓ ଚିତ୍ତରଞ୍ଜନ ପଣ୍ଡା ପୂଜା କରିଥିଲେ। ବିଜୟଶ୍ରୀ ରାଉତରାୟ, ବୁଲୁ ବିଶ୍ୱାଳ, ବାବଲୀ ପ୍ରାୟରଜ, ସୂର୍ଯ୍ୟ ପ୍ରଧାନ, ରବୀନ୍ଦ୍ର ଦାସ, ଉମାଶଙ୍କର ଗୌଡ଼, ନାନୁ ମହାନ୍ତି ଓ ମନ୍ଦିରର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ହିଣ୍ଡାଲକୋ ସିଏସଆର ତରଫରୁ ନୂତନ ଯଜ୍ଞ ମଣ୍ଡପ ତିଆରି ହୋଇଥିଲା। କମ୍ପାନୀ ସିଏସ ଆର ମୁଖ୍ୟ ଜିତେଶ ରଥଙ୍କ ସହ ଆନନ୍ଦ ଚକ୍ରବର୍ତ୍ତୀ, ସୁକାନ୍ତ ମହାପାତ୍ର ଓ ହିଣ୍ଡାଲକୋର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଡାହାଣୀ ସନ୍ଦେହରେ ନିର୍ଯାତନା ନେଇ ତାଲିମ କାର୍ଯ୍ୟକ୍ରମ

**ସମ୍ବଲପୁର, ୩୦।୧ (ସମିସ):** ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ଡାହାଣୀ ସନ୍ଦେହରେ ନିର୍ଯାତନାକୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଆଇନର ଉପଯୁକ୍ତ କାର୍ଯ୍ୟକାରିତା ଉପରେ ସମସ୍ତଙ୍କୁ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଡିଏସପି ଚିତ୍ତରଞ୍ଜନ ନାୟକ ଡାହାଣୀ ସନ୍ଦେହରେ ନିର୍ଯାତନାକୁ ନେଇ ରହିଥିବା ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଯୁକ୍ତା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ତାଲିମଦାତା ମିନତୀ ପାଣିଗ୍ରାହୀ ଓ ସୁନୀତା ତ୍ରିପାଠୀ ଡାହାଣୀ ନିର୍ଯାତନା ପାଇଁ ଥିବା ବିଭିନ୍ନ ନୀତି ନିୟମ, ଓଡ଼ିଶାରେ ଘଟିଥିବା ବିଭିନ୍ନ ଘଟଣା ଏବଂ ପିଡ଼ିତାଙ୍କ ସାମାଜିକ ଥଇଥାନ ପାଇଁ



ସମସ୍ତଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ସଂଯୋଜକ ଛୋଟେଲାଲ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରୋଗ୍ରାମ ଅଫିସର ସରିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଜଣା ଟ୍ରକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ସମ୍ବଲପୁର, ୩୦।୧ (ସମିସ) :** ଧନୁପାଲି ଥାନା ଅନ୍ତର୍ଗତ କଟକ ରୋଡ୍ ଭତରା ପେଟ୍ରୋଲ ପମ୍ପ ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସନ୍ଧ୍ୟା ଭ୍ରମଣ ପାଇଁ ଯାଇଥିବାବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିବା ଜଣାପଡ଼ିଛି। ତାଙ୍କୁ ସଦର ଡାକ୍ତରଖାନାକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକ ଜଣକ ମହାବୀର ପଡ଼ାର ଅନ୍ତର୍ଯ୍ୟାମୀ ବେହେରା (୮୩) ବୋଲି ଜଣାପଡ଼ିଛି।



ଗାନ୍ଧିଜୀଙ୍କ ତିରୋଧାନ ଦିବସ ଉପଲକ୍ଷେ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନିରବ ପ୍ରାର୍ଥନା।

# ଟଙ୍କା ସହ କଫ ସିରପ୍ ଜବତ, ଜଣେ ଗିରଫ

**ସମ୍ବଲପୁର, ୩୦।୧(ସମିସ):** ବୁର୍ଲା ଥାନା ପୁଲିସ ବେଆଇନ କଫ ସିରପ୍ କାରବାରରେ ଜଣଙ୍କୁ ଗିରଫ କରିଛି। ତା ନିକଟରୁ ବିପୁଳ ମାତ୍ରାରେ କଫସିରପ ଓ ଲକ୍ଷାଧିକ ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତ ହେଉଛି ବୁର୍ଲା ଥାନା ୱାନଆର କଲୋନୀର ବିକାଶ ତାଣ୍ଡି(୨୬)। ପୁଲିସ ଶୁକ୍ରବାର ପାଟ୍ରୋଲିଂ ବେଳେ ବେଆଇନ କଫସିରପ କାରବାର ଥିବା ଖବର ପାଇଥିଲା। ପରେ ଖବର ପାଇ ଚଢାଉ ବେଳେ ଅଭିଯୁକ୍ତ ନିକଟରୁ ୧୬୯ ବୋତଲ କଫସିରପ, ୨୯ଟି ପାଉଚ ମଦ, ଏକ ଲକ୍ଷ ୨୧ ହଜାର ୨୦୦ ନଗଦ ଟଙ୍କା ଓ(ଓଆର୧୯କେ୮୩୨୨) ନମ୍ବର ବିଶିଷ୍ଟ କାର ଜବତ କରିଥିଲା। ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ଡିଏଭି ବୁର୍ଲାରେ ଜାତୀୟ ସହିଦ ଦିବସ

**ସମ୍ବଲପୁର, ୩୦।୧(ସମିସ):** ବୁର୍ଲାସ୍ଥିତ ଡିଏଭି ବିଦ୍ୟାଳୟରେ ମହାତ୍ମାଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ଜାତୀୟ ସହିଦ ଦିବସ ପାଳିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତିର ପିତାଙ୍କ ଆଦର୍ଶକୁ ସ୍ମୃତିଚାରଣ କରିଥିଲେ। ବିଦ୍ୟାଳୟର ବିଦ୍ୟାର୍ଥୀ ଆର୍ଯ୍ୟନ ମହାପାତ୍ର ଗାନ୍ଧୀଙ୍କ ଅବଦାନକୁ ଆଲୋକପାତ କରିଥିଲେ। ଡଃ ଅଭୟ କୁମାର ମିଶ୍ରଙ୍କ ନିର୍ଦ୍ଦେଶନାରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଏକ ଲଘୁ ନାଟିକା ପ୍ରସ୍ତୁତ କରାଯାଇଥିଲା। ନ୍ୟାସନାଲ ବୁକ ଟ୍ରଷ୍ଟ ଦ୍ୱାରା ଭ୍ରାମ୍ୟମାଣ ପୁସ୍ତକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା।

# ମା' ଝାଡ଼େଶ୍ୱରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ



**ସମ୍ବଲପୁର, ୩୦।୧ (ସମିସ):** ପରମ୍ପରା ନାମରେ ମହା ଭାରତୀୟ ସଂସ୍କୃତିକୁ ନଷ୍ଟ କରିବା ଅନୁଚିତ। ଗାନ୍ଧିଙ୍କୁ ଅନୁପ୍ରାଣିତ କରିଥିଲା ହରିଶ୍ଚନ୍ଦ୍ର ଓ ଶ୍ରବଣ କୁମାର ଚରିତ୍ର। ନିନ୍ଦୁକ ହେବାଠାରୁ ମାନବୀୟ ଗୁଣ ନେଇ ସିନ୍ଧୁକ ତିଆରି କରିବା ଅଧିକ ଶ୍ରେୟସ୍କର ବୋଲି ମତବ୍ୟକ୍ତ କରିଛନ୍ତି ମୁଖ୍ୟବକ୍ତା ନାଟ୍ୟକାର ତଥା ପ୍ରାଧ୍ୟାପକ ଚୂଡ଼ାମଣି ରଥ। ମା' ଝାଡଶ୍ୱରୀ ମହାବିଦ୍ୟାଳୟର ଯୁକ୍ତ ଦୁଇ ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଆଜି ୩୨ତମ ବାର୍ଷିକୋତ୍ସବ ଆୟୋଜିତ ହୋଇଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ, ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଶିକ୍ଷାନୁଷ୍ଠାନ ଭିତରେ ରହିଥିବା ସୁଯୋଗର ପାର୍ଥକ୍ୟ ସମ୍ପ୍ରତି କମିବାରେ ଲାଗିଲାଣି। ତେଣୁ ଯେକୌଣସି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରନ୍ତୁନା କାହିଁକି ତାହା ନିଷ୍ଠାର ସହ କରିବା ଉଚିତ। ବିଶିଷ୍ଟ ଅତିଥି ସମ୍ବଲପୁର ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ କହିଥିଲେ ଯେ, ଜୀବନରେ ବଡ଼ଲୋକ ହେବାର ପ୍ରୟାସ ନକରି ଭଲ ଲୋକ ହେବାର ପ୍ରୟାସ କରିବା ଉଚିତ। ସମ୍ମାନିତ ଅତିଥି ଭାବରେ ପୂରାତନ ପରିଚାଳନା ପରିଷଦ ସଭାପତି ଦିଲୀପ ମହାପାତ୍ର ମଞ୍ଚାସୀନ ଥିଲେ। ଷ୍ଟେଟ ବ୍ୟାଙ୍କ ଧମାର ଶାଖା ପରିଚାଳକ ରାଜେଶ ମାଝି, ପ୍ରିମିଅର ଗ୍ରିନ ଇନୋଭେସନ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଦେବେନ୍ଦ୍ର ଗୁପ୍ତା ଏବଂ ଏଜିଏମ ଆଲୋକ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁକ୍ତ ତିନି ଅଧ୍ୟକ୍ଷ ଅନିଳ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ସ୍ମାରକୀ ମାହାର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଅଧ୍ୟାପକ ପଣ୍ଡିତ ବ୍ୟାସଦେବ ପଣ୍ଡା ବେଦମନ୍ତ୍ର ପାଠ କରିଥିଲେ। ଅଧ୍ୟାପକ ସତ୍ୟନାରାୟଣ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଡଃ ସିଦ୍ଧାର୍ଥ ପଣ୍ଡା ଓ ଅଧ୍ୟାପିକା ସ୍ୱାତୀ ପତି ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ମୁଖପତ୍ର 'ସ୍ୱର୍ଣ୍ଣଛତ୍ର' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା।

# ଏନଏସ୍‌ସିବି କଲେଜରେ ଅନ୍ତର୍ଜାତୀୟ ସମ୍ମିଳନୀ

**ସମ୍ବଲପୁର, ୩୦।୧ (ସମିସ) :** ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ଆୟୋଜନରେ "ଭୂ-ରାଜନୀତି, ଡିଜିଟାଲ ନବୋନ୍ମେଷ ଓ ସପ୍ଲାଇ ଚେନ୍ ସୁଦୃଢ଼ତା ଭାରତର ବିଶ୍ୱ ବୃଦ୍ଧି ପଥ" ଶୀର୍ଷକ ତିନିଦିନିଆ ପ୍ରଥମ ଆନ୍ତର୍ଜାତୀୟ ସମ୍ମିଳନୀର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲ ସ୍ୱାଗତ ଭାଷଣଦେଇ ସମ୍ମିଳନୀର ଶିକ୍ଷାଗତ ଓ ଗବେଷଣାମୂଳକ ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ସମ୍ମିଳନୀ ସମନ୍ୱୟକ ଡ. ସତ୍ୟରଞ୍ଜନ ଗୁରୁ ଅତିଥି ପରିଚୟ ପ୍ରଦାନ ସହ ସମ୍ମିଳନୀର ମୂଳ ଥିମ୍ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ପ୍ରଫେସର ସବତ କୁମାର ଦିଗଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଡିଜିଟାଲ ନବୋନ୍ମେଷ ଓ ଭାରତର ବିଶ୍ୱ ଅର୍ଥନୀତିରେ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁରର ଡଃ ଉମାଚରଣ ପତି ଉଚ୍ଚଶିକ୍ଷା ଓ ଗବେଷଣାର ଭୂମିକା ଉପରେ ମତବ୍ୟକ୍ତ କରିଥିଲେ। ମୁଖ୍ୟ




ବକ୍ତା ଡ. ଭେଙ୍କଟେଶ୍ୱର ରାଓ ଭାନୋତୁ (ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ବିଲାସପୁର) ସହ କି-ନୋଟ୍ ବକ୍ତା ଡଃ ସୁଜିତ କୁମାର ପୃଷେଠ (ଆଇଆଇଏମ୍ ସମ୍ବଲପୁର) ଓ ଡ. ସଞ୍ଜୟ ମଣ୍ଡଳ (ଫୁକୁସିମା ବିଶ୍ୱବିଦ୍ୟାଳୟ, ଜାପାନ) ସପ୍ଲାଇ ଚେନ୍ ସୁଦୃଢତା, ଭୂ-ରାଜନୀତି ଓ ବିଶ୍ୱ ବଜାର ପରିବର୍ତ୍ତନ ଉପରେ ଆଲୋଚନା କରିଥିଲେ।

ପ୍ରଥମ ଦିନର ପ୍ଲେନାରୀ ସେସନ୍ ସହ ଟେକ୍ନିକାଲ ସେସନ୍ -୧ ଓ ୨ରେ ଦେଶ ଓ ବିଦେଶର ଗବେଷକମାନେ ଅଂଶଗ୍ରହଣ କରି ତାଙ୍କ ଗବେଷଣା ପତ୍ର ଉପସ୍ଥାପନ କରିଥିଲେ। ସମ୍ମିଳନୀ ଆୟୋଜନରେ ବାଣିଜ୍ୟ ବିଭାଗର ଅଧ୍ୟାପକ ଅଧ୍ୟାପିକା ରଶ୍ମି କାଇବର୍ତ୍ତ, ଅଭିପ୍ସା ପଣ୍ଡା, ପ୍ରମୋଦ ଭୋଇ, ରୋହିତ ଅଗ୍ରୱାଲ, ରୀମା ଦାସ ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଶାଶ୍ୱତ ମହାନା ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜମନକିରା, ୩୦।୧ (ସମିସ):** ଜମନକିରା ବ୍ଲକ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ'ଉଡାନ 'ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ସମ୍ବଲପୁର ଲକ୍ଷ୍ମଣ ଭୋଇ, ମୁଖ୍ୟବକ୍ତା ଭାବରେ ଅଧ୍ୟକ୍ଷ ଆଦଶ ସ୍ୱାତକ ମହା ବିଦ୍ୟାଳୟ ଦେବଗଡ଼, ସମ୍ମାନିତ ଅତିଥି ଭାବରେ ଜମନକିରା ବିଡ଼ିଓ ରବୀନ୍ଦ୍ର ସେଠୀ, ଜିଲ୍ଲା ପରିଷଦ ସଭ୍ୟା ଜୋନ-୧ ସୁଜାତା ଖୁଣ୍ଟିଆ, ଜମନକିରା ବିଇଓ ରୁକ୍ମଣ ପଧାନ, ଜମନକିରା ସରପଞ୍ଚ ଯାଜ୍ଞସିନି ନାଏକ, ପୁରାତନ ଛାତ୍ର ସଂସଦ ସଭାପତି ଆଦି ପ୍ରସାଦ ମହକୁଲ। ଲୋକେଶ



ଚନ୍ଦ୍ର ବାଘଓ ଅତିଶ୍ଚୃତି ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ଦ୍ୱୀପ ପ୍ରଜ୍ୱଳନ ଗୀତ ଗାନ କରି ଥିଲେ। ବାଳକ କ୍ରୀଡା ଚାମ୍ପିଅନ କ୍ରିଷ୍ଣା ଦେହୁରୀ ଓ ବାଳିକା କ୍ରୀଡା ଚାମ୍ପିଅନ ଦୂତାମି ତିଳମି। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟ ରେ ରଞ୍ଜିତା ମାଝୀ, ଜ୍ୟୋତିର୍ମୟୀ ବିଶ୍ୱାଳ, ନିହାରିକ ସାମଲ, ଶୋଭାରାନି ବାଘ, ଦୀପକ କିସାନ, ଶୁଭାଶିଷ ବେହେରା, ଅତିଶ୍ଚୃତି ସାହୁ, ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଅଭିବାବିକା ଏସଏମଡିସି ସଭ୍ୟ ସଭ୍ୟା ଯୋଗ ଦେଇ ଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ତିରୋଧାନ ଦିବସ



**ସମ୍ବଲପୁର, ୩୦।୧(ସମିସ):** ସମ୍ବଲପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ୭୮ ତମ ତିରୋଧାନ୍ ଦିବସ ଜିଲ୍ଲା ସଭାପତି ଅମିତ୍ ଗୁରୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ହୀରାକୁଦ ନଗର ସଭାପତି ରବି ରାଉତ, କୁଚିଣ୍ଡା ବିଧାୟକ ପ୍ରାର୍ଥୀ କେଦାର ବେରିଆ, ବିଜୟଲକ୍ଷ୍ମୀ ବେହେରା, ଦୀନବନ୍ଧୁ ପରିଡ଼ା, ଚତୁର୍ଭୁଜ ଝାଙ୍କର୍, ଜିତେନ ମହାନନ୍ଦ, ସଞ୍ଜୀୟ ଛୁରିଆ, ହରି ପାଢ଼ୀ, ଓଲିଲ ଚୌଧୁରୀ, ସଦାନନ୍ଦ ବରାଳ, ସାମା ସିଂ, ତପନ୍ ବେହେରା, ସୁମିତ୍ ନାୟକ, ଶୁଭ୍ରାଂଶୁ ପଟ୍ଟନାୟକ, ନିରଞ୍ଜନ ଷଣ୍ଢ, ରାମ ରାଉତ୍, ସୋମନାଥ ବେହେରା, ଲକ୍ଷ୍ମୀ ଶତପଥୀ, ସୁବର୍ଣ୍ଣ ମେହେର, ମୈଥିଳୀ ସାହୁ, ସୁଷମା ନାଗ ପ୍ରମୁଖ ଉପସ୍ଥିତ ଥିଲେ।

# ମହାପ୍ରବନ୍ଧକଙ୍କ ଟିଟିଲାଗଡ଼-ସମ୍ବଲପୁର ରେଳ ସେକ୍ସନ ନୀରିକ୍ଷଣ

**ସମ୍ବଲପୁର, ୩୦।୧ (ସମିସ)**

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଟିଟିଲାଗଡ଼-ସମ୍ବଲପୁର ରେଳସେକ୍ସନକୁ ବିସ୍ତୃତ ଭାବେ ନୀରିକ୍ଷଣ କରିଛନ୍ତି। ଏହି ନୀରିକ୍ଷଣ ସମୟରେ ରେଳସେକ୍ସନର ବିଭିନ୍ନ ଷ୍ଟେସନରେ ନିରାପତ୍ତା ବ୍ୟବସ୍ଥା, ଟ୍ରାଫିକ୍ ସୁବିଧା, ଯାତ୍ରୀଙ୍କ ସୁବିଧା ଏବଂ ଚାଲୁରହିଥିବା ଭିତ୍ତିଭୂମି କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ଶ୍ରୀ ଫୁଙ୍କୱାଲ ଟିଟିଲାଗଡ଼, ବଡ଼ମାଲ, ବଲାଙ୍ଗୀର, ବରପାଲି, ହୀରାକୁଦ ଏବଂ ସମ୍ବଲପୁର ସମେତ ବିଭିନ୍ନ ଷ୍ଟେସନରେ ଟ୍ରାଫିକ ସୁବିଧା କାର୍ଯ୍ୟ, ଯାତ୍ରୀଙ୍କ ସୁବିଧା ତଥା ଭିତ୍ତିଭୂମି ବିକାଶ ପ୍ରକଳ୍ପର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମହାପ୍ରବନ୍ଧକ ମଧ୍ୟ ନିରାପଦ ଏବଂ ସୁଗମ ଟ୍ରେନ୍ ଚଳାଚଳ କାର୍ଯ୍ୟ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରି ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ଉପରେ ମଧ୍ୟ ଶ୍ରୀ ଫୁଙ୍କୱାଲ ସମୀକ୍ଷା କରିଛନ୍ତି। ଏଥିମଧ୍ୟରେ ପାର୍କିଂ କ୍ଷେତ୍ରରେ ଉନ୍ନତି, ସର୍କୁଲାର ବା ଚଳପ୍ରଚଳ କ୍ଷେତ୍ର ଏବଂ ଷ୍ଟେସନରେ ଲ୍ୟାଣ୍ଡସ୍କେପ୍ ଅନ୍ତର୍ଭୁକ୍ତ। ମହାପ୍ରବନ୍ଧକ ମଧ୍ୟ



ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକର ଠିକ୍ ସମୟରେ ସମାପ୍ତ ହେବା ଉପରେ ଗୁରୁତ୍ୱାରୋପ କରି ଯାତ୍ରୀମାନଙ୍କ ପାଇଁ ସାମଗ୍ରିକ ସେବା ଗୁଣରେ ଉନ୍ନତି ଆଣିବାରେ ସେମାନଙ୍କର ମହତ୍ୱକୁ ଦର୍ଶାଇଛନ୍ତି। ଏହି ସମୟରେ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ କୁଷ୍ଠ ନିରାକରଣ ଦିବସ




**ସମ୍ବଲପୁର, ୩୦।୧ (ସମିସ):** ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ଦ୍ୱାରିକା ପ୍ରସାଦ ଅଗ୍ରୱାଲ ହାୟର ସେକେଣ୍ଡାରୀ ସ୍କୁଲ, ମୁରାଠାରେ ଜିଲ୍ଲାସ୍ତରୀୟ କୁଷ୍ଠ ନିରାକରଣ ଦିବସ ପାଳନ ସହ ସ୍ୱର୍ଶ କୁଷ୍ଠ ସଚେତନତା ପକ୍ଷ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଅଧିକାରୀ ଡା. ସୁଚିତ୍ରା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା କୁଷ୍ଠ ଅଧିକାରୀ ଡ. ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ଠେମରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିପିଏଚ୍‌ଓ ଡ. ରାଜେଶ କୁମାର ବାବୁ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ନାରାୟଣ ପ୍ରଧାନ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ମୃତ୍ୟୁଞ୍ଜୟ ମୁଣ୍ଡ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୁଷ୍ଠ ନିରାକରଣ ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଏହି ଅବସରରେ କୁଷ୍ଠରୋଗକୁ ନେଇ ଏକ ପ୍ରବନ୍ଧ ଓ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶେଷରେ ସ୍ୱର୍ଶ କୁଷ୍ଠ ସଚେତନତା ପାଇଁ ଶପଥ ପାଠ କରାଯାଇଥିଲା। ସକାଳେ ଛାତ୍ରଛାତ୍ରୀ ସଚେତନତାମୂଳକ ପ୍ଲାକାର୍ଡ ଧରି ନଗର ପରିକ୍ରମା କରିଥିଲେ।

## ବେଆଇନ ଆସ୍ ଡମ୍ପିଂରେ କମ୍ପାନୀକୁ ୯୧ ଲକ୍ଷ ଜରିମାନା

ସମ୍ବଲପୁର, ୩୦।୧(ସମିସ)

ଆସ କବଳରେ ସମ୍ବଲପୁର ସହର। ମନ ଇଛା ଆସ୍‌ରେ ଜିଲ୍ଲାକୁ ପୋତି ଦିଆଯାଉଛି। ହୀରାକୁଦରେ ବେଆଇନ ଭାବେ ଆସ୍ ଡମ୍ପିଂ କରୁଥିବା ଅଭିଯୋଗରେ ଏକ କମ୍ପାନୀକୁ ୯୧ ଲକ୍ଷ ଟଙ୍କା ଫାଇନ ହୋଇଛି। ସୂଚନା ଅନୁସାରେ ହୀରାକୁଦ ସହରର ସରକାରୀ, ଜଙ୍ଗଲ ଜମିକୁ

**ମଧୁଚନ୍ଦ୍ରିକାରେ ହୀରାକୁଦରେ ପଡୁଛି ପାଉଁଶ**



ପାଉଁଶ ପରିବହନ ମାଫିଆମାନେ କବ୍‌ଜା କରି ରଖିଛନ୍ତି। ସମ୍ବଲପୁର, ଝାରସୁଗୁଡ଼ା, ରେଙ୍ଗାଲି ଅଞ୍ଚଳରୁ ହାରୁଥିବା ବିଷାକ୍ତ ପାଉଁଶକୁ ହୀରାକୁଦ ମହାନଦୀ କୂଳରେ ପୋତି ଚାଲିଛନ୍ତି। ପରିବହନ ମାଫିଆଙ୍କ ମଧୁଚନ୍ଦ୍ରିକା ଯୋଗୁଁ ନିମପାଲିରେ ପାଉଁଶ ପକାଇବା ଜାରି ରହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଗାତ କରି ମାଟି ବିକୁଛନ୍ତି। ପରେ ସେହି ସ୍ଥାନକୁ ପୂରଣ ପାଇଁ ରାତି ଅଧିଆ ପାଉଁଶରେ ପୋତି ଦେଉଛନ୍ତି। ହୀରାକୁଦ ଅଞ୍ଚଳର କିଛି ମାଫିଆ ଏହି ଆସ ପରିବହନ ସଂସ୍ଥା ସହ ମଧୁଚନ୍ଦ୍ରିକା କରି ଏଣେ ତେଣେ ପୋତି ଚାଲିଛନ୍ତି। ହୀରାକୁଦ ଲକ୍ଷ୍ମୀ ଡୁଙ୍ଗୁରୀ ପାହାଡଠାରୁକରି ନିମପାଲି ପର୍ଯ୍ୟନ୍ତ ପାଉଁଶ ପକାଯାଉଛି। ଗାଡ଼ି ଚେକିଂ, ପାଟ୍ରୋଲିଂ ପାଇଁ ଆଞ୍ଚଳିକ ପ୍ରଦୂଷଣ ବିଭାଗ ପକ୍ଷରୁ ହୀରାକୁଦ ପୁଲିସକୁ ଅନୁରୋଧ କରାଯାଇଛି। ପୁଲିସ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହେଉଛି। ପ୍ରତେକ ଦିନ ସକାଳ ହେଲେ ହୀରାକୁଦ ରେମେଡ ରାସ୍ତାକଡ଼ରେ ଅନେକ ଭାରୀଯାନରେ ବିଷାକ୍ତ ପାଉଁଶ ଗାଡି ରଖାଯାଉଛି। ରାତି ହେଲେ ଏହାକୁ ସ୍ଥାନ ବାଛି ପାକାଇ ଦିଆଯାଉଛି। ଗତ କିଛି ଦିନ ବ୍ୟବଧାନରେ ହୀରାକୁଦ ନିମପାଲି ଅଞ୍ଚଳରେ ବେଆଇନ ଆସ ଡମ୍ପିଂ କରାଯାଉଛି। ସରକାରୀ ଜାଗାରେ ପ୍ରାୟ ୯୧୦୬ ମେଟ୍ରିକ୍ ଟନ ଆସ୍ ଡମ୍ପିଂ ହୋଇଛି। ଏଥିପାଇଁ କମ୍ପାନୀକୁ ଆଞ୍ଚଳିକ ରାଜ୍ୟ ପ୍ରଦୂଷଣ ବୋର୍ଡ ସମ୍ବଲପୁର ଏଥି ପାଇଁ ଉକ୍ତ କମ୍ପାନୀଙ୍କୁ ଦଣ୍ଡିତ କରିଛନ୍ତି। କମ୍ପାନୀକୁ ୯୧ ଲକ୍ଷ ୬ ହଜାର ଟଙ୍କା ଜରିମାନା କରାଯାଇଛି। ଜିଲ୍ଲା ସମେତ ଅନ୍ୟ ଜିଲ୍ଲାରେ ପ୍ରତିଦିନ ରାତିରେ ଏପରି ବେଆଇନ ଆସ୍ ଡମ୍ପିଂ ହେଉଛି। କିନ୍ତୁ ସ୍ଥାନୀୟ ପୁଲିସ ପ୍ରଶାସନ ଓ ପରିବହନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ବିଭିନ୍ନ ସ୍ଥାନରେ କୁଷ୍ଠ ନିବାରଣ ଦିବସ

**ରେଢ଼ାଖୋଲ, ୩୦।୧ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ବିଭିନ୍ନ ସ୍ଥାନରେ ସ୍ୱର୍ଶ କୁଷ୍ଠ ସଚେତନତା ଅଭିଯାନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୩୦ ଠାରୁ ଫେବୃଆରୀ ମାସ ୧୩ ତାରିଖ ପର୍ଯ୍ୟନ୍ତ କୁଷ୍ଠ ନିବାରଣ ଦିବସ ପାଳନ କରାଯାଉଛି। ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ଆଶା କର୍ମୀମାନେ ଶୋଭାଯାତ୍ରାରେ ବାହାରି ସ୍ୱର୍ଶ କୁଷ୍ଠ ସଚେତନତା ଉପରେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଏବଂ ରାଣୀ ଅନ୍ନପୂର୍ଣ୍ଣା ସରକାରୀ ବାଳିକା ବିଦ୍ୟାଳୟ, ସମନ୍ୱୟ ଶିଶୁ କଲ୍ୟାଣ ବିଭାଗ କାର୍ଯ୍ୟାଳୟରେ ମଧ୍ୟ ଅଙ୍ଗନବାଡ଼ି କର୍ମୀମାନେ ସ୍ୱର୍ଶ କୁଷ୍ଠ ସଚେତନତା ପାଇଁ ସଚେତନତା ସହ ଶପଥ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଉପଖଣ୍ଡ ଚିକିତ୍ସାଳୟ ଅଧକ୍ଷ ବ୍ୟାସଦେବ ହୋତା, ସମ୍ମାନିତ ଅତିଥି ଭାବେ ଆଦିତ୍ୟ ସୂପକାର, ରାଣୀ ଅନ୍ନପୂର୍ଣ୍ଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପଦ୍ମଶ୍ରୀ ଦାଶ, ଶିକ୍ଷକ ବିଜୟ ପ୍ରଧାନ ଯୋଗଦେଇ କୁଷ୍ଠ ସଚେତନତା ଉପରେ ହୋଇଥିବା ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ଅମିୟ ରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ।

### ଭୀମଭୋଇ ଲୋକ ମହୋତ୍ସବ ଦ୍ୱିତୀୟ ଦିବସ

## ପାରମ୍ପରିକ ନୃତ୍ୟ ଗୀତରେ ସହର ପ୍ରକମ୍ପିତ

**ରେଢ଼ାଖୋଲ, ୩୦।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ଭୀମଭୋଇ କଳା ମଣ୍ଡପରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଭୀମଭୋଇ




### ଶବ୍ଦ ଭିତରୁ ବ୍ରହ୍ମ ଭୀମଭୋଇଙ୍କ ସାହିତ୍ୟ



ଲୋକ ମହୋତ୍ସବ ଶନିବାର ଦିନ ଦ୍ୱିତୀୟ ଦିବସରେ ପହଞ୍ଚିଛି। ପାରମ୍ପରିକ ନୃତ୍ୟ ଗୀତରେ ସାରା ସହର ପ୍ରକମ୍ପିତ ହୋଇ ଉଠୁଛି। ଏହା ସହିତ ପଲ୍ଲୀଶ୍ରୀ ମେଳା, କୃଷି ଓ ଯନ୍ତ୍ରପାତି ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ଖାଦ୍ୟ ମେଳା, ବିଭିନ୍ନ ସଙ୍ଘ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଖାଦ୍ୟ, ସମ୍ବଲପୁରୀ ବସ୍ତ୍ର, ଟେରାକୋଟା ଇତ୍ୟାଦି ସାଜିଛି ଜନସାଧାରଣଙ୍କ ପାଇଁ ଭିନ୍ନ ଏକ ଆକର୍ଷଣ ସାଜିଛି। ଦ୍ୱିତୀୟ ଦିବସରେ ସ୍କୁଲ, କଲେଜ ଏବଂ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟ ଗୀତ ସମସ୍ତଙ୍କ ମନ ମୋହିଥିଲା। ଏହି ମହୋତ୍ସବରେ ସନ୍ଧ୍ୟା ସମୟରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ରେଢ଼ାଖୋଲର ଐତିହ୍ୟକୁ ଲୋକଲୋଚନକୁ ଆଣିବା ପାଇଁ ଜିଲ୍ଲା ପ୍ରଶାସନର ସହଯୋଗ ସର୍ବଦା ରହିଛି ବୋଲି କହିଥିଲେ। ଭୀମଭୋଇ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ.ମନୋରଞ୍ଜନ ମହନ୍ତ ଭୀମଭୋଇଙ୍କୁ ରେଢ଼ାଖୋଲର ଆଢ଼ାର ଇଙ୍ଗିତ ବୋଲି ବର୍ଣନା କରିବା ସହ ଭୀମଭୋଇଙ୍କ ସାହିତ୍ୟ 'ଶବ୍ଦ ଭିତରେ ବ୍ରହ୍ମ' ବୋଲି କହିଥିଲେ। ସେହିପରି ଅନ୍ୟତମ ଅତିଥି ପ୍ରତ୍ନତାତ୍ତ୍ୱିକ ଗବେଷକ ଦିବିଶଦ ଗଡ଼ନାୟକ ଏଠାକାର ସଭ୍ୟତା ୧୫ ହଜାର ବର୍ଷର ପୁରୁଣା ବୋଲି କହିଥିଲେ। ଏ ଅଞ୍ଚଳରେ ରହିଥିବା ୧୦୦ରୁ ଅଧିକ ଗୁମ୍ଫା ଏବଂ ପ୍ରସ୍ତରରେ ଅଙ୍କିତ ଚିତ୍ରରୁ ଏହାର ସ୍ପଷ୍ଟ ପ୍ରମାଣ ମିଳେ ବୋଲି କହିବା ସହ ଏହା ପୂର୍ବ ଭାରତର ଏକ ଐତିହାସିକ ସ୍ଥଳ ଏବଂ ଏହାର ସୁରକ୍ଷା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ଆଲୋକପାତ କରିଥିଲେ। ଏଥିରେ ଉପଜିଲ୍ଲାପାଳ ତଥା ଲୋକ ମହୋତ୍ସବ ସମିତିର ଅଧକ୍ଷ ରଶ୍ମୀ ରଞ୍ଜନ ମହନ୍ତ, ପଞ୍ଚାୟତ ସମିତିର ଅଧକ୍ଷ ପ୍ରଦୀପ ପ୍ରଧାନ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ଶିବରାମ ସାହୁ ମଞ୍ଚାସିନ ରହିଥିଲେ। ଏହା ପରେ ଅନୁଷ୍ଠିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଭୀମଭୋଇ ମହାବିଦ୍ୟାଳୟ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଗିରିଶ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ପିଏମ୍ ଶ୍ରୀ ଖଦାଢ଼ିପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୃତ୍ୟ ଦଳ, ଆଦର୍ଶ ବିଦ୍ୟାଳୟ, ପେଣ୍ଟବାହାଲ, ମଣ୍ଟୁ ଦୁବେ ଦଳ, ମାହେଶ୍ୱରୀ ସାଂସ୍କୃତିକ ଅନୁଷ୍ଠାନ, ସରାପାଲି ଉଚ୍ଚ ବିଦ୍ୟାଳୟ, ବଡମାଲ ଜୁନିୟର ନୃତ୍ୟ ଦଳ, ନାକଟିଦେଉଳ ଡିଗ୍ରୀ କଲେଜ, ନାକଟିଦେଉଳ ଦଣ୍ଡ ନୃତ୍ୟ ଦଳ, ଅର୍ଜୁନ ଡିଗ୍ରୀ କଲେଜ, କଦଳିଗଡ଼ ଏବଂ ସୁର ଘୁଙ୍ଗୁର କଳା ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ନାକଟିଦେଉଳ ଓ ରେଢ଼ାଖୋଲର ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ ଏବଂ ଜିଲ୍ଲା ପରିଷଦଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଆଜି ଅଂଶ ଗ୍ରହଣ କରିଥିବା ସମସ୍ତ ସାଂସ୍କୃତିକ ଦଳକୁ ଲୋକ ମହୋତ୍ସବ ସମିତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବ୍ରାଉନସୁଗର ଜବତ, ୨ ଗିରଫ



**ସମ୍ବଲପୁର, ୩୦।୧ (ସମିସ):** କାଇଁଶୀର ରୋଡ ଲମ୍‌ଡୁମ୍ରୀ ନିକଟରେ ଚଢ଼ଉ କରି ଅଇଁଠାପାଲି ପୁଲିସ ୨ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧୦ଗ୍ରାମ ବ୍ରାଉନସୁଗର ଜବତ କରିଛି। ସେମାନେ ହେଲେ ସମ୍ବଲପୁର ସଦର ଥାନା ଅନ୍ତର୍ଗ ବୈରାଗୀପାଲିର ସୌରଭ ଗୁରୁ (୨୪) ଓ ବଲାଙ୍ଗିର ଜିଲ୍ଲା ଲୁଇସିଂଘା ଥାନା ଝାଙ୍କରପାଲିନିବାସୀ ବର୍ତ୍ତମାନ ରେଙ୍ଗାଲି ଥାନା ଗଣେଶ ନଗର ଅଞ୍ଚଳରେ ରହୁଥିବା ପ୍ରୀତମ ନନ୍ଦ(୧୯)। ସେମାନଙ୍କଠାରୁ ପୁଲିସ ବ୍ରାଉନସୁଗର ସହ ସ୍କୁଟି ଗାଡ଼ି, ୨ଟି ମୋବାଇଲ ଓ ୪୦୦ ଟଙ୍କା ଜବତ କରିଛି। ଅଇଁଠାପାଲି ଥାନାରେ କେସ ନଂ. ୨୮/୨୯-୨୬ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଚଳିତ ମାସ ବ୍ରାଉନସୁଗର ଧରା ପଡ଼ିବାର ଏହା ଦ୍ୱିତୀୟ ମାମଲା। ଗତ ୧୫ ତାରିଖ ଟାଉନ ଥାନା ଅନ୍ତର୍ଗତ ତଅଁଳାପଡ଼ାରେ ଚଢ଼ଉ କରି ଗୁରୁଦ୍ୱାର ଆମ୍ବେଦକର ନଗରର ସନୁ ଦୀପ (୨୬)ଠାରୁ ପୁଲିସ ୧୪.୪୭ ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

### ଟିକିଲିପଡ଼ା ଆଶ୍ରମ ସ୍କୁଲ




**ଜମନକିରା, ୩୦।୧ (ସମିସ):** ଜମନକିରା ବ୍ଲକ ଟିକିଲିପଡ଼ା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଟିକିଲିପଡ଼ା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନନ୍ତରାମ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଐଶ୍ୱର୍ଯ୍ୟ ନାୟକ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପଠନ କରିଥିଲେ। ମୁଖ୍ୟବକ୍ତା ଭାବରେ ସମାଜସେବୀ ସରୋଜ ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଏକଲବ୍ୟ କାହାଣୀ ଉପରେ ଉଦାହରଣ ଦେଇ ଆଦିବାସୀ ଚେତନା ଜାଗ୍ରତ ହେବା ଦରକାର ବୋଲି ଅନେକ ଶିକ୍ଷା ସମନ୍ଧିୟ ଉପଦେଶ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପୂର୍ବତନ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଭୁବନେଶ୍ୱର ଦ୍ୱିବେଦୀ, ସମାଜସେବୀ ଧନେଶ୍ୱର ପ୍ରଧାନ, ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ବେହେରା, ଟିକିଲି ପଡ଼ା କ୍ଲଷ୍ଟର ସିଆରସିସି ସନ୍ତୋଷିନୀ ପଟେଲ, ସ୍କୁଲ ପରିଚାଳନା କମିଟି ସଭାପତି ପଦ୍ମିନୀ ପଧାନ ଯୋଗ ଦେଇ ଥିଲେ। ସମାଜସେବୀ ଲକ୍ଷ୍ମୀଧର ବିନ୍ଧାଣୀ ସଭା ପରିଚାଳନା କରିଥିଲେ। ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କ ଅନୁକୂଲ୍ୟରେ ୧୯୫୫ ମସିହାରେ ଟିକିଲିପଡ଼ା ଆଶ୍ରମ ବିଦ୍ୟା ଳୟ ସେବାଶ୍ରମ ରୂପରେ ଜନ୍ମ ନିଏ। ସ୍ଥାନୀୟ ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ପାତ୍ୟ ପ୍ରବୃତ୍ତ ଭାବରେ ଦାନ କରାଯାଇଥିବା ଜମିର ପରିମାଣ ୮୩ ଡିସିମିଲ। ଯାହାକି ଆଜି ପର୍ଯ୍ୟନ୍ତ ପଟ୍ଟା ମିଳିପାରି ନାହିଁ।୧୪୬ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟ ରେ ପାଠ ପଢୁଥିବା ବେଳେ ମାତ୍ର ୩ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଅଛନ୍ତି। ବିଦ୍ୟାଳୟରେ ଚାମ୍ପିଅନ ହୋଇଥିଲେ ପଞ୍ଚମ ଶ୍ରେଣୀ ଛାତ୍ରପିଙ୍କୁ ଭୋଇ, ଉତ୍ତମ ଛାତ୍ର ପଞ୍ଚମ ଶ୍ରେଣୀ ସଞ୍ଜିବ ଏକ୍କା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସହକାରୀ ଶିକ୍ଷୟତ୍ରୀ ଖତ ଦେଇ। ସହଯୋଗ କରିଥିଲେ ସହକାରୀ ଶିକ୍ଷକ ଅରୁଣ କୁମାର ସାହୁ। ଅନ୍ୟମାନଙ୍କ ମଧ୍ୟରେ ସାବିତ୍ରୀ ନାଏକ, ବସନ୍ତ। ସେଠ, ଦୁର୍ଯ୍ୟୋଧନ ବାଗ, ପ୍ରଶାନ୍ତ କୁମାର କିସାନ, ଗଜାନନ ଦର୍କା। ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଜାମୁମାଳ ଆଶ୍ରମ ବିଦ୍ୟାଳୟ



**ଜମନକିରା, ୩୦।୧ (ସମିସ):** ଜମନକିରା ବ୍ଲକ ବଡ଼ମାଲ ପଞ୍ଚାୟତ ଜାମୁମାଳ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁ ଚରଣ ଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଐଶ୍ୱର୍ଯ୍ୟ ନାୟକ ଯୋଗଦାନ କରି ଥିଲେ। ମୁଖ୍ୟବକ୍ତା ଭାବରେ ଜରାବଗା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଙ୍କଜ କୁମାର ବେହେରା, ସମ୍ମାନିତ ଅତିଥି ଭାବରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ସଂଘ ସମ୍ବଲପୁର ଜିଲ୍ଲାର ସଭାପତି ଡ଼.ବୀରେନ୍ଦ୍ର କୁମାର ପଟେଲ, ଟାଙ୍ଗରାଣୀ ହାଇସ୍କୁଲ ପ୍ରଧାନଶିକ୍ଷକ ବୀରେନ୍ଦ୍ର କୁମାର ସାହୁ, ସରେଇ କ୍ଲଷ୍ଟର ସିଆରସି ରମଣୀ ରଞ୍ଜନ କିସାନ ମଞ୍ଚା ସିନ ଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁନନ୍ଦା ପଟେଲ ବାର୍ଷିକ ବିବରଣୀ ପଠନ କରିଥିଲେ। ଅତିଥିଙ୍କ ଦ୍ୱାରା ବାର୍ଷିକ କ୍ରିଡ଼ାରେ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସବ୍ ଜୁନିଅର ଚାମ୍ପିଅନ ହୋଇ ଥିଲେ ଶୃତି ମୁଣ୍ଡା, ଜୁନିୟର ଶ୍ରୁତି ଧୀବର, ସିନିୟର୍ ଜୋସ୍ୟା ମୁଣ୍ଡା, ସହ ସୁଶାନ୍ତ ମୁଣ୍ଡା, ଶ୍ରେଷ୍ଠ ଛାତ୍ର କୌଶଲ୍ୟା ଧରୂଆ। ଏହା ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ସହକାରୀ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ନାଏକ ମଞ୍ଚ ପରିଚାଳନା କରିଥିଲେ।ଶିକ୍ଷକ ସରୋଜ କୁମାର ପଟେଲ, ସୁନିଲ କୁମାର ନାଗ, ତପସ୍ୱିନି ମାଝୀ, ମହେଶ୍ୱର କାଲୋ, ଭବାନୀ ଶଙ୍କର ନାଏକ, ରୋହିତ କୁମାର, ନାୟକ, କୌଲାସିନୀ କାଲୋ, ରଇବାରୀ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ସମ୍ବଲପୁର ପୁସ୍ତକମେଳାରେ ଲେଖକଙ୍କ ସହ ସାକ୍ଷାତକାର

## 'ନିରବତାର ନିରୀହପଣ ବିନା ସାହିତ୍ୟ ସଫଳ ନୁହେଁ'







ସମ୍ବଲପୁର, ୩୦।୧ (ସମିସ)

ପାଦ ଥିଲେ ଚାଲି ହୁଏ, ହାତ ଥିଲେ ଲେଖି ହୁଏନାହିଁ। ସାମାଜିକ ବ୍ୟବସ୍ଥା ଉପରେ ଲେଖିବା ପାଇଁ ମାଧ୍ୟମ ସାହିତ୍ୟ। ସାହିତ୍ୟ ହେଉଛି ଏକ ସମାନ୍ତରାଳ ଇତିହାସ। ମଣିଷ ଯାହା ପାଏନାହିଁ ତାକୁ ଝୁରେ। ଆମ ଭିଟାମାଟି ଆଉ ସେଭଳି ରହିନାହିଁ। ଯୁଗର ପରିବର୍ତ୍ତନ ହେଉଛି। ସାମାଜିକ ସମ୍ବେଦନଶୀଳତା ଲେଖକର ଲେଖନୀରେ ପ୍ରକାଶ ପାଏ। ସାମ୍ପ୍ରତିକ ଘଟଣାବଳୀକୁ ନେଇ ଲେଖକ ଗଳ୍ପ, କବିତା ସୃଷ୍ଟି କରେ। ଯୁଦ୍ଧରେ ହାରିବା ବଡ଼ କଥାନୁହେଁ, ଯୁଦ୍ଧ ଜାରି ରହିବା କଥା। ପ୍ରକୃତି ହେଉଛି ଆମ ସମସ୍ତଙ୍କ ଶିକ୍ଷକ ଏବଂ ଶ୍ରେଷ୍ଠ ପ୍ରେରଣା। ସତ୍ୟ, ତଥ୍ୟ ଓ ତତ୍ତ୍ୱ, ତିନୋଟି ଭିନ୍ନ ଭିନ୍ନ କଥା। ମଣିଷର ସବୁଠାରୁ ବଡ଼ ଆବିଷ୍କାର ଶବ୍ଦ। ନିରବତାର ନିରୀହପଣ ବିନା ସାହିତ୍ୟ ସଫଳ ନୁହେଁ ବୋଲି ବିଶିଷ୍ଟ ଗାଳ୍ପିକ ଗୌରହରି ଦାସ କହିଛନ୍ତି। ସମ୍ବଲପୁର ପୁସ୍ତକମେଳାର ସପ୍ତମ ଦିବସରେ 'ସେତୁ' ପ୍ରାୟୋଜିତ ସାରସ୍ୱତ କାର୍ଯ୍ୟକ୍ରମରେ ଆଜି ଥିଲା 'ଲେଖକଙ୍କୁ ସାକ୍ଷାତକାର'। ଗାଳ୍ପିକ ଶ୍ରୀ ଦାସଙ୍କ ସହ ସାକ୍ଷାତକାର କରିଥିଲେ କବି ଦୁର୍ଗା ପ୍ରସାଦ ପଣ୍ଡା। 'ସେତୁ'ର ପୂର୍ବତନ ସଭାପତି ଡାକ୍ତର ରାମାବଲ୍ଲଭ ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ 'ସେତୁ' ସମ୍ପାଦକ ହରିନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ସାହିତ୍ୟିକ ସରୋଜ କୁମାର ମିଶ୍ରଙ୍କ ରଚିତ ପୁସ୍ତକ 'ତ୍ରିଭୁଜର ତିନୋଟି ବାହୁ' ଓ 'ସେଦିନରୁ ସ୍ୱିଡେନ ଯାଏ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା।




ସୃଜନଶୀଳତା, କଳ୍ପନା, ଐତିହ୍ୟ ଏବଂ କଳାର ସମାଗମ ଘଟିଛି ପିଏଚ୍‌ଡି ପଡ଼ିଆର ଶିଶୁ-ମଣ୍ଡପରେ। ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ (ଏନ୍‌ବିଟି)ର ଜାତୀୟ ଶିଶୁସାହିତ୍ୟ କେନ୍ଦ୍ର (ଏନ୍‌ସିସିଏଲ୍) ତରଫରୁ ପ୍ରତିଦିନ ବିଭିନ୍ନ କାର୍ଯ୍ୟକ୍ରମ ପିଲାମାନଙ୍କୁ ପ୍ରତ୍ୟେକ ପଦକ୍ଷେପରେ କିଛି ନୂତନ, ଅଭିନବ ଏବଂ ଆକର୍ଷଣୀୟ ଅନୁଭବ ପ୍ରଦାନ କରୁଛି। ଆଜି ୧୦ଟି ବିଦ୍ୟାଳୟରୁ ପ୍ରାୟ ୧୫୦୦ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କଥାକାର ଅମୃତ କୁମାର ପଣ୍ଡାଙ୍କ ନେତୃତ୍ୱରେ 'ରଙ୍ଗ-ବିରଙ୍ଗୀ, 'କାହାଣୀଓଁ କି ଦୁନିଆ' ସହିତ ସକାଳର ପ୍ରଥମ କାର୍ଯ୍ୟକ୍ରମ ପିଲାମାନଙ୍କୁ ଏକ ଜୀବନ୍ତ ଏବଂ ରଙ୍ଗିନ ଦୁନିଆକୁ ନେଇଯାଇଥିଲା। ପିଲାମାନେ ଆଗ୍ରହର ସହିତ ଅଂଶଗ୍ରହଣ କରିଥିଲେ। କାହାଣୀର ଗତି ଓ ଛନ୍ଦରେ ନିମଜ୍ଜିତ ହୋଇ ଏହାକୁ ଉପଭୋଗ କରିଥିଲେ। ପରବର୍ତ୍ତୀ ଅଧିବେଶନ ଥିଲା ଶ୍ରୀ ସତ୍ୟ ନାରାୟଣ ମେହେରଙ୍କ ଦ୍ୱାରା ପରିଚାଳିତ 'ଇକ୍କତ କଳା କର୍ମଶାଳା'। ପାରମ୍ପରିକ ଟାଇ-ଡାଇ କଳା ଫର୍ମ ସହିତ ପରିଚିତ ହେବାସହ ଛାତ୍ରଛାତ୍ରୀ କପଡ଼ାରେ ଅନନ୍ୟ ନମୁନା ସୃଷ୍ଟି କରିଥିଲେ। ଆଜିର ଶେଷ ଅଧିବେଶନ ଥିଲା 'ପୁସ୍ତକ କଭର ଡିଜାଇନ୍' କର୍ମଶାଳା। ଚିତ୍ରଶିଳ୍ପୀ ଆର୍ଯ୍ୟନ ଶର୍ମା ଛାତ୍ରଛାତ୍ରୀମାନଙ୍କୁ ମଧୁବନୀ କଳା ସହିତ ପରିଚିତ କରାଇଥିଲେ। ସେ ରୁଚିପୂର୍ଣ୍ଣ ଏବଂ ସାଂସ୍କୃତିକ ଭାବରେ ସମୃଦ୍ଧ ପୁସ୍ତକ କଭର ଡିଜାଇନ୍ ପ୍ରସ୍ତୁତ କରିବାରେ ମାର୍ଗଦର୍ଶନ କରିଥିଲେ। ଶିଶୁ-ମଣ୍ଡପରେ ପ୍ରତିଦିନ ପିଲାମାନଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାୟିକା ଦୀପ୍ତିରେଖା ପାଢ଼ୀ ସମସ୍ତ ଦର୍ଶକଙ୍କ ମନ ମୋହି ନେଇଥିଲେ। ବିଭିନ୍ନ ବୟସ ବର୍ଗର ହଜାର ହଜାର ଦର୍ଶକ ତାଙ୍କ ଲୋକପ୍ରିୟ ଗୀତସବୁକୁ ଉପଭୋଗ କରିଥିଲେ।

ବିଭିନ୍ନ ସ୍କୁଲରେ ବାର୍ଷିକ ଉତ୍ସବ ପାଳିତ

# ଶିଶୁଙ୍କ ପ୍ରଗତି ପାଇଁ ଗୁରୁଜନଙ୍କ ଆଶୀର୍ବାଦ ଆବଶ୍ୟକ









**ବିଜେପୁର, ୩୦ । ୧(ସମିସ)**

ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଲେମଧର ସେବାଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି । ପ୍ରଧାନସେବକ ରମାକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ପ୍ରାକ୍ତନ ପ୍ରଧାନ ସେବକ ନବକିଶୋର ସାହୁ ମୁଖ୍ୟ ଅତିଥି, ଜାଗିଂ ସିଆରସିସି ରାଜେଶ୍ୱର ବେହେରା, ଜାଗିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାଦ୍ରବ ପାଣ୍ଡେ, ସ୍କୁଲ ଚେୟାରମ୍ୟାନ ବୀଣା ମଲ୍ଲିକ, ସରସ୍ୱତୀ ଭୋସାଗର, ତିଳୋତ୍ତମା ବରିହା, ମନୋଜ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଶିଶୁଙ୍କ ପ୍ରଗତି ପାଇଁ ଗୁରୁଜନଙ୍କ ପ୍ରେରଣା ତଥା ଆଶୀର୍ବାଦ ଏକାନ୍ତ ଆବଶ୍ୟକ । ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମିତ୍ତ ମାତାପିତା ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ । ଏହି ଅବସରରେ ସେବାଶ୍ରମର ଛାତ୍ରୀ ସରିତା ନାଏକ ନିମ୍ନ ପ୍ରାଥମିକ ବୃତ୍ତି ପରୀକ୍ଷାରେ ବ୍ଲକ ଟପ୍ପର ହୋଇଥିବାବେଳେ ପ୍ରାଥମିକ ବୃତ୍ତି ପରୀକ୍ଷାରେ ଛାତ୍ରୀ ପରିଧି ନାଏକ ବ୍ଲକସ୍ତରରେ ତୃତୀୟ ହୋଇଥିବାରୁ ଉଭୟଙ୍କୁ ସ୍ୱତନ୍ତ୍ର ଭାବେ ତାଙ୍କର ଅଭିଭାବକଙ୍କ ଗହଣରେ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସହକାରୀ ଶିକ୍ଷୟିତ୍ରୀ ଟିକେଶ୍ୱରୀ ସେଠ ସଭାକୁ ସଂଯୋଜନା କରିଥିଲେ । ସହକାରୀ ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ଝାରବନ୍ଧ :** ଝାରବନ୍ଧସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଝାରବନ୍ଧ କ୍ଲଷ୍ଟର ସିଆରସିସି ଗୋପାଳଚନ୍ଦ୍ର ହରିଜନ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ସହିତ ନୀତି, ଶିଷ୍ଟାଚାର ଓ ସଂସ୍କାର ଅଭିବୃଦ୍ଧିରେ ଗୁରୁତ୍ୱ ଦେବାକୁ ପ୍ରେରଣା ଦେଇଥିଲେ । ସେ ବିଦ୍ୟାଳୟର ଶିକ୍ଷା ପରିବେଶ ଓ ଛାତ୍ରଛାତ୍ରୀମାନଙ୍କ ପ୍ରତିଭାକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ହୃଷିକେଶ ପୋଡ଼ ସଭାପତିତ୍ୱ କରିଥିଲେ । ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶଶୀଧର ବାଗ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ହେମାଦ୍ରୀ ବରିହା, ନାଏବ ସରପଞ୍ଚ ବୀଣା ପ୍ରଧାନ, ୱାର୍ଡସଭ୍ୟ ନୀଳ ବାଗ, ସମାଜସେବୀ ପରମାନନ୍ଦ ସେଠ, ମାନସରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ଦିବ୍ୟକିଶୋର ପାଣ୍ଡେ ମଞ୍ଚ ପରିଚାଳନା କରିଥିଲେ । ବିଭିନ୍ନ କ୍ଷେତ୍ରରେ କୁଶଳ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

**ଗାଇସିଲେଟ :** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅଧୀନ ଶାନ୍ତି ମୈତ୍ରୀ ଉଚ୍ଚ ବିଦ୍ୟାପୀଠ ପଲ୍ଲୀବିକାଶ ଭାଙ୍ଗମୁଣ୍ଡା ବେହେରମୁଣ୍ଡା ଛକଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ରୁକ୍ମଣି ଦିଶ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି



ଭାବେ ପ୍ରଣୟ କୁମାର ସାହୁ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ସମିତି ସଭ୍ୟ ଦେବେନ୍ଦ୍ର କୁମାର ଯୋଷୀ, ସରପଞ୍ଚ ସବିତା ପରିଡ଼ା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚତୁର୍ଭୁଜ ବାରିକ, ପୂର୍ବତନ ସମିତି ସଭ୍ୟ ରବୀନ୍ଦ୍ର ଠାକୁର, ପୂର୍ବତନ ସରପଞ୍ଚ ସକଳ ପାତ୍ର, ପରିଚାଳନା କମିଟି ସଭାପତି ଗୁଣନିଧି ଷାଣ୍ଡ ମଞ୍ଚାସୀନ ଥିଲେ । ଏଥିରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଭୂମିଦାତା ପ୍ରେମାନନ୍ଦ ସରାଫ, ବିଭୀଷଣ ସରାଫ, ଆର୍ତ୍ତ ବନଛୋରଙ୍କୁ ସମ୍ମାନିତ କରାଯାଇଥିଲା । ଖେଳଶିକ୍ଷକ ବାମନ ସାହୁ ସଞ୍ଚାଳନ କରିଥିବାବେଳେ ଶିକ୍ଷକ ଘନଶ୍ୟାମ ପାଣିଗ୍ରାହୀ, ରାକେଶ ପୁରୋହିତ, ଧନଞ୍ଜୟ ଭୋଇ, ଦୁର୍ବଦଳ ବୁଡ଼େକଙ୍କୁ ସମ୍ମାନିତ କରାଯାଇଥିଲା । ଉଭୟ ସଭାରେ ଶିକ୍ଷକ ଜଗନ୍ନାଥ ସାହୁ ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ । ଗଙ୍ଗାଧର ସାହୁ, ଗୁଣନିଧି ସାହୁଠ, କନ୍ଦର୍ପ ଯୁଆଡ଼ି, ବିଶ୍ୱାମିତ୍ର ବନଛୋର ପ୍ରମୁଖ ସହଯୋଗ କରିଥିଲେ । ନବୀନ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ଧରିତ୍ରୀ ସାହୁ, ସ୍ୱପ୍ନା ସରାଫ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

**ଅତାବିରା :** କାଦୋବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଝିଲମିଣ୍ଡା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଧର୍ମରାଜ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅତାବିରା ମହାବିଦ୍ୟାଳୟ ଓଡ଼ିଆ ବିଭାଗର ଅଧ୍ୟାପିକା ରିଙ୍କି ପ୍ରଧାନ, କାଦୋବାହାଲ ସିଆର୍ସିସି ତ୍ରିଲୋଚନ ସେଠ୍, ବ୍ଲକ ଉପାଧ୍ୟକ୍ଷ ଅନନ୍ତ ମେହେର, ଅରବିନ୍ଦ ଦାସ, ରମଣୀ ଦନ୍ତା, ସରପଞ୍ଚ ଗିରିଧାରୀ ପଧାନ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟା ସୁକାନ୍ତି ସିଂହ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅଞ୍ଚଳର ବରିଷ୍ଠ ଶିକ୍ଷାପ୍ରେମୀ ବ୍ରଜଲାଲ ମହାପାତ୍ର, କ୍ଷୀରୋଦ୍ର ବିହାରୀ ପାତ୍ର, କୈଳାଶ ଚନ୍ଦ୍ର ସେଠ୍, ତ୍ରିଲୋଚନ ଭୁଏ, ରୋମ୍ୟ ରଞ୍ଜନ ଦାସ, ମକରଧ୍ୱଜ ମେହେର, ମୁକେଶ ପଶାୟତଙ୍କୁ ସମ୍ମାନିତ କରାଯାଇଥିଲା । ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀ, ମାତୃ କର୍ମଶାଳାରେ କୃତୀତ୍ୱ ଅର୍ଜନ କରି ଥିବା ମାଆମାନଙ୍କୁ ପୁରସ୍କୃତ କରାଯାଇଥିଲା । ସଭା କାର୍ଯ୍ୟକୁ ଗୁରୁମା ଶିଖାରାଣୀ ଭୋଇ ସଂଯୋଜନା କରିଥିବାବେଳେ ସଭା ଶେଷରେ ମଧୁମିତା ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟା ମନ୍ଦିରର ସମ୍ପାଦକ ଗଣେଶ ସିଂହ ଗୁରୁମା ରୀତାଞ୍ଜଳି ସିଂହ, ଚୁମକି ଭୁଏ, ପି ସିରିଶା, ରୀତା ନାଏକ, ପ୍ରୋମଦିନୀ କୁମ୍ଭାର ସହଯୋଗ କରିଥିଲେ ।

**ବରଗଡ଼ :** ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ, ଖୁଣ୍ଟପାଲିରେ ବାର୍ଷିକ ପାଳିତ ହୋଇଛି । ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମଣୀ ରଞ୍ଜନ ରାଉତ ସଭାପତିତ୍ୱ କରିଥିବା ବେଳେ ଅକ୍ଷୟ କୁମାର ଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଘାସିରାମ ଭୋଇ, ଅମୀୟ ଶର୍ମା, ଖୁଣ୍ଟପାଲି ସରପଞ୍ଚ ବେଲାରସେନ ମେହେର, ନାଏକ ସରପଞ୍ଚ ଏବଂ ପ୍ରକୃତି ବନ୍ଧୁ ଦିବାକର ମାଝୀ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ । ହାସ୍ୟକବି ଦେବେନ୍ଦ୍ର କୁମାର ସାହୁ ମୁଖ୍ୟବକ୍ତା ଭାବେ ଉଦ୍‌ବୋଧନ ରଖିଥିଲେ । ପୂର୍ବତନ ଶିକ୍ଷକ ରାଧାମୋହନ ତ୍ରିପାଠୀଙ୍କ ସ୍ମୃତିରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲା ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼ର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ, ନେପାଳ ଦୁଆନ, ମନୋଜ ଦାଶ ଓ ପ୍ରତାପ ମେହେର ଉପସ୍ଥିତ ଥିଲେ । ଶିକ୍ଷକ ଲକ୍ଷ୍ମଣ ମାଝୀ ଧନ୍ୟବାଦ ଜଣାଇଥିଲେ ।

## ମାଉସୀ ମା' ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

**ବରଗଡ଼, ୩୦ । ୧(ସମିସ):** ବରଗଡ଼ ବ୍ଲକ ଅଧୀନ ଗୋବିନ୍ଦପୁର ଗ୍ରାମରେ ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ ହୋଇ ଯାଇଛି । ସରପଞ୍ଚ ଓ ମନ୍ଦିର ପ୍ରତିଷ୍ଠା କମିଟିର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ନାଏକ ଓ ଗୋବିନ୍ଦପୁର ଗ୍ରାମବାସୀଙ୍କ



ତତ୍ତ୍ୱାବଧାନରେ ଗତ ୨୫ ତାରିଖ ରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ୨୯ ତାରିଖ ପୂର୍ଣ୍ଣାହୂତି ହୋଇଥିଲା । ବିଶିଷ୍ଟ କଳାକାର ବରଗଡ଼ ଧନୁଯାତ୍ରାର ପୂର୍ବତନ କଂସ ହୃଷିକେଶ ଭୋଇଙ୍କ କଂସ ଭୂମିକାରେ ଅଭିନୟ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିଲା ।

## ଟାଉନ ପୁଲିସ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା




**ବରଗଡ଼, ୩୦ ।୧(ସମିସ):** ପ୍ରତି ଟି ଜୀବନ ମୂଲ୍ୟବାନ । ସଚେତନତା ରେ ହିଁ ଜୀବନ ରକ୍ଷା ହୋଇ ପାରିବ ବୋଲି ବରଗଡ଼ ଟାଉନ ପୁଲିସ ଆନୁକୂଲ୍ୟରେ ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟଠାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ଟାଉନଥାନା ଅତିରିକ୍ତ ଆଇଆଇସି ଗୁଣ୍ଡିଆ ଖାଖାଙ୍କ ତତ୍ତ୍ୱାବଧାନରେ ସବ୍‌ଇନ୍ସପେକ୍ଟର କମଳିନୀ ନାଏକ, ସବ୍‌ଇନ୍ସପେକ୍ଟର ଭଗତ ସିଂ ମାଝୀ, ପ୍ରଧାନଶିକ୍ଷକ ସୁଦୀପ ରଥ, କପିଳେଶ୍ୱର ବାଗ, ସୁଦର୍ଶନ ବାରିକ, ଛାତ୍ରୀ ସାଲିନୀ ସା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତା ମଧ ହୋଇଥିଲା । ଶିକ୍ଷକ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିଲେ ।

## ଝଗଡ଼ଝାଲ ୟୁବିସିଏ ରନିଙ୍ଗ୍ କ୍ରିକେଟ୍

**ମେଲଛାମୁଣ୍ଡା, ୩୦ । ୧(ସମିସ):** ସୋହେଲା ବ୍ଲକ ଝଗଡ଼ଝାଲ ଠାରେ ୨୨ତମ ୟୁବିସିଏ କ୍ରିକେଟ୍ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ଉଦ୍‌ଘାଟନୀ ଦିବସରେ ଶିକ୍ଷକ ଗଣେଶ ବରିହା ମୁଖ୍ୟଅତିଥି ଭାବରେ ଯୋଗଦାନକରିଥିଲେ । ଗ୍ରୁପ୍ ଏ'ରେ ଝର, ଶନିମାଲ, କଟାପାଲି, ସାନବାଉଁସେନ, ଅର୍ଜୁଣ୍ଡା, ଟି.କଲଙ୍ଗାପାଲି, ସିଧିରା, କୁଦୋପାଲି ଦଳ ଏବଂ ଗ୍ରୁପ୍ ବି' ରେ ଜିତପାଲି, ଖପାନପାଲି, ତାଲପଦର, ଝଗଡ଼ଝାଲ ବି', ଜାମପାଲି, ଅଁଳାପାଲି, ପଣ୍ଡକିପାଲି, ଝଗଡ଼ଝାଲ ଏ' ଏପରି ମୋଟ ୧୬ ଗୋଟି କ୍ରିକେଟ ଦଳ ଅଂଶଗ୍ରହଣ କରୁଥିବା ସୂଚନା ରହିଛି । ଗ୍ରୁପ୍ 'ଏ' ରୁ ଆଜି ୬ ଗୋଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଝର ଓ ସିଧିରା ଦଳ ସେମିଫାଇନାଲ କୁ ପ୍ରବେଶ କରିଛନ୍ତି ।

## ପିଏମଶ୍ରୀ ଜନତା ସରକାରୀ ହାଇସ୍କୁଲରେ ଜାତୀୟ କନ୍ୟାସନ୍ତାନ ଦିବସ

**ଅମ୍ବାଭୋନା, ୩୦ ।୧(ସମିସ):** ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ଜନତା ସରକାରୀ ହାଇସ୍କୁଲରେ ଜାତୀୟ କନ୍ୟାସନ୍ତାନ ଦିବସ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବରେ ସ୍ଥାନୀୟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମାଳତୀ ନାୟକ, ଅବସରପ୍ରାପ୍ତ ଶିକ୍ଷକ ବୈଷ୍ଣବ ଭୋଇ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବରେ ସମନ୍ୱିତ ଶିଶୁ ବିକାଶ ସୁପରଭାଇଜର ସ୍ୱର୍ଣ୍ଣପ୍ରଭା ନାଏକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଲୋକନାଥ ଚେରକିଆ, ସିଆରସିସି କେଦାର ନାଏକ, ଶିକ୍ଷକ ସଞ୍ଜୟ ଖମାରୀ, ଈଶ୍ୱର ପଧାନ, ପୂର୍ବତନ ଶିକ୍ଷକ ରାଧେଶ୍ୟାମ ବାରିକ ଯୋଗ ଦେଇଥିଲେ । ଶିକ୍ଷକ ଶ୍ରୀପତି ସାହୁ ପରିଚାଳନା କରିଥିବାବେଳେ ଶିକ୍ଷକ ସଞ୍ଜୟ ଖମାରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀ ରିୟା ବାରିକ ପ୍ରଥମ, ଦିବ୍ୟା ନାଏକ ଦ୍ୱିତୀୟ ଓ ରୋହିଣୀ ପଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ କନିଷ୍ଠ ବିଭାଗରୁ ଛାତ୍ରୀ ଆସ୍ଥା ସା, ଭୂମି ସା ଓ ରିତୁ ଖଡିଆ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ବରିଷ୍ଠ ବିଭାଗରୁ ରୋଶନୀ ପଟେଲ, କ୍ଷୀରୋଦ୍ରି ବେହେରା ଓ ଅର୍ପିତା ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଶିକ୍ଷକ ତେଜରାମ ସା, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ଈଶ୍ୱର ପଧାନ, ବୋଧରାମ ବିଶ୍ୱାଳ, ପଦ୍ମଲୋଚନ ବିଶି, ପ୍ରଶାନ୍ତ ମହାପାତ୍ର, ଅମୂଲ୍ୟ ଭୋଇ, ସୁଦର୍ଶନ ପଧାନ, ଦେବାଶିଷ ମିର୍ଦ୍ଧା, ଶିକ୍ଷୟିତ୍ରୀ ରୋଜାଲିନ ଭୋଇ, ସୌଦାମିନୀ ବାରିକ, ରାଜକୁମାରୀ ଭୁଏ, ମନୋଜା ପଟେଲ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ସୌଦାମିନୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

**ବରଗଡ଼, ୩୦ ।୧(ସମିସ):** ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନାର ସାତ ଦିନିଆ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି । ଏନ୍‌ଏସଏସର କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ହୃଦାନନ୍ଦ ଭୁଏଙ୍କ ଦିଗଦର୍ଶନ ଓ ସଂଯୋଜନାରେ ୫୦ ଜଣ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଉକ୍ତ ଗ୍ରାମରେ ସ୍ୱଚ୍ଛତା ଅଭିଯାନ, ସ୍ୱାସ୍ଥ୍ୟ ସଚେତନତା, ଶିକ୍ଷାଗତ ପ୍ରସାର ସମେତ ବିଭିନ୍ନ ସାମାଜିକ ସେବାରେ ନିୟୋଜିତ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ଡ଼. ନକୁଳ ସେଠ୍ ଯୋଗ ଦେଇ ଥିଲେ । ଏଥିରେ ଦିଲେଶ ମେହେର ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଅଧ୍ୟକ୍ଷ ଡ଼. ସେଠ୍ ପ୍ରଦାନ କରିଥିଲେ ।

## ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଶା ନିବାରଣ ଅଭିଯାନ




**ପାଇକମାଳ, ୩୦ ।୧ (ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଡୁମ୍ବେରବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ହୃଷିକେଶ ବାଗଙ୍କ ତତ୍ତ୍ୱାବଧାନରେ ନିଶା ନିବାରଣ ସଚେତନତା ଅଭିଯାନ ହୋଇଯାଇଛି । ଗାଁରେ ଏକ ଶୋଭାଯାତ୍ରା ବାହାରି ପଥପ୍ରାନ୍ତ ନାଟକ ତଥା ସ୍ଲୋଗାନ ଦେଇ ନିଶା ମୁକ୍ତି ଅଭିଯାନ ଉପରେ ସଚେତନତା କରିଥିଲେ । ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏଥିରେ ସିଆରସିସି ବସୁଦେବ କୁମ୍ଭାର ଉପସ୍ଥିତ ଥିବା ବେଳେ ଶିକ୍ଷକ ବାବୁଲାଲ ଧରୁଆ, ସୁଦାମ କନ୍ହେଧର, ସୌତମ ଛତର, ଦେଜଲିଙ୍ଗ ଦନ୍ତା ସହଯୋଗ କରିଥିଲେ ।

## ପାଇକମାଳ ଆୟୁର୍ବେଦ ଚିକିତ୍ସାଳୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା

**ପାଇକମାଳ, ୩୦ ।୧ (ସମିସ):** ପାଇକମାଳ ସରକାରୀ ଆୟୁର୍ବେଦ ଚିକିତ୍ସାଳୟ ରଣଜିତପୁର ଠାରେ ଦୁଇ ଜଣ କର୍ମଚାରୀଙ୍କୁ ବିଦାୟ କାଳିନ ସମ୍ବର୍ଦ୍ଧନା ସଭା ଅଧିକ୍ଷକ ସରତ କୁମାର ବେହେରାଙ୍କ ସଭାପତିତ୍ୱ ଏକ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଚିକିତ୍ସାଳୟର ପୂର୍ବତନ ଅଧିକ୍ଷକ ପ୍ରଦୀପ କୁମାର ଦୋରା ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଚିକିତ୍ସାଳୟର ପୂର୍ବତନ ଅଧ୍ୟକ୍ଷକ ପ୍ରଦୀପ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଡା. ମନଭଞ୍ଜନ ପଣା, ମାତୃପ୍ରସାଦ ରଥ ଯୋଗ ଦେଇ ଅବସର ନେଉଥିବା ସୌକିଲାଲ ସେଠ ଓ ଦୂର୍ଯ୍ୟୋଧନ ସେଠଙ୍କ କାର୍ଯ୍ୟ ଦକ୍ଷତା ଉପରେ ଆଲୋକପାତ କରିଥିଲେ । ଅବସର ନେଉଥିବା ଦୁଇ ଶ୍ରୀ ସେଠଙ୍କୁ ଅତିଥି ମାନେ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ସଭାରେ ଲେବିଆ ସାଗର ସଭା ପରିଚାଳନା କରିଥିବା ବେଳେ ଡା.ଅଜିତ କୁମାର ଦର୍ଜୀ ସ୍ୱଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଡା. ଶ୍ରୀକାନ୍ତ ନାଗ, ଡା ସ୍ୱଗତିକା ପ୍ରଧାନ, . ମୁରଲି ବାଗ, ବିଶ୍ୱନାଥ ପ୍ରଧାନ ଓ ଅନ୍ୟ କମଚାରୀମାନେ ସହଯୋଗ କରିଥିଲେ । ଶେଷରେ ଡା.ଶ୍ରୀକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ ।



## ଏକ ଦିବସୀୟ ବିକ୍ରି ଦକ୍ଷତା ଓ କମ୍ପ୍ୟୁଟରୀକରଣ ହସ୍ତକ୍ଷେପ ଉପରେ ତାଲିମ ଶିବିର

**ବରଗଡ଼, ୩୦ । ୧(ସମିସ):** କୃତାର୍ଥ ଆଚାର୍ଯ୍ୟ ସମବାୟ ପରିଚାଳନା କେନ୍ଦ୍ର ଅନୁକୂଲ୍ୟରେ ସମ୍ବଲପୁରୀ ବସ୍ତ୍ରାଳୟର ବିକ୍ରୟ ଶାଖା କର୍ମଚାରୀଙ୍କ ନିମନ୍ତେ ଏକ ଦିବସୀୟ ବିକ୍ରି ଦକ୍ଷତା ଓ କମ୍ପ୍ୟୁଟରୀକରଣ ହସ୍ତକ୍ଷେପ ଉପରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଠିତରେ ଦେବଜିତ୍ ନନ୍ଦୀ, ଉପ ନିର୍ଦ୍ଦେଶକ ବୟନଶିଳ୍ପ, ଶରତ୍ ଲାଲ ସିଂହ ସମ୍ପାଦକ ଓ ହେମନ୍ତ ମିଶ୍ର, ବିପଣ ଅଧିକାରୀ ସମ୍ବଲପୁରୀ ବସ୍ତ୍ରାଳୟ ଏବଂ ଅବସରପ୍ରାପ୍ତ ପ୍ରଫେସରର ବିଶ୍ୱଜିତ ଶତପଥୀ, ବ୍ୟବସାୟ ପ୍ରଶାସନ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ତାଲିମକେନ୍ଦ୍ର ଅଧ୍ୟକ୍ଷ ସୁଜିତ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ୪୨ ଜଣ କର୍ମଚାରୀ ଯୋଗଦାନ କରିଥିବାବେଳେ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ସୁଜିତ କୁମାର ରଥ ପରିଚାଳନା କରିଥିଲେ । ସମ୍ବଲପୁରୀ ବସ୍ତ୍ରାଳୟର ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଗାନ୍ଧୀ ମହାପ୍ରୟାଣ ଦିବସରେ ସ୍ମୃତି ସଭା

## ଗାନ୍ଧୀ ଥିଲେ ଅସାଧାରଣ ଓ ଉଚ୍ଚକୋଟୀର ଲେଖକ

**ବରଗଡ଼, ୩୦ । ୧(ସମିସ):** ମହାତ୍ମା ଗାନ୍ଧୀ ଥିଲେ ଜଣେ ସାଧାରଣ ମଣିଷ କିନ୍ତୁ ଅସାଧାରଣ ଏବଂ ଉଚ୍ଚକୋଟୀର ଲେଖକ । ସାଧାରଣ ମଣିଷର ମନର କଥା, ହୃଦୟର




ବ୍ୟଥାକୁ ସରଳ ଭାଷାରେ ଅଥଚ ପ୍ରଭାବଶାଳୀ ଢଙ୍ଗରେ ପରଶି ଦେବାରେ ସିଦ୍ଧହସ୍ତ ଥିଲେ ମହାତ୍ମା ଗାନ୍ଧୀ । ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼ ଦ୍ୱାରା ଆୟୋଜିତ ସ୍ମୃତି ସଭାରେ ପାଠାଗାରର ସଭାପତି ଅରୁଣ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଉକ୍ତ ସଭାରେ ପ୍ରଫେସର ଧନେଶ୍ୱର ସାହୁ ଏବଂ ପ୍ରଫେସର ସୁଜିତ କୁମାର ପୃଷ୍ଟେଠ ବକ୍ତା ଭାବରେ ଯୋଗଦାନ କରି ଆଲୋଚନା କରିଥିଲେ । ସେମାନେ କହିଥିଲେ ଯେ ଧର୍ମ କେବେ ମହାତ୍ମାଙ୍କ ପ୍ରସଙ୍ଗ ନଥିଲା । ସେ ଧର୍ମକୁ ଆକସ୍ମିକ ପରିଚୟ ବୋଲି କହିଥିଲେ । ଉପ ସଭାପତି ମନୋରଞ୍ଜନ ସାହୁ ସ୍ୱାଗତଭାଷଣ ଦେଇଥିଲେ । ଅତିଥି ମାନଙ୍କୁ ପାଠାଗାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ନିକଟରେ ପରଲୋକ ଗମନ କରିଥିବା ଲେଖକ ରାଧା ମୋହନ ତ୍ରିପାଠୀ ଙ୍କର ସ୍ମୃତି ଉଦ୍ଦେଶ୍ୟରେ ନିରବପ୍ରାର୍ଥନା କରା ଯାଇଥିଲା ।

# ଅମୃତ କୁଟୁମ୍ବର ୫ମ ବାର୍ଷିକ ଉତ୍ସବ

**ଭେଡେନ, ୩୦ ।୧(ସମିସ)**

ଭେଡେନସ୍ଥିତ ବିଜୟ ମଣ୍ଡପ ଠାରେ ଅମୃତ କୁଟୁମ୍ବ ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅମୃତ କୁଟୁମ୍ବର ସଭାପତି ଆନନ୍ଦ ସୁନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲମ୍ବୋଦର ହୋତା ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବରେ ସିଦ୍ଧାର୍ଥ ଡିଗ୍ରୀ କଲେଜର ଅଧ୍ୟକ୍ଷ ଧୀରେନ୍ଦ୍ର କୁମାର ନାୟକ, ସମ୍ମାନିତ ଅତିଥି ଭାବରେ ମନୋହର ସଂସ୍କୃତି ସାଂସଦର ସଭାପତି ଉତ୍ପନ୍ନ କୁମାର ଭୋଇ ପ୍ରମୁଖ ଯୋଗଦାନ କରିଥିଲେ । ଶିକ୍ଷକ ଲଳିତ କୁମାର



ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଧନେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିଲେ । ହି ଅବସରରେ ଅମୃତ କୁଟୁମ୍ବ ତରଫରୁ ସମାଜରେ ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଉଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅବସରପ୍ରାପ୍ତ ଶିକ୍ଷକ ତାରାଚାନ୍ଦ ଭୋଇଙ୍କୁ ଅମୃତ ଶିକ୍ଷା ସମ୍ମାନ, ପଦ୍ମପୁର ଏକ ଟଙ୍କିଆ ସଙ୍ଗୀତ ବିଦ୍ୟାଳୟର ସୁରେନ୍ଦ୍ର କୁମାର ସାହୁଙ୍କୁ ଅମୃତ ସେବା ସମ୍ମାନ ଓ ଭେଡେନ ବିଡ଼ିଓ କର୍ଣ୍ଣ ସୁନାଙ୍କୁ ଅମୃତ ସମାଜ ସୁରକ୍ଷା ସମ୍ମାନ ରେ ଅମୃତ କୁଟୁମ୍ବ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ରୁଦ୍ର ନାରାୟଣ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ପରେ ବ୍ୟଙ୍ଗ ଓ ହାସ୍ୟ କବି ମୁନିରାମ କୁମ୍ଭାର, ମନରଞ୍ଜନ ଲୁହା, ହୀରାଲାଲ ସାହୁ ଓ ରାମପ୍ରସାଦ ବାଗଙ୍କ ଦ୍ୱାରା ସମ୍ବଲପୁରୀ କବିତା ଆସର ଅନୁଷ୍ଠିତ ହୋଇଥିଲା । ଘନଶ୍ୟାମ ଅଗ୍ରୱାଲ, ପ୍ରହ୍ଲାଦ ମେହେର, ଗୋପୀ ମେହେର, ଗୋପାଳ ଅଗ୍ରୱାଲ, ପ୍ରଭାତ ସାହୁ, ଭୀମ ଦୁବସାଗର, ବାଦୀ ବାଗଙ୍କ ସମେତ ଅମୃତ କୁଟୁମ୍ବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଗୋପାଳପୁର ବେଳାଭୂମି ମହୋତ୍ସବ ଉଦ୍‌ଯାପନୀରେ ମୁଖ୍ୟମନ୍ତ୍ରୀ

# 'ଗୋପାଳପୁର ବେଳାଭୂମି ମହୋତ୍ସବ ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ପ୍ରତିଛବି'







ବ୍ରହ୍ମପୁର/ଗୋପାଳପୁର,୩୦।୧(ସମିସ): ଉଦ୍‌ଯାପିତ ହୋଇଯାଇଛି ଗୋପାଳପୁର ବେଳାଭୂମି ମହୋତ୍ସବ। ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, ଓଡ଼ିଶାର କଳା, ସଂସ୍କୃତି, ପରମ୍ପରାକୁ ସମୃଦ୍ଧ କରିବାରେ ଗୋପାଳପୁର ବେଳାଭୂମିରେ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା। ଓଡିଶାର କଳା, ସଂସ୍କୃତିକୁ ଆଗକୁ ନେବାରେ ଗଞ୍ଜାମ ସବୁବେଳେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଗଞ୍ଜାମର ଭୂମିକା ଅବିସ୍ମରଣୀୟ। ପାରଳା ମହାରାଜା ଓ ଖଲ୍ଲିକୋଟ ରାଜ ପରିବାରର ପରାକାଷ୍ଠାକୁ ଯେତେ ପ୍ରଶଂସା କଲେ ମଧ୍ୟ କମ ହେବ। ଗୋପାଳପୁର ମହୋତ୍ସବ ଓଡ଼ିଶାର ଅନନ୍ୟ ଉତ୍ସବ। ଇତିହାସ, ପରମ୍ପରା ଓ ସଂସ୍କୃତିକୁ ଉଜ୍ଜୀବିତ କରୁଛି। ଗୋପାଳପୁର ବେଳାଭୂମି ମହୋତ୍ସବ ଓଡ଼ିଆ ସଂସ୍କୃତି ଓ ଏତିହ୍ୟର ପ୍ରତିଛବି। ଏଠାକାର ସଂସ୍କୃତିର ସୁରକ୍ଷା ପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ସେହିଭଳି ଗୋପାଳପୁର କଳିଙ୍ଗର ମୁଖ୍ୟ ବାଣିଜ୍ୟକ ସ୍ଥଳ ଥିଲା। କଳିଙ୍ଗ ମାନଚିତ୍ରରେ ଗଞ୍ଜାମର ଚିତ୍ର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓଡ଼ିଆ ସାହିତ୍ୟର ଦୀପ୍ତିମନ୍ତ ପ୍ରତୀକ। ତାଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ଚେୟାର ପ୍ରତିଷ୍ଠା ହେବ। ମେ' ମାସ ୧୬ରୁ ସପ୍ତାହ ବ୍ୟାପି ରାଜ୍ୟବ୍ୟାପୀ ତାଙ୍କ ଜନ୍ମଦିନ ପାଳନ ହେବ। ଗଞ୍ଜାମର ଲୋକକଳା ଅନ୍ୟାନ୍ୟ। ଏହାର ସଂରକ୍ଷଣ ପାଇଁ ଆମ ସରକାର ସଦା ଯତ୍ନବାନ। ଗଞ୍ଜାମ ଜିଲ୍ଲା ପ୍ରକୃତିର ଗନ୍ତାଘର। ଏଠାକାର ସୁନପୁର ବେଳାଭୂମି ବ୍ଲୁଫ୍ଲାଗ୍ ବିଚ୍ ମାନ୍ୟତା ପାଇଛି। ଗୋପାଳପୁର ବନ୍ଦର ଉନ୍ନତିକରଣ ପାଇଁ ସରକାର ପ୍ରସ୍ତୁତ ହେଉଛନ୍ତି। ଆଜି ୫୦ରୁ ଅଧିକ ପ୍ରକଳ୍ପର ଭିତ୍ତି ସ୍ଥାପନ ହୋଇଛି। ଯାହା ଗଞ୍ଜାମ ଜିଲ୍ଲା ବିକାଶରେ ସହାୟକ ହେବ। ବିକଶିତ ଓଡ଼ିଶା ଗଠନରେ ଗଞ୍ଜାମ ପ୍ରଥମ ଜିଲ୍ଲା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ବେଳାଭୂମି ମହୋତ୍ସବର ପୁରୋଧା ତଥା ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ ଯେ, ଗୋପାଳପୁର ବେଳାଭୂମି ମହୋତ୍ସବ ଲୋକମାନେ ଯେଉଁଭଳି ଶାନ୍ତି ଓ ଶୃଙ୍ଖଳା ସହିତ ଉପଭୋଗ କଲେ ତାହାର ଯେତେ ପ୍ରଶଂସା କଲେ କମ୍ ହେବ।

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଡ. ଗୋକୁଳାନନ୍ଦ ମଲ୍ଲିକ ଗଞ୍ଜାମର ଗୌରବମୟ ଇତିହାସ, ଏବର୍ଷର ବିଶାଳ ଆୟୋଜନ ଏବଂ ମୁଖ୍ୟମନ୍ତ୍ରୀ କାମଧେନୁ ଓ ଅନ୍ୟାନ୍ୟ କ୍ରାନ୍ତିକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଞ୍ଜାମ ୩୬୦ ମୋବାଇଲ ଆପ ଓ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ। ଗଞ୍ଜାମ ୩୬୦ ଆପର ସମନ୍ୱିତ ପ୍ରୟୋଗ ମାଧ୍ୟମରେ ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, କଳା, ସାହିତ୍ୟ, ସଂସ୍କୃତିର ବିକାଶ କରାଯିବ। ଦିଗପହଣ୍ଡି ବିଧାୟକ ଡ଼ଃ ସିଦ୍ଧାନ୍ତ ମହାପାତ୍ର, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଆସ୍କା ବିଧାୟକ ସରୋଜ କୁମାର ପାଢ଼ୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥବାବେଳେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ସ୍ୱାଗତ ଭାଷଣ, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ଧନ୍ୟବାଦ ଅର୍ପଣ କରିଥିଲେ।

## କୈଳାଶ, ବର୍ଣ୍ଣାଳୀ ଓ ଋତୁରାଜଙ୍କ ସଂଗୀତରେ ମତୁଆଲା ଦର୍ଶକ





### ଦର୍ଶକଙ୍କୁ ମତୁଆଲା କଲା ଷ୍ଟାର୍ ନାଇଟ୍

ଆଜିର ଷ୍ଟାର ନାଇଟ୍‌ସ କାର୍ଯ୍ୟକ୍ରମରେ ସୁପ୍ରସିଦ୍ଧ ଗାୟକ କୈଳାଶ ଖେର, ବର୍ଣ୍ଣାଳୀ ହୋତା ଏବଂ ଋତୁରାଜ ମହାନ୍ତିଙ୍କ ସଂଗୀତରେ ବିଭୋର ହୋଇଥିଲେ ଶ୍ରୋତା। ଏହି ଅବସରରେ ଓଡିଶା ତଥା ଗଞ୍ଜାମକୁ ଗୌରବାନ୍ୱିତ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କବାଡି, ବୋଟ ରେସର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗଞ୍ଜାମ କଳା ପରିଷଦର ଓଡ଼ିଶୀ, ମିନି ମିରାକଲ୍ ଡ୍ୟାନ୍ସ ଷ୍ଟୁଡିଓ, ବ୍ରହ୍ମପୁରର ସମ୍ବଲପୁରୀ, ବିବିଧ ଫାଉଣ୍ଡେସନ ଅଫ୍ ଆର୍ଟ ଆଣ୍ଡ କଲ୍‌ଚର, ଛତ୍ରପୁରର ବାଘନାଚ, ଲିସୋମ୍ ଡ୍ୟାନ୍ସ ଷ୍ଟୁଡିଓ, ବ୍ରହ୍ମପୁରର ମଡର୍ଣ୍ଣ ଡ୍ୟାନ୍ସ, ବ୍ରହ୍ମପୁର ସ୍କେଟିଂ ଏକାଡେମୀର ସ୍କେଟିଂ, ସରଣାଚନା, ବ୍ରଜରାଜନଗର ଆଦିବାସୀ ନୃତ୍ୟ, ଆର୍ଯ୍ୟନ ଡ୍ୟାନ୍ସ ଏକାଡେମୀ, ବ୍ରହ୍ମପୁରର ସେମି କ୍ଲାସିକାଲ୍, ସିଏମ୍‌ଏ ଡ୍ୟାନ୍ସ ଷ୍ଟୁଡିଓର ମଡର୍ଣ୍ଣ ଡ୍ୟାନ୍ସ, କଳିଙ୍ଗ ପାଇକ କ୍ରିଏସନର ପାଇକ ଆଖଡ଼ା, ଏମଇଏମ ଏଣ୍ଟରଟେନମେଣ୍ଟ, ଭାରାଥରାଜପୁରମ୍‌ର ଚେଣ୍ଡାମେଲମ୍, ବନ୍ କୋପୌ ସଂସ୍କୃତି ଗୋଷ୍ଠୀ ର ଆସାମ ବିହୁ, ପ୍ରୟାସ ସେଣ୍ଟର ଫର୍ ପର୍ଫର୍ମିଂ ଆର୍ଟସ୍‌ର କଥକଳି କଳାପ୍ରେମୀଙ୍କୁ ତଲ୍ଲୀନ କରିଥିଲା।

# ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ବଜେଟ୍ ଆଲୋଚନାଚକ୍ର




ବ୍ରହ୍ମପୁର,୩୦।୧(ସମିସ): ସ୍ଥାନୀୟ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ଆନୁକୂଲ୍ୟରେ 'ସମ୍ଭାବ୍ୟ କେନ୍ଦ୍ରୀୟ ବଜେଟ୍ ଏକ ଆକଳନ' ଶୀର୍ଷକକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ଶିବାନୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପ୍ରମିଳା ଖାଡ଼ଙ୍ଗା ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଆଲୋଚକ ଭାବେ ସ୍ନାତକୋତ୍ତର ଇତିହାସ ବିଭାଗ ମୁଖ୍ୟ ଡ. ଦେବରାଜ ସ୍ୱାଇଁ ଓ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ଯୋଗ ଦେଇଥିଲେ। ସେହିପରି ସମ୍ବଲପୁର ସ୍ଥିତ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ମୁଖ୍ୟ ଡ. ଆଶିଷ ଦାଶ ବିଷୟ ବିଶାରଦ ଭାବେ ଆଭାସୀ ମାଧ୍ୟମରେ ଫେବୃଆରୀ ୧ତାରିଖ ଉପସ୍ଥାପିତ ହେବାକୁ ଯାଉଥିବା କେନ୍ଦ୍ରୀୟ ବଜେଟର ବିଭିନ୍ନ ସମ୍ଭାବ୍ୟ ଦିଗ ଓ ପ୍ରମୁଖ ବୈଶିଷ୍ଟ୍ୟ ସଂପର୍କରେ ଆଲୋକପାତ କରିଥିଲେ।

ବିଭାଗୀୟ ସହକାରୀ ପ୍ରଫେସର୍ ଡ. ସୁଶାନ୍ତ କୁମାର ବୀରୋ ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ। ଶେଷରେ ଅର୍ଥଶାସ୍ତ୍ର ଅଧ୍ୟାପିକା ସ୍ନେହାସିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ପ୍ରଫେସର ଟୁନା ଚିନ୍ତାଲୁ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# 'ବିକାଶ' ଓ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଗାନ୍ଧିଜୀଙ୍କ ସ୍ମୃତି ସଭା



ବ୍ରହ୍ମପୁର,୩୦।୧(ସମିସ): ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ସହିଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମଞ୍ଚ ପକ୍ଷରୁ ସ୍ଥାନୀୟ ଗାନ୍ଧୀନଗରଛକସ୍ଥିତ ବାପୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ଆବାହକ ଆଇନଜୀବୀ ଅବନୀ ଗୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନର ନିର୍ଦ୍ଦେଶକ ତଥା ପରିବେଶବିତ୍ ସୁଧୀର ରାଉତ ଓ 'ବିକାଶ' ସ୍ୱେଚ୍ଛାସେବୀ ଅନୁଷ୍ଠାନର ଗୁଣନିଧି ବେହେରା ଦେଶର ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀଜୀଙ୍କ ଐତିହାସିକ ନେତୃତ୍ୱ ଓ ବଳିଦାନ ସମଗ୍ର ବିଶ୍ୱରେ ପରିଚିତ ବୋଲି କହିଥିଲେ। ଗାନ୍ଧୀ ଦର୍ଶନ ବିନା ସମଗ୍ର ବିଶ୍ୱରେ ଶାନ୍ତି, ସଂହତିକୁ ରକ୍ଷା କରିବା ଅସମ୍ଭବ ବୋଲି ନିଜ ଅଭିଭାଷଣରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ କୁନି କୁମାରୀ ଦେବୀ, ସସ୍ମିତା ବେହେରା, ଗଗନ ଚନ୍ଦ୍ର ମଲ୍ଲିକ, ଶ୍ୟାମ ସୁନ୍ଦର ଖାଡ଼ାଙ୍ଗା, ବୃନ୍ଦାବନ ଖଟେଇ, ମନୋଜ କୁମାର ତରାଇ, ସାଧୁ ଚରଣ ବେହେରା, ସୁରେନ୍ଦ୍ର ନାଥ ପଣ୍ଡା, କେ. ମୋହନ ରାଓ ସୁବୁଦ୍ଧି, ଅଶୋକ ଦଳାଇ ଓ ଭିଷ୍ମାଚାର୍ଯ୍ୟ ଚୌଧୁରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଚୋରି ଘଟଣାର ଫେରାର୍ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୩୦।୧(ସମିସ): ସ୍ଥାନୀୟ ଗାନ୍ଧୀନଗର ୧୦ମ ଲାଇନ୍‌ର ଏକ ତାଲାବନ୍ଦ ଘରୁ ନଗଦ ଲକ୍ଷାଧିକ ଟଙ୍କା ଚୋରି ଘଟଣାରେ ଫେରାର ଜଣେ ଅଭିଯୁକ୍ତକୁ ଟାଉନ୍ ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ଧର୍ମନଗର ଅଞ୍ଚଳର ଶିବାନନ୍ଦ ପାଣିଗ୍ରାହି (୨୧) ଓରଫ 'ପଡ଼ା'। ପୂର୍ବରୁ ଏହି ମାମଲାରେ ଗଣେଶନଗର ତୃତୀୟ ଲାଇନର ଶମ୍ଭୁ ମୁଳି(୨୧) ଏବଂ ସାଗର ମୁଳି(୨୩) ଗିରଫ ହୋଇଛନ୍ତି। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ଜଗବନ୍ଧୁ ସାହିର ସନ୍ତୋଷ ସାହୁ ଓରଫ କାମେଲେସୁ ବର୍ତ୍ତମାନ ସୁଦ୍ଧା ଫେରାର ରହିଛି। ସୂଚନାଯୋଗ୍ୟ ଯେ, ଜନାର୍ଦ୍ଦନ ପଣ୍ଡା ଗତ ୧୮ ତାରିଖରେ କୌଣସି କାମରେ ନିଜ ଶଶୁରଙ୍କ ଘର ଗଞ୍ଜାମକୁ ପରିବାର ସହିତ ଯାଇଥିବାବେଳେ ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଲା କାଟି ୨ଲକ୍ଷ ଟଙ୍କା, ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ। ଏ ନେଇ ଜନାର୍ଦ୍ଦନ ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ପୁଲିସ ପ୍ରଥମେ ଶମ୍ଭୁ ଓ ସାଗର ଏବଂ ଆଜି ଶିବାନନ୍ଦକୁ ଗିରଫ କରିଥିବା କହିଛନ୍ତି ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ।

## କଇଠାରେ ଝାଡ଼ାବାନ୍ତି; ୧୫ ଆକ୍ରାନ୍ତ

ପାତ୍ରପୁର,୩୦।୧(ସମିସ): ପାତ୍ରପୁର ବ୍ଲକ ଗୁଣ୍ଡା ପଞ୍ଚାୟତ କଇଠା ଗ୍ରାମରେ ବ୍ୟାପୁଛି ଝାଡ଼ାବାନ୍ତି। ୧୫ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହେଲେଣି। ପୋଖରୀର ଦୂଷିତ ପାଣି ବ୍ୟବହାର ସହ ପାନୀୟଜଳ ପ୍ରକଳ୍ପରୁ ଆସୁଥିବା ପାଣି ବ୍ୟବହାର କରି ଗ୍ରାମର ସମସ୍ତ ପରିବାର ପ୍ରଥମେ ଝାଡ଼ାବାନ୍ତି ପରେ ଜ୍ୱରରେ ଆକ୍ରାନ୍ତ ହୋଇଥିବା ଗ୍ରାମବାସୀ କହିଛନ୍ତି। ଆକ୍ରାନ୍ତମାନେ ଜରଡ଼ା ଓ ପାତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଘରକୁ ଫେରି ପୁଣି ଜ୍ୱରରେ ପଡ଼ିଛନ୍ତି। ତୁରନ୍ତ ଗାଁରେ ସ୍ୱାସ୍ଥ୍ୟ ଟିମ୍ ପହଞ୍ଚିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ଫେବୃଆରୀରେ 'ସିଏମ୍ ଟ୍ରଫି କବାଡ଼ି' ଟୁର୍ଣ୍ଣାମେଣ୍ଟ ଚୟନ ଶିବିର

ବ୍ରହ୍ମପୁର,୩୦।୧(ସମିସ): ପ୍ରଥମ ସିଏମ୍ କପ୍ କବାଡ଼ି ଟୁର୍ଣ୍ଣାମେଣ୍ଟ ଆସନ୍ତା ଫେବୃଆରୀରେ ଆୟୋଜିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ୧୬ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ଖେଳାଳି ଅଂଶଗ୍ରହଣ କରିପାରିବେ। ଏଥିନିମନ୍ତେ ଫେବୃଆରୀ ୪ରେ ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ନିଜ ନିଜର ପୋଷାକ ସହିତ ଚୟନ ଶିବିରରେ ଯୋଗ ଦେବାକୁ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଖେଳାଳୀମାନେ ଗଞ୍ଜାମ ଜିଲ୍ଲା କ୍ରୀଡାସଂଘ ଉପ ସଭାପତି କେଦାର ଚୌଧୁରୀ ଓ ଗଞ୍ଜାମ ଜିଲ୍ଲା କବାଡ଼ି ସଂଘର ସହସମ୍ପାଦକ ସୀତାରାମ ବେହେରାଙ୍କୁ ଯୋଗାଯୋଗ କରିବାକୁ ସଂଘର ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

## ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ବ୍ରହ୍ମପୁରର 'ଶ୍ରୀକାନ୍ତ'ଙ୍କୁ ସ୍ୱର୍ଣ୍ଣ

ବ୍ରହ୍ମପୁର,୩୦।୧(ସମିସ): ଚେନ୍ନାଇ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ୩୮ତମ ସର୍ବଭାରତୀୟ ପୋଷ୍ଟାଲ ପାୱାର ସ୍ପୋର୍ଟ୍ସ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ପାଇଁ ବ୍ରହ୍ମପୁର ପ୍ରେମ ନଗର ୭ମ ଲାଇନ ନିବାସୀ ବି. ଶ୍ରୀକାନ୍ତ ପତିନିଧିତ୍ୱ କରି ୬୫କେଜି ବର୍ଗରେ ଶ୍ରେଷ୍ଠ ପଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରି ଓଡ଼ିଶା ଓ ଗଞ୍ଜାମ ପାଇଁ ଗୌରବ ଆଣିଛନ୍ତି। ଜାନୁଆରୀ ୨୭ରୁ ୩୦ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ୨୪ଟି ରାଜ୍ୟର ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶ୍ରୀକାନ୍ତ ବ୍ରହ୍ମପୁର ମୁଖ୍ୟ ଡାକଘରେ ପୋଷ୍ଟାଲ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟରତ। ସେ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା କରି ରାଜ୍ୟସ୍ତରରେ ଅନେକ ପଦକ ହାସଲ କରିଛନ୍ତି। ତାଙ୍କର ଏଭଳି ସଫଳତାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।



## ଗୋପାଳପୁର ଓ ସୁନାପୁର ବେଳାଭୂମି ପରେ...

# ବ୍ରହ୍ମପୁରରେ ହେବ 'ସିଲ୍କ ସିଟି ଫେଷ୍ଟିଭାଲ୍'

ବ୍ରହ୍ମପୁର,୩୦।୧(ସମିସ): ଉଦ୍‌ଯାପିତ ହୋଇ ଯାଇଛି ଗୋପାଳପୁର ବେଳାଭୂମି ମହୋତ୍ସବ। ଆସନ୍ତା ୩ରୁ ୫ ୩ଦିନ ଧରି ଆୟୋଜିତ ହେବ ସୁନାପୁର ବେଳାଭୂମି ମହୋତ୍ସବ। ଦୁଇ ବେଳାଭୂମି ମହୋତ୍ସବ ପରେ ବ୍ରହ୍ମପୁର ଠାରେ ସିଲ୍କ ସିଟି ଫେଷ୍ଟିଭାଲ ଆୟୋଜନ ପାଇଁ ଅଣ୍ଟା ଭିଡିଛି ଜିଲ୍ଲା ପ୍ରଶାସନ। ଯାହା ଆସନ୍ତା ୧୦ରୁ ୧୬ ପର୍ଯ୍ୟନ୍ତ ସପ୍ତାହ ଧରି ହେବ ବୋଲି ଜଣାପଡିଛି। ସ୍ଥାନୀୟ ଇଂଜିନିୟରିଂ ସ୍କୁଲ ଖେଳ ପଡିଆରେ ଆୟୋଜିତ ହେବାକୁ ଥିବା 'ସିଲ୍କ ସିଟି ଫେଷ୍ଟିଭାଲ' ସହିତ ସୁଭଦ୍ରା ଶକ୍ତି ମେଳା, କୃଷି ଯନ୍ତ୍ରପାତି ମେଳା ଓ ବିକାଶ ମେଳା ସମାନ୍ତରାଳ ଭାବେ ଆୟୋଜିତ ହେବ। ପ୍ରସ୍ତାବିତ ଫେଷ୍ଟିଭାଲ ଓ ବିଭିନ୍ନ ମେଳା ପାଇଁ ପ୍ରଶାସନ ପକ୍ଷରୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଇଭେଣ୍ଟ ମେନେଜମେଣ୍ଟ ଏଜେନ୍ସି ଚୟନ ପାଇଁ ଗତ ୨୨ ତାରିଖରେ ଟେଣ୍ଡର ଆହ୍ୱାନ କରାଯାଇଛି। ଫେବୃଆରୀ ୩ ଅପରାହ୍ନରେ ଟେଣ୍ଡର ଖୋଲାଯିବ। ୪ତାରିଖରେ ଟେକ୍ନିକାଲ ପ୍ରେଜେଣ୍ଟେସନ ସହିତ ଉକ୍ତଦିନ ଅପରାହ୍ନରେ ଫାଇନାନ୍ସିଆଲ ବିଡ୍ ଖୋଲାଯାଇ ଏଜେନ୍ସିକୁ ଚୂଡ଼ାନ୍ତ କରାଯିବ। ଏଥିପାଇଁ ମୋଟ ୨୨୦ଟି ଷ୍ଟଲ ସହିତ ୩୦ଟି ଫୁଡ୍‌ଷ୍ଟଲ ରହିବ। ଫୁଡ୍‌କୋର୍ଟ ଓ ପିଲାଙ୍କ ଖେଳିବା ପାଇଁ ସ୍ୱତନ୍ତ୍ର 'ପ୍ଲେ ଜୋନ' ସହିତ ବାଲୁକା ଶିଳ୍ପର ବ୍ୟବସ୍ଥା ମଧ୍ୟ ରହିବ। ଫେଷ୍ଟିଭାଲ ସମୟରେ ସୁଭଦ୍ରା ଶକ୍ତି ମେଳା ସହିତ କୃଷି ଯନ୍ତ୍ରପାତି ଓ ବିକାଶ ମେଳାର ଆୟୋଜନ ହେଉଥିବାରୁ ବହୁ ଲୋକଙ୍କ ସମାଗମ ସମ୍ଭାବନା ରହିଛି। ପ୍ରତ୍ୟେକ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବାକୁ ଥିବା ସୂଚନା ମିଳିଛି। ବିକାଶ ମେଳା ଜରିଆରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ତାହାର ରୂପାୟନ ସମ୍ପର୍କିତ ସୂଚନା ଦିଆଯିବ। ସେହିଭଳି କୃଷି ଯନ୍ତ୍ରପାତି ମେଳାରେ ନୂତନ କୃଷି ଉପକରଣର ପ୍ରଦର୍ଶନୀ ସହିତ ବିକ୍ରୀବଟା ମଧ୍ୟ ହେବ। ପୂର୍ବରୁ ବ୍ରହ୍ମପୁର ଠାରେ ଏହି ଫେଷ୍ଟିଭାଲ ଆୟୋଜନ ପାଇଁ ପ୍ରସ୍ତୁତି କରାଯାଇଥିଲେ ହେଁ ଗୋପାଳପୁର ବେଳାଭୂମି ମହୋତ୍ସବ ପାଇଁ ସ୍ଥଗିତ ରଖାଯାଇଥିଲା। ବ୍ରହ୍ମପୁର ବାହାରେ ବିଭିନ୍ନ ସ୍ଥାନରେ ପ୍ରଶାସନ ପକ୍ଷରୁ ଅନେକ କାର୍ଯ୍ୟକ୍ରମ କରାଯାଉଥିଲେ ହେଁ ବ୍ରହ୍ମପୁରରେ ସେଭଳି କିଛି କାର୍ଯ୍ୟକ୍ରମ କରାଯାଉନଥିବା ଅଭିଯୋଗ ହେଉଥିବା ବେଳେ ବର୍ତ୍ତମାନ ପ୍ରଶାସନ ପକ୍ଷରୁ ଏଭଳି କପାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ଜଣାପଡିଛି। ତେବେ ଏଥିପାଇଁ ନିର୍ଦ୍ଧାରିତ ସମୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡିସେମ୍ବର ଶେଷ ସପ୍ତାହରେ ଆୟୋଜିତ ହେଉଥିବା ଗୋପାଳପୁର ବେଳାଭୂମି ମହୋତ୍ସବକୁ ଜାନୁଆରୀ ଶେଷରେ କରି ଫେବୃଆରୀ ଦ୍ୱିତୀୟ ସପ୍ତାହରେ ବ୍ରହ୍ମପୁରରେ ଫେଷ୍ଟିଭାଲର ଆୟୋଜନକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। କାରଣ ଆସନ୍ତା ଫେବୃଆରୀ ୧୭ରୁ ଯୁକ୍ତ ଦୁଇ ଶ୍ରେଣୀର ଏବଂ ୧୯ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଅଛି। ଏଭଳି ସ୍ଥିତିରେ ପିଲାଙ୍କ ସହିତ ସେମାନଙ୍କ ଅଭିଭାବକମାନେ ପ୍ରଶାସନ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏଭଳି ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଉପଭୋଗ କରିବାରୁ ବଞ୍ଚିତ ହେବେ ବୋଲି ଅଭିଯୋଗ ହୋଇଛି।

- ଫେବୃଆରୀ ୧୦ରୁ ୧୬ ସପ୍ତାହ ବ୍ୟାପୀ ଉତ୍ସବ ପାଇଁ ବିଇଡିଏ ପକ୍ଷରୁ ଟେଣ୍ଡର ଆହ୍ୱାନ
- ସିଲ୍କ ସିଟି ଉତ୍ସବ ସହିତ ଆୟୋଜିତ ହେବ କୃଷି ଯନ୍ତ୍ରପାତି ମେଳା, ବିକାଶ ମେଳା ଓ ସୁଭଦ୍ରା ଶକ୍ତି ମେଳା
- ମାଟ୍ରିକ୍ ଓ ଯୁକ୍ତ-୨ ପରୀକ୍ଷା ବେଳେ ଉତ୍ସବ ଆୟୋଜନକୁ ନେଇ ପ୍ରଶ୍ନବାଚୀ

# ଶ୍ରୀକ୍ଷେତ୍ର ସିଟି

୩୦/୧/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧୦,୮୯,୪୮୧/- ସୁନା:୩୭.୧୦୦ ଗ୍ରାମ୍ ରୁପା: ୩୩.୫୦୦ ଗ୍ରାମ୍





## ଆସିବେ ରାଷ୍ଟ୍ରପତି
# ସ୍ୱାଗତ ପାଇଁ ପ୍ରସ୍ତୁତ ହେଉଛି ପୁରୀ

ପୁରୀ,୩୦।୧(ସମିସ): ଆସନ୍ତା ୩ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରୀରେ ପହଞ୍ଚି ରାତ୍ରିଯାପନ କରିବେ। ୪ ତାରିଖ ସକାଳ ୭ଟାରେ ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ତୀର୍ଥ ଶ୍ୱେତଗଙ୍ଗାରେ ପିଣ୍ଡଦାନ କରିବେ। ପିଣ୍ଡଦାନ କର୍ମ ସାରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବେ। ରାଷ୍ଟ୍ରପତିଙ୍କୁ ଶ୍ରୀକ୍ଷେତ୍ର ମାଟିକୁ ସ୍ୱାଗତ କରିବା ଲାଗି ପ୍ରସ୍ତୁତ ହେଉଛି ପୁରୀ। ଶ୍ୱେତଗଙ୍ଗା ପୁଷ୍କରିଣୀଠାରୁ ଆରମ୍ଭ କରି ବଡ଼ଦାଣ୍ଡ, ହେଲିପ୍ୟାଡ୍, ଲୋକଭବନ ସବୁଠି ଚାଲିଛି ପ୍ରସ୍ତୁତି। ରାଷ୍ଟ୍ରପତିଙ୍କ ଦୁଇଦିନିଆ ଶ୍ରୀକ୍ଷେତ୍ର ରହଣି ଯେପରି ଶୃଙ୍ଖଳିତ ଏବଂ ତ୍ରୁଟି ଶୂନ୍ୟ ରହିବ ତା' ଉପରେ ବରିଷ୍ଠ ଅଧିକାରୀ ଗୁରୁତ୍ୱ ଦେଇଛନ୍ତି।



ରାଷ୍ଟ୍ରପତିଙ୍କ ଗସ୍ତକୁ ନଜରରେ ରଖି ଶ୍ରୀମନ୍ଦିର ପ୍ରଶାସନ, ପୁଲିସ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ବୈଠକ ପରେ ବୈଠକ ବସୁଛି। ଯେହେତୁ ରାଷ୍ଟ୍ରପତି ମହାପ୍ରଭୁଙ୍କୁ ଦର୍ଶନ କରିବେ ତେଣୁ ୪ ତାରିଖରେ ଶ୍ରୀମନ୍ଦିରରେ ନୀତିକାନ୍ତିରେ ଯେପରି କୌଣସି ପ୍ରକାର ବିଭ୍ରାଟ ନ ହୁଏ ସେଥିଲାଗି ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ସରିଛି। ନୀତିକାନ୍ତି ଶୃଙ୍ଖଳିତ ଏବଂ ସଅଳ ଲାଗି ସେବାୟତମାନଙ୍କ ସହଯୋଗ ଲୋଡ଼ିଛି ପ୍ରଶାସନ। ସେବାୟତମାନେ ମଧ୍ୟ ପୂର୍ଣ୍ଣ ସହମତି ପ୍ରଦାନ କରିଛନ୍ତି। କାହାର କ'ଣ ଦାୟିତ୍ୱ ରହିବ କର୍ମଚାରୀମାନଙ୍କୁ ମଧ୍ୟ ଦାୟିତ୍ୱ ବଣ୍ଟନ କରାଯାଇଛି। ରାଷ୍ଟ୍ରପତିଙ୍କୁ କିପରି ସିଂହଦ୍ୱାର ନିକଟରେ ସ୍ୱାଗତ କରାଯିବ, କିଏ କିଏ ଉପସ୍ଥିତ ରହିବେ ତାହା ମଧ୍ୟ ଚୂଡ଼ାନ୍ତ ସରିଛି। ସମାନ ଭାବେ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସମସ୍ତ ବିଭାଗ ନିଜ ଦାୟିତ୍ୱକୁ ଅତ୍ୟନ୍ତ ନିଷ୍ଠାର ସହ ସମ୍ପନ୍ନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କୌଣସିଠାରେ ଯେପରି କିଛି ତ୍ରୁଟି ନ ରୁହେ ସେଥିପ୍ରତି ଯତ୍ନବାନ ହେବା ସହ ପାରସ୍ପରିକ ସହଯୋଗ ମଧ୍ୟରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ଜିଲ୍ଲାପାଳ। ଏସ୍‌ପି ପ୍ରତୀକ୍ ସିଂ ଟ୍ରାଫିକ୍, ଶୃଙ୍ଖଳା ରକ୍ଷା, ପାର୍କିଂ ଓ ବ୍ୟାରିକେଡ୍ ବ୍ୟବସ୍ଥାର ତଦାରଖ କରୁଛନ୍ତି।

ଶ୍ୱେତଗଙ୍ଗା ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ପୁଷ୍କରିଣୀର ଚାରିପାଖରେ ଥିବା କାନ୍ଥରେ ଚୁନ ଧଉଳା ଯାଉଛି। ପାହାଚ ମରାମତି କରାଯାଉଥିବା ବେଳେ ଆଲୋକୀକରଣ କାର୍ଯ୍ୟ ଜାରି ରହିଛି। ଏହାର ପାଣିକୁ ସମ୍ପୂର୍ଣ୍ଣ ବିଶୋଧନ ପାଇଁ ପ୍ରସ୍ତୁତି ଚାଲିଛି। ସୁରକ୍ଷା ଦୃଷ୍ଟିକୋଣରୁ ପୁଷ୍କରିଣୀ ଚାରିପାଖରେ ଥିବା ଆବାସିକ ଗୃହ ଓ ଲଜ୍‌ଗୁଡ଼ିକରେ ଯାତ୍ରୀ ନ ରଖିବାକୁ ପୁଲିସ ପକ୍ଷରୁ ବାସିନ୍ଦାମାନଙ୍କୁ କୁହାଯାଇଛି। କାକୁଡ଼ି ଖାଇ ଛକଠାରୁ ଶ୍ୱେତଗଙ୍ଗା ତୀର୍ଥ ପୁଷ୍କରିଣୀ ପର୍ଯ୍ୟନ୍ତ ରାସ୍ତା ଓ ସ୍ୱେରେଜ ମରାମତି ଚାଲିଛି। ସେହିପରି ବଡ଼ଦାଣ୍ଡରେ ମେଡିକାଲ ଛକଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଲୁହାର ବ୍ୟାରିକେଡ୍ ପକାଯାଉଛି। ହେଲିପ୍ୟାଡ୍‌ରେ ମଧ୍ୟ କାମ ଚାଲିଛି। ଯେହେତୁ ବାୟୁସେନାର ଏକାଧିକ ହେଲିକପ୍ଟର ଆସିବ ତେଣୁ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରସ୍ତୁତି କାମ ଆଗେଇ ଚାଲିଛି। ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ପୁଲିସ ପକ୍ଷରୁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଦୁଇଦିନ ରାଷ୍ଟ୍ରପତି ପୁରୀରେ ରହିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ନିୟମାବଳୀ ଅନୁସାରେ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ତେବେ ରାଷ୍ଟ୍ରପତିଙ୍କ ଶ୍ୱେତଗଙ୍ଗା ପୁଷ୍କରିଣୀ ଯିବାର କାର୍ଯ୍ୟକ୍ରମ ଥିବାରୁ ପୁଷ୍କରିଣୀର ଚାରିପାଖରେ ଥିବା ସବୁ ବେଆଇନ ଲଜ୍, ହୋମ ଷ୍ଟେ'କୁ ଚିହ୍ନଟ କରାଯାଉଛି। ଅଜଣା ଲୋକଙ୍କୁ ଲଜ୍‌ରେ ରଖିବା ପାଇଁ ବାରଣ କରାଯାଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷାରେ ୨୫ ପ୍ଲାଟୁନ୍ ଫୋର୍ସ ନିୟୋଜିତ ହେବେ ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି। ସେହିପରି ରାଷ୍ଟ୍ରପତିଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ପୁଲିସ ପକ୍ଷରୁ ରାତ୍ରିକାଳୀନ ଯାଞ୍ଚକୁ କଡ଼ାକଡ଼ି କରାଯିବା ସହିତ ସହରର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବିଶେଷ କରି ହୋଟେଲ ଓ ଲଜ୍‌ଗୁଡ଼ିକରେ ଯାଞ୍ଚ କରାଯାଉଛି। ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ବିଭିନ୍ନ ଥାନାଧିକାରୀ ଯାଞ୍ଚରେ ସାମିଲ୍ ଅଛନ୍ତି।



## ● ରାସ୍ତା ଅବରୋଧ କରୁଛି ଅଚଳ ଯାନବାହନ
# ନିଜେ ହଟାନ୍ତୁ ନଚେତ୍ କାର୍ଯ୍ୟାନୁଷ୍ଠାନ

ପୁରୀ,୩୦।୧(ସମିସ): ପୁରୀ ସହରରେ ଟ୍ରାଫିକ୍ ସୁପରିଚାଳନା ଏବଂ ଜନସାଧାରଣଙ୍କ ଯାତାୟାତକୁ ସୁଗମ କରିବା ଲାଗି ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶକ୍ରମେ ଟ୍ରାଫିକ୍ ଥାନା ଓ ସିଟି ଡିଏସ୍‌ପିଙ୍କ ମିଳିତ ଉଦ୍ୟମରେ ବିଶେଷ ଅଭିଯାନ ଆରମ୍ଭ କରାଯାଇଛି। ପୁରୀ ସହର ଏକ ଧାର୍ମିକ ଓ ପର୍ଯ୍ୟଟନ ସହର



### ମାଲିକଙ୍କୁ ନୋଟିସ୍

ହୋଇଥିବାରୁ ପ୍ରତିଦିନ ବହୁ ସଂଖ୍ୟକ ଭକ୍ତ, ପର୍ଯ୍ୟଟକ ଓ ସ୍ଥାନୀୟ ଲୋକ ଯାତାୟାତ କରିଥା'ନ୍ତି। କିନ୍ତୁ ସହରର ବିଭିନ୍ନ ସ୍ଥାନ ବିଶେଷକରି ଛୋଟ ଗଳିମାନଙ୍କରେ ବର୍ଷ ବର୍ଷ ଧରି ପୁରୁଣା ୩ ଚକିଆ ଓ ୪ ଚକିଆ ଯାନବାହନ ଅଚଳ ଅବସ୍ଥାରେ ପଡ଼ିରହିଛି। ଏହି ପରିତ୍ୟକ୍ତ ଯାନବାହନ ରାସ୍ତା ଅବରୋଧ ସୃଷ୍ଟି କରିବା ସହିତ ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ଓ ଜରୁରୀ ସେବା ଯାନଙ୍କ ଯାତାୟାତରେ ବାଧା ସୃଷ୍ଟି କରୁଛନ୍ତି। ଏହା ଟ୍ରାଫିକ୍ ଜାମ, ଦୁର୍ଘଟଣାର ସମ୍ଭାବନା ଓ ସାଧାରଣ ଲୋକଙ୍କ ପାଇଁ ଅସୁବିଧାର ପ୍ରମୁଖ କାରଣ ହୋଇପଡ଼ିଛି। ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ପୁଲିସ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ସହରର ପ୍ରାୟ ୧୬ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଚିହ୍ନଟ କରାଯାଇଛି, ଯେଉଁଠାରେ ଏମିତି ପୁରୁଣା ଓ ପରିତ୍ୟକ୍ତ ଯାନବାହନ ରାସ୍ତା ଉପରେ ବର୍ଷରୁ ବର୍ଷ ପଡ଼ିରହିଛି। ସେହି ସ୍ଥାନମାନଙ୍କ ମଧ୍ୟରେ ବାନାମ୍ବର ଛକ ନିକଟରେ ଥିବା ଓଲା ଶୋ'ରୁମ୍, ରିଲାଏନ୍ସ ଟ୍ରେଣ୍ଡ୍ସ ସାମ୍ନା, ଭିଆଇପି ରୋଡ୍‌ରେ ଥିବା ରୁଟ୍ ଡେଣ୍ଟାଲ୍ କ୍ଲିନିକ୍ ଆଖପାଖ, କାଠି ଜଙ୍କ୍‌ସନ, ଡାଲେମା ହୋଟେଲ, କଲେରା ହସ୍ପିଟାଲ ଓ ମହିଳା କଲେଜ ନିକଟବର୍ତ୍ତୀ ଅଞ୍ଚଳ ସହ ଅନ୍ୟାନ୍ୟ ଗଳି ଓ ସଡ଼କ ରହିଛି। ଏହି ସମସ୍ତ ସ୍ଥାନରେ ରାସ୍ତା ଉପରେ ଅବରୋଧ ସୃଷ୍ଟି କରି ଯାନବାହନ ରଖିଥିବା ମାଲିକମାନଙ୍କୁ ନୋଟିସ୍ ଜାରି କରାଯାଇଛି। ନୋଟିସ୍ ମାଧ୍ୟମରେ ସେମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯାନବାହନ ସ୍ୱଇଚ୍ଛାରେ ସ୍ଥାନାନ୍ତର କରିବାକୁ ଅନୁରୋଧ କରାଯାଇଛି। ଯଦି ନୋଟିସ୍ ପାଇବା ପରେ ମଧ୍ୟ ମାଲିକମାନେ ତାଙ୍କର ଗାଡ଼ି ନ ହଟାନ୍ତି ତେବେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ଅଧିବାସ
# ଆଜିଠୁ ସମ୍ମିଳନୀ; ବିଜେ କଲେ ଠାକୁର



ପୁରୀ,୩୦।୧(ସମିସ): ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ୭୫ତମ ଅଧିବେଶନ 'ପଦ୍ମାରାଗ ଜୟନ୍ତୀ'ର ଶୁକ୍ରବାର ଅଧିବାସ ପୂଜା ଅନୁଷ୍ଠିତ ହୋଇଯାଇଛି। ଭକ୍ତ ମଣ୍ଡଳୀ ସକାଳ ୯ଟାରେ ଶ୍ରୀଶ୍ରୀ ଠାକୁର ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ସୋଲାଖିଆ ବରଗଛ ନିକଟ ସ୍ମୃତି ମନ୍ଦିରରୁ ତାଳବଣିଆ ସମ୍ମିଳନୀ ମଣ୍ଡପକୁ ବିଜେ କରାଇଛନ୍ତି। ପୁରୀ ସାହିଜାତ, ଘୋଡ଼ା ନାଚ, ବାଘ ନାଚ ସହ ଦେଶ ବିଦେଶରୁ ଆସିଥିବା ଶହଶହ ଭକ୍ତ ଏହି ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। ପଥପ୍ରାନ୍ତ ଅଭ୍ୟର୍ଥନା ଗ୍ରହଣ କରି ଶ୍ରୀଶ୍ରୀ ଠାକୁର ଶୋଭାଯାତ୍ରାରେ ପହଞ୍ଚିଥିଲେ ସମ୍ମିଳନୀ କ୍ଷେତ୍ରରେ। ସନ୍ଧ୍ୟାରେ ଅଧିବାସ ସଭା ଅନୁଷ୍ଠିତ ହୋଇଥିଲା। ଶନିବାରଠାରୁ ତିନିଦିନ ଧରି ସମ୍ମିଳନୀ ଅନୁଷ୍ଠିତ ହେବ।

## ଡକାୟତି ଯୋଜନା ପଣ୍ଡ
# ତିନି ସ୍ଥାନରେ ଚଢ଼ଉ; ୮ ଗିରଫ

ପୁରୀ,୩୦।୧(ସମିସ): ପୁରୀ ସହରକୁ ଅପରାଧମୁକ୍ତ ଓ ନିଶାମୁକ୍ତ କରିବା ପାଇଁ ଏସ୍‌ପି ପ୍ରତୀକ୍ ସିଂଙ୍କ ତତ୍ତ୍ୱାବଧାନରେ ଜାରି ରହିଛି 'ଅପରେସନ ଚକ୍ର'। ଗାଡ଼ିମୋଟର ଯାଞ୍ଚ ସାଙ୍ଗକୁ ଅପରାଧୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ବୁଲାଉଛି ପୁଲିସ। ଅନେକ ସମୟରେ ବେଆଇନ ନିଶା କାରବାର ହେଉ କି ଅପରାଧିକ କାର୍ଯ୍ୟକଳାପ ସଂକ୍ରାନ୍ତରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଉଛି। ଏହାରି ଭିତରେ 'ଅପରେସନ ଚକ୍ର'କୁ ପୁଣି ମିଳିଛି ସଫଳତା। ତିନି ଥାନା କୁମ୍ଭାରପଡ଼ା, ଟାଉନ ଓ ତାଳବଣିଆ ଥାନା ପୁଲିସ ୩ଟି ସ୍ଥାନରେ ଚଢ଼ଉ କରି ଡକାୟତି ଯୋଜନା ପଣ୍ଡ କରିଥିବାବେଳେ ୮ ଜଣଙ୍କୁ କାବୁ କରିଛନ୍ତି।

କୁମ୍ଭାରପଡ଼ା ଥାନା ପକ୍ଷରୁ ଗିରଫ ହୋଇଥିବା ୪ ଅଭିଯୁକ୍ତ ହେଉଛନ୍ତି ନରେନ୍ଦ୍ରକୋଣ ମଙ୍ଗଳା ସାହିର ପ୍ରଶାନ୍ତ ବେହେରା ଓ ରାହୁଲ ବେହେରା, ଗୋଖାସାହିର ବିଜୟ ବେହେରା ଏବଂ ମାର୍କଣ୍ଡେଶ୍ୱର ସାହିର ଧରଣୀଧର ବେହେରା। ଅଭିଯୋଗ ଅନୁଯାୟୀ, ଶନିବାର ମଧ୍ୟରାତ୍ରରେ ୪/୫ ଜଣ ଯୁବକ ନବକଳେବର ରୋଡ୍ ଦେବକୀ ହସ୍ପିଟାଲ ପଛପାଖର୍ ନିଛାଟିଆ ଜାଗାରେ ବସି ଡକାୟତି ଯୋଜନା କରୁଥିବା କୁମ୍ଭାରପଡ଼ା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ସଙ୍ଗେ ସଙ୍ଗେ ପାଟ୍ରୋଲିଂ ଟିମ୍ ସେଠାରେ ଚଢ଼ଉ କରିଥିଲେ। ଅଭିଯୁକ୍ତମାନେ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୁଲିସ ସହିତ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ପୁଲିସ ୪ ଜଣଙ୍କୁ କାବୁ କରିଥିବାବେଳେ ଜଣେ ଖସିଯିବାକୁ ସକ୍ଷମ ହୋଇଥିଲା। ସେମାନଙ୍କଠାରୁ ଦୁଇଟି ଖଣ୍ଡା, ଗୋଟିଏ ଛୁରୀ, ଗୋଟିଏ ଲୁହାରଡ୍, ଖାଲି ମଦ ବୋତଲ ଏବଂ ଗ୍ଲାସ୍ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୫୮/୨୬) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ। ସେହିପରି ଶନିବାର ରାତିରେ ଜଗନ୍ନାଥ ବଲ୍ଲଭ ନିକଟ ଅନ୍ଧାରିଆ ଜାଗାରେ କିଛି ଅସାମାଜିକ ବ୍ୟକ୍ତି ବସି ଡକାୟତି ଯୋଜନା କରୁଥିବା ଟାଉନ ଥାନା ପୁଲିସ ପାଖରେ ଖବର ପହଞ୍ଚିଥିଲା। ସେମାନେ ଜେବିପିସିକୁ ଆସୁଥିବା ଗାଡ଼ିକୁ ଟାର୍ଗେଟ କରୁଥିଲେ। ସଙ୍ଗେ ସଙ୍ଗେ ପୁଲିସ କର୍ମଚାରୀ ଚଢ଼ଉ କରି ଦୁଇଜଣଙ୍କୁ କାବୁ କରିଥିଲେ। ଅଭିଯୁକ୍ତଦ୍ୱୟ ହେଲେ ମଙ୍ଗଳାଘାଟ ତୋଟାସାହିର ସବ୍ୟସାଚୀ ପ୍ରଧାନ, ହରଚଣ୍ଡୀ ନଗର ଧୋବାଖାଲର କାର୍ତ୍ତିକ ରାଉତ। ଉଭୟଙ୍କ ନିକଟରୁ ଦୁଇଟି କଟୁରି, ଗୋଟିଏ ମୋବାଇଲ୍, ୭ଟି ଖାଲି ବିୟର ବୋତଲ, ଦୁଇଟି ଖାଲି ପାଣି ବୋତଲ, ଗ୍ଲାସ୍ ଓ ଗୋଟିଏ ପ୍ୟାକେଟ୍ ଲଙ୍କାଗୁଣ୍ଡ ଜବତ କରାଯାଇଥିଲା। ରବିବାର ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ଶନିବାର ରାତିରେ ଭୂଦାନ ଜଙ୍ଗଲ ରାସ୍ତାରେ ଛୁରି ଦେଖାଇ ଲୁଟ୍‌ପାଟ କରୁଥିବାବେଳେ ତାଳବଣିଆ ଥାନା ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦୁଇଜଣ ହେଲେ ରେଲ୍‌ୱେ ଗେଟ୍ ଚମାରସାହିର ମନୋଜ ବେହେରା ଓ ପିକେଆର୍‌ଆଇଟି କଲୋନୀର କାଳୁ ପଟ୍ଟନାୟକ। ସେମାନଙ୍କଠାରୁ ଗୋଟିଏ ଛୁରି ଏବଂ ୫୦୦ ଟଙ୍କା ଜବତ କରିଛି ପୁଲିସ। ଉଭୟଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଟାଉନ୍ ଏବଂ କୁମ୍ଭାରପଡ଼ା ଥାନା ଦ୍ୱାରା ଗିରଫ ୬ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ଏକାଧିକ ଥାନାରେ ମାମଲା ଥିବା ପୁଲିସ କହିଛି।

# ପୁରୀ ଯୋଗ ଜିଲ୍ଲାର ବସନ୍ତ ଉତ୍ସବ

ପୁରୀ,୩୦।୧(ସମିସ): ମାଟିତୋଟାସ୍ଥିତ ରାମିତୋଟା ମା' ମଙ୍ଗଳା କଲ୍ୟାଣ ମଣ୍ଡପରେ ଭାରତୀୟ ଯୋଗ ସଂସ୍ଥାନ ପୁରୀ ଯୋଗ ଜିଲ୍ଲା ଦ୍ୱାରା ପ୍ରଥମ ବସନ୍ତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୋଗ ଜିଲ୍ଲା ପ୍ରଧାନ ମନମୋହନ ମହାପାତ୍ରଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ଅତିଥି ଭାବେ ସମାଜସେବୀ ଅର୍ଜୁନ ପାତ୍ର, ଯୋଗ ଜିଲ୍ଲା ଉପଦେଷ୍ଟା ବିବିରାମ ସ୍ୱାଇଁ, ଯୋଗ ଜିଲ୍ଲା ମନ୍ତ୍ରୀ ସଦାଶିବ ଦାସ, ସଂଗଠନ ମନ୍ତ୍ରୀ ନିରଞ୍ଜନ ରାଉତ ଯୋଗଦେଇଥିଲେ। ସୁକାନ୍ତ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିବାବେଳେ ତ୍ରିଲୋଚନ ସାହୁ, ବିଦ୍ୟାଧର ପରିଡ଼ା, ମାନସ ମହାପାତ୍ର ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଶ୍ରବଣ ପ୍ରଧାନ ବିବରଣୀ ପାଠ କରିଥିଲେ। ସୂଚନାଥାଉ କି, ଯୋଗ କେନ୍ଦ୍ରର ପ୍ରମୁଖମାନଙ୍କୁ ସମ୍ମାନିତ କରିବା ପାଇଁ ବସନ୍ତ ଉତ୍ସବ ପାଳନ କରାଯାଏ। ଉତ୍ସବ ମାଧ୍ୟମରେ ପୁରୀ ଯୋଗ ଜିଲ୍ଲାର ୮ଟି କେନ୍ଦ୍ର ପ୍ରମୁଖଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଦ୍ୱାରା ସମ୍ମାନିତ କରାଯାଇଥିଲା। କେନ୍ଦ୍ର ପ୍ରମୁଖର ମହତ୍ତ୍ୱ ଓ କର୍ତ୍ତବ୍ୟ ବିଷୟରେ ଚର୍ଚ୍ଚା କରାଯାଇଥିଲା। ସବୁ କେନ୍ଦ୍ରର ସାଧକସାଧିକାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୁଶାନ୍ତ ମହାପାତ୍ର, ସଂଯୁକ୍ତା ମହାନ୍ତି, ଦୁର୍ଯ୍ୟୋଧନ ବିଶ୍ୱାଳ ଓ ରବିନ୍ଦ୍ର ମହାନ୍ତି ଯୋଗାଭ୍ୟାସ କରାଇଥିଲେ। ଶେଷରେ ଦେବଦତ୍ତ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## ସହିଦ ଦିବସରେ ଜାତିର ଜନକଙ୍କୁ ଶ୍ରଦ୍ଧାଞ୍ଜଳି
# ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ବିଚାରଧାରା ଚିର ଅମର

ପୁରୀ,୩୦।୧(ସମିସ): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ବିଚାରଧାରା ଚିର ଅମର। ୧୯୪୮ ମସିହା ଜାନୁଆରୀ ୩୦ ତାରିଖରେ ଜାତିର ଜନକଙ୍କ ମହାପ୍ରୟାଣ ଘଟିଥିଲା। ଗାନ୍ଧିଜୀଙ୍କ ଅହିଂସା ମନ୍ତ୍ର ସମଗ୍ର ବିଶ୍ୱକୁ ଆନ୍ଦୋଳିତ କରିଛି। ତାଙ୍କର ତ୍ୟାଗ, ସମୟାନୁବର୍ତ୍ତିତା ଓ ସତ୍ୟ ପ୍ରତି ନିଷ୍ଠା ସମସ୍ତଙ୍କୁ ସବୁଦିନ ପାଇଁ ଅନୁପ୍ରାଣିତ କରିଚାଲିଥିବ ବୋଲି କହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ପ୍ରତ୍ୟେକ ବର୍ଷ ଜାନୁଆରୀ ୩୦ ତାରିଖ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସକୁ ସହିଦ ଦିବସ ଭାବେ ପାଳନ କରାଯାଏ। ଶୁକ୍ରବାର ସହିଦ ଦିବସ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନିରବତା ଅବଲମ୍ବନ କରାଯାଇ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ୨ ମିନିଟ୍ ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀ ନିରବ ରହି ଜାତିର ଜନକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଆଦ୍ୟାଶା ରଥ, ବିବେକାନନ୍ଦ ସାହୁ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସହକାରୀ ଜିଲ୍ଲାପାଳ ପଞ୍ଚାନନ ପରିଜା, ଜିଲ୍ଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡ଼ା ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ୨ ମିନିଟ୍ ନିରବତା ଅବଲମ୍ବନ କରିଥିଲେ। ସେହିପରି ଜିଲ୍ଲାର ବିଭିନ୍ନ ବିଭାଗର କାର୍ଯ୍ୟାଳୟରେ ଏହି ନିରବତା ଅବଲମ୍ବନ ପୂର୍ବକ ସହିଦ ଦିବସ ପାଳନ କରାଯାଇଥିଲା।

# ୧୯୬ ମଣ୍ଡିରେ ୧,୫୭,୨୬୭ କ୍ୱିଣ୍ଟାଲ ଧାନ କ୍ରୟ

ପୁରୀ,୩୦।୧(ସମିସ): ପୁରୀ ଜିଲ୍ଲାର ସମସ୍ତ ୧୧ଟି ବ୍ଲକ୍‌ରେ ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରାଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ବ୍ଲକ୍ ଦାୟିତ୍ୱରେ ରହି ଧାନ ସଂଗ୍ରହକୁ ଶୃଙ୍ଖଳିତ ପରିଚାଳନା ପାଇଁ ତଦାରଖ କରୁଛନ୍ତି। ନିଜେ ଜିଲ୍ଲାପାଳ ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ ସହ ଚାଷୀଙ୍କ ସହିତ ଆଲୋଚନା କରି ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝୁଛନ୍ତି। ଜିଲ୍ଲାର ଚାଷୀମାନେ ଧାନ ବିକ୍ରିରେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସଜାଗ ରହି ପଦକ୍ଷେପ ନେବାକୁ ଜିଲ୍ଲାପାଳ ଶ୍ରୀ ପରିଡ଼ା ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ ଋତୁରେ ୫୯ ହଜାର ୯୯୮ ଚାଷୀ ପଞ୍ଜୀକରଣ କରିଥିବାବେଳେ ଯାଞ୍ଚ ପରେ ୫୯ ହଜାର ୧୯୭ ଜଣ ଧାନ ବିକ୍ରି ପାଇଁ ଯୋଗ୍ୟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୨୭ ହଜାର ୫୦୭ ଟୋକନ ପ୍ରଦାନ କରାଯାଇଛି। ୧୨ଲକ୍ଷ ୪ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ଚଳିତ ମାସ ୩୦ ତାରିଖ ସୁଦ୍ଧା ୪୦୯୯ କୃଷକଙ୍କଠାରୁ ୧୯୬ ମଣ୍ଡି ମାଧ୍ୟମରେ ୧ ଲକ୍ଷ ୫୭ ହଜାର ୨୬୭ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇ ୨୫ କୋଟି ୫୦ ଲକ୍ଷ ୬୫ ହଜାର ୯୬୩ ଟଙ୍କା ପ୍ରଦାନ କରାଯାଇଛି ବୋଲି ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ସୂଚନା ଦେଇଛନ୍ତି।

# ଜିଲ୍ଲାପାଳଙ୍କ ବାଲିପୁଟ ପାକ୍ସ ପରିଦର୍ଶନ

ପୁରୀ,୩୦।୧(ସମିସ): ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଶୁକ୍ରବାର ପୁରୀ ସଦର ବ୍ଲକ୍‌ର ବାଲିପୁଟ ପାକ୍ସ ପରିଦର୍ଶନ କରି ଧାନ ସଂଗ୍ରହର ବ୍ୟବସ୍ଥା ସମ୍ପର୍କରେ



ପାକ୍ସ ସମ୍ପାଦକ ଓ ଅନ୍ୟ କର୍ମଚାରୀଙ୍କୁ ପଚାରି ବୁଝି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଧାନ ବିକ୍ରିର ସୁବିଧା ଅସୁବିଧା ସମ୍ପର୍କରେ ଚାଷୀମାନଙ୍କୁ ପଚାରି ସେମାନଙ୍କ ମତ ନେଇଥିଲେ। ପରେ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ଚାଷୀମାନଙ୍କର ଯେପରି ଧାନ ବିକ୍ରି ସମୟରେ କୌଣସି ସମସ୍ୟା ନ ହେବ ଓ ସରକାରୀ ନିୟମ ଅନୁଯାୟୀ ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନରେ ଜିଲ୍ଲାପାଳଙ୍କ ସହ ବିଡିଓ ସମ୍ବିତ୍ କୁମାର ଶତପଥୀ, ଯୋଗାଣ ନିରୀକ୍ଷକ ସୁବାସ ଚନ୍ଦ୍ର ବିଶ୍ୱାଳ, ଏରିଆ ଅଫିସର ପାର୍ଥସାରଥୀ ମଲ୍ଲିକ, ପାକ୍ସ ସମ୍ପାଦକ ସଚ୍ଚିକାନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦେଶରେ ପ୍ରଶଂସା ସାଉଣ୍ଟିଲେ ଯୁବ ଓଡ଼ିଶୀ ଶିଳ୍ପୀ ବିବେକ

ପୁରୀ,୩୦।୧(ସମିସ): ଭିଏତନାମର ହୋଚିମିନ ସିଟିରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ପ୍ରଶଂସା ସାଉଣ୍ଟିଛନ୍ତି ପୁରୀର ଯୁବ ଓଡ଼ିଶୀ ନୃତ୍ୟଶିଳ୍ପୀ ବିବେକ ମହାନ୍ତି। ଶ୍ରୀମନ୍ଦିରର ପାରମ୍ପରିକ ସଙ୍ଗୀତ 'ଦେଖଗୋ ରାଧା ମାଧବ ଚାଲି...'ରେ ବିବେକଙ୍କ ନୃତ୍ୟାଭିନୟ ବିଦେଶୀ ଦର୍ଶକଙ୍କ ମନ ଜିଣିଛି। ସେଠାରେ ଆୟୋଜିତ 'ବସୁଧୈବ ମଧୁରମ୍' କାର୍ଯ୍ୟକ୍ରମରେ ବିବେକ ତାଙ୍କର ଉଚ୍ଚ ପାରଦର୍ଶିତା ଦେଖାଇ ଦର୍ଶକଙ୍କ ଢେର୍ ଭଲପାଇବା ସାଉଣ୍ଟିଥିଲେ। ସମଗ୍ର ପୃଥିବୀକୁ ନୃତ୍ୟର ମଧୁରତାରେ ବିଭୋର କରିବା ଓ ବାନ୍ଧି ରଖିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଏହି ନୃତ୍ୟ କାର୍ଯ୍ୟକ୍ରମରେ ବିଭିନ୍ନ ଭାରତୀୟ ନୃତ୍ୟ ପରିବେଷିତ ହୋଇଥିଲା। ଏଥିରେ ଶ୍ରୀକ୍ଷେତ୍ର ମାଟିର ଯୁବ ନୃତ୍ୟଶିଳ୍ପୀ ତଥା ନୃତ୍ୟଗୁରୁ ବିବେକ ସୁଯୋଗ ପାଇ ବିଦେଶରେ ନିଜ ପ୍ରତିଭାର ପରିଚୟ ଦେଇଥିଲେ। ସୂଚନାଥାଉ କି, ଓଡ଼ିଶାର ଜଣେ ଜଣାଶୁଣା ଓଡ଼ିଶୀ ନୃତ୍ୟଗୁରୁ ଭାବେ ପରିଚିତ ବିବେକ ଗତବର୍ଷ ଜୁନ୍ ୨ ତାରିଖରେ ନେପାଳର ପ୍ରସିଦ୍ଧ ପଶୁପତି ନାଥ ମନ୍ଦିର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ପ୍ରଶଂସା ସାଉଣ୍ଟିଥିଲେ।



## ମତଦାନ ସଚେତନତା ପଦଯାତ୍ରା
# ପିଙ୍କ୍ ରାଲି କଲେ ନୂଆ ମହିଳା ମତଦାତା




ପୁରୀ,୩୦।୧(ସମିସ): ଜାତୀୟ ମତଦାତା ସପ୍ତାହ ଉପଲକ୍ଷେ ସାମାଜିକ ଅନୁଷ୍ଠାନ ସମ୍ପର୍କ, ମାଇଁ ଯୁବା ଭାରତ, ପ୍ରିୟଙ୍କା ଦେବୀ ସ୍କୁଲ୍ ଅଫ୍ ନର୍ସିଂ ଓ ରାଷ୍ଟ୍ରସେବା ଟ୍ରଷ୍ଟ ମିଳିତ ସହଯୋଗରେ ବାଲିଗୁଆଳିସ୍ଥିତ ପ୍ରିୟଙ୍କା ଦେବୀ ସ୍କୁଲ୍ ଅଫ୍ ନର୍ସିଂ ପରିସରରେ ଜାତୀୟ ମତଦାତା ସପ୍ତାହ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା ନୂତନ ଓ ପ୍ରଥମଥର ମତଦାନ କରିବାକୁ ଯାଉଥିବା ଯୁବ ମତଦାତାଙ୍କୁ ମତଦାନର ଗୁରୁତ୍ୱ, ଭୋଟର ନାମଲେଖା ପ୍ରକ୍ରିୟା, ଭୋଟର ତାଲିକା ସଂଶୋଧନ ଏବଂ ନୀତିସଂଗତ ଭୋଟ୍‌ଦାନ ବିଷୟରେ ସଚେତନ କରାଇବା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଭାବେ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ପଦଯାତ୍ରା ପୂର୍ବରୁ ସମସ୍ତ ଅଂଶଗ୍ରହଣକାରୀ ନୀତିସଂଗତ ଓ ସଚେତନ ଭୋଟ୍‌ଦାନ ପାଇଁ ଶପଥ ଗ୍ରହଣ କରିଥିଲେ।

ଏହି ଅବସରରେ ଉପଜିଲ୍ଲାପାଳ ରାଜ କିଶୋର ଜେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଶାସନିକ ସେବା ଅଧିକାରୀ ପଦ୍ମନାଭ ପଣ୍ଡା, ପ୍ରିୟଙ୍କା ଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷ ଡ. ବାବୁଲା ବେହେରା, ମାଇଁ ଭାରତର ଜିଲ୍ଲା ଯୁବ ଅଧିକାରୀ ସୁଶୀଲ କହିଥିଲେ ଯେ, ଭାରତୀୟ ସମ୍ବିଧାନ ଆମକୁ ମତଦାନର ଅଧିକାର ଦେଇଛି, ନୀତି ସଂଗତ ଓ ସଚେତନ ମତଦାନ ଦ୍ୱାରା ସୁଶାସନ ସମ୍ଭବ। ସଚେତନ ଓ ଦାୟିତ୍ୱଶୀଳ ମତଦାନ ଦ୍ୱାରା ଲୋକତନ୍ତ୍ର ସୁଦୃଢ଼ ହୁଏ ଓ ଦେଶ ଦୃଢ଼ ଭିତ୍ତି ଉପରେ ଅଗ୍ରସର ହୁଏ। ମତଦାନ ପ୍ରତ୍ୟେକ ନାଗରିକଙ୍କର ସାମ୍ବିଧାନିକ କର୍ତ୍ତବ୍ୟ। ଏଥିରେ ମାଇଁ ଭାରତର ଜିଲ୍ଲା କୋଷାଧ୍ୟକ୍ଷ ଅଶୋକ ବେହେରା ଉପସ୍ଥିତ ଥିଲେ। ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ସଭା ପରିଚାଳନା କରି ସଂଗଠନର କାର୍ଯ୍ୟକଳାପ, ଦୃଷ୍ଟିକୋଣ ଓ ଯୁବ ସଶକ୍ତୀକରଣ ଦିଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ରାଷ୍ଟ୍ରସେବା ଟ୍ରଷ୍ଟର ଅଧ୍ୟକ୍ଷା ରଞ୍ଜିତା ପାଢ଼ୀ ନିଶ୍ଚିତ ମତଦାନ ସମ୍ପର୍କରେ ଶପଥପାଠ କରାଇଥିବାବେଳେ ନର୍ସିଂ ସ୍କୁଲର ଅଧ୍ୟକ୍ଷା ପାର୍ବତୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ମତଦାତା ସପ୍ତାହ ଅବସରରେ ନୂଆ ମହିଳା ମତଦାତାମାନଙ୍କୁ ନେଇ 'ପିଙ୍କ୍ ରାଲି' ଆୟୋଜନ କରାଯାଇ ମହିଳା ସଶକ୍ତୀକରଣ ଓ ସଚେତନ ମତଦାନର ସ୍ପଷ୍ଟ ବାର୍ତ୍ତା ଦିଆଯାଇଥିଲା। ଶୁଭ ପ୍ରସାଦ ଶର୍ମା, ବିଶ୍ୱଜିତ୍ ମିଶ୍ର, ରଞ୍ଜନ ପାଢ଼ୀ, ରାକେଶ ବାରିକ, ରୋଜାଲିନ୍ ମିଶ୍ର, ଅଂଶୁଜିତ୍ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭଦ୍ରକରେ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ





ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗ



ଭଦ୍ରକ ଓକିଲ ସଂଘ

ଭଦ୍ରକ,୩୦।୧(ସମିସ): ମହାମାନବ ମହାତ୍ମା ଗାନ୍ଧୀଙ୍କର ୭୮ତମ ମହାପ୍ରୟାଣ ଦିବସ ଭଦ୍ରକ ମହାତ୍ମା ଗାନ୍ଧୀ ବିଚାରମଞ୍ଚ ଦ୍ୱାରା ସ୍ଥାନୀୟ ସହିଦ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମାବେଶରେ ବିଚାର ମଞ୍ଚର ସ୍ଥାୟୀ ସଭାପତି ଶାନ୍ତନୁ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାଏ, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଡ. ବେଣୁଧର ପାଢ଼ୀ, ଡ. ବାସନ୍ତୀ ମହାନ୍ତି। ପ୍ରାରମ୍ଭରେ ଅଧ୍ୟାପକ ଶଶୀକାନ୍ତ ପାଢ଼ୀ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବାବେଳେ ପ୍ରଫେସର ନାସିର୍ ବକ୍ସ ସ୍ୱାଗତ ଭାଷଣ ଓ ସାହିତ୍ୟିକ ହରମୋହନ କୁଅଁର ଅତିଥି ପରିଚୟ ପ୍ରଦାନ କରିଥିଲେ। ଗାନ୍ଧୀ ବାଳାଶ୍ରମର ଅନ୍ତେବାସୀଗଣ ଗାନ୍ଧୀଜୀଙ୍କର ପ୍ରିୟ ଭଜନ 'ବୈଷ୍ଣବ ଜନତୋ' ପରିବେଷଣ କରିଥିଲେ ଏବଂ ଯୁଗ୍ମ ସମ୍ପାଦକ ବୈଲୋଚନ ବେହୁରିଆ ସମ୍ପାଦକୀୟ ଉପସ୍ଥାପନ କରିଥିଲେ। ଡ. ଶଶଧର ମେଦିନ ସିଂହ ମହାପାତ୍ର ଓ ଅକ୍ଷୟ କୁମାର ସେଠୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ମୁକ୍ତିକାନ୍ତ ଗୋସ୍ୱାମୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିବାବେଳେ ମହାତ୍ମା ଗାନ୍ଧୀ ଜୀବନୀ ସମ୍ବଳିତ ବକ୍ତୃତା ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ କୋଷାଧ୍ୟକ୍ଷ କରୁଣାକର ଉପାଧ୍ୟାୟ। ସମ୍ବର୍ଦ୍ଧନା ଉଦ୍ଦେଶ୍ୟରେ ମାନପତ୍ର ପାଠ କରିଥିଲେ ବାବୁଲାଲ ଦାସ ଓ ସ୍ନେହଲତା ବେହେରା। ମୁକ୍ତିକାନ୍ତ ମହାପାତ୍ର, ଅଜିତ୍ ନାୟକ, ଆଦିତ୍ୟ ନାୟକ, ଆଦିତ୍ୟ ଗୋସ୍ୱାମୀ, ରମାକାନ୍ତ ନାୟକ, ପରମାନନ୍ଦ ସାହୁ, ବିବେକାନନ୍ଦ ମୁଖାର୍ଜୀ, ବିଚିତ୍ରାନନ୍ଦ ମହାନ୍ତି, ଭାସ୍କର ନାୟକ, ମନୋରଞ୍ଜନ ଦାସ, ବସୁମିତ୍ରା ସାହୁ, ଗୋବର୍ଦ୍ଧନ ସାମଲ, ଗୟାଧର ପଣ୍ଡା, ଅଶୋକ ଦାସ, ବାଦଲ ମହାପାତ୍ର, ବାବୁଲା ରାଉତ ପ୍ରମୁଖ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। କବିତାପାଠରେ ସହଯୋଗ କରିଥିଲେ ଡ. ଅନିଲ ଦାସ, ଗୌରାଙ୍ଗ ଚନ୍ଦ୍ର ବାରିକ ଏବଂ ମଞ୍ଚ ଆମନ୍ତ୍ରଣ କରିଥିଲେ ସମାଜସେବୀ କାଳନ୍ଦୀ ମଲ୍ଲିକ। ଯୁଗ୍ମ ସମ୍ପାଦକ ମଦନ ମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଭଦ୍ରକ କୁଷ୍ଠାଶ୍ରମ ସମେତ ଉପସ୍ଥିତ ଗାନ୍ଧୀପ୍ରେମୀମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା।

## ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗ

ଶୁକ୍ରବାର ଭଦ୍ରକ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଭଦ୍ରକ ଗାନ୍ଧୀ ପଡ଼ିଆଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ନୂଆବଜାର ଗାନ୍ଧୀ ପଡ଼ିଆସ୍ଥିତ ଗାନ୍ଧୀଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲ୍ଲାର ପ୍ରଶାସନିକ ଅଧିକାରୀ, ବରିଷ୍ଠ ନାଗରିକ ମହାସଂଘ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର କର୍ମକର୍ତ୍ତା, ଜିଲ୍ଲା ଅଗ୍ନିଶମ ବିଭାଗ, ପୌରପାଳିକା କର୍ମଚାରୀ, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଅନ୍ତେବାସୀ ଯୋଗଦେଇ ଗାନ୍ଧୀଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଇଂ ଅଖିଳ ମୋହନ ପାଢ଼ୀ, ଶାନ୍ତନୁ ରାଉତ, ବରିଷ୍ଠ ନାଗରିକ ମହାସଂଘର ସାଧାରଣ ସମ୍ପାଦକ କୈଳାସ ମହାପାତ୍ର, ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ସଭାପତି ଅଜୟନାୟକ, ଓକିଲ ସଂଘର ଦିବ୍ୟସିଂହ ନାୟକ, ବୁଦ୍ଧିଜୀବୀ ଗୟାଧର ପଣ୍ଡା, ଅଶୋକ ଦାସ, ଗୌରାଙ୍ଗ ବାରିକ, ଶଶିଭୂଷଣ ପଣ୍ଡା, ଲକ୍ଷ୍ମୀକାନ୍ତ ବାରିକ, ତ୍ରିଲୋଚନ ପଣ୍ଡା ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ସ୍ମୃତିଚାରଣ କରିଥିଲେ।

## ଭଦ୍ରକ ଓକିଲ ସଂଘ

ମହାତ୍ମା ଗାନ୍ଧୀଙ୍କ ୭୮ତମ ମହାପ୍ରୟାଣ ପାଳନ ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ନ୍ୟାୟାଳୟ ପରିସରରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଭଦ୍ରକ କୋର୍ଟର ବହୁ ଆଇନଜୀବୀ ପୁଷ୍ପଅର୍ପଣକରିଶ୍ରଦ୍ଧାଞ୍ଜଳିଜଣାଇଛନ୍ତି।ପରାଧୀନଭାରତର ସ୍ୱାଧୀନତା, ଏକ ପ୍ରଗତିଶୀଳ, ବୈଜ୍ଞାନିକ, ଧର୍ମନିରପେକ୍ଷ ଭାରତ ଗଠନର ସ୍ୱପ୍ନ ଦେଖିଥିବା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ତାଙ୍କ ସଂଘର୍ଷ ଆରମ୍ଭକରି ଭାରତରେ ତିନୋଟି ପ୍ରମୁଖ ଆନ୍ଦୋଳନ ଯଥା- ଅସହଯୋଗ, ଆଇନ ଅମାନ୍ୟ ଓ ଭାରତଛାଡ଼ ଆନ୍ଦୋଳନ ମାଧ୍ୟମରେ ବ୍ରିଟିଶମାନଙ୍କୁ ତଡ଼ିଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବିହାର ରାଜ୍ୟର ଚମ୍ପାରନ ଆନ୍ଦୋଳନଠାରୁ ଆରମ୍ଭ କରି ମହାରାଷ୍ଟ୍ରର ଲୁଗା କାରଖାନା ଶ୍ରମିକ ଆନ୍ଦୋଳନ ମଧ୍ୟ ଦେଇ ସେ ଉଭୟ ଅନ୍ନଦାତା ଓ ବସ୍ତ୍ରଦାତାମାନଙ୍କ ଆଦର ଓ ଆଦର୍ଶର ନେତା ହୋଇପାରିଥିଲେ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ଆଇନଜୀବୀମାନେ ମତବ୍ୟକ୍ତ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଭଦ୍ରକ ଓକିଲ ସଂଘର ସଭାପତି ସନ୍ତୋଷ ଆଚାର୍ଯ୍ୟ, ଉପସଭାପତି ଅଶୋକ ନାୟକ, ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର, ସହସମ୍ପାଦକ ନିକୁଞ୍ଜ ପୂହାଣ, ପୂର୍ବତନ ସମ୍ପାଦକ ଦିବ୍ୟସିଂହ ନାୟକ, ଆଇନଜୀବୀ ଶରତ ମହାପାତ୍ର, ଶଶିଭୂଷଣ ପଣ୍ଡା, ଅରୁଣ ଚାନ୍ଦ୍, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଗିରିଧାରୀ ନାଥ, ବିଜନ ଯେନା, ବିକାଶ ନାଥ, ଲିସାରାଣୀ ବାରିକ୍, ଉଷାଶ୍ରୀ ବାରିକ୍, ସରୋଜ ପଣ୍ଡା, ଉତ୍କଳ ଜେନା, ପ୍ରଫୁଲ୍ଲ ପାଢ଼ୀ, ନିଶିକାନ୍ତ ନାୟକ, ଧିରେନ୍ଦ୍ର ରାୟ, ପୂର୍ଣ୍ଣିମା ସାହୁ, ପ୍ରତାପ ସେଠୀ, ଓମ୍ ପ୍ରକାଶ ଖଣ୍ଡେଇ ପ୍ରମୁଖ ଉପସ୍ଥିତ ରହି ବାପୁଙ୍କ ସ୍ମୃତିଚାରଣ କରିଥିଲେ। ଏହାସହ ଭାରତର ଧର୍ମନିରପେକ୍ଷ ଗଣତନ୍ତ୍ରର ସୁରକ୍ଷା, ସ୍ୱାଧୀନ ଅର୍ଥନୀତି, ସ୍ୱାଧୀନ ବୈଦେଶିକ ନୀତି, ଆମ ଦେଶର ଏକତା, ଭାଇଚାରା, ଅଖଣ୍ଡତା ଓ ସମ୍ବିଧାନର ସୁରକ୍ଷା ପାଇଁ ଗାନ୍ଧୀଙ୍କ ଧର୍ମନିରପେକ୍ଷ ମାର୍ଗକୁ ଅନୁସରଣ କରିବାକୁ ଶପଥ ନେଇଥିଲେ।

# ଗାନ୍ଧୀ ପଥେ କଂଗ୍ରେସର ଓଡ଼ିଶା ପଦଯାତ୍ରା

**ରକ୍ତତୀର୍ଥ ଇରମ ସହିଦ ପୀଠରୁ ଆରମ୍ଭ**

ବାସୁଦେବପୁର,୩୦।୧(ସମିସ): ଶାସକ ଦଳର କ୍ଷମତାର ଅହଙ୍କାର ବିରୋଧରେ ରଣହୁଙ୍କାର ଦେଇଛି କଂଗ୍ରେସ। ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବାସୁଦେବପୁର ବ୍ଲକ୍‌ର ରକ୍ତତୀର୍ଥ ଇରମଠାରୁ ପଦଯାତ୍ରା ହେଉ ଅହିଂସାର ନୀତି ଅନୁସରଣ କରି ଗାନ୍ଧୀ ପଥେ ଓଡ଼ିଶାର ପଦଯାତ୍ରା ଆରମ୍ଭ କରି ସଚେତନତା ସୃଷ୍ଟି କରାଯିବ। ବାସୁଦେବପୁର ପୌରପାଳିକାର ସତ୍‌ସଙ୍ଗ ବିହାର ପଡ଼ିଆର ଏକ ବିରାଟ



ଆରମ୍ଭ କରି ବାସୁଦେବପୁରରେ ପହଞ୍ଚିଛି। ବାସୁଦେବପୁର ବ୍ଲକ୍‌ର ରକ୍ତତୀର୍ଥ ଇରମ ସହିଦ ପୀଠରେ ପିସିସିର ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଉପନେତା ଅଶୋକ କୁମାର ଦାସ, ଜିଲ୍ଲା କଂଗ୍ରେସର ସଭାପତି ନଳିନୀକାନ୍ତ ମହାନ୍ତି ଓ ଅସିତ୍ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଶୋଭାଯାତ୍ରା ଇରମ ପହଞ୍ଚି ସହିଦ ପୀଠରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନାମକୁ ଶାସକ ଦଳ ଯେପରି ଭାବେ କଦର୍ଥ କରୁଛି ତାକୁ ବିରୋଧ କରି କଂଗ୍ରେସ ଜନଜାଗରଣ ଅଭିଯାନ ଆରମ୍ଭ କରିଛି।

ଦିନକୁ ଦିନ ବୃଦ୍ଧି ପାଉଛି ଶାସକ ଦଳର ନିର୍ଯାତନା। ଧାନର ଅଭାବୀ ବିକ୍ରି ହେଉ କି ଟାଟା କମ୍ପାନୀର ସ୍ମାର୍ଟ ମିଟର ସାଧାରଣ ସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ସାଂସଦ ଅନନ୍ତ ସେଠୀ, ଅସିତ୍ ପଟ୍ଟନାୟକ, ସେବା ଦଳର ସଭାପତି ଶୁଭେନ୍ଦୁ ମହାନ୍ତି, କଂଗ୍ରେସ ବିଧାୟକ ଉପନେତା ଅଶୋକ କୁମାର ଦାସ, ମଧୁସ୍ମିତା ସେଠୀ, କାଉନ୍‌ସିଲର ଭକ୍ତ ରଞ୍ଜନ ପଟ୍ଟନାୟକ, ଜିଲ୍ଲା କଂଗ୍ରେସର ସଭାପତି ନଳିନୀକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେବା ଦଳର ମହିଳା ସଭାନେତ୍ରୀ ଉଷାରାଣୀ ବେହେରା, ଦଳିତ ସେଲର ସଭାପତି ମାନସ ମଳିକ, ସମ୍ପାଦକ ରାଜେନ୍ଦ୍ର ଜେନା, ସୁଧାଂଶୁ ମହାନ୍ତି, ଦେବେନ୍ଦ୍ର ମହାନ୍ତି, ଯୁବ କଂଗ୍ରେସ ସିଦ୍ଧାନ୍ତ ଦାସ, ରମେଶ ବଳ ପ୍ରମୁଖ ଯୋଗଦେଇଥିଲେ।

## ଯୋଗଦେଲେ ନୂତନ ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି



ଧାମନଗର,୩୦।୧(ସମିସ): ଧାମନଗର ନୂତନ ଏସ୍‌ଡିପିଓ ଗତ ୨୮ ତାରିଖରେ କାର୍ଯ୍ୟାଳୟରେ ଯୋଗଦେଇ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏସ୍‌ଡିପିଓ ତ୍ରିଲୋଚନ ସେଠୀଙ୍କ ପଦୋନ୍ନତି ହୋଇ କଟକ ଭିଜିଲାନ୍ସ ବିଭାଗ ଅତିରିକ୍ତ ଏସ୍‌ପି ଭାବେ ଯୋଗଦେବା ପରେ ତାଙ୍କ ସ୍ଥାନରେ ନୂତନ ଏସ୍‌ଡିପିଓ ଭାବେ ଅନିରୁଦ୍ଧ ମୁଦୁଲି ଯୋଗଦେଇଛନ୍ତି। କାର୍ଯ୍ୟାଳୟରେ ଏଏସ୍‌ଆଇ ପାର୍ଥସାରଥୀ ବିଶ୍ୱାଳ ଓ ଅନ୍ୟ କର୍ମଚାରୀ ସ୍ୱାଗତ କରିଥିବାବେଳେ ଧାମନଗର ଥାନା ଆଇଆଇସି ରଞ୍ଜନ କୁମାର ସେଠୀଙ୍କ ସମେତ ଅନ୍ୟ ଅଧିକାରୀ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ସେହିପରି ଶୁକ୍ରବାର ଧାମନଗର ଅଞ୍ଚଳର ସମାଜସେବୀ, ବୁଦ୍ଧିଜୀବୀ ତଥା ବିରେନ୍ଦ୍ର କୁମାର ଜେନା, ସେକ୍ ଜାଫର ଅଲ୍ଲୀ, ସେକ୍ ଅବ୍‌ଦୁଲ ହାକିମ, ଗୋଲାମ ଜିଲାନି ହବିବି, ସେକ୍ ହମିଦ ପ୍ରମୁଖ ଅଫିସରେ ପହଞ୍ଚି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଓ ଶୁଭେଚ୍ଛା ଜଣାଇବା ସହ ସୌଜନ୍ୟମୂଳକ ସାକ୍ଷାତ୍ କରି ଅଞ୍ଚଳର ପରିସ୍ଥିତି ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା କରିଛନ୍ତି। ଧାମନଗର ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଏସ୍‌ଡିପିଓ ଶ୍ରୀ ମୁଦୁଲି ପ୍ରତିକ୍ରିୟା ଦେଇଛନ୍ତି।

## ଆଦର୍ଶ ଶିକ୍ଷକ ଚକ୍ରଧର ବାରିକଙ୍କ ଦେହାନ୍ତ



ଧାମନଗର,୩୦।୧(ସମିସ): ଧାମନଗର ଏନ୍‌ଏସି ଅନ୍ତର୍ଗତ ଦକ୍ଷିଣବାଡ଼ ଗାଁରେ ଥିବା ମହେନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଚକ୍ରଧର ବାରିକଙ୍କର ୭୯ ବର୍ଷ ବୟସରେ ଗୁରୁବାର ଦେହାନ୍ତ ଘଟିଛି। ସେ ଜଣେ ଶିକ୍ଷାନୁଷ୍ଠାନ, ସାଂସ୍କୃତିକ ତଥା ସାମାଜିକ ପ୍ରତିଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଓ ଧର୍ମପରାୟଣ ବ୍ୟକ୍ତି ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କିଛି ମାସ ହେଲା ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିବାବେଳେ ଗୁରୁତର ହେବାରୁ ତାଙ୍କୁ ଧାମନଗର ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ମରଶରୀରକୁ ନିଜ ବାଡ଼ିରେ ସତ୍କାର କରାଯାଇଥିବା ବେଳେ ସାନ ପୁଅ ପଙ୍କଜ ବାରିକ ମୁଖାଗ୍ନି ଦେଇଥିଲେ।

## ନିତ୍ୟାନନ୍ଦ ସ୍ମାରକୀ ପାଠାଗାର କେନ୍ଦ୍ର ପକ୍ଷରୁ ବନ୍ଧୁ ମିଳନ



ଧାମନଗର,୩୦।୧(ସମିସ): ଶିକ୍ଷାବିତ୍ ନିତ୍ୟାନନ୍ଦ ସ୍ମାରକୀ ପାଠାଗାର କେନ୍ଦ୍ର ପକ୍ଷରୁ ବନ୍ଧୁ ମିଳନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାଠାଗାରର ପରିଚାଳକ ରସାନନ୍ଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଧାମନଗର ପାଠାଗାର କେନ୍ଦ୍ରଠାରୁ ଏକ ଭ୍ରମଣ ଯାତ୍ରାରେ ବାହାରି ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ରେମୁଣା, ନୀଳଗିରି, ଇମାମି ଜଗନ୍ନାଥ ମନ୍ଦିର, ପଞ୍ଚଲିଙ୍ଗେଶ୍ୱର ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ ଦେବଦେବୀ ମନ୍ଦିର ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଧାମନଗର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ବିନୋଦ ନାୟକଙ୍କ ସଞ୍ଚାଳନରେ ପଞ୍ଚଲିଙ୍ଗେଶ୍ୱର ନିକଟରେ ଥିବା ଏକ ଗେଷ୍ଟହାଉସ ପରିସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଭ୍ରମଣ ଯାତ୍ରା କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ପରିଷଦର ସାଧାରଣ ସମ୍ପାଦକ ଶଚିକାନ୍ତ ପଣ୍ଡା, ସଭ୍ୟ ନିରାକାର ଧଳ, ରାମଚନ୍ଦ୍ର ସାହୁ, ନରେନ୍ଦ୍ର ମଲ୍ଲିକ, ରାଧେଶ୍ୟାମ ପଣ୍ଡା, ସାମ୍ବାଦିକ ସୁଧାକର ଦାଶ, କୃଷ୍ଣ ଚନ୍ଦ୍ର ଜେନା, କୈଳାସ ଚନ୍ଦ୍ର ଗୁପ୍ତା, ବିବେକାନନ୍ଦ ପଣ୍ଡା, ସେକ୍ ଜାଫର ଅଲ୍ଲୀ, ଦୁର୍ଗାପ୍ରସାଦ ମହାପାତ୍ର, ଦୀନକୃଷ୍ଣ ମହାପାତ୍ର, ରଜତ ପଣ୍ଡା, ଗୋଲାମ ଜିଲାନି ହବିବି, ଅଧ୍ୟାପିକା ଡ. ହରିପ୍ରିୟା ସେଠୀ, ଶିକ୍ଷୟିତ୍ରୀ ସୁମତୀ ନାୟକ, ହାଇସ୍କୁଲ ପରିଚାଳନା କମିଟିର ସଭାପତି ପ୍ରହ୍ଲାଦ ମହାପାତ୍ର, କର୍ମଚାରୀ ରତିକାନ୍ତ, ପ୍ରମୋଦ ପ୍ରମୁଖ ଯୋଗଦେଇଥିଲେ।

## ଦୟାନିଧି ପରମହଂସ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭଦ୍ରକ,୩୦।୧(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଦିଗଛିଆ ବଜାର ନିକଟସ୍ଥ ମହାମୁନି ଦୟାନିଧି ପରମହଂସ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୯୯୫ ମସିହାରେ ସ୍ଥାପିତ ଉକ୍ତ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଥମ ବର୍ଷିକ ଉତ୍ସବ ଅନୁଷ୍ଠିତ ହେଉଥିବାରୁ ଅଧ୍ୟୟନରତ ଛାତ୍ରୀ, ପୁରାତନ ଛାତ୍ରୀ, ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀ ଖୁବ୍ ଉତ୍ସାହର ସହିତ ପାଳନ କରିଥିଲେ। ମତୋ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଞ୍ଚାନନ ପଲ୍ଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ 'ଓଷ୍ଟା'ର ଭଦ୍ରକ ଜିଲ୍ଲା ସମ୍ପାଦକ ପ୍ରଭାତ କୁମାର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ସାରଳା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଭଦ୍ରକ ଜିଲ୍ଲାର 'ଓଷ୍ଟା' କାର୍ଯ୍ୟକାରୀ ସଭାପତି ଅନିଲ କୁମାର ମିଶ୍ର, ବିବିସି ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ତଥା 'ଓଷ୍ଟା'ର ଚାନ୍ଦବାଲି ବ୍ଲକ୍ ସମ୍ପାଦକ ପ୍ରଭାକର ପରିଡ଼ା, ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା 'ଓଷ୍ଟା'ର ବ୍ଲକ୍‌ର ସଭାପତି ରଞ୍ଜନ କୁମାର ମୁଦୁଲି, ସିଦ୍ଧେଶ୍ୱର ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ଦତ୍ତ, ନାଲଗୁଣ୍ଡା ଗ୍ରାମ ପଞ୍ଚାୟତର ସରପଞ୍ଚ ଭାରତୀ ବିଶ୍ୱାଳ, ନାଲଗୁଣ୍ଡା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଙ୍ଗଲାଲ ମଣ୍ଡଳ ପ୍ରମୁଖ ଯୋଗଦେଇ ସୁନାଗରିକ ତିଆରି କରିବାରେ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କର ଭୂମିକା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଉଦ୍ୟମ ଓ ସହଯୋଗ କରିଥିବା ବ୍ୟକ୍ତିବିଶେଷଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଥିଲା। କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନତୀ ରାଉତ ଅଧ୍ୟୟନରତ ଛାତ୍ରୀ, ପୁରାତନ ଛାତ୍ରୀ, ଅଭିଭାବକ, ପରିଚାଳନା କମିଟିର ସଭ୍ୟସଭ୍ୟା, ଗ୍ରାମବାସୀ, ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମୋ ସ୍କୁଲ ଅଭିଯାନକୁ ସଫଳ କରିଥିବା ବିଦ୍ୟାଳୟର ପୁରାତନ ଛାତ୍ରୀ ଉର୍ମିଳା ପଣ୍ଡା, ମାନଶ୍ରୀ ମହାପାତ୍ର, ମାନସୀ ବାରିକ, ସ୍ୱର୍ଣ୍ଣଲତା ପୁହାଣ, ରୋଜାଲିନ୍ ସୂତାର, ମଧୁସ୍ମିତା ପରିଡ଼ା, ସନ୍ଧ୍ୟାରାଣୀ ଭୋଇ, ବେବିରାଣୀ ଦାସ, ଅନ୍ନପୂର୍ଣ୍ଣା ସାହୁ, ମହିଳତା ପରିଡ଼ା ପ୍ରମୁଖ ସହଯୋଗର ହାତ ବଢ଼ାଇଥିବାରୁ ପ୍ରଧାନଶିକ୍ଷୟିତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁସ୍ତକ 'ମଇଁଷି ପିଠିରେ ସଞ୍ଜ' ଉନ୍ମୋଚିତ

ଭଦ୍ରକ,୩୦।୧(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ନାଲଗୁଣ୍ଡାଠାରେ କବି ମନୋଜ ଭଳଙ୍କ ରଚିତ ଦ୍ୱିତୀୟ କବିତା ପୁସ୍ତକ "ମଇଁଷି ପିଠିରେ ସଞ୍ଜ' ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅଭୟ ବଳ, ଶିବନାଥ ନାୟକ, ନୃସିଂହ ଚରଣ ରାଉତ, ରବୀନ୍ଦ୍ର ରାଉତ, ଉମାକାନ୍ତ ବିଶ୍ୱାଳ, ଦଇତାରୀ ଦାସ, ଗୋବର୍ଦ୍ଧନ ବିଶ୍ୱାଳ, ଗଦାଧର ଦାସ, ହରିହର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ନାଲଗୁଣ୍ଡା ଗ୍ରାମ ପଞ୍ଚାୟତର ସରପଞ୍ଚ ଭାରତୀ ବିଶ୍ୱାଳ ସଭା



ଅତିଥି ଭାବେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ବରେଣ୍ୟ ଅତିଥି ଭାବେ ପ୍ରାବନ୍ଧିକ ଅଶୋକ ପଣ୍ଡା, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ଘନଶ୍ୟାମ ଦାସ, ସମିତିସଭ୍ୟ ପରିଚାଳନା କରିଥିଲେ। ସାଧନା ଛପାଛପି ପ୍ରକାଶନ ସଂସ୍ଥା ଦ୍ୱାରା ଉକ୍ତ କବିତା ପୁସ୍ତକଟି ବେଶ୍ ରୁଚି ସମ୍ପନ୍ନ ହୋଇଥିବାବେଳେ କବିତାଗୁଡ଼ିକ ଖୁବ୍ ଉଚ୍ଚକୋଟୀର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା



ଭଦ୍ରକ,୩୦।୧(ସମିସ): ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଆଇସିଏସ୍ ଆଇନ ମହାବିଦ୍ୟାଳୟରେ କାର୍ଯ୍ୟସ୍ଥଳରେ ମହିଳାଙ୍କର ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ ଓ ନାଗରିକମାନଙ୍କର କର୍ତ୍ତବ୍ୟ ଏବଂ କିନ୍ନର (ତୃତୀୟ ଲିଙ୍ଗି)ମାନଙ୍କ ଅଧିକାର ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ଆଇସିଏସ୍ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦେବେନ୍ଦ୍ର କୁମାର ରଥ, ଡ. ସନ୍ତୋଷ କୁମାର ରଥ, ଜୟପ୍ରକାଶ କର, ବିଭୁପ୍ରସାଦ ମହାପାତ୍ର, ମାନସ ରଞ୍ଜନ ମିଶ୍ର, ଶର୍ମିଷ୍ଠା ଦାସ, ମଣିନୀ ମହାରଣା, ରଶ୍ମୀ ରଞ୍ଜନ, ପ୍ରତ୍ୟୁଷ ଜେନା ପ୍ରମୁଖ କିନ୍ନର, ଛାତ୍ରଛାତ୍ରୀ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକର କର୍ମୀଗଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ରକ୍ତଦାନ ଶିବିର; ୬୦ ୟୁନିଟ୍ ସଂଗୃହୀତ





ଭଦ୍ରକ,୩୦।୧(ସମିସ): ଶିରିଡ଼ି ସାଇବାବାଙ୍କ ସପ୍ତମ ବାର୍ଷିକ ଉତ୍ସବ ଉପଲକ୍ଷେ ସାଇବାବା ଚାରିଟେବଲ ଟ୍ରଷ୍ଟ, କଚେରି ବଜାର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୬୦ ୟୁନିଟ୍‌ରୁ ଅଧିକ ରକ୍ତ ସଂଗୃହୀତ ହୋଇଥିଲା। ଅନୁଷ୍ଠାନର ସଭାପତି ସତ୍ୟବ୍ରତ ପଟ୍ଟନାୟକ, ସମ୍ପାଦକ ରାଜେଶ ଦାସ, ସଦସ୍ୟ ଅଜିତ୍ ଦାସ, ରୂପକ ରାୟ, ସତ୍ୟ ସାମଲ ପ୍ରମୁଖ ଏହି ଶିବିରକୁ ପରିଚାଳନା କରିଥିଲେ। ଭଦ୍ରକ ମୁଖ୍ୟ ଚିକିତ୍ସାଳୟର ବିମଳା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଏନ୍‌ଏମ୍‌ଏ କଲେଜ ନାଟ୍ୟ ସଂସଦର ବାର୍ଷିକ ଉତ୍ସବ

ଭଦ୍ରକ,୩୦।୧(ସମିସ)



**ଚେତନାଧର୍ମୀ ନାଟକ 'ବୁମେରାଂ' ମଞ୍ଚସ୍ଥ**

ଆଧୁନିକତା ନାମରେ ପରିବେଶକୁ ନଷ୍ଟ କରୁଥିବା ମଣିଷ ଜୀବନର ପରିଣତି ଅତ୍ୟନ୍ତ ଭୟାବହ ହେବା ଅବଶ୍ୟମ୍ଭାବୀ। କୁହାଯାଏ, କର୍ମ ଗୁଣେ ଫଳ। ସାମ୍ପ୍ରତିକ ମଣିଷ ବିକାଶ ନାମରେ ଯେଉଁପରି ବିବେକହୀନ କାର୍ଯ୍ୟ କରିଚାଲୁଛି; ତା'ର ପରିଣାମ ଆଜି ବୁମେରାଂ ହୋଇ ଫେରୁଛି ବୋଲି ବିଏନ୍‌ଏମ୍‌ଏ କଲେଜ ନାଟ୍ୟସଂସଦ ପକ୍ଷରୁ ୫୦ତମ ବାର୍ଷିକ ନାଟକୋତ୍ସବରେ ସଫଳତା ସହ ମଞ୍ଚସ୍ଥ ହୋଇଥିବା ଅଧ୍ୟାପକ ଡ. ରାଜେନ୍ଦ୍ର କୁମାରଙ୍କ ରଚିତ 'ବୁମେରାଂ' ନାଟକରେ ପ୍ରତିଫଳିତ ହୋଇଛି। ନାଟ୍ୟ ସଂସଦର ଉପସଭାପତି ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ବାଗ୍‌ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ଭାବେ ଅଧ୍ୟକ୍ଷ ଅମୂଲ୍ୟ କୁମାର ପରିଡ଼ା ଯୋଗଦେଇ ଉଦ୍‌ଘାଟନୀ ବକ୍ତବ୍ୟରେ କଳାପ୍ରତିଭା ସମ୍ପନ୍ନ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ବିଜୟ ଦାସ ଯୋଗଦେଇ କଳାର ଭୂମି ଭଦ୍ରକର ଐତିହ୍ୟ ସମ୍ପର୍କରେ ଅଭିମତ ଦେବା ସହିତ ଉକ୍ତ କଲେଜର ମଞ୍ଚ ନାଟକକୁ ବଞ୍ଚାଇ ରଖିବାର ପ୍ରୟାସ ପ୍ରଶଂସନୀୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଶତାବ୍ଦୀ କଳାକାର ଅନୁଷ୍ଠାନର ପ୍ରତିଷ୍ଠାତା ତଥା ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଧୀରେନ୍ଦ୍ରନାଥ ମଲ୍ଲିକ୍ ଯୋଗଦେଇ ଭରତମୁନିଙ୍କ ନାଟ୍ୟଶାସ୍ତ୍ରର ଲକ୍ଷଣ ସମ୍ପର୍କରେ ସୂଚନା ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଦୂରଦର୍ଶନ ସମ୍ବାଦ ପାଠିକା ତଥା କଟକ ରଘୁନାଥଜୀଉ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ନାଟ୍ୟସଂସଦ ପକ୍ଷରୁ କଲେଜ ଅଧ୍ୟକ୍ଷଙ୍କ ଦ୍ୱାରା ଅତିଥିମାନଙ୍କୁ 'ନାଟ୍ୟକଳା ପ୍ରତିଭା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ରଜନୀଗନ୍ଧା ପତି, ଅଧ୍ୟାପିକା ପଦ୍ମାଳୟା ଖଟୁଆ ଓ ସୁଦେଷ୍ଣା ବେହେରା ମାନପତ୍ର ପାଠ କରିଥିଲେ। ୨ଦିନ ଧରି ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ସଙ୍ଗୀତ, ନୃତ୍ୟ, ବେଶସଜ୍ଜା ପ୍ରଦର୍ଶନ, ଏକକ ଅଭିନୟ, ହାସ୍ୟ ଅଭିନୟ ଇତ୍ୟାଦି ପ୍ରତିଯୋଗିତାର ପ୍ରଥମ ଦିବସରେ 'ସମ୍ପର୍କ ମ୍ୟୁଜିକ୍'ର ନିର୍ଦ୍ଦେଶକ କଣ୍ଠଶିଳ୍ପୀ ରୁଦ୍ରମାଧବ ବାରିକ୍ ଓ ପ୍ରସିଦ୍ଧ ନୃତ୍ୟଶିଳ୍ପୀ ତେଜସ୍ୱିନୀ ପଲାଇ ବିଚାରକ ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଦିବସରେ ଡ. ବିଶ୍ୱରଞ୍ଜନ ଦାସ, ଅଧ୍ୟାପକ ରାମଚନ୍ଦ୍ର ବେହେରା, ଡ. ମନୋଜ କୁମାର ମହାନ୍ତି, ଅଧ୍ୟାପିକା ଆଫସାନା ବେଗମ୍ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସୌମ୍ୟରଞ୍ଜନ ଜେନାଙ୍କ ପରିଚାଳନା ଓ ଅଧ୍ୟାପକ ଗୋବିନ୍ଦଚନ୍ଦ୍ର ବାଗ୍‌ଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ନାଟକୋତ୍ସବରେ ସଂସଦର ସହ ଉପସଭାପତି ଗାୟତ୍ରୀ ବେହେରା, ଅଧ୍ୟାପିକା ଜ୍ୟୋତିର୍ମୟୀ ପ୍ରଧାନ ଓ ଡିଇଓ ଚିତ୍ତରଞ୍ଜନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ଭୂମିକାରେ ଛାତ୍ର ଆଶିଷ ସାହୁ, ସ୍ମୃତିରଞ୍ଜନ ନାୟକ, ଗିରିଜାଶଙ୍କର ସେଠୀ, ସନ୍ତୋଷ ସାହୁ, ବର୍ଷାରାଣୀ ନାୟକ, ଅଭିଲିପ୍ସା ସାହାଣୀ, ରିତିସ୍ମିତା ପଲାଇ, ଇତିଶ୍ରୀ ସ୍ୱାଇଁ, ବିପ୍ଳବ ବିହାରୀ ସାହୁ, ସମ୍ବିତ୍ ସାହୁ ପ୍ରମୁଖ ଅଭିନୟ କରିଥିବାବେଳେ ଛାତ୍ର ଦୀପକ ସାହୁ କଣ୍ଠଦାନ କରିଥିଲେ। ଅଧ୍ୟାପକ ସୁଧାଂଶୁ ଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବାଳିକା ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

ଜଗତସିଂହପୁର,୩୦।୧(ସମିସ)



ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଜେ. ସୋନାଲ ପିଲାମାନେ ପାଠ ପଢ଼ିବା ସହିତ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ପାରଦର୍ଶିତା ଲାଭ ପାଇଁ ପରାମର୍ଶ ଦେଇଥିଲେ। ପରେ ଜିଲ୍ଲାପାଳ ପିଏମଶ୍ରୀ ବିଦ୍ୟାଳୟର ପିଲାମାନେ ପ୍ରଦର୍ଶନ କରିଥିବା ପ୍ୟାଭିଲିଅନ ପରିଦର୍ଶନ କରିଥିଲେ। ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ ହେଲେ ସଶକ୍ତ ସମାଜ ଗଠନ ହୋଇପାରିବ ବୋଲି ସେ କହିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ରବି ବଛେଟି ଯୋଗଦେଇ ପିଏମ୍‌ଶ୍ରୀ ବିଦ୍ୟାଳୟର ଆଭିମୁଖ୍ୟ ଏବଂ ଜାତୀୟ ଶିକ୍ଷାନୀତି ବିଷୟରେ ଆଲୋକପାତ କରିଥିଲେ। ଜଗତସିଂହପୁର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜଶ୍ରୀ ସାହୁ ସ୍ୱାଗତ ଅଭିଭାଷଣ ଓ ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ମଣ୍ଡଳ ଶିକ୍ଷା ଅଧିକାରୀ, ଜଗତସିଂହପୁର ମଧୁସ୍ମିତା ପତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷେହୀରା ଲାବନ୍ୟବତୀ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ସୁଶାନ୍ତ ମହାନ୍ତି, ଅଧ୍ୟକ୍ଷ ଡିଆଇଇଟି ଜଗତସିଂହପୁର ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ଶୁଭେନ୍ଦୁ ବରାଳ, ବରିଷ୍ଠ ବୈଷୟିକ ପରାମର୍ଶଦାତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମିହିର କୁମାର ପାଲ, ପ୍ରଧାନ ଶିକ୍ଷକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଆକାଂକ୍ଷୀ ମେଳା ଇନସ୍ପାୟରିଙ୍ଗ ଓଡ଼ିଶା, ଆକାଂକ୍ଷୀ ଛାତ୍ର ପରିଷଦ ଦି ଟ୍ୟାଲେଣ୍ଟ ଗ୍ୟାଲେରୀ, ଦୋକାନ ଯାତ୍ରା ଆଦି ଶତାଧିକ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା। ପରେ ମୋ ବୃତ୍ତି, ମୋ କ୍ୟାରିଅର, 'ଦେଶ ସର୍ବୋପରି' କାର୍ଯ୍ୟକ୍ରମ ଭାରତୀୟ ସେନା ବାହିନୀର ଅଧିକାରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପଞ୍ଚ ଶିକ୍ଷା ସେତୁ ସଂଗଠନର କର୍ମକର୍ତ୍ତା, ଜିଲ୍ଲା ଶିକ୍ଷା ଅଧିକାରୀ ଓ ସମଗ୍ର ଶିକ୍ଷା ଅଫିସର କର୍ମଚାରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଆଦି ସହଯୋଗ କରିଥିଲେ।

## ୧୩୦ ବୋତଲ ଚୋରା ମଦ ଜବତ

କୁଜଙ୍ଗ,୩୦।୧(ସମିସ): କୁଜଙ୍ଗ ଥାନା ଅନ୍ତର୍ଗତ ବାଲିତୁଠ ଅଞ୍ଚଳରେ ଚୋରା ମଦ ବେପାର ବଢୁଥିବା କୁଜଙ୍ଗ ପୁଲିସ କଡ଼ା ନଜର ରଖୁଛି। ଏହି ମର୍ମରେ ଗତକାଲି ଜଣେ ଯୁବକଙ୍କ ଠାରୁ ୧୩୦ ବୋତଲର ମୋଟ ୨୩ ଲିଟର ବିଦେଶୀ ମଦ ଜବତ କରିଥିବା ସୂଚନା ମିଳିଛି।

## ଶ୍ରେଷ୍ଠ ମେଧାବୀ ଓ ସମାଜସେବୀ ସମ୍ମାନିତ

କୁଜଙ୍ଗ,୩୦।୧ (ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗରେଇ ପଞ୍ଚାୟତ ହାଇସ୍କୁଲ ପରିସରରେ ଯଦୁମଣି ପାଲ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ମୃତି କମିଟି ପକ୍ଷରୁ 'ଶ୍ରେଷ୍ଠ ମେଧାବୀ' ଓ ଜିଲ୍ଲାର 'ଶ୍ରେଷ୍ଠ ସମାଜସେବିକା'ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ଗରେଇ ଗ୍ରାମର ମୁରବୀ ଶ୍ରେଣୀୟ ଓ ପରୋପକାରୀ ବ୍ୟକ୍ତି ଭାବେ ଜଣାଶୁଣା ଯଦୁମଣି ପାଲ୍‌ଙ୍କ ସ୍ମୃତି ରକ୍ଷା ପାଇଁ ବିଦ୍ୟାଳୟ ପରିସରରେ ଏହି ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଏହି ଅବସରରେ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଏହି ବିଦ୍ୟାଳୟରୁ ସର୍ବୋଚ୍ଚ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଅମରେନ୍ଦ୍ର ଦାଶଙ୍କୁ ମୁଖ୍ୟଅତିଥି "ବ୍ୟାସ ଫାଉଣ୍ଡେସନ'ର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ମାନପତ୍ର, ଉତ୍ତରୀୟ ଓ ପୁରସ୍କାର ରାଶି ସହ ସମ୍ବର୍ଦ୍ଧିତ କରିଥିଲେ। ସ୍ମୃତି କମିଟିର ସଭାପତି ପ୍ରମିଳା ପାଲ୍ ଏହି ଅବସରରେ ଜଗତସିଂହପୁର ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ପୁରସ୍କୃତ ଏହି ଅଞ୍ଚଳର ସମାଜସେବିକା ସ୍ନେହମୟୀ ଆଚାର୍ଯ୍ୟଙ୍କୁ "ଶ୍ରେଷ୍ଠ ସମାଜ ସେବିକା' ସମ୍ମାନ ପ୍ରଦାନ କରିଥିଲେ। ଏଥି ସହିତ ଅନୁଷ୍ଠାନର ପୁରାତନ ଛାତ୍ର ବିଭୂତି ଭୂଷଣ ନନ୍ଦଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ପାଣିଙ୍କ ସମେତ ସବୁ ସହକର୍ମୀବୃନ୍ଦଙ୍କ ସହଯୋଗରେ ଏହା ସୂଚାରୁ ରୂପେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରଦ୍ୟୁମ୍ନ କିଶୋର ମିଶ୍ର ସଂଯୋଜନା କରିଥିଲେ।

## ଶିଶୁ ବିଦ୍ୟାମନ୍ଦିରରେ ସାଧାରଣତନ୍ତ୍ର ଦିବସ

ଜଗତସିଂହପୁର,୩୦।୧(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ କୋର୍ଟଲ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପରିଚାଳନା କମିଟିର ସଭାପତି ବଂଶୀଧର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଘନଶ୍ୟାମ କାନୁନଗୋ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ଦାସ, ପ୍ରସନ୍ନ କୁମାର ମିଶ୍ର, ପ୍ରତିଷ୍ଠାତା ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି, ଯୁଗ୍ମ ସମ୍ପାଦକ ବିଜୟ କୁମାର କାନୁନଗୋ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସଭାକୁ ଆଚାର୍ଯ୍ୟ ପ୍ରତିନିଧି ମମତା ନାଥ ସଂଚାଳନ କରିଥିବା ବେଳେ ଆଚାର୍ଯ୍ୟ ଓ ଆଚାର୍ଯ୍ୟ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପରିଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦ୍ୱାରିକାନାଥ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅଳକା ଆଶ୍ରମରେ ସହିଦ ଦିବସ




ଜଗତସିଂହପୁର,୩୦।୧(ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଚାତ୍ରା ଠାରେ ଥିବା ଐତିହାସିକ ଅଳକା ଆଶ୍ରମ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ତଥା ସହିଦ ଦିବସ ପାଳିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ ତଥା ଆଶ୍ରମର ଆବାହକ ଦେବେନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗାନ୍ଧୀଜୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନ ତୋ ଗାନ କରାଯାଇଥିଲା। ଏଥିରେ ଅଧ୍ୟାପକ ନୀରଞ୍ଜନ ବିଶ୍ୱାଳ, ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ଭଗବାନ ଦାଶ, ଶିକ୍ଷାବିତ ସୁବାସ ଚନ୍ଦ୍ର ରାଉତ, ବିଜୟ ରଥ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ସଂଗଠକ ରମେଶ ବହିରା, ସବ୍ୟସାଚୀ ତ୍ରିପାଠୀ ଏବଂ ଧୀରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ।

## ସିଆଇଏସ୍‌ଏଫ୍ ଉପକୂଳ ସାଇକ୍ଲୋଥାନ

ପାରାଦୀପ, ୩୦।୧ (ସମିସ): ସିଆଇଏସ୍‌ଏଫ ଉପକୂଳ ସାଇକ୍ଲୋଥନ-୨୦୨୬ ହେଉଛି କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ ପକ୍ଷରୁ ଏକ ଦେଶ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ। ଯାହାର ଉଦ୍ଦେଶ୍ୟ ହେଉଛି ଉପକୂଳ ସୁରକ୍ଷା ସଚେତନତାକୁ ସୁଦୃଢ଼ କରିବା। ଜାତୀୟ ଏକତାକୁ ପ୍ରୋତ୍ସାହିତ କରିବା ଏବଂ ଫିଟ୍‌ନେସ ଏବଂ ପରିବେଶଗତ ଚେତନାକୁ ଉତ୍ସାହିତ କରିବା। ଏହି ସାଇକ୍ଲୋଥନ ଭାରତର ଉପକୂଳରେ ପରିଚାଳିତ ହୁଏ। ସିଆଇଏସଏଫ କର୍ମଚାରୀମାନେ ଉପକୂଳ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦେଇ ସାଇକେଲ ଚାଳନା କରି ସ୍ଥାନୀୟ ଜନସାଧାରଣ, ମତ୍ସ୍ୟଜୀବୀ, ଯୁବକ ଏବଂ ଅଂଶୀଦାର ମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିଥାନ୍ତି। ଏହି କାର୍ଯ୍ୟକ୍ରମ ଉପକୂଳ ବିପଦ ବିରୋଧରେ ସତର୍କତା, ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ସୁରକ୍ଷା ଏବଂ ଜାତୀୟ ସୁରକ୍ଷାରେ ସମ୍ପ୍ରଦାୟର ଅଂଶ ଗ୍ରହଣତାର ଗୁରୁତ୍ୱକୁ ଉଜ୍ଜ୍ୱଳ କରିଥାଏ। ସିଆଇଏସଏଫ୍ ୟୁନିଟ ଆଇଓସିଏଲ ପାରାଦୀପ ଚାନ୍ଦିପୁରରୁ କଇଥଖୋଲା ପର୍ଯ୍ୟନ୍ତ ଗୋପାଳପୁର, ଅନନ୍ତପୁର, ବାସୁଦେବପୁର, ବାଲିମୁଣ୍ଡା ଦେଇ ୩୧ ଜାନୁଆରୀ ସନ୍ଧ୍ୟାରେ ପାରାଦୀପରେ ପହଞ୍ଚିବେ। ପାରାଦୀପରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସିଆଇଏସଏଫ ପକ୍ଷରୁ ସୂଚନା ମିଳିଛି।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଏରସମା,୩୦।୧(ସମିସ): ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ କୃଷ୍ଣଚନ୍ଦ୍ରପୁର ଏରସମା ସମ୍ମିଳନୀ କକ୍ଷରେ ଜଗତସିଂହପୁର ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ତରଫରୁ ଜାତୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଡ୍‌ଭୋକେଟ ଡ. ସୁନାକର ବେହେରା ସଚେତନତା କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ସାମଲ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗର ମୋଟର ଜାନ ଅଧିକାରୀ ମନୋରମା ମାଝୀ, ମୁଖ୍ୟବକ୍ତା ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ କାହ୍ନୁ ଚରଣ ନାୟକ, ସ୍ୱତନ୍ତ୍ର ଅତିଥିଭାବେ ଇତିହାସ ବିଭାଗ ପ୍ରାଧ୍ୟାପକ କ୍ଷୀରୋଦ ପ୍ରକାଶ ନାୟକ, ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ରାଜନୀତି ବିଭାଗ ଅଧ୍ୟାପକ କ୍ଷେତ୍ରବାସୀ ପ୍ରଧାନ, ଅଧ୍ୟାପିକା ଇଂରାଜୀ ବିଭାଗର ଡ. ତିଥୀ ରାୟ, ଅଧ୍ୟାପିକା ସସ୍ମିତା ସାହୁ, ଅଧ୍ୟାପିକା ଶୁଭସ୍ମିତା ନାୟକ, ପ୍ରଦୀପ୍ତ କୁମାର ଜେନା ଉପସ୍ଥିତ ଥିଲେ। ସମସ୍ତେ ସଡ଼କ ସୁରକ୍ଷା ପାଇଁ ସାମୂହିକ ଶପଥ ନେବା ସହିତ ପରିବହନ ବିଭାଗ ଦ୍ୱାରା ପ୍ରଦତ୍ତ ମାର୍ଗଦର୍ଶିକା, ଲିଫ୍‌ଲେଟ ବଣ୍ଟନ କରିଥିଲେ। ସ୍ୱେଚ୍ଛାସେବୀ ପ୍ରଦୀପ୍ତ କୁମାର ସାହୁ, ବିନୋଦ କୁମାର ବରାଳ, ବିପିନ କୁମାର ବରାଳ ସହଯୋଗ କରିଥିଲେ। ଅଧ୍ୟାପକ ଧିରେନ ପାତ୍ର ଧନ୍ୟବାଦ ଦେଇଥିଲେ।

## ଅନ୍ତ୍ୟୋଦୟ ଓ ସିଦ୍ଧେଶ୍ୱରୀ ବିଦ୍ୟାଳୟ ବାର୍ଷିକୋତ୍ସବ

ରଘୁନାଥପୁର,୩୦।୧(ସମିସ):



ରଘୁନାଥପୁର ବ୍ଲକ ଦେଉଳିସାହି ସ୍ଥିତ ଅନ୍ତ୍ୟୋଦୟ ଉଚ୍ଚ ଓ ସିଦ୍ଧେଶ୍ୱରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ମିଳିତ ଭାବେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିରଞ୍ଜନ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅନ୍ତ୍ୟୋଦୟ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ଭକ୍ତବତ୍ସଳ ମହାନ୍ତି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଷ୍ଟା ସଂଘର ପୂର୍ବତନ ଜିଲ୍ଲା ସମ୍ପାଦକ ନିକୁଞ୍ଜ କିଶୋର ବେହେରା ଓ ସମ୍ମାନିତ ଅତିଥି ଭାବରେ ପୁରୁଣାବସନ୍ତ ପଞ୍ଚାୟତ ସରପଞ୍ଚ କାଳନ୍ଦୀ ଚରଣ ମହାନ୍ତି, ପୁରାତନ ଛାତ୍ରୀ କବି ପ୍ରେମଲତା ବାରିକ, ସିଆର୍‌ସିସି ଚତୁର୍ଭୁଜ ନାୟକ, ଉଭୟ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅମୀୟରଞ୍ଜନ ସାମଲ ଓ ଜ୍ୟୋତିକାନ୍ତ ମହାନ୍ତି, ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ସଭାପତି ସୌମ୍ୟରଞ୍ଜନ ସାହୁ, ବିଭୂରଞ୍ଜନ ସ୍ୱାଇଁ, ଲୁଭେନ୍ଦ୍ର ମିଶ୍ର, ରାଜେନ୍ଦ୍ର ସ୍ୱାଇଁ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାସିନୀ ଦେହୁରୀ ଉପସ୍ଥିତ ଥିଲେ। ଶିକ୍ଷକ ଶରତ କୁମାର ପଣ୍ଡା ଅତିଥି ପରିଚୟ ଓ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ସଭା ଶେଷ ପରେ ଶିକ୍ଷକ ସଞ୍ଜୟ କୁମାର ବେହେରା, ମଞ୍ଜୁଲତା ନାୟକ, ବିଜୟ କୁମାର ବାରିକ ଓ ପ୍ରଭାତ କୁମାର ଦାଶଙ୍କ ପରିଚାଳନାରେ ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନାନୀକିପଡ଼ା ମହୋତ୍ସବ ଉଦ୍‌ଯାପିତ

ବାଲିକୁଦା,୩୦।୧(ସମିସ): ବାଲିକୁଦା ବ୍ଲକ ଆମ୍ବଶାଳ ପଞ୍ଚାୟତ ନାନୀକପଡ଼ା ଗ୍ରାମରେ ୨ଦିନିଆ ନାନୀକପଡ଼ା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଡ. ମନୋରଞ୍ଜନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଡ. ପ୍ରବୋଧ କୁମାର ମହାନ୍ତି, ସରପଞ୍ଚ ଆଲୋକ କୁମାର ସ୍ୱାଇଁ ଯୋଗଦେଇଥିଲେ। ଏଥିରେ ବିଭିନ୍ନ ଗ୍ରାମର ବିଭିନ୍ନ ବ୍ୟକ୍ତିବିଶେଷ ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା କାରଣରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ଉଦ୍‌ଯାପନୀ ଦିବସରେ ଡ. ପ୍ରବୋଧ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଗ୍ରାମର ସନ୍ତାନ ତଥା ହୃଦ୍‌ରୋଗ ଓ ଶଲ୍ୟ ବିଶେଷଜ୍ଞ ଭାବେ ପ୍ରତିଷ୍ଠା ଅର୍ଜନ କରିଥିବା ଡାକ୍ତର ବିପିନ ବିହାରୀ ମହାନ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ବିବାହିତା ମହିଳା ଓ ବିଦେଶରେ ରହୁଥିବା ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ପୂର୍ବତନ ସରପଞ୍ଚ ସରୋଜକୁମାର ମହାପାତ୍ର, ଅକ୍ଷୟ ମହାପାତ୍ର, ପ୍ରଫୁଲ୍ଲ କୁମାର ମହାନ୍ତି, ବସନ୍ତ କୁମାର ନାୟକ, ହାଡିବନ୍ଧୁ ନାୟକ, ଗଗନ ବିହାରୀ ମହାନ୍ତି, ଅନିଲ ମହାନ୍ତି, ପ୍ରଣତି ମହାନ୍ତି, ନିର୍ମଳା ନାୟକ, ଅନିତା ମିଶ୍ର, ବାସୁଦେବ ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ ପ୍ରଦାନ କରିଥିଲେ।

## ଉପକୂଳ ଅଞ୍ଚଳରେ ବଢୁଛି ବାୟୁ ପ୍ରଦୂଷଣ



କୁଜଙ୍ଗ,୩୦।୧(ସମିସ): ପୂର୍ବରୁ ଶିଳ୍ପ ସଂସ୍ଥା ଯୋଗୁ ଉପକୂଳ ବିଶେଷ କରି କୁଜଙ୍ଗ ପାରାଦୀପ ଅଞ୍ଚଳରେ ପ୍ରଦୂଷଣ ସମସ୍ୟା ବଢୁଥିଲା। ମାତ୍ର ବିଗତ କିଛି ବର୍ଷ ହେବ ଉପକୂଳ ଅଞ୍ଚଳରେ ଚାଷୀ ହାତରେ ଧାନ କଟା ଛାଡି କମ୍ବାଇନ୍ ମେସିନ ଦ୍ୱାରା ଅମଳ କାର୍ଯ୍ୟ କରୁଥିବା ଲକ୍ଷ୍ୟ କରାଯାଉଛି। ଟ୍ରାକ୍ଟର ରୋଟର ଯୋଗୁ ଓ ବହୁଳ ଭାବରେ କୀଟନାଶକ ଔଷଧ ବ୍ୟବହାର ଯୋଗୁ ମାଟିରୁ ଜିଆ ଜୋକ୍ ଅପସରି ଯାଉଥିବା ବେଳେ ମାଟିର ଜଳଧାରଣ କ୍ଷମତା ସହ ଜୈବିକ ଉପାଦାନ ଦ୍ରୁତ ହ୍ରାସ ପାଉଥିବା ଚାଷୀ ନେତା ନୂତନ ତ୍ରିପାଠୀ, ବିଭୂତି ଭୂଷଣ ଜେନା ପ୍ରମୁଖ ଅଭିଯୋଗ କରୁଛନ୍ତି। ଯନ୍ତ୍ର ଉପରେ ଚାଷ କାର୍ଯ୍ୟ ନିର୍ଭର କରାଯାଉଥିବା ବେଳେ ଓ ନଡ଼ା କୁଟା ଉପଯୋଗ କମୁଥିବାରୁ ମୁଗ ବିରି ଆଦି ରବି ଫସଲ ପାଇଁ ଚାଷୀ ଏବେ ଚାଷ ଜମିରେ ନଡ଼ା ପୋଡ଼ିବାକୁ ବାଧ ହେଉଛି। ଏହି ନଡ଼ା ପୋଡ଼ା ସାରା ତହସିଲ୍‌ରେ ହେଉଥିବା ବେଳେ ବହୁ ଅଞ୍ଚଳରେ ନଡ଼ା ପୋଡ଼ିବା ବେଳେ ଧାନ ମଧ୍ୟ ଜଳିଯାଇଥିବା ଅଭିଯୋଗ ହେଉଛି। ଶିଳ୍ପ ଯୋଗୁ ବାୟୁ ପ୍ରଦୂଷଣ ଓ ଏବେ ବ୍ୟାପକ ନଡ଼ା ପୋଡ଼ି ଯୋଗୁ ବାୟୁ ପ୍ରଦୂଷଣ ଦିଲ୍ଲୀ ପରି ଉତ୍କଟ ସ୍ଥିତି ଉପୁଜାଉଇବ ବୋଲି ପରିବେଶବିତ ସତ୍ୟ ପ୍ରକାଶ ମହାନ୍ତି ଆଶଙ୍କା ବ୍ୟକ୍ତ କରିଛନ୍ତି। ଯଦି ଇଥାନାଇଲ ପରି ଇନ୍ଧନ ପାଇଁ ଏହି ବର୍ଜ୍ୟକୁ ଉପଯୋଗ କରିବାର ଏକ ବ୍ୟବସ୍ଥିତ ଯୋଜନା କରାଯାଆନ୍ତା ତେବେ ଚାଷୀ ଉପକୃତ ହେବା ସହ କୁଜଙ୍ଗ ପାରାଦୀପ ଅଞ୍ଚଳ ଦ୍ରୁତ ପରିବେଶ ପ୍ରଦ୍ୟୁଷଣରୁ ମୁକ୍ତି ମିଳିପାରନ୍ତା। ଗତ କିଛି ଦିନ ତଳେ ପୂର୍ବତନ ସାଂସଦ ଡା. କୁଳମଣି ସାମଲ ଉପକୂଳ ଅଞ୍ଚଳରେ ବାୟୁ ପ୍ରଦୂଷଣ ସମସ୍ୟା ଓ ଜଳ ପ୍ରଦୂଷଣ ସମସ୍ୟା ନେଇ ଘୋର ଉଦ୍‌ବେଗ ପ୍ରକାଶ କରିଥିଲେ। ଏବେ କୁଜଙ୍ଗ ଅଞ୍ଚଳ ଓ ଆଖ ପାଖ ଅଞ୍ଚଳରୁ ଫୁସ୍‌ଫୁସ୍ ରୋଗୀ ସଂଖ୍ୟା ବଢାଇବା ଏହି ବାୟୁ ପ୍ରଦୂଷଣ ସମସ୍ୟା ସରକାର ଗମ୍ଭୀର ତାର ସହ ନେବା ଉଚିତ୍ ବୋଲି ଶିକ୍ଷାବିତ ରଜନୀକାନ୍ତ ଦାସ କହିଛନ୍ତି।

## ସମାଜସେବୀ କେଶବ ମହାନ୍ତିଙ୍କ ସ୍ମୃତିସଭା



ତିର୍ତ୍ତୋଲ,୩୦।୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ସମାଜସେବୀ କେଶବ ଚରଣ ମହାନ୍ତିଙ୍କ ଏକାଦଶାହ ଅବସରରେ ତାଙ୍କ ବାସଭବନରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଜଗନ୍ନାଥ ଖୁଣ୍ଟିଆଳଙ୍କ ଅଧ୍ୟକ୍ଷତାରେ ଓ ପ୍ରଦୀପ୍ତ କୁମାର ଲେଙ୍କାଙ୍କ ସଂଚାଳନରେ ଅନୁଷ୍ଠିତ ଏହି ସଭାରେ ବିଜେପି ନେତା ରାଜକିଶୋର ବେହେରା, ବାଲିଘର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ, ପଣ୍ଡିତ ପ୍ରବୋଧ ରଥ, ସୁଶ୍ରୀ ଶୁଭଶ୍ରୀର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ, ପଣ୍ଡିତ ନାଗୁ ଚରଣ ଦେବତା, ହେମନ୍ତ କୁମାର ନାୟକ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ହରେକୃଷ୍ଣ ସେଣ, ସମ୍ପାଦକ ଶରତ କୁମାର ତାରେଣିଆ, ମକରଧ୍ୱଜ ଆଇଟିଆଇର ଅଧ୍ୟକ୍ଷ ମହେଶ୍ୱର ସ୍ୱାଇଁ, କଂଗ୍ରେସ ଜିଲା ସଭାପତି ଦେବପ୍ରସାଦ ନାୟକ, ଲୋକନାଥ ବଡ଼ପଣ୍ଡା, ବାବାଜୀ ମଲ୍ଲିକ, ରବି ନାରାୟଣ ପଣ୍ଡା, ନିମାଇଁ ବିଶ୍ୱାଳ, ଦେବେନ୍ଦ୍ର ପଣ୍ଡା, ନରେନ୍ଦ୍ର ଷଡ଼ଙ୍ଗୀ, ସାଂସଦଙ୍କ ପ୍ରତିନିଧି ସୁନନ୍ଦ୍ ବିଶ୍ୱାଳ, ପୁରାତନ ବିଦ୍ୟାର୍ଥୀ ପରିଷଦ ସମ୍ପାଦକ ପ୍ରମୋଦ ସାହୁ, ବିଷ୍ଣୁଚରଣ ନାୟକ, ବାସୁଦେବ ବିଶ୍ୱାଳ, କିଶୋର ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ପ୍ରଦୀପ୍ତ ଲେଙ୍କା ସଭା ସଂଚାଳନ କରିଥିବା ବେଳେ ବଡ଼ପୁଅ ସଂଗ୍ରାମ, ସାନ ପୁଅ ସଞ୍ଜୟ, ନାତି ରାଜା ଓ ରାହୁଲଙ୍କ ସମେତ ପରିବାର ବର୍ଗ ଓ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



ଜଗତସିଂହପୁର,୩୦।୧(ସମିସ): ଜଗତସିଂହପୁର ସଦର ବ୍ଲକ କେନ୍ଦାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷା ବିକାଶ ସମିତି ସଂସ୍ଥାନର ଜିଲ୍ଲା ପ୍ରଭାରୀ ସତ୍ୟବ୍ରତ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଙ୍କର ଚରଣ ସାହୁ, ରାମରହିମ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ସାହୁ, ଜିଲ୍ଲା ଜୁନିଅର୍ ରେଡକ୍ରସ୍ ଅଧିକାରୀ ତ୍ରିଲୋଚନ ସାହୁ, ଶ୍ରୀକୃଷ୍ଣ ଏକାଡେମୀର ପ୍ରାକ୍ତନ ପ୍ରଧାନ ଶିକ୍ଷକ ରମାକାନ୍ତ ପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭଲ ମଣିଷ କରି ଗଢି ତୋଳିବାକୁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ବିଦ୍ୟାଳୟର ସଭାପତି ଯତିନ୍ଦ୍ର କୁମାର ପାତ୍ର ଏବଂ ସମ୍ପାଦକ ଚନ୍ଦନ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ବୈଦେହୀ ସାହୁ ସଭାପତିତ୍ୱ କରିଥିଲେ। ଦୀପିକା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଜ୍ଞା ପଦ୍ମିନୀ ପରିଡା ଧନ୍ୟବାଦ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସର୍ବଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜିଲ୍ଲାସ୍ତରୀୟ କୁଷ୍ଠ ନିବାରଣ ଦିବସ




ଜଗତସିଂହପୁର,୩୦।୧(ସମିସ): ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁଷ୍ଠ ନିବାରଣ ଦିବସ ପାଳନ ସହିତ "ସ୍ପର୍ଶ" କୁଷ୍ଠ ସଚେତନତା ଅଭିଯାନର ଶୁଭାରମ୍ଭ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଜେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡାକ୍ତର ରଞ୍ଜନ କୁମାର ପଟ୍ଟନାୟକ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ସରୋଜ କୁମାର ଜେନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ପ୍ରମୋଦ କୁମାର ବାରିକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ରଶ୍ମୀରଞ୍ଜନ ପଟ୍ଟନାୟକ ଓ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିରାକରଣ) ଡାକ୍ତର ବାସନ୍ତୀ ପାଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କୁଷ୍ଠ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ୍ୟ ଏବଂ ଏହାର ଚିକିତ୍ସା ଓ ଚିହ୍ନଟ ସୁବିଧା ସମସ୍ତ ସରକାରୀ ଡାକ୍ତରଖାନାରେ ମାଗଣାରେ ଉପଲବ୍ଧ। ଏହାର ଅନ୍ତର୍ଗତ ଗୋଷ୍ଠୀ ସ୍ତରରେ କୁଷ୍ଠ ସଚେତନତା ଅଭିଯାନ ଆଜିଠାରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ଅବସରରେ ଭେଦଭାବ ଦୂରକରି କୁଷ୍ଠ ରୋଗାକ୍ରାନ୍ତ ବ୍ୟକ୍ତିଙ୍କୁ ମର୍ଯ୍ୟାଦାର ସହିତ ଆପଣେଇବା ପାଇଁ ଏକ ଶପଥ ପାଠ ମଧ୍ୟ କରାଯାଇଥିଲା। ଆୟୋଜିତ ଏହି ସଭାରେ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରମାନେ, ଆଶା କର୍ମୀ, ମହିମା ଓ ନାରାୟଣୀ ନର୍ସିଂ ସ୍କୁଲର ଛାତ୍ରଛାତ୍ରୀ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ଏହି କାର୍ଯକ୍ରମକୁ ସହାୟକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ କୁମାର ମହାପାତ୍ର, ସୁପରଭାଇଜର ବିତ୍ତୀକା ରାଉତ ଓ ହେମନ୍ତ ମୁଦୁଲି ପ୍ରମୁଖ ଉପସ୍ଥିତ ରହି ସୂଚାରୁ ରୂପେ ପରିଚାଳନା କରିଥିଲେ।

## ଅଠରବାଙ୍କୀରେ ସଡ଼କ ସୁରକ୍ଷା ସଚେତନତା

ପାରାଦୀପ,୩୦।୧(ସମିସ)



ନୀଳଚକ୍ର ୟୁଥ ଟ୍ରଷ୍ଟ ପକ୍ଷରୁ ଆଜି ସ୍ଥାନୀୟ ଅଠରବାଙ୍କୀ ଛକ ଉପରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ଦେବ ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ପରାମର୍ଶଦାତା ଅରୁଣ କୁମାର ଓଝା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଜଗତସିଂହପୁର ପରିବହନ ଅଧିକାରୀ ଦୀପକ କୁମାର ସେଠୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ପାରାଦୀପ ଶାଖାର ମୁଖ୍ୟ ସୁମନ ଭଉଣୀ, ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ ତରାଇ, ସମାଜସେବୀ ସମୀର ସାହୁ, କାଉନସିଲର ସୁବ୍ରତ ପ୍ରଧାନ ଓ ଅଜିତ ଷଡ଼ଙ୍ଗୀ, ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିଆରସିଂ, ମଡେଲ ଥାନା ଅଧିକାରୀ କାବୁଲି ବାରିକ, ଲକ୍‌ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସ, ମେରାଇନ ଥାନା ଅଧିକାରୀ ବବିତା ଦେହୁରୀ, ଜଟାଧାରୀ ମୁହାଣ ମେରାଇନ ଥାନା ଅଧିକାରୀ କଲ୍ୟାଣୀମୟୀ କ୍ଷେତ୍ରୀ, ଯୁବ ବିଜେଡିର ଆଲୋକ ମହାପାତ୍ର, ସମାଜସେବୀ ମଧୁମିତା ସାମଲ, ଡମ୍ଫର ମାଲିକ ସଂଘର ସଭାପତି ବିଜୟ କୁମାର ନାୟକ ଓ ଅଠରବାଙ୍କୀ ମାର୍କେଟର ବରିଷ୍ଠ ବ୍ୟବସାୟୀ ମିଟୁ ବାବୁ ପ୍ରମୁଖ ଯୋଗଦେଇ ସବୁବେଳେ ଟ୍ରାଫିକ ନିୟମ କୁ ମାନି ଗାଡ଼ି ଚଲାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପରିବହନ ଅଧିକାରୀ ସମସ୍ତଙ୍କୁ ରାସ୍ତା ସୁରକ୍ଷା ସମ୍ପର୍କୀତ ଶପଥ ପାଠ କରାଇଥିଲେ। ପରେ ବିନା ହେଲମେଟ ଓ ବିନା ସିଟ୍ ବେଲ୍ଟରେ ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କୁ ଗୋଲାପ ଫୁଲ ଓ ଚକୋଲେଟ୍ ଦେଇ ସୁରକ୍ଷା ମାନି ଗାଡ଼ି ଚଲାଇବା ପାଇଁ ସଚେତନ କରାଯାଇଥିଲା। ଶେଷରେ ଟ୍ରଷ୍ଟର ମୁଖ୍ୟ ପରାମର୍ଶଦାତା ବିଶ୍ୱଭୂଷଣ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ତିନୋଟି ଟ୍ରକ୍ ମାଲିକ ସଂଘର ସଦସ୍ୟ, ଡମ୍ଫର ସଂଘର ସଦସ୍ୟ ଓ ବହୁ ଯୁବକ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ନୀଳଚକ୍ର ୟୁଥ୍ ଟ୍ରଷ୍ଟର ସମ୍ପାଦକ ପରମ ବେହେରା, କୋଷାଧ୍ୟକ୍ଷ ମୁନି ଛାଟୋଇ, ରାକେଶ ସାହୁ, ବିଜୟ ଭୋଳ, ରାଜୁ ମାଝୀ, ଜୟନ୍ତ ଗାଏନ, ସତ୍ୟବ୍ରତ ଡାକୁଆ, ପ୍ରକାଶ ବାରିକ, ରାଜେସ ସାହୁ, ଚନ୍ଦନ ଗାଏନ୍ , ଆୟୁଷ୍ମାନ ସ୍ୱାଇଁ, ଶ୍ୟାମସୁନ୍ଦର ଦାସ, ଜ୍ୟୋତିରଞ୍ଜନ ଜେନା, ଜୟନ୍ତ ଗାୟନ, ରମେଶ ଚନ୍ଦ୍ର ଦାସ, କ୍ରୀଷ୍ଣା ପ୍ରଧାନ, ଅଲେଖ ବେହେରା, ଜୟଦେବ ସାହୁ ରଞ୍ଜିତ ମଣ୍ଡଳ, ପ୍ରମୁଖ ପରିଚାଳନା କରିଥିଲେ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ସହିଦ ଦିବସ ପାଳିତ



ଅନୁଗୋଳ,୩୦ ।୧(ସମିସ): ଅନୁଗୋଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସହିଦ ଦିବସ ପାଳନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଡେପୁଟି କଲେକ୍ଟର ଜୟକୃଷ୍ଣ ପାତ୍ର, ମମତା ପ୍ରଧାନ, ମଧୁସ୍ମିତା ବିଶି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳ ପ୍ରମୁଖ ଉପସ୍ଥିତ ଥିଲେ ।

● ଗାନ୍ଧିଜୀଙ୍କ ତିରୋଧାନ ଦିବସ

## 'ଯୁବ ସମାଜ ଓ ନିଶାମୁକ୍ତି' ଶୀର୍ଷକ ଆଲୋଚନାଚକ୍ର



କିଶୋରନଗର,୩୦ ।୧(ସମିସ): ବିଶ୍ୱ ଯୁବକେନ୍ଦ୍ର, ବଣିନାଳୀ ଦ୍ୱାରା ବିଲେଇନାଳୀ ପଞ୍ଚାୟତ ଭେଜିଗୋଠ ଗ୍ରାମରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଛି । ବିଶ୍ୱ ଯୁବକେନ୍ଦ୍ରର ୪୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଡା. ସରୋଜ କୁମାର ନନ୍ଦ ଯୋଗଦେଇ ଗାନ୍ଧିଜୀଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଡା. ନନ୍ଦ ତାଙ୍କ ଅଭିଭାଷଣରେ ନିଶା ନିବାରଣର ଯୁବ ପିଢ଼ି ଓ ସମାଜ ଉପରେ ପକାଉଥିବା କୁପ୍ରଭାବ ଓ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ତାହାର ସମାଧାନର ବାଟ ମଧ୍ୟ ଅବଗତ କରିଥିଲେ । ଯୁବ ସମାଜ ନିଶା ନିବାରଣରେ କିପରି ଭୂମିକା ନେଇପାରିବେ ସେ ବିଷୟରେ ଆଲୋକପାତ କରଯାଇଥିଲା । ସୁସ୍ଥ ଜୀବନଯାପନ ନିମନ୍ତେ ନିଶାଦ୍ରବ୍ୟ ବର୍ଜନ ନିମନ୍ତେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଭେଜିଗୋଠ ଗ୍ରାମ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ବିଶ୍ୱ ଯୁବକେନ୍ଦ୍ରର କର୍ମକର୍ତ୍ତା ଅଭୟ ଚରଣ ସ୍ୱାଇଁ, ଗୋଲକ ବିହାରୀ ଗାଆଣ, ପୂଜା ସ୍ୱାଇଁ ସହଯୋଗ କରିଥିଲେ ।

## କିଶୋରନଗର ସ୍ୱାସ୍ଥ୍ୟ ବିଭାଗ ପୁରସ୍କୃତ



କିଶୋରନଗର,୩୦ ।୧(ସମିସ): କିଶୋରନଗର ବ୍ଲକ ଅଧୀନରେ ଥିବା ପର୍ଶୁମାଲ, ହାଣ୍ଡପା, ଇଚ୍ଛାପୁର ଓ ଖଣ୍ଡବର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନକ୍ୱାସ ସାର୍ଟିଫିକେଟ ପ୍ରଦାନ କରାଯାଇଛି । ସ୍ଥାନୀୟ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପୌରାଧ୍ୟକ୍ଷ ଅକ୍ଷୟ ସାମନ୍ତ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଦନ ମୋହନ ପ୍ରଧାନ ପ୍ରମୁଖ ଯୋଗଦେଇ ୨୦୨୫-୨୬ ବର୍ଷ ପାଇଁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । କିଶୋରନଗର ବିପିଏମ୍ ଅଜିତ କୁମାର ସାହୁ, ବିଏଏମ୍ ପ୍ରମୋଦ କୁମାର ସିଂ, ବିଡିଏମ୍ ଅଜିତ କୁମାର ପ୍ରଧାନ ପ୍ରମୁଖ ପୁରସ୍କାର ଗ୍ରହଣ କରିଥିଲେ । ଏଥିସହ ଶ୍ରେଷ୍ଠ ଜନ ଆରୋଗ୍ୟ ସମିତି ଭାବେ ଇଚ୍ଛାପୁର ଉପକେନ୍ଦ୍ର, ଶ୍ରେଷ୍ଠ ଗାଁ କଲ୍ୟାଣ ସମିତି ନୂଆଖଳାରେଗେଡ଼ା (ହାଣ୍ଡପ ଗ୍ରା.ପ)କୁ, ଶ୍ରେଷ୍ଠ ଆଶା କର୍ମୀ ଭାବେ ପର୍ଶୁମାଲ ଉପକେନ୍ଦ୍ର ଅଧୀନ ଅଞ୍ଜନା ମାଝୀଙ୍କୁ ପୁରସ୍କୃତ କରାଯାଇଛି । ବ୍ଲକ ତରଫରୁ ଶ୍ରେଷ୍ଠ ଆଶାକର୍ମୀ ଭାବେ ବାମୁର ଉପକେନ୍ଦ୍ର ଅଧୀନ ରୀତାଞ୍ଜଳି ପ୍ରଧାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି ।

## ଓୟୁଜେ ଅନୁଗୋଳ ଜିଲ୍ଲା ସାଧାରଣ ସମ୍ପାଦକ ନିଯୁକ୍ତ

ବଡ଼କେରା,୩୦ ।୧(ସମିସ): ଭାରତୀୟ ଜର୍ଣ୍ଣାଲିଷ୍ଟ ୟୁନିୟନ ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ ନିରଞ୍ଜନ ବିଶ୍ୱାଳଙ୍କ ଅନୁମୋଦନ କ୍ରମେ ଅନୁଗୋଳ ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ଅଚ୍ୟୁତାନନ୍ଦ ମିଶ୍ରଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ରାଜ୍ୟ କର୍ମଚାରୀ ସଂଗ୍ରାମ ସମିତିର ପୂର୍ବତନ କାର୍ଯ୍ୟକାରୀ ସଭାପତି, ଅନୁଗୋଳ ଜିଲ୍ଲାର ବିଶିଷ୍ଟ ସମାଜସେବୀ ତଥା ଅନୁଗୋଳ ପ୍ରେସ କ୍ଲବର ଉପସଭାପତି ଭାବେ ଅଚ୍ୟୁତାନନ୍ଦଙ୍କ ଉଲ୍ଲେଖନୀୟ କାର୍ଯ୍ୟକୁ ପ୍ରଶଂସା କରିବା ସହ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଦିଗରେ କାର୍ଯ୍ୟ କରିବା ପାଇଁ ରାଜ୍ୟ ସଂଘ ଆଶାପୋଷଣ କରିଛି ।

### ଅନୁଗୋଳରେ ସଡ଼କ ସୁରକ୍ଷା ମାସ ଉଦଯାପିତ

# 'ସାଧନାରୁ ଶୁଦ୍ଧତା, ନିଜେ ବଦଳିଲେ ସମାଜ ବଦଳିବ'

ଅନୁଗୋଳ,୩୦ ।୧(ସମିସ)



ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜାନୁଆରୀ ୧ରୁ ଆୟୋଜିତ ସଡ଼କ ସୁରକ୍ଷା ମାସର ଉଦଯାପନୀ ସମାରୋହ ସ୍ଥାନୀୟ ବ୍ଲାକ୍ ଡାଇମଣ୍ଡ ଅଡିଟୋରିଅମ୍‌ରେ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଯୋଗଦେଇ କହିଲେ ଯେ ସାଧନାରୁ ଶୁଦ୍ଧତା ଆସେ । ଏକ ଭଲ ସମାଜ ଗଠନ ପାଇଁ ଅନ୍ୟମାନଙ୍କୁ ବଦଳାଇବା ପୂର୍ବରୁ ଆମେ ନିଜେ ବଦଳିବା ଆବଶ୍ୟକ । ସଡ଼କ ସୁରକ୍ଷା କେବଳ ଆଇନ ପାଳନ ନୁହେଁ, ଏହା ଏକ ସାମାଜିକ ଦାୟିତ୍ୱ ବୋଲି ସେ ଉଲ୍ଲେଖ କରିଥିଲେ । ଅତ୍ୟଧିକ କାମର ଚାପ ନିୟନ୍ତ୍ରଣ କରି ସୁସ୍ଥ ଜୀବନଶୈଳୀ ଅନୁସରଣର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ଯାନବାହନର ଉପଯୁକ୍ତ କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ, ରେଜିଷ୍ଟ୍ରେସନ୍, ବୀମା ଓ ପଲ୍ୟୁସନ ସର୍ଟିଫିକେଟ୍ ସବୁବେଳେ ପାଖରେ ରଖିବାକୁ ଆହ୍ୱାନ ଦେଇଥିଲେ । ଜାତୀୟ ରାଜପଥରେ ଠିକ୍ ରୋଡ୍ ସାଇନେଜ୍ ଓ ଯାତାୟାତ ଶୃଙ୍ଖଳା ଦୁର୍ଘଟଣା ରୋକିବାରେ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡା ଯୋଗଦେଇ ସଡ଼କ ସୁରକ୍ଷା ଓ ଯାତାୟାତ ନିୟମ ପାଳନରେ ପୁଲିସ୍ ପ୍ରଶାସନର ଭୂମିକା ବିଷୟରେ ଆଲୋକପାତ କରିଥିଲେ । ସଚେତନତା ଓ ଆଇନ ପାଳନ ମାଧ୍ୟମରେ ଦୁର୍ଘଟଣାକୁ ଅନେକ ହାରରେ କମାଯାଇପାରିବ ବୋଲି ସେ କହିଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ୍ କୁମାର ତାଙ୍କ ବକ୍ତବ୍ୟରେ କହିଲେ ଯେ ସଡ଼କ ସୁରକ୍ଷା ମାସ କେବଳ ସଚେତନତା କାର୍ଯ୍ୟକ୍ରମରେ ସୀମିତ ନ ଥିଲା, ବରଂ ଏହାକୁ ସଚେତନତାର ବାହକ ଭାବେ ଗଢ଼ି ତୋଳାଯାଇଛି । ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରୁ ୯୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ପ୍ରଥମ ଥର ବୃଦ୍ଧଜନଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ସମାଜ ପ୍ରତି ପରିବହନ ବିଭାଗର ମାନବିକ ଦାୟିତ୍ୱକୁ ପ୍ରମାଣ କରାଯାଇଛି । ସମାରୋହରେ ଟ୍ରକ୍ ମାଲିକ ସଂଘ ସଭାପତି ଅମରେଶ ସ୍ୱାଇଁ, ବସ ମାଲିକ ସଂଘ, ଡ୍ରାଇଭର୍ ସଂଘ, ବିଭିନ୍ନ ବିଦ୍ୟାଳୟ ଓ କଲେଜ ଛାତ୍ରଛାତ୍ରୀ, ଶିକ୍ଷକ ଓ ବହୁ ସଚେତନ ନାଗରିକ ଉପସ୍ଥିତ ଥିଲେ । ସମସ୍ତେ ସଡ଼କ ସୁରକ୍ଷା ନିୟମ ମାନିବା, ନିଜକୁ ବଦଳାଇବା ଓ ଦୁର୍ଘଟଣାମୁକ୍ତ ସମାଜ ଗଢ଼ିବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ କରାଯାଇଛି ।

## ଜମି ପଞ୍ଜୀକରଣ କାର୍ଯ୍ୟାଳୟରେ ବ୍ୟାପକ ଅନିୟମିତତା

● ସରକାରୀ ତହବିଲକୁ କମ୍, ବାବୁଙ୍କ ପକେଟରେ ବେଶୀ ରାଜସ୍ୱ
● ତଦନ୍ତ ପାଇଁ ଅନୁଗୋଳ ଜିଲ୍ଲାପାଳଙ୍କୁ ରାଜସ୍ୱ ବିଭାଗର ନିର୍ଦ୍ଦେଶ

କିଶୋରନଗର,୩୦ ।୧(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ଜମି ପଞ୍ଜୀକରଣ କାର୍ଯ୍ୟାଳୟରେ ଜମି କିଣା ବାବଦ ରେଜିଷ୍ଟ୍ରେସନ୍ ଫି' ନାମରେ ବ୍ୟାପକ ଅନିୟମିତତା କରାଯାଇଛି । ଦାୟିତ୍ୱରେ ଥିବା ଅଧିକାରୀ ତଞ୍ଚକତା କରି ସରକାର ଧାର୍ଯ୍ୟ କରିଥିବା ମୂଲ୍ୟଠାରୁ ଖୁବ୍ କମ୍ ଟଙ୍କାରେ ପଞ୍ଜୀକରଣ କରୁଛନ୍ତି । ଅବଶିଷ୍ଟ ଅର୍ଥ ନିଜେ ଆତ୍ମସାତ୍ କରୁଛନ୍ତି । ଗୋଟିଏ ବା ଦୁଇଟି ନୁହେଁ, ସ୍ୱଳ୍ପ ଟଙ୍କାରେ ଏକାଧିକ ପଞ୍ଜୀକରଣ କରାଯାଇଥିବା ଅଭିଯୋଗ ହେବାପରେ ରାଜସ୍ୱ ବିଭାଗ ପକ୍ଷରୁ ଅନୁଗୋଳ ଜିଲ୍ଲାପାଳଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ନିୟମ ଅନୁଯାୟୀ ସଂଶୋଧନ ପାଇଁ ଆବେଦନ ଦଲିଲର ନକ୍ସା ଭୁଲ ଥିଲେ ସମ୍ପୂର୍ଣ୍ଣ ଷ୍ଟାମ୍ପ ଏବଂ ଫି' ଲାଗିବ । ହେଲେ ଏହାକୁ ଅଣଦେଖା କରି କିଶୋରନଗର ସବ୍‌ରେଜିଷ୍ଟ୍ରାର ଅଫିସରେ ବ୍ୟାପକ ସରକାରୀ ଅର୍ଥ ହଡ଼ପ କରାଯାଉଛି । ଜମିର ନକ୍ସା ଭୁଲ ଥିବାରୁ ସଂଶୋଧନ ପାଇଁ ଜଣେ ଆବେଦନ କରିଥିଲେ । ଆବେଦନ ନମ୍ବର ୧୭୭୨୫୦୦୨୯୨ ଅନୁଯାୟୀ ଜମିର ପ୍ରକୃତ ମୂଲ୍ୟ ୭,୨୪,୪୭୦ ଟଙ୍କା ରହିଥିଲା । ଏହା ଉପରେ ୫ ପ୍ରତିଶତ ଷ୍ଟାମ୍ପ ଓ ୨ ପ୍ରତିଶତ ଫି' ଲାଗୁ ହେଲେ ମୋଟ୍ ୫୦,୭୧୨ ଟଙ୍କା ଲାଗିବା କଥା । ହେଲେ ଷ୍ଟାମ୍ପ ବାବଦ ମାତ୍ର ୫୦୦ ଟଙ୍କା ଏବଂ ରେଜିଷ୍ଟ୍ରେସନ୍ ଫି' ବାବଦ ମାତ୍ର ୩୨୫ ଟଙ୍କା ଦାଖଲ କରି ଜମିପଟ୍ଟା ସଂଶୋଧନ କରାଯାଇଥିବା ଅଭିଯୋଗ ହୋଇଛି । ଅନୁରୂପ ଭାବେ ଆବେଦନ ନମ୍ବର-୧୭୭୨୫୦୦୧୯୪କୁ ମଧ୍ୟ ତଞ୍ଚକତା କରି ସ୍ୱଳ୍ପ ଟଙ୍କାରେ ପଞ୍ଜୀକରଣ କରାଯାଇଥିବା ସାମାଜିକ କର୍ମୀ ପ୍ରିୟଦର୍ଶିନୀ ସ୍ୱାଇଁ ରାଜସ୍ୱ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି । ଏତେ ପରିମାଣର ରାଜସ୍ୱ ହ୍ରାସ କରିଦେଉଥିବାରୁ ଆବେଦନାକରୀ ମଧ୍ୟ କୌଣସି ଆପତ୍ତି କରୁନାହାନ୍ତି । ଫଳରେ ସରକାରୀ ତହବିଲକୁ ବ୍ୟାପକ କ୍ଷତି ପହଞ୍ଚୁଛି । ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଘଟଣାର ତଦନ୍ତ କରିବା ପାଇଁ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କୁ ଗୁରୁବାର ନିର୍ଦ୍ଦେଶ ଦିଆଯାଇଛି । ଅଭିଯୋଗ ସମ୍ପର୍କରେ କିଶୋରନଗର ତହସିଲଦାର ବିକ୍ରମ ନାୟକ କହିଛନ୍ତି ଯେ ସମ୍ପୂର୍ଣ୍ଣ ନିୟମାନୁଯାୟୀ ପଞ୍ଜୀକରଣ କରାଯାଉଛି । ତଦନ୍ତ ହେଲେ ସତ ପଦାକୁ ଆସିବ ।

## ଶିକାର ସାମଗ୍ରୀ ଜବତ, ଅଭିଯୁକ୍ତ ଫେରାର

ଅନୁଗୋଳ,୩୦ ।୧(ସମିସ): ଅନୁଗୋଳ ବନଖଣ୍ଡ ବନ୍ତଲା ବନାଞ୍ଚଳରେ ଜନ୍ତୁ ଶିକାରୀଙ୍କ ବିରୋଧରେ ବନ ବିଭାଗକୁ ମିଳିଛି ବଡ଼ ସଫଳତା ।



ଖିଣ୍ଡା ସେକ୍ସନ ବାରଗୌଣିଆ ବିଟ୍ ଅନ୍ତର୍ଗତ ମାଗୁରାଖାଲ ଗାଁରେ ଚଢ଼ଉ କରି ବହୁ ପରିମାଣର ଶିକାର ସାମଗ୍ରୀ ଜବତ କରିଛି ବନ୍ତଲା ବନ ବିଭାଗ । ବିଶେଷ ସୂତ୍ରରୁ ଖବର ପାଇ ରେଞ୍ଜର ପ୍ରସନ୍ନ କୁମାର ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର ମାଗୁରାଖାଲ ଗ୍ରାମର କହ୍ନେଇ ବେହେରାଙ୍କ ଘରେ ଅଚାନକ ଚଢ଼ଉ କରିଥିଲେ । ବନ ବିଭାଗ ଆସୁଥିବା ଜାଣିପାରି କହ୍ନେଇ ଫେରାର ହୋଇଯାଇଥିଲେ । ତେବେ ତାଙ୍କ ସ୍ତ୍ରୀଙ୍କ ଉପସ୍ଥିତିରେ ଘର ଯାଞ୍ଚ କରାଯିବା ସମୟରେ ବେଆଇନ ଶିକାର ପାଇଁ ରଖାଯାଇଥିବା ସାମଗ୍ରୀ ଓ ମାରଣାସ୍ତ୍ର ମିଳିଥିଲା । ବନ ବିଭାଗ ତାଙ୍କ ଘରୁ ୨ଟି ଦେଶୀ ବନ୍ଧୁକର ନଳି, ଶିକାର ପାଇଁ ବ୍ୟବହୃତ ବହୁ ପରିମାଣର ଜିଆଇ ତାର, ବିଦ୍ୟୁତ ସଂଯୋଗ ମାଧ୍ୟମରେ ଶିକାର ପାଇଁ ବ୍ୟବହୃତ ବିଦ୍ୟୁତ୍ ତାର ଜବତ କରିଛି । ଏ ସମ୍ପର୍କରେ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି । ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ବନ ଅଧିକାରୀ ସୂଚନା ଦେଇଛନ୍ତି । ଚଢ଼ଉରେ ଫରେଷ୍ଟର ଶ୍ରୀନିବାସ ସାହୁ, ବିଜୟ କୁମାର ନାୟକ, ଫରେଷ୍ଟ ଗାର୍ଡ ଲିପକ ବେହେଲା, ଜିତେନ୍ଦ୍ର ବେହେରା ଓ ନିରୁପମା ନାୟକ ସାମିଲ ହୋଇଥିଲେ ।

## ତିରୋଧାନ ଦିବସରେ ଗାନ୍ଧିଜୀଙ୍କୁ ଭୁଲିଗଲେ ପ୍ରଶାସନ ଓ ଲୋକପ୍ରତିନିଧି

● ପ୍ରତିମୂର୍ତ୍ତି ସଫା କରି ମାଲ୍ୟାର୍ପଣ କଲେ ପୂର୍ବ ସାଂସଦ

ତାଳଚେର,୩୦ ।୧(ସମିସ): ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଶୁକ୍ରବାର ଥିଲା ତିରୋଧାନ ଦିବସ । ଗାନ୍ଧିଜୀ ଦେଶକୁ ସ୍ୱାଧୀନ କରିବା ସ୍ୱପ୍ନକୁ ସାକାର କରିଥିବାରୁ ତାଙ୍କୁ ଭାରତର ପ୍ରତିଟି ନାଗରିକ ଜାତିର ପିତା ଜାତିର ଜନକ ବୋଲି ସମ୍ବୋଧନ କରିଥାନ୍ତି । ତେବେ ମହାତ୍ମା ଗାନ୍ଧୀଙ୍କୁ ତାଳଚେରରେ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିମାନେ କେତେ ସମ୍ମାନ ଦିଅନ୍ତି ତାହା ଆଜି ବିକଳ ଚିତ୍ରରୁ ସ୍ପଷ୍ଟ ଦେଖିବାକୁ ମିଳିଛି । ତାଳଚେର ରାମଚନ୍ଦ୍ର ବଜାରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଅପରିଷ୍କାର ଅବସ୍ଥାରେ ଥିବା ବେଳେ ତାଙ୍କ ବେକରେ ଫୁଲମାଳଟିଏ ବି ପକାଇବାକ ଯେମିତି ସମସ୍ତେ ଭୁଲିଯାଇଛନ୍ତି । ତେବେ ସେହିବାଟ ଦେଇ ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ସହିଦ ରଞ୍ଜନ ମହାନ୍ତି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅତିଥି ଭାବେ ଯୋଗଦେବାକୁ ଯିବା ବେଳେ ତାଙ୍କ ନଜରରେ ଏହା ପଡ଼ିଥିଲା । ମହେଶ ସେଇଠି ଗାଡ଼ି ଅଟକାଇ ପାଣି ଆଣି ନିଜେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଓ ଚଟାଣକୁ ସଫା କରିସାରି ଏକ ଫୁଲମାଳ ଆଣି ଜାତିର ପିତାଙ୍କୁ ଯଥା ସମ୍ମାନ ଜଣାଇଥିଲେ । ଅନ୍ୟପଟେ ତାଳଚେର ପ୍ରଶାସନ, ପୌର ପରିଷଦ କିମ୍ବା ସ୍ଥାନୀୟ ଲୋକ ପ୍ରତିନିଧିମାନେ ଗାନ୍ଧିଜୀଙ୍କୁ ଏପରି କାହିଁକି ଭୁଲିଗଲେ ତାହାକୁ ନେଇ ଲୋକଙ୍କ ମୁହଁରେ ଅନେକ କଥା ଶୁଣିବାକୁ ମିଳିଛି ।

## ଅଗ୍ନିକାଣ୍ଡ; ୩ ବଖରା ଘର ପୋଡ଼ିଗଲା



କିଶୋରନଗର,୩୦ ।୧(ସମିସ): କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ ରାଇବାହାଳ ଉଠାଣ ସାହିର ମଞ୍ଜୁଳା ନାୟକଙ୍କ ଘରେ ନିଆଁ ଲାଗି ୩ ବଖରା ଚାଳଛପର ଘର ସହ ସମସ୍ତ ଆସବାବପତ୍ର ପୋଡ଼ିଯାଇଛି । ରଣିଆକଟା ରାଜସ୍ୱ କାର୍ଯ୍ୟାଳୟ ପକ୍ଷରୁ ମଞ୍ଜୁଳାଙ୍କୁ ପଲିଥିନ ଜରିଟିଏ ଯୋଗାଇ ଦିଆଯାଇଛି । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳକଣ୍ଠ ସିଂହ ମଞ୍ଜୁଳାଙ୍କୁ ଚାଉଳ ଓ କିଛି ସହାୟତା ଯୋଗାଇ ଦେଇଛନ୍ତି ।

## ଶିଶୁମନ୍ଦିରର ବିଜ୍ଞାନ ପ୍ରକଳ୍ପ ପୁରସ୍କୃତ

ଅନୁଗୋଳ,୩୦ ।୧(ସମିସ): ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁମନ୍ଦିର କୁନି ବୈଜ୍ଞାନିକ ଛାତ୍ରଙ୍କ ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ବିଜ୍ଞାନ ପ୍ରକଳ୍ପ 'ବ୍ଲାଇଣ୍ଡ ପିପୁଲ ହେଲ୍ପ ଷ୍ଟିକ' ବିଗବ୍ୟାଙ୍ଗ-୨୦୨୬ରେ ପୁରସ୍କୃତ ହୋଇଛି । ତାମିଲନାଡୁର କୋୟମ୍ବାଟୁର୍‌ରେ ଅନୁଷ୍ଠିତ ବିଜ୍ଞାନ ପ୍ରଦର୍ଶନୀରେ ୧୬୪ଟି ପ୍ରକଳ୍ପ ସାମିଲ ହୋଇଥିଲା । ସେଥିରୁ ଶ୍ରେଷ୍ଠ ୨୦ ପ୍ରକଳ୍ପକୁ ପୁରସ୍କୃତ କରାଯାଇଛି । ଅନୁଗୋଳ ଶିଶୁମନ୍ଦିର ଛାତ୍ର



ସାଇରାମ ଡାଙ୍ଗଙ୍କ ଦ୍ୱାରା ପ୍ରଦର୍ଶିତ 'ବ୍ଲାଇଣ୍ଡ ପିପୁଲ ହେଲ୍ପ ଷ୍ଟିକ ' ପ୍ରକଳ୍ପ ୫ମ ସ୍ଥାନରେ ରହି ପୁରସ୍କୃତ ହୋଇଛି । ବିଦ୍ୟାଳୟର ଏହି ଟିମରେ ଶ୍ରୀୟାଂଶୁ ପ୍ରଧାନ, ବିଶ୍ୱଜିତ ସାହୁ ଏବଂ ମଣିଭୂଷଣ ସାହୁ ସାମିଲ ହୋଇଥିଲେ । ଏହି ବ୍ଲାଇଣ୍ଡ ପିପୁଲ ହେଲ୍ପ ଷ୍ଟିକ ଦୃଷ୍ଟିହୀନମାନଙ୍କୁ ରାସ୍ତା ଦୁର୍ଘଟଣାରୁ ରକ୍ଷା କରିବ । ଆଗରେ କେହି ଥିଲେ ସାଇରନ୍ ବାଜିବ । ଏଥିରୁ ସୋଲାର ସେଲ ଦ୍ୱାରା ମୋଟର ଘୂରି ଥଣ୍ଡା ପବନ ବାହାରିଥାଏ । ଦୃଷ୍ଟିହୀନ ଲୋକଟି କେଉଁଠି ବାଡ଼ି ରଖିଦେଲେ ରିମୋଟ ଦ୍ୱାରା ପାଇ ପାରିଥାଏ । ଆଉ ମଧ୍ୟ ସର୍ବସାଧାରଣ ସ୍ଥାନରେ ଶୌଚାଳୟ କେଉଁଠି ଅଛି ଜାଣି ପାରିଥାଏ । ଏହି ପ୍ରକଳ୍ପରେ ବିଜ୍ଞାନ ଶିକ୍ଷକ ସୌମେନ୍ଦ୍ର ଡାଙ୍ଗ ସହାୟତା କରିଥିଲେ । ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଅଶୋକ ମୋଦୀ, ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ, ସହ-ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସାଇରାମଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଚୋରି ଅଭିଯୋଗରେ ତିନି ଗିରଫ

କଣିହାଁ,୩୦ ।୧(ସମିସ): କଣିହାଁ ବ୍ଲକ ସମଲ ଥାନା ସମଲଠାରେ ଏନଟିପିସି ଥର୍ମାଲ ନିମନ୍ତେ ଏଲଏନଟି କମ୍ପାନୀ ଦ୍ୱାରା ନିର୍ମାଣାଧୀନ ପମ୍ପ ହାଉସରୁ ଚୋରି ଅଭିଯୋଗରେ ପୁଲିସ ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ସାନଟିପୋ ଗ୍ରାମର ଜୟନ୍ତ ସେଠୀ, ପ୍ରଦୀପ ନାଏକ ଓ ସମଲ ଗ୍ରାମର ପଞ୍ଚାନନ ପ୍ରଧାନ । ଏମାନେ କମ୍ପାନୀରୁ ତମ୍ବା ସାମଗ୍ରୀ ଚୋରି କରିଥିଲେ । ଏ ନେଇ ସିକ୍ୟୁରିଟି ଇନଚାର୍ଜ କିଶୋର ସାହୁଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ତିନିଜଣଙ୍କୁ ଗିରଫ କରିଛି ।

## ଦୁଷ୍କର୍ମକାରୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ଅନୁଗୋଳ,୩୦ ।୧(ସମିସ): ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଶୁକ୍ରବାର ଦୋଷୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧୦ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି । ଜରିମାନା ଅନାଦେୟ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ଅର୍ଥରାଶି ପ୍ରଦାନ କରିବାକୁ ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ଦଣ୍ଡିତ ବ୍ୟକ୍ତି ହେଲେ ଅନୁଗୋଳ ଜିଲ୍ଲା କଣିହାଁ ଥାନା ହନୁମାନପୁର ଗ୍ରାମର ସୁରେନ ନାଏକ (୨୬) ।

ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ସେପ୍ଟେମ୍ବର ୬ରେ ସୁରେନ ନାବାଳିକାଙ୍କୁ ନିକଟସ୍ଥ ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିଲା । ଏ ବିଷୟରେ ଘରେ ପ୍ରକାଶ କଲେ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲା । କିନ୍ତୁ ନାବାଳିକା ପରିବାର ଲୋକଙ୍କୁ ସମସ୍ତ ଘଟଣା ଜଣାଇବା ପରେ ତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ । ପୁଲିସ ବିଭିନ୍ନ ଦଫାରେ ମାମଲା ରୁଜୁକରି ସୁରେନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଶୁକ୍ରବାର ଏହି ମାମଲାର ରାୟ ପ୍ରକାଶ ପାଇଛି । ଅତିରିକ୍ତ ଜିଲ୍ଲା ଓ ସେସନ ଜଜ ସୌମ୍ୟା ଶୁଭଦର୍ଶିନୀ ସୁରେନକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଦିଲୀପ କୁମାର ଦାସ ଏହି ମାମଲା ପରିଚାଳନା କରୁଥିଲେ ।

### ଏକଦିବସୀୟ ଜିଲ୍ଲାସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

# ଅନୁଗୋଳ ବାସନ୍ତୀ ଦଳ ଚାମ୍ପିଅନ

ଛେଣ୍ଡିପଦା,୩୦ ।୧(ସମିସ): ଛେଣ୍ଡିପଦା ବ୍ଲକ ଶିମିଳିପାଳ ପଞ୍ଚାୟତ ବରନାଳି ଗାଁରେ ଏକଦିବସୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି । ବରନାଳି ଭଲିବଲ ଆସୋସିଏସନ ତରଫରୁ ଆୟୋଜିତ ଏହି ପ୍ରଦୀପ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟରେ ବରନାଳି, ବାସନ୍ତୀ ଭଲିବଲ ଅନୁଗୋଳ, ଅଜିତ ଫାଇଟର, ସନ୍ତରାବନ୍ଧ, କଂସମୁଣ୍ଡା, ବ୍ରାହ୍ମଣବିଲ, ଏନଟିପିସି, ଛେଣ୍ଡିପଦା ଭଳି ୮ଟି ଦଳ ଭାଗ ନେଇଥିଲେ । ବାଗଡ଼ିଆ ଥାନା ଅଧିକାରୀ ଓ ବାଗଡ଼ିଆ ମେଡିକାଲର ଡାକ୍ତର ରାକେଶ ମିଶ୍ର ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ପରେ ପୂର୍ବତନ ବିଧାୟକ ସୁଶାନ୍ତ ବେହେରା, ଟାଙ୍ଗିରୀ ସରପଞ୍ଚ ଅମରେଶ ନାଥ, କୃପାସିନ୍ଧୁ ବିଶ୍ୱାଳ ପ୍ରମୁଖ ପହଞ୍ଚି ଆୟୋଜକ ଓ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଲିଗ୍ ପର୍ଯ୍ୟାୟରେ ଖେଳ ହୋଇଥିବା ବେଳେ ସନ୍ତରାବନ୍ଧକୁ ହରାଇ ବାସନ୍ତୀ




ଭଲିବଲ ଏବଂ ଅଜିତ ଫାଇଟରକୁ ହରାଇ ବ୍ରାହ୍ମଣବିଲ ଫାଇନାଲକୁ ଉନ୍ନୀତ ହୋଇଥିଲେ । ଫାଇନାଲ ମ୍ୟାଚରେ ଉଭୟ ଦଳ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ । ବାସନ୍ତୀ ଭଲିବଲ ଅନୁଗୋଳ ଦଳ ବ୍ରାହ୍ମଣବିଲକୁ ୨୫-୨୦ ଓ ୨୫-୧୮ରେ ପରାସ୍ତ କରି ଚାମ୍ପିଅନ ହୋଇଛି । ଉଦଯାପନୀ ଉତ୍ସବରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମୁଖ୍ୟଅତିଥି, ବୈଜ୍ଞାନିକ ଶେଷଦେବ କିଷାନ, ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ଅନୁଗୋଳ ବାସନ୍ତୀ ଭଲିବଲ ଦଳର ଖେଳାଳି ଚିଣ୍ଟୁ ବେଷ୍ଟ ଲିବେରୋ, ମୋହିତ ବେଷ୍ଟ ସେଟର ଓ ରିଜୁଆନ ବେଷ୍ଟ ଆଟାକର ଭାବେ ପୁରସ୍କୃତ ହୋଇଥିଲେ । ବିଜୟ ବାଘ, ତୁଷାରକାନ୍ତ ପ୍ରଧାନ, ତପନ ପ୍ରଧାନ, ଉଦିତ କୁମାର ଗଡ଼ନାୟକ, ଅନିଲ କୁମାର ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ନଗେନ ନାଥ ଧାରାବିବରଣୀ ପ୍ରଦାନ କରିଥିଲେ । ଆୟୋଜକ ଦଳର ପ୍ରଭାସ ବେହେରା, ଟ୍ୱିଙ୍କିଲ ସାହୁ, ଦିବ୍ୟଜ୍ୟୋତି ପଣ୍ଡା, ହେମନ୍ତ ସାହୁ, ରିଙ୍କଲ ସାହୁ ସହଯୋଗ କରିଥିଲେ ।

## ଏମ୍‌ଜେସିସି କ୍ରିକେଟ, ଖମାର ବିଜୁ ଫାଇଟର୍ ଚାମ୍ପିଅନ




ଛେଣ୍ଡିପଦା,୩୦ ।୧(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ଲଙ୍ଗୁଳି ଝାରୀକୁଆଁଦେଇ ଖେଳପଡ଼ିଆରେ ଏମ୍‌ଜେସିସି କ୍ଲବ ପକ୍ଷରୁ ଆୟୋଜିତ କ୍ରିକେଟ୍ ପ୍ରତିଯୋଗିତା ଉଦଯାପିତ ହୋଇଛି । ୧୬ଟି ଦଳକୁ ନେଇ ଖେଳା ଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଖମାର ବିଜୁ ଫାଇଟର୍ ଦଳ ଚାମ୍ପିଅନ ହୋଇଛି । ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ବିଜୁ ଫାଇଟର୍ ଦଳ ବାଗଡ଼ିଆ କ୍ରିକେଟ ଆସୋସିଏସନ୍ (ବିସିଏ)କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା । ବାହାଲସାହି (ଡାଇଭର) ଓ ବିଜୁ ଫାଇଟର୍ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଫାଇନାଲ ଖେଳାଯାଇଥିଲା । ବିଜୁ ଫାଇଟର୍ ଦଳ ଲଗାତର ୨ଟି ମ୍ୟାଚ୍‌ରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି । ଉଦଯାପନୀ ତଥା ପୁରସ୍କାର ବିବରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଅକ୍ଷୟପାଦ ବେହେରା, ସମାଜସେବୀ ଗୋପବନ୍ଧୁ ଗଡ଼ନାୟକ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ ।